

ଦୀପିକାଙ୍କ ପରେ ଅଲ୍ଲୁ

▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-349 ◆BHUBANESWAR ◆TUESDAY ◆17 JUNE 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୨ ◆ସଂଖ୍ୟା-୩୪୯ ◆ଭୁବନେଶ୍ୱର ◆ମଙ୍ଗଳବାର ◆୧୭ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦





No.1 Residential Institution

A School of Excellence For
Board / IIT-JEE / NEET / CUET / CA / UPSC Programme

# KRISHNA VIKASH GROUP, BARGARH
# NTA-NEET UG 2025 Result

Krishna Vikash Edu. Network | Odisha | Chhattisgarh | Andhra Pradesh

Krishna Vikash Group of Institutions

| Name | AIR* | Category | Marks | Percentile |
|---|---|---|---|---|
| PRATYUSH | 1178 | OBC | 582 | 99.85 |
| NAVNEET | 292 | ST | 500 | 97.61 |
| RITIKA | 1972 | GEN. | 578 | 99.82 |
| RUPA RANJITA | 2242 | GEN. | 575 | 99.79 |
| PIYUSH SAHU | 1891 | OBC | 573 | 99.77 |
| PIYUSH MISHRA | 2926 | GEN. | 567 | 99.71 |
| RONAK | 2679 | OBC | 565 | 99.68 |
| MUKESH | 3558 | GEN. | 562 | 99.64 |
| RAKESH | 2641 | OBC | 561 | 99.70 |
| SUBHAM | 5063 | GEN. | 552 | 99.47 |
| HARSHIT | 6189 | OBC | 546 | 99.34 |
| DEEPAL | 9258 | OBC | 535 | 99.05 |
| AMARNATH | 8639 | GEN. | 534 | 99.02 |
| NAMITA | 9653 | OBC | 534 | 99.02 |
| ASHUTOSH | 11349 | GEN. | 524 | 98.68 |
| ARYYAN | 14146 | OBC | 522 | 98.61 |
| LISA | 14432 | GEN. | 521 | 98.57 |
| APARNA | 4061 | EWS | 518 | 98.45 |
| RAJAT | 15712 | OBC | 518 | 98.45 |
| NAMRATA | 14952 | GEN. | 512 | 98.20 |
| MADHUSUDAN | 19134 | OBC | 511 | 98.15 |
| NIRLIPTA | 16032 | OBC | 509 | 98.61 |
| JATINDRA | 24217 | OBC | 501 | 97.66 |
| ROHAN | 2501 | SC | 478 | 96.34 |
| HEMAKSHI | 3082 | SC | 470 | 95.82 |
| TAMANNA | 3892 | SC | 460 | 95.15 |
| SAMBHAVNA | 2092 | ST | 424 | 92.46 |
| PRAGYA | 2472 | ST | 416 | 91.80 |
| CHHAYAKANTA | 3602 | ST | 395 | 89.98 |
| PRERIT | 4776 | ST | 379 | 88.51 |
| BABITA | 27280 | OBC | 496 | 97.40 |
| JIYA | 21017 | GEN. | 495 | 97.35 |
| CHINMAYANANDA | 22760 | GEN. | 491 | 97.12 |
| MONALISA | 22963 | GEN. | 490 | 97.06 |
| RAJASHREE | 32770 | OBC | 487 | 96.89 |
| RIDDHI | 26745 | GEN. | 482 | 96.59 |
| PRAGATI | 28140 | GEN. | 479 | 96.40 |
| TAPASWINI | 38285 | OBC | 479 | 96.40 |
| SOUMYA RANJAN | 41375 | OBC | 474 | 96.08 |
| SHIVAM | 29764 | GEN. | 470 | 96.15 |
| ROHAN | 45207 | OBC | 469 | 95.76 |
| SOUMYA RANJAN | 32233 | GEN. | 469 | 95.76 |
| DEVESH | 10075 | ST | 327 | 83.13 |
| SIKHA RANI | 9146 | SC | 422 | 92.29 |

## NTA-NEET (UG) 2025 Results Analysis

02 Eligible for AIIMS | 43 Eligible for Govt. Seats | 13 Above 99 Percentile | 63 Above 90 Percentile

## JEE Adv. 2025 Results

| Name | Category | AIR |
|---|---|---|
| HEMANEEL | ST | 366 |
| SAMBHAVNA | ST | 726 |
| TUSHARAKANTA | SC | 3573 |
| PARTHA | SC | 4742 |

## JEE Mains 2025 Final Results

PRATYUSH 99.39 Percentile TOTAL

Students Eligible to get Admissions in NITs (as per 2024 Cut-off) 53

| 98 Percentile & Above in Total | 97 Percentile & Above in Total | 96 Percentile & Above in Total | 95 Percentile & Above in Total |
|---|---|---|---|
| 04 | 14 | 21 | 29 |

krishnavikash.com

23 Vibrant Years

## ADMISSIONS OPEN (Co-Ed. Day/Residential)
## Nursery to IX & XI CBSE & +2 CHSE
(XI Science / Commerce / Humanities | +2 Science / Commerce)

SUPER 40 (For 12th Pass Out Students) — 1 Year Extended NEET/JEE/CUET Regular Classroom Programme

CBSE & SUPER40: 99376 18855, 63707 04779, 91245 99099, 93373 10441

CHSE : 70641 40000, 94393 53433, 94380 69105, 94375 89101

• ANGUL: 91246 09681 / 82 • ROURKELA: 70778 53111 • FIRST STEP, BARGARH: 70644 13477 • CEMENT NAGAR: 94396 65394 • BRAHMAPUR: 91246 09687 / 88
• RAIPUR: 77519 93222 • BHILAI: 91245 71067 / 68 / 69 • JAGDALPUR: 91240 87305 / 06 / 07 • VISAKHAPATNAM: 99662 12217 / 63014 64656.

*Category Rank

### ଅଣସର ଘରେ ମହାପ୍ରଭୁଙ୍କ ସେବା: ଆଜି ଓଷୁଅ ଲାଗି

# ଲାଗିହେଲା ଫୁଲୁରୀ ତେଲ

ପୁରୀ,୧୬।୬(ସମିସ): ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡୁ ସୁବାସିତ ଜଳରେ ଅତ୍ୟଧିକ ସ୍ନାନ ପରେ ଜ୍ୱରରେ ପଡ଼ିଛନ୍ତି ମହାପ୍ରଭୁ। ଅଣସର ଘରେ ଦାରୁବିଗ୍ରହଙ୍କ ଉପଚାର ପାଇଁ ଚାଲିଛି ଗୁପ୍ତ ସେବା। ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଏହି ସେବା କରୁଛନ୍ତି। ସୋମବାର ଦାରୁଦିଅଁଙ୍କୁ ଲାଗି ହୋଇଛି ଫୁଲୁରୀ ତେଲ। ମଙ୍ଗଳବାର ଠାକୁରଙ୍କୁ ଓଷୁଅ ଲାଗି କରାଯିବ। ତେବେ ମହାପ୍ରଭୁଙ୍କ ଗୁପ୍ତ ନୀତି ମଧ୍ୟରେ ଫୁଲୁରୀ ତେଲ ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ବଡ଼ ଓଡ଼ିଆ ମଠ ପକ୍ଷରୁ ଚତୁର୍ଦ୍ଧାବିଗ୍ରହଙ୍କ ଲାଗି ଫୁଲୁରୀ ତେଲ ଯୋଗାଇ ଦିଆଯାଇଛି। ପ୍ରତିବର୍ଷ ଅଣସରରେ ମଠ ୬ ସେର ଏବଂ କେବଳ ନବକଳେବର ବର୍ଷରେ ୯ ସେର ଫୁଲୁରୀ ତେଲ ଯୋଗାଇ ଦେଇଥାଏ।



ବର୍ଷକ ଆଗରୁ ୨୪ ପ୍ରକାର ସାମଗ୍ରୀରେ ଏହାକୁ ପ୍ରସ୍ତୁତି କରାଯାଏ। ହେରାପଞ୍ଚମୀ ଦିନ ଘଣାପେଡ଼ା ରାଶିତେଲରେ କେତକୀ, ମଲ୍ଲୀ, ଚମ୍ପା, ଜୁଇ, ଜାଇ, ହେନା ଭଳି ୧୪ ପ୍ରକାର ଫୁଲ, ବେଣାଚେର, ଗୁଲୁଚି ଭଳି ୭ ପ୍ରକାର ଔଷଧୀୟ ଚେରମୂଳ ଏବଂ ସୁବାସିତ ଦ୍ରବ୍ୟ ପକାଇ ଏକ ପାତ୍ରରେ ରଖି ମାଟିତଳେ ପୋତାଯାଇଥାଏ। ଦେବସ୍ନାନ ପୂର୍ଣ୍ଣିମା ପୂର୍ବଦିନ ମାଟିତଳୁ ତେଲକୁ ବାହାର କରାଯାଇ ରଖାଯାଇଥାଏ। ପଞ୍ଚମୀ ଦିନ ତେଲକୁ ଛଣାଯାଇ ଅମୁଣିଆ ପ୍ରସ୍ତୁତ କରି ମହାପ୍ରଭୁଙ୍କୁ ଲାଗି ପାଇଁ ପଠାଯାଇଥାଏ ବୋଲି ବଡ଼ ଓଡ଼ିଆ ମଠ ମହନ୍ତ ଅଧିକାରୀ ବଂଶୀଧର ଦାସଗୋସ୍ୱାମୀ କହିଛନ୍ତି। ମହାପ୍ରଭୁଙ୍କ ଏହି ଗୁପ୍ତ ନୀତି ପାଇଁ ସୋମବାର ଅପରାହ୍ଣରେ ମଠର ଦୁଇଜଣ କର୍ମଚାରୀ ୨ଟି ହାଣ୍ଡିରେ ୬ ସେର ଫୁଲୁରୀ ତେଲ ନେଇ ଶ୍ରୀମନ୍ଦିର ଗାରଦରେ ପହଞ୍ଚାଇଥିଲେ। ସନ୍ଧ୍ୟାରେ ଦକ୍ଷିଣୀ ଘର ଭୋଗ ସମ୍ପନ୍ନ ହେବା ପରେ ଜୟ ବିଜୟ ଦ୍ୱାର ବନ୍ଦ ହୋଇଥିଲା। ଏହାପରେ ଅଣସର ଘର ଦ୍ୱାର ଖୋଲାଯାଇ ଅଣସର ନୀତି ଆରମ୍ଭ ହୋଇଥିଲା। ଫୁଲୁରୀ ତେଲକୁ ପତିମହାପାତ୍ର ସେବକ ତିନିଟି ରୁପା ପିଙ୍ଗଣରେ ନେଇ ସଂସ୍କାର କରିବା ପରେ ଦଇତାପତିମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି କରାଇଥିଲେ।

ଫୁଲୁରୀ ତେଲ ଲାଗି ପରେ ପ୍ରଭୁଙ୍କୁ ଶୟନ ଅବସ୍ଥାରୁ ବସାଇବା ଉପକ୍ରମ ଆରମ୍ଭ ହୋଇଛି। ଲୋକମତରେ ଜ୍ୱରଗ୍ରସ୍ତ ଠାକୁରମାନଙ୍କ ଦେହରୁ ମଜରା ଛଡ଼ାଇବାକୁ କରାଯାଉଛି ଉପଚାର। ଶ୍ରୀଅଙ୍ଗକୁ ସୁସ୍ଥ କରିବାକୁ ମାଲିସ୍ ହୋଇଛି ଫୁଲୁରୀ ତେଲ। ଆୟୁର୍ବେଦ ଶାସ୍ତ୍ର ମୁତାବକ ଏଥିରେ ମିଶୁଥିବା ସମସ୍ତ ପ୍ରକାର ଫୁଲ ଏବଂ ବେଣା ଚେରରେ ରହିଛି ଦେହକୁ ଉଷ୍ମତା ପ୍ରଦାନ କରିବାର ଶକ୍ତି। ଏଣୁ ଦାରୁଦିଅଁମାନେ ଅତ୍ୟଧିକ ସ୍ନାନ ଯୋଗୁଁ ଅସୁସ୍ଥ ହୋଇପଡ଼ିଥିବା କଳ୍ପନା କରାଯାଇ ଏହି ତେଲ ମର୍ଦ୍ଦନ କରାଯାଇଥାଏ।

---

**ବିଜେପିକୁ ଘେରିଲା କଂଗ୍ରେସ**

# ବର୍ଷ ଏକ; ପ୍ରତାରଣା ଅନେକ



■ ରଙ୍ଗ ଆଉ ନାଁ ବଦଳା ସରକାର କହି ସମାଲୋଚନା
■ ନିର୍ବାଚନ ବେଳର ପ୍ରତିଶ୍ରୁତି କେବଳ ପ୍ରତାରଣା ପାଲଟିଛି

ପୁରୀ,୧୬।୬(ସମିସ): ରାଜ୍ୟରେ ବିଜେପି ସରକାରକୁ ବର୍ଷେ ପୂରିଛି। ନିଜର ଏକ ବର୍ଷର ସଫଳତାକୁ ନେଇ ବିଜେପି ପାଳନ କରୁଛି ବିକାଶ ପର୍ବ। ଠିକ୍ ଏହି ସମୟରେ କଂଗ୍ରେସ ଶାସକ ବିଜେପିକୁ ଘେରିଛି। କୌଣସି ପ୍ରତିଶ୍ରୁତି ବିଜେପି ପାଳନ କରିନି, ବରଂ ସାଧାରଣ ଜନତାଙ୍କୁ ପ୍ରତରଣା ଦେଇ ସେମାନଙ୍କ ଭରସା ଓ ବିଶ୍ୱାସ ଭାଙ୍ଗିଛି। ନେତା, ମନ୍ତ୍ରୀ କେବଳ ଟଙ୍କା ପଛରେ ଧାଇଁଥିବାବେଳେ ରାଜ୍ୟର ବିକାଶ ଠପ୍ ହୋଇଯାଇଛି। ଶିଶୁ ସରକାର କହି ଲୋକଙ୍କୁ ଭୂଆଁ ବୁଲାଉଥିବା ବିଜେପି ଗରିବ ଖଟିଖିଆଙ୍କ ଟିକସ ଅର୍ଥକୁ ବେପରୁଆ ଭାବେ ଖର୍ଚ୍ଚ କରୁଛି। କେବଳ ବଡ଼ବଡ଼ ବିଜ୍ଞାପନ ମାଧ୍ୟମରେ ନିଜର ପ୍ରଚାରପ୍ରସାରରେ ମାତିଛନ୍ତି। ନିର୍ବାଚନ ସମୟରେ ଭୋଟରଙ୍କୁ ଯେଉଁସବୁ ପ୍ରତିଶ୍ରୁତି ଦେଇଥିଲେ ତାହା ପୂରଣ କରିବାରେ ଫେଲ୍ ମାରିଛନ୍ତି ବୋଲି କହିଛନ୍ତି କଂଗ୍ରେସର ବରିଷ୍ଠ ନେତା। ସୋମବାର ସ୍ଥାନୀୟ ସଂସ୍କୃତି ଭବନରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ ହୋଇଥିଲା ସାମ୍ବାଦିକ ସମ୍ମିଳନୀ। "ବର୍ଷ ୧ ପ୍ରତାରଣା ଅନେକ', ରାଜ୍ୟ ସରକାରଙ୍କ ୧ ବର୍ଷ ଏବଂ କେନ୍ଦ୍ର ସରକାରଙ୍କ ୧୩ ବର୍ଷର ବିଫଳତା ବିଷୟରେ ଆଲୋକପାତ କରାଯାଇଥିଲା।

ମୁଖ୍ୟଅତିଥି ତଥା ବରିଷ୍ଠ କଂଗ୍ରେସ ନେତା ତାରାପ୍ରସାଦ ବାହିନୀପତ କହିଥିଲେ ଯେ ନିର୍ବାଚନ ସମୟରେ ସେମାନେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ଭୁଲିଯାଇଛନ୍ତି। ୩୦୦ ୟୁନିଟ୍ ମାଗଣା ବିଜୁଳି ଗଲା କୁଆଡ଼େ? ଚାଷୀଙ୍କୁ ଧାନରେ ଅଧିକ ୮୦୦ ଟଙ୍କା ଠନ୍ ଠନ୍ କରି ଗଣିଦେବେ ବୋଲି କହିଥିଲେ। ହେଲେ ମଣ୍ଡିରୁ ଧାନ ସଂଗ୍ରହ ହେଉନାହିଁ। ଅଧିକାଂଶ ମଣ୍ଡିରେ ଧାନ ନଷ୍ଟ ହେଉଛି। କଟ୍‌ନୀ ଛଟ୍‌ନୀ ୧୧ରୁ ୧୨ କେଜି କରାଯାଉଛି। ଏପଟେ ୮୦୦ ଟଙ୍କା ଇନ୍‌ପୁଟ ସବ୍‌ସିଡ୍ ଦେବେ କହି ସେପଟେ ଲୁଟି ନେଉଛନ୍ତି। ରାଜ୍ୟରେ ଏବେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅନେକ ଜିଲ୍ଲାରେ ଝାଡ଼ାବାନ୍ତି ବ୍ୟାପିଥିବାବେଳେ ବହୁ ଲୋକଙ୍କ ଜୀବନ ଗଲାଣି। ଦରଦାମ୍ ଉପରେ ଲଗାମ୍ ନାହିଁ। ସାଧାରଣ ଲୋକଟିଏ ଚଳିବା କଷ୍ଟକର ହୋଇପଡ଼ିଛି। ରାଜ୍ୟରେ ନାରୀ ନିର୍ଯାତନା ବଢ଼ିଛି। ନାବାଳିକାଙ୍କୁ ଦୁଷ୍କର୍ମ କରାଯାଉଥିବାବେଳେ ଛାତ୍ରୀ ଗର୍ଭବତୀ ହେଉଛନ୍ତି। ହଜାର ହଜାର ପଦ ଫାଙ୍କା ପଡ଼ିଥିବାବେଳେ ନିଯୁକ୍ତି ଦିଆଯାଉ ନ ଥିବାରୁ ଯୁବଗୋଷ୍ଠୀ ପଥଭ୍ରଷ୍ଟ ହେଉଛନ୍ତି। ଓଡ଼ିଶାର ହଜାର ହଜାର ଲୋକ ଦାଦନ ଖଟିବାକୁ ଯାଉଛନ୍ତି। ଏମିତି କି ଅନେକଙ୍କର ସେଠାରେ ମୃତ୍ୟୁ ଘଟୁଛି। ମୃତଦେହ ଆସିପାରୁ ନାହିଁ। ସରକାର ଆସିବାର ୨୪ ଘଣ୍ଟା ଭିତରେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରାଇବେ ବୋଲି କହିଥିଲେ। ହେଲେ ତାହାକୁ ଭୁଲିଯାଇଛନ୍ତି। ସରକାର କେବଳ ସବୁଜ ରଙ୍ଗ ବଦଳରେ ଗେରୁଆ ରଙ୍ଗ କରିବାରେ ଏକ ବର୍ଷ ବିତିଗଲା। ପହଲଗାମ୍‌ରେ ଯେଉଁ ୪ଜଣ ଆତଙ୍କବାଦୀ ଦମନଲୀଳା ରଚି ଧର୍ମ ପଚାରି ନିରୀହ ହିନ୍ଦୁମାନଙ୍କୁ ହତ୍ୟା କଲେ ସରକାର ସେମାନଙ୍କୁ ଏ ପର୍ଯ୍ୟନ୍ତ ମାରିପାରିଲେ ନାହିଁ ବୋଲି କହିଥିଲେ ଶ୍ରୀ ବାହିନୀପତି।

କଂଗ୍ରେସ ବିଧାୟକ ଦଳ ଉପନେତା ଅଶୋକ ଦାସ ପେଟ୍ରୋଲ, ଡିଜେଲ, ଗ୍ୟାସ୍ ଦର ଆକାଶଛୁଆଁ। କିନ୍ତୁ ଏହି ବିଜେପି କଂଗ୍ରେସ ଶାସନ ସମୟରେ ଗ୍ୟାସ୍ ଦର ୪୩୫ ଟଙ୍କାକୁ ବୃଦ୍ଧି ହୋଇଥିବାରୁ ରାଜରାସ୍ତାରେ ଆନ୍ଦୋଳନ କରିଥିଲେ ବୋଲି କହିଥିଲେ। ଯୁବ କଂଗ୍ରେସ ନେତା ୟାସିର ନୱାଜ କେନ୍ଦ୍ର ମୋଦୀ ସରକାର ବାର୍ଷିକ ୨କୋଟି ବେକାରୀଙ୍କୁ ନିଯୁକ୍ତି ଦେବେ ବୋଲି କହିଥିଲେ ମାତ୍ର ସେଥିରେ ବିଫଳ ହେଲେ। ରାଜ୍ୟ ସରକାର କଟ୍‌ନୀ ଛଟ୍‌ନୀ କରି ଚାଷୀଙ୍କୁ ଧୋକା ଦେଇଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଷାନ କଂଗ୍ରେସ ରାଜ୍ୟ ସଭାପତି ଅମିୟ ପଟ୍ଟନାୟକ ଜଳସେଚନଠାରୁ ଆରମ୍ଭ କରି ପୁରୀ ଜିଲ୍ଲାରେ ମୁଖ୍ୟତଃ ଧାନ, ପାନ, ମୀନ ଏବଂ ଦୁଗ୍ଧ ଚାଷୀଙ୍କ ବିଭିନ୍ନ ସମସ୍ୟା ଦିଗରେ ସରକାରଙ୍କୁ ନିଶାଣ କରିଥିଲେ। ଏହି କାର୍ଯ୍ୟକ୍ରମ ପୁରୀ ଜିଲ୍ଲା କଂଗ୍ରେସ ସଂଯୋଜକ ଇଂ. ରାଜେଶ କୁମାର ମିଶ୍ରଙ୍କ ସଭାପତିତ୍ୱରେ ସମ୍ପାଦନ ହୋଇଥିବାବେଳେ ଜିଲ୍ଲାର ସମସ୍ତ ବ୍ଲକ୍ କଂଗ୍ରେସ ସଭାପତି ଏବଂ ସମସ୍ତ ବିଧାୟକ ପ୍ରାର୍ଥୀ ନିଜର ଅଭିମୁଖ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା ସଭାନେତ୍ରୀ ନିରୁପମା ପାତ୍ର, ଲକ୍ଷ୍ମୀଧର ପ୍ରଧାନ, ନୀଳମଣି ପ୍ରଧାନ, ସରସ୍ୱତୀ ପାତ୍ର, ବିଦ୍ୟୁତ୍‌ଲତା ଆଚାର୍ଯ୍ୟ, ସସ୍ମିତା ସ୍ୱାଇଁ, ଉତ୍ତମ ଆଚାର୍ଯ୍ୟ, ସୁଜିତ୍ ମହାପାତ୍ର, ବିଶ୍ୱଭୂଷଣ ଦାସ, ପ୍ରେମାନନ୍ଦ ମହାନ୍ତି, ଉମାକାନ୍ତ ବରାଳ, ସେକ୍ ସଫିକ୍‌ଉଦ୍ଦିନ, ପ୍ରେମ୍‌ଜିତ୍ ମହାନ୍ତି, ଭାସ୍କର ସେଠ୍, ବୁଟୁ ସାହୁ, ଅରୋପ୍ରସାଦ ମିଶ୍ର, ଡ. ନିରଞ୍ଜନ ବିଶ୍ୱାଳ, ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ମନୋଜ ରଥ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

---

## ସ୍ତ୍ରୀକୁ ଶାବଳରେ ଭୁସି ହତ୍ୟା

ବିଞ୍ଝାରପୁର,୧୬।୬(ସମିସ): ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ଚନ୍ଦ୍ରମୁହଁ ପଞ୍ଚାୟତ ବାଣପୁର ଗାଁରେ ସ୍ତ୍ରୀକୁ ଶାବଳରେ ଭୁସି ଭୁସି ହତ୍ୟା କରିଛି ସ୍ୱାମୀ। ପୁଲିସ୍ତ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିଛି। ସୂଚନା ମୁତାବକ, ଗାଁର ସୁଦାମ ମଲ୍ଲିକ ଓ ତାଙ୍କ ଧର୍ମପତ୍ନୀ ଶାନ୍ତିଲତା ମଲ୍ଲିକ (୪୨) ଓ ଉଭୟ ରାତ୍ରୀଭୋଜନ ସାରି ସାଙ୍ଗ ହୋଇ ଶୋଇବାକୁ ଯାଇଥିଲେ। ତେବେ ମଧ୍ୟରାତ୍ରରେ ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ଫଳରେ ସ୍ୱାମୀ ସୁଦାମ ନରହନ୍ତା ପାଲଟିଯାଇଥିଲା। ଏକ ଶାବଳରେ ସ୍ତ୍ରୀ ଶାନ୍ତିଲତାଙ୍କୁ ବାରବାର ଆଘାତ କରି ହତ୍ୟା କରିଥିଲା। ଚିତ୍କାର ଶୁଣି ଅନ୍ୟ ରୁମ୍‌ରେ ଥିବା ମା' ନିରୁପାୟ ହୋଇ ସୁଦାମର ସାନ ଭାଇକୁ ଡାକ ଛାଡ଼ିଥିଲେ। ସୁଦାମର ସାନ ଭାଇ ପହଞ୍ଚି ବହୁ ଅନୁରୋଧ କଲା ପରେ ସୁନାମ ଘରର କବାଟ ଖୋଲିଥିଲା। ରକ୍ତ ଜୁଡୁବୁଡୁ ହୋଇ ପଡ଼ି ରହିଥିବା ଶାନ୍ତିଲତାଙ୍କୁ ଉଦ୍ଧାର କରି ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରିବାର ଲୋକ ଏକ ଅଟୋ ରିକ୍ସା ସାହାଯ୍ୟରେ ବୋହି ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବିଞ୍ଝାରପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ମୃତ ଶାନ୍ତିଲତାଙ୍କ ହତ୍ୟାକାରୀ ସ୍ୱାମୀ ସୁଦାମକୁ ଗିରଫ କରିଛନ୍ତି। ପୁଲିସ୍ ଥାନା କେସ ନଂ୨୮୧/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତର ଡାକ୍ତରୀ ମାଇନା କରି କୋର୍ଟଚାଲାଣ କରିଛି। ଅନ୍ୟପକ୍ଷେ ଏହିପରି ହତ୍ୟାକାଣ୍ଡ ପଛରେ କ'ଣ ରହିଛି କାରଣ ତଦନ୍ତ ଚାଲିଛି ବୋଲି ବିଞ୍ଝାରପୁର ଥାନା ଅଧିକାରୀ କହିଛନ୍ତି।

## ମହିଳାଙ୍କୁ ଟାଣିନେଲା କୁମ୍ଭୀର

ଆଳି,୧୬।୬(ସମିସ): ଆଜି ଜଣେ ମହିଳାଙ୍କୁ କୁମ୍ଭୀର ଟାଣିନେଇଛି। କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ କୋଳିଡ଼ିହ ପଞ୍ଚାୟତରେ ଏଭଳି ଘଟଣା ଘଟିଛି। ମହିଳା ଜଣକ ତଅଁଳାଡିହା ଗ୍ରାମର କୈଳାସ ମହାନ୍ତିଙ୍କ ପତ୍ନୀ କାଜଲ ମହାନ୍ତି (୪୦ ବର୍ଷ)। ସୂଚନା ମୁତାବକ, ସୋମବାର କାଜଲ ଖରସ୍ରୋତା ନଦୀ ସଂଲଗ୍ନ ତଅଁଳାଡିହା ପାନିଆ ନାମକ ଜୋରକୁ ଗାଧୋଇବାକୁ ଯାଇଥିଲେ।



ସେ ଦୀର୍ଘ ସମୟ ଧରି ଘରକୁ ଫେରି ନ ଥିଲେ। ଘରକୁ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରି ଜୋର ନିକଟକୁ ଆସିଥିଲେ। ଜୋର ନିକଟକୁ ଆସି କାଜଲଙ୍କ କପଡା ଥୁଆ ହୋଇଥିବା ଦେଖିବାକୁ ପାଇଥିଲେ। ଗ୍ରାମବାସୀ ଜୋରରେ ଖୋଜାଖୋଜି ଆରମ୍ଭ କରି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବୋଟ୍ ସାହାଯ୍ୟରେ ଖୋଜାଖୋଜି କରିଥିଲେ ହେଁ ମହିଳାଙ୍କ ପତ୍ତା ପାଇ ନ ଥିବା ଜଣାପଡ଼ିଛି।

## ସିପିଇଡି ପରୀକ୍ଷାରେ ପାସ୍ ହାର ଶତ ପ୍ରତିଶତ

କଟକ,୧୬।୬(ସମିସ): ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ସିପିଇଡି (ସାର୍ଟିଫିକେଟ ଇନ ଫିଜିକାଲ ଏଜୁକେସନ) ପରୀକ୍ଷାରେ ପାସ ହାର ଶତପ୍ରତିଶତ ରହିଛି। ମୋଟ୧୧୪ ଜଣ ପରୀକ୍ଷା ଦେଇଥିବା ବେଳେ ସମସ୍ତେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଗତ ମେ୫ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ଦୁଇଗୋଟି ପରୀକ୍ଷା କେନ୍ଦ୍ରରେ ଏହି ପରୀକ୍ଷା କରାଯାଇଥିଲା ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି।

---

# ୧୭ ଦିନ ପରେ ଆଗକୁ ବଢ଼ିଲା ମୌସୁମୀ

### ରାଜ୍ୟର ଏକାଧିକ ଜିଲ୍ଲାକୁ ଅଗ୍ରସର ଯୋଗୁଁ ବର୍ଷା

ଭୁବନେଶ୍ୱର,୧୬।୬(ସମିସ): ଦୀର୍ଘ ୧୭ ଦିନ ପରେ ଆଗକୁ ବଢ଼ିଲା ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ। ୨୯ ମେ'ଠାରୁ ରାଜ୍ୟରେ ମୌସୁମୀ ନିଷ୍କ୍ରିୟ ରହିଥିଲା। ଫଳରେ ରାଜ୍ୟରେ ମୌସୁମୀ ଜନିତ ବର୍ଷାରେ ରୋକ୍ ଲାଗିଥିଲା। ମାତ୍ର ୧୭ ଦିନ ପରେ ମୌସୁମୀ ସକ୍ରିୟ ହେବା ସହ ଓଡ଼ିଶାର ଅଧିକାଂଶ ଜିଲ୍ଲାକୁ ଅଗ୍ରସର ହୋଇଛି। ସୋମବାର ଆଇଏମ୍‌ଡି ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ମୌସୁମୀର ନିମ୍ନ ଚାପରେଖା ବରଗଡ଼ରୁ ଚାନ୍ଦବାଲି ପର୍ଯ୍ୟନ୍ତ ଲମ୍ବିଛି। ଫଳରେ ଏହାଦ୍ୱାରା ଗଞ୍ଜାମ, କନ୍ଧମାଳ, ବଲାଙ୍ଗିର, ସୋନପୁରସ ବୌଦ୍ଧ, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, ଯାଜପୁର, କଟକ ଓ କେନ୍ଦ୍ରାପଡ଼ା ଆଦିକୁ ମୌସୁମୀ ସମ୍ପୂର୍ଣ୍ଣ ଆଚ୍ଛାଦିତ କରିଥିବା ଜଣାପଡ଼ିଛି। ଏହାସହିତ ସମ୍ବଲପୁର, ବରଗଡ଼, ଅନୁଗୁଳ, କେନ୍ଦୁଝର ଆଦି ଜିଲ୍ଲାକୁ ମୌସୁମୀ ଆଂଶିକ ଛୁଇଁଛି। ଆଗାମୀ ଦିନେ ଦୁଇ ଦିନ ମଧ୍ୟରେ ମୌସୁମୀ ଆହୁରି ସକ୍ରିୟ ହେବା ସହ ସାରା ରାଜ୍ୟକୁ ଅଗ୍ରସର ହେବା ନେଇ ସମ୍ଭାବନା ରହିଛି।

ବର୍ତ୍ତମାନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ମୌସୁମୀ ସକ୍ରିୟ ରହିବା ସହ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଗତ ୨୪ ଘଣ୍ଟାରେ ଚାନ୍ଦବାଲିରେ ସର୍ବାଧିକ ୪୭ ମିମି ବର୍ଷା ହୋଇଥିବା ବେଳେ ରାଉରକେଲାରେ ୩୫, ଝାରସୁଗୁଡ଼ାରେ ୨୮, ଭଦ୍ରକ ୧୯, କେନ୍ଦୁଝରେ ୧୫ ଓ ବରଗଡ଼ ୧୩ ମିମି ବର୍ଷା ରେକର୍ଡ ହୋଇଛି। ଆଗକୁ ଆହୁରି ୨ ଟି ଅର୍ଥାତ ୨୪ ଏବଂ ୨୮ ତାରିଖରେ ବେଳକୁ ପୁଣି ଘୂର୍ଣ୍ଣିବଳୟ ସୃଷ୍ଟି ହେବାକୁ ଥିବାରୁ ଜୁନ୍ ଶେଷ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ହେବାର ସମ୍ଭାବନା ରହିଛି।

ମଙ୍ଗଳବାର ମୟୂରଭଞ୍ଜ, କେନ୍ଦୁଝର ଏବଂ ସୁନ୍ଦରଗଡ ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାକୁ ଥିବା ବେଳେ ଝାରସୁଗୁଡ଼ା, ଦେଓଗଡ଼, ବାଲେଶ୍ୱର, ଭଦ୍ରକ, ଯାଜପୁର, ସମ୍ବଲପୁର, ଅନୁଗୁଳ, ବରଗଡ ଏବଂ ଢେଙ୍କାନାଳ ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ପ୍ରବଳ ବର୍ଷା ଆଶଙ୍କା ରହିଛି। ଏହାସହ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ସୁନ୍ଦରଗଡ, ଝାରସୁଗୁଡ଼ା, ବରଗଡ, ସମ୍ବଲପୁର, ଦେଓଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୋନପୁର, ବୌଦ୍ଧ, ନୂଆପଡା, ବଲାଙ୍ଗିର, କନ୍ଧମାଳ, ନବରଙ୍ଗପୁର, ରାୟଗଡା, କୋରାପୁଟ ଏବଂ ମାଲକାନଗିରି ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ଆଶଙ୍କା ରହିଛି। ବଙ୍ଗୋପସାଗରରେ ସକ୍ରିୟ ଘୂର୍ଣ୍ଣିବଳୟ ଯୋଗୁଁ ୧୯ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳ ଓ ଏହାର ପାର୍ଶ୍ୱବର୍ତ୍ତି ସମୁଦ୍ର ମଧ୍ୟରେ ପବନର ବେଗ ୪୦-୫୦ ଓ ଝଟକା ପବନ ୬୦ କିମି ଛୁଇଁବାର ଆଶଙ୍କା ରହିଛି। ଏଥିପାଇଁ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ଓଡ଼ିଶା ଉପକୂଳ ଏବଂ ପାର୍ଶ୍ୱବର୍ତ୍ତି ସମୁଦ୍ରକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି।

## 'ଆଟରାଜା' ରଣାର୍ଣ୍ଣବ ଦେବଙ୍କ ପରଲୋକ

ପୁରୀ,୧୬।୬(ସମିସ): ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ସାନଭାଇ ତଥା ପୁରୀର 'ଆଟରାଜା' ରଣାର୍ଣ୍ଣବ ଦେବଙ୍କର ପରଲୋକ ହୋଇଯାଇଛି। ସ୍ଥାନୀୟ ଇ-୨୪ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୬୭ ବର୍ଷ ବୟସ ହୋଇଥିଲା। କିଛିଦିନ ପୂର୍ବେ ସେ ୧୫ ଦିନ ତଳୁ ସେ ଅସୁସ୍ଥ ହୋଇ କଟକ ଓ ଭୁବନେଶ୍ୱରରେ ଚିକିତ୍ସିତ ପରେ



**ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଲେ ଗଜପତି ମହାରାଜାଙ୍କ ସାନଭାଇ**

ତିନି ଦିନ ତଳେ ତାଙ୍କୁ ପୁରୀକୁ ନେଇ ଆସିଥିଲେ। ଇ-୨୪ରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ରାତି ୧୨ଟା ୬ ମିନିଟ୍ ସମୟରେ ତାଙ୍କର ମୃତ୍ୟୁ ହୋଇଛି। ସୋମବାର ତାଙ୍କ ମରଶରୀରକୁ ଶ୍ରୀନଅରକୁ ଅଣାଯାଇଥିଲା। ଷୋଳ କରଣଙ୍କ ସହାୟତାରେ ଆଟରାଜାଙ୍କୁ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଶ୍ରୀମନ୍ଦିରରେ ତାଙ୍କର କୌଣସି ସ୍ୱତନ୍ତ୍ର ସେବାପୂଜା ନ ଥିଲେ ବି ସେବକ ପରିବାରର ହୋଇଥିବାରୁ ବଡ଼ଦେଉଳ ରୋଷଘରୁ ବୈଷ୍ଣବାଗ୍ନି ତଥା ଚମ୍ପା ଆସି ଅନ୍ତ୍ୟେଷ୍ଟିକ୍ରିୟା ସମାପନ ହୋଇଥିଲା।

ଗଜପତି ମହାରାଜା ବୀରକିଶୋର ଦେବଙ୍କ ଦୁଇପୁଅ ମଧ୍ୟରୁ ସାନ ଥିଲେ ଆଟରାଜା ରଣାର୍ଣ୍ଣବ ଦେବ। ଅଧିକାଂଶ ସମୟ ସେ ନୀଳଗିରିସ୍ଥିତ ରାଜବାଟୀରେ ନିଜ ମାମୁ ଘରେ ରହି ଆସୁଥିଲେ। ଶ୍ରୀମନ୍ଦିରରେ ତାଙ୍କର କୌଣସି ବିଶେଷ ସେବା ନ ଥିଲେ ମଧ ବଡ଼ଭାଇ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ସୁନିଆଁ, ଛେରାପହଁରା ଆଦି ବିଶେଷ ସେବାରେ ସାମିଲ୍ ହେଉଥିଲେ। ତଡ଼ାଉକରଣ ସେବକ ସୁଧାଂଶୁ ପଟ୍ଟନାୟକ କହିଛନ୍ତି, ଷୋଳ କରଣ ହେଉଛନ୍ତି ରାଜ ପରିବାରର ଜ୍ଞାତି କୁଟୁମ୍ବ। ଆଟରାଜା ରାଜ ପରିବାରର ହୋଇଥିଲେ ମଧ ଶ୍ରୀମନ୍ଦିରରେ ତାଙ୍କର କୌଣସି ସ୍ୱତନ୍ତ୍ର ସେବାପୂଜା ନ ଥାଏ। ସେ ସ୍ୱର୍ଗବାସ କରିଥିଲେ ହେଁ ଗଜପତି ମହାରାଜା ଅଶୌଚ ହୁଅନ୍ତି ନାହିଁ। ନିଜ ପିତାମାତାଙ୍କ ମୃତ୍ୟୁ ହେଲେ ମଧ ରାଜା ଅଶୌଚ ହୋଇ ନ ଥା'ନ୍ତି। ତେଣୁ ଗଜପତି ମହାରାଜାଙ୍କର ରଥଯାତ୍ରାରେ କୌଣସି ନୀତିକାନ୍ତି ବାଧାପ୍ରାପ୍ତ ହେବ ନାହିଁ।

---

**ଆରଡ଼ି ପୀଠରେ ଅବ୍ୟବସ୍ଥା**

# ଡହଡହ ଖରାରେ ୪ କିମି ଚାଲିଲେ ଭକ୍ତ

**ଠେଲାପେଲାରେ ମହିଳା ଓ ଶିଶୁ ସଂଜ୍ଞାହୀନ**
**ବାବାମଣିଙ୍କ ଦର୍ଶନରୁ ବଞ୍ଚିତ ଶହଶହ ଭକ୍ତ**
**ବିଜୁଳି କାଟ୍; ୪ଘଣ୍ଟା ମନ୍ଦିର ପରିସର ଅନ୍ଧାର**
**ମିଳିଲାନି ପାଣି; ଶିବଗଙ୍ଗାର ଜଳ ପିଇଲେ**



ଭଦ୍ରକ/ଆରଡି, ୧୬।୬ (ସମିସ): ଓଡ଼ିଶାର ପ୍ରସିଦ୍ଧ ଶୈବକ୍ଷେତ୍ର ବାବା ଆଖଣ୍ଡଳମଣିଙ୍କ ପୀଠ ଆରଡ଼ିରେ ପ୍ରଶାସନିକ ଅବ୍ୟବସ୍ଥା ଯୋଗୁଁ ହଟହଟା ହୋଇଛନ୍ତି ଶ୍ରଦ୍ଧାଳୁ। ପୀଠରେ ଅବ୍ୟବସ୍ଥା ଯୋଗୁଁ ଗତ ରବିବାର ଓ ସୋମବାର ଭିଡ଼ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି ଉଭୟ ଜିଲ୍ଲା ଓ ମନ୍ଦିର ପ୍ରଶାସନ। ଗତକାଲି ରଜ ସଂକ୍ରାନ୍ତି ଓ ଆଜି ସୋମବାରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲେ ମଧ ଜିଲ୍ଲା ଓ ମନ୍ଦିର ପ୍ରଶାସନ ପକ୍ଷରୁ ଘୋର ଅବ୍ୟବସ୍ଥା ଯୋଗୁଁ ଯାତାୟାତଠାରୁ ଆରମ୍ଭ କରି ପିଇବା ପାଣି ଓ ବାବାଙ୍କ ଦର୍ଶନ ନିମନ୍ତେ ହନ୍ତସନ୍ତ ହୋଇଛନ୍ତି ଶ୍ରଦ୍ଧାଳୁ।

ସୋମବାର ସକାଳୁ ଭକ୍ତଙ୍କ ଲମ୍ବା ଧାଡ଼ି ଲାଗିଥିବା ବେଳେ ସୁରକ୍ଷା କର୍ମୀ ଓ ପ୍ରଶାସନିକ ଅଧିକାରୀ ନ ଥିବାରୁ ଭକ୍ତଙ୍କ ମଧ୍ୟରେ ଦୀର୍ଘ ୭ ଘଣ୍ଟା ଧରି ଠେଲାପେଲା ଲାଗି ରହିଥିଲା। ପ୍ରଶାସନ ସବୁ ଦେଖି ନ ଦେଖିଲା ପରି ଚୁପ୍ ରହିଥିଲା। ବିଶେଷକରି ପ୍ରଶାସନିକ ଅବ୍ୟବସ୍ଥା ଯୋଗୁ ଜଣେ ହେଲେ ସୁରକ୍ଷା କର୍ମୀ ରହିବା ତ ଦୂରର କଥା ବ୍ୟାରିକେଡ ବ୍ୟବସ୍ଥା ଥିଲେ ମଧ ନ ଥିଲା ପରି ଅବସ୍ଥା ଦେଖାଦେଇଥିଲା। ମନ୍ଦିର ମଧ୍ୟକୁ ମହିଳା ଓ ପୁରୁଷ ଭକ୍ତଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ଫଳରେ ଦୀର୍ଘ ଘଣ୍ଟା ଧରି ଧାଡିରେ ଛୋଟଛୋଟ ପିଲା ଓ ମହିଳା ଭକ୍ତ ଅଣନିଃଶ୍ୱାସୀ ହୋଇ ସଂଜ୍ଞାହୀନ ହୋଇଯାଇଥିଲେ। ଅନ୍ୟପଟେ ମନ୍ଦିର ସମ୍ମୁଖ ଦର୍ଶନ ପଥରେ ଛାମୁଣ୍ଡିଆ ନ ଥିବାରୁ ଡହଡହ ଖରାକୁ ଅସହ୍ୟ ଗୁଳୁଗୁଳିରେ ସିଜିଥିଲେ ଭକ୍ତ।

ସେହିପରି ପୀଠରେ ଦୀର୍ଘ ୪ ଘଣ୍ଟା ଧରି ବିଜୁଳି କାଟ୍ ଯୋଗୁଁ ମନ୍ଦିର ଭିତର ପରିସର ଅନ୍ଧକାର ରହିବା ସହ ପାନୀୟଜଳର ଘୋର ସଂକଟ ଦେଖାଦେଇଥିଲା। ଫଳରେ ଭକ୍ତମାନେ ବାଧ ହୋଇ ଶିବଗଙ୍ଗା ପୁଷ୍କରିଣୀ ଜଳରେ ଶୋଷ ମେଣ୍ଟାଇଥିଲେ। ସେପଟେ ଆଖଣ୍ଡଳମଣି-ଭଦ୍ରକ ମୁଖ୍ୟରାସ୍ତାର ମଠଡିହଠାରୁ ପୀଠର ବାଇପାସ୍ ଯାଏଁ ଅଣଓସାରିଆ ରାସ୍ତା ହୋଇଥିବାରୁ ଦୀର୍ଘ ସମୟ ଧରି ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହେବାରୁ ଡହଡହ ଖରାରେ ଦୀର୍ଘ ୪କିମି ଚାଲିଚାଲି ଆସିଥିଲେ ହଜାର ହଜାର ଭକ୍ତ। ବିଶେଷକରି ବାଇପାସ୍ ରାସ୍ତାର ବେନିୟମ ଭାବେ କିଛି ସ୍ଥାନୀୟ ଲୋକ ଜବରଦଖଲ କରିବା ସହ ନିଜର ଚାରିଚକିଆ ଯାନ ରଖିବାରୁ ଟ୍ରାଫିକ ସମସ୍ୟା ଅଣାୟତ୍ତ ହୋଇପଡିଥିଲା। ମନ୍ଦିର ପ୍ରଶାସନ ନିକଟରେ ଅଭିଯୋଗ ଆଣିଥିଲେ ମଧ ସନ୍ତୋଷଜନକ ଉତ୍ତର ନ ପାଇ ନିରାଶ ହୋଇ ଦର୍ଶନରୁ ବଞ୍ଚିତ ହୋଇ ଫେରିଯାଇଥିଲେ।

## ଆଜି ଖୋଲିବ ଉଚ୍ଚଶିକ୍ଷାନୁଷ୍ଠାନ

ଭୁବନେଶ୍ୱର,୧୬।୬(ସମିସ): ଆସନ୍ତାକାଲି ଅର୍ଥାତ୍ ମଙ୍ଗଳବାର ଠାରୁ ରାଜ୍ୟର ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନ ଖୋଲିବ। ଏନେଇ ଶିକ୍ଷାନୁଷ୍ଠାନଗୁଡ଼ିକରେ ପ୍ରସ୍ତୁତି ଆରମ୍ଭ ହୋଇଛି ଓ ପୂର୍ଣ୍ଣ ଭାବେ ପୂର୍ବପରି ପାଠପଢ଼ା ଆରମ୍ଭ କରିବାକୁ ଗୁରୁତ୍ୱ ଦିଆଯାଇଛି। ଗ୍ରୀଷ୍ମ ପ୍ରବାହ ପାଇଁ ସମସ୍ତ ସରକାରୀ ଓ ବେସରକାରୀ କଲେଜକୁ ଏପ୍ରିଲ୍ ୨୩ ତାରିଖରୁ ଛୁଟି ଘୋଷଣା କରାଯାଇଥିଲା। ହେଲେ ଏହି ଛୁଟି ସମୟରେ ପୂର୍ବ ନିର୍ଦ୍ଧାରିତ ପରୀକ୍ଷା ସୂଚୀ ଅନୁଯାୟୀ ପରୀକ୍ଷା ହେବ ବୋଲି କୁହାଯାଇଥିଲା। ଫଳରେ ମେ ୫ରୁ ସମସ୍ତ ଉଚ୍ଚଶିକ୍ଷାନୁଷ୍ଠାନ ଛୁଟି ହୋଇଥିଲା। ପ୍ରାୟ ୪୩ ଦିନ ପରେ ଆସନ୍ତାକାଲି ପାଠପଢ଼ା ଆରମ୍ଭ ହେବ।

---

**ଆଡ଼ପ ପହଣ୍ଡି ଅଘଟଣ**


# ପ୍ରାୟଶ୍ଚିତ ହେଲାନି; ଫଳ ଭୋଗୁଛନ୍ତି ଦେଶବାସୀ!

ପୁରୀ,୧୬।୬(ସମିସ): ଗତବର୍ଷ ଜୁଲାଇ ୯ ତାରିଖ କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ଲାଗିଥିଲା ଶକ୍ତ ଆଘାତ। ଆଡପ ପହଣ୍ଡି ସମୟରେ ଚାରମାଳ ଉପରେ ମୁହଁମାଡ଼ି ପଡିଥିଲେ ବଡ଼ଠାକୁର ଶ୍ରୀବଳଭଦ୍ର। ଅନେକ ସେବାୟତ ମଧ ଆହତ ହୋଇଥିଲେ। ମାତ୍ର ଏହି ଘଟଣାର ଏହାର କୌଣସି ପ୍ରାୟଶ୍ଚିତ କରାଗଲା ନାହିଁ। ଏହି ଆଡପ ପହଣ୍ଡି ଅଘଟଣର ଫଳ ଭୋଗୁଛନ୍ତି ଦେଶବାସୀ। ପ୍ରାୟଶ୍ଚିତ ନ କରିବାରୁ ରାଜ୍ୟ, ଦେଶ ବିପଦର ସାମ୍ନା କରୁଛି। ବଢୁଛି ଦୁର୍ଘଟଣା, ହତ୍ୟା, ମୃତ୍ୟୁ ଏବଂ ପ୍ରାକୃତିକ ବିପର୍ଯ୍ୟୟ। ଏପରି କି ଗଜପତି ମହାରାଜାଙ୍କ ପରିବାର ଉପରେ ମଧ ଏହାର ପ୍ରଭାବ ପଡିଥିବା ପଣ୍ଡିତ ଆଶଙ୍କା କରିଥିବା ବେଳେ ସାଧାରଣରେ ମଧ ଏହି ଚର୍ଚ୍ଚା ଜୋର୍ ଧରିଛି। ଗଜପତି ମହାରାଜାଙ୍କ ପରିବାର ସଦସ୍ୟ ଆଟରାଜା ରଣାର୍ଣ୍ଣବ ଦେବଙ୍କ ବିୟୋଗ ଘଟିଛି। ପ୍ରାୟଶ୍ଚିତ ବିଧି କରିଥିଲେ ହୁଏତ ଏଭଳି କ୍ଷତି ହୋଇ ନ ଥାନ୍ତା ବୋଲି ମତ ଦେଇଛନ୍ତି ପଣ୍ଡିତ ବିଶ୍ୱମ୍ଭର ଦାଶ।

ଗତବର୍ଷ ଆଡପମଣ୍ଡପ ବିଜେ ପହଣ୍ଡି ସମୟରେ ପଡିଯାଇଥିଲେ ବଡଠାକୁର ବଳଭଦ୍ର। ଏହାକୁ ନେଇ ନାନା ପ୍ରକାର ଚର୍ଚ୍ଚା, ଆଲୋଚନା ହୋଇଥିଲା। ଠାକୁର ପଡିଗଲେ କ'ଣ ହୁଏ ତାହା ବିଭିନ୍ନ ଶାସ୍ତ୍ରରେ ଉଲ୍ଲେଖ ରହିଥିବା ବେଳେ ଶାନ୍ତି ବିଧାନ ବା ପ୍ରାୟଶ୍ଚିତର ମତ ଦେଇଥିଲେ ପଣ୍ଡିତ। ନୀଳାଦ୍ରି ମହୋଦୟ ଗ୍ରନ୍ଥରୁ ଉଦ୍ଧୃତ ରାଧାବଲ୍ଲଭ ମଠ ମହନ୍ତ ତଥା ପୂର୍ବତନ ପରିଚାଳନା କମିଟି ସଦସ୍ୟ ରାମକୃଷ୍ଣ ଦାସ ମହାରାଜ କହିଥିଲେ, ଏହିପରି ଅଘଟଣ ଘଟିଲେ ରାଷ୍ଟ୍ର ପ୍ରତି ବହୁ ବିପଦ ଦେଖାଯାଏ। ଏହି ଅଘଟଣ ଦେଖାଗଲେ କ'ଣ ହୁଏ ସେ ସମ୍ପର୍କରେ ସ୍ୱୟଂ ବ୍ରହ୍ମା ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ କହିଛନ୍ତି। 'ହେ ରାଜା! ଅସାବଧାନତା ହେତୁ ଯଦି ଜଗନ୍ନାଥ, ବଳଭଦ୍ର କିମ୍ବା ସୁଭଦ୍ରା ତଳେ ପଡିଯାଆନ୍ତି ତେବେ ରାଜ୍ୟ ରାଜାଙ୍କର ଏବଂ ରାଜ୍ୟର ମହା ଅନିଷ୍ଟ ହେବ। ଦୁର୍ଭିକ୍ଷ ପଡିବ, ମହାମାରୀ ବାରମ୍ବାର ହେବ। ପହଣ୍ଡି ସମୟରେ ଠାକୁର ପଡିଗଲେ ମହିଷୀ (ରାଣୀ)ଙ୍କର କ୍ଷତି ହେବ। ତେଣୁ ବିଷ୍ଣୁଙ୍କର ପ୍ରୀତି ଉଦ୍ଦେଶ୍ୟରେ ଶାନ୍ତି ବିଧାନ କରିବ। ବ୍ରାହ୍ମଣମାନଙ୍କ ଦ୍ୱାରା ମୂଳମନ୍ତ୍ର ଏକ ଲକ୍ଷ ବାର ଜପ କରାଇବ। ସେତିକି ସଂଖ୍ୟକ ଅର୍ଥାତ୍ ଗବ୍ୟ ଘୃତରେ ଏକ ଲକ୍ଷ ଆହୁତି ଦେଇ ହୋମ କରିବ। ତାହାର ଏକ ଦଶମାଂଶ ଅର୍ଥାତ୍ ଦଶହଜାର ତର୍ପଣ କରାଇବ।' ସେହିପରି ବାମଦେବ ସଂହିତାରୁ ଉଦ୍ଧୃତ କରି ଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଥିଲେ, ଠାକୁର ଯଦି ରଥରୁ ଅକସ୍ମାତ ପଡିଯାନ୍ତି ତେବେ ରାଜା ଏବଂ ରାଜ୍ୟ ଉଭୟଙ୍କର କ୍ଷତି ହୋଇଥାଏ। ରାଜ୍ୟରେ ଦୁର୍ଭିକ୍ଷ, ମୃତ୍ୟୁ ଭୟ ବଢିଯାଏ।

ପଣ୍ଡିତମାନେ ପ୍ରାୟଶ୍ଚିତ ପାଇଁ ଯେଉଁ ପରାମର୍ଶ ଦେଇଥିଲେ, ତାହା ପାଳନ କରାଯାଇ ନାହିଁ।ପଣ୍ଡିତ ବିଶ୍ୱମ୍ଭର ଦାଶ କହିଛନ୍ତି, ବଳଭଦ୍ର ମହାପ୍ରଭୁ ଯଦି ପଡିଯାନ୍ତି ତେବେ ରାଷ୍ଟ୍ରର କ୍ଷତି ହୋଇଥାଏ, ଯାହାର ଫଳସ୍ୱରୂପ ଅତୀତରେ ବାତ୍ୟା, ଅଦିନରେ ମରୁଡ଼ି, ଭୂମିକମ୍ପ, ଯୁଦ୍ଧର ଘନଘଟା ଲାଗିରହିଛି। ଏହାରି ଭିତରେ ଆଜି ଆଉ ଏକ ଦୁଃଖଦ ଘଟଣା ଘଟିଛି। ବଳଭଦ୍ର ପଡିଯିବାର ବର୍ଷେ ନ ପୁରୁଣୁ ଗଜପତି ମହାରାଜାଙ୍କ ସାନଭାଇ ରଣାର୍ଣ୍ଣବ ଦେବଙ୍କର ରବିବାର ରାତିରେ ସ୍ୱର୍ଗବାସ ହୋଇଛି। ଧର୍ମଶାସ୍ତ୍ର ଅବମାନନା କଲେ ଆମକୁ ଏହିଭଳି ବିପଦର ସମ୍ମୁଖୀନ ହେବାକୁ ପଡିବ।

ପହଲଗାମ ଆତଙ୍କବାଦୀ ଆକ୍ରମଣ ହେଉ କି ଅହମ୍ମଦାବାଦ ବିମାନ ଦୁର୍ଘଟଣା, କୁମ୍ଭମେଳା ଦଳଚକଟା ହେଉ କି କେଦାରନାଥରେ ହେଲିକପ୍ଟର ଦୁର୍ଘଟଣା ଅବା ଆର୍‌ସିବି ବିଜୟ ଉତ୍ସବ ଦଳଚକଟା ଏବଂ ପୁଣେରେ ବ୍ରିଜ ଭାଙ୍ଗିବା। ଏମିତି ଅନେକ ଅଘଟଣ ଘଟି ଶହ ଶହ ନିରୀହ ଜୀବନ ଗଲାଣି। ଦେଶରେ ଯୁଦ୍ଧ ପରିସ୍ଥିତି ମଧ ସୃଷ୍ଟି ହୋଇଛି। ଏହାଛଡା ବନ୍ୟା, ବାତ୍ୟା, ହଇଜା ପରି ଅନେକ ବିପର୍ଯ୍ୟୟର ଲୋକେ ସାମ୍ନା କରିଛନ୍ତି। ଧାର୍ମିକ ବିଧିବିଧାନ ବା ଶାସ୍ତ୍ରୀୟ ମତ ଅନୁଯାୟୀ ବଳଭଦ୍ର ପଡିବାର ପ୍ରାୟଶ୍ଚିତ ବିଧି କରାଯାଇଥିଲେ ହୁଏତ ଏଭଳି ଅଘଟଣ ଘଟି ନ ଥାନ୍ତା ବୋଲି କହିଛନ୍ତି ଜ୍ୟୋତିର୍ବିଦ୍ ପଣ୍ଡିତ ହରିଶଙ୍କର ମିଶ୍ର।




ଅକ୍ଟୋବର ୫ରେ
ଭାରତ-ପାକ୍ ଲଢ଼େଇ

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-349 ♦BHUBANESWAR ♦TUESDAY ♦17 JUNE 2025 ♦PAGE-12 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୩୪୯ ♦ଭୁବନେଶ୍ୱର ♦ମଙ୍ଗଳବାର ♦୧୭ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


# ଲାଗୁହେଲା ନୂଆ ୟୁପିଆଇ ପେମେଣ୍ଟ ନିୟମ

## ୫୦% ଫାଷ୍ଟ ହେବ ପେମେଣ୍ଟ

## ୩୦ ନୁହେଁ ସର୍ବାଧିକ ୧୫ ସେକେଣ୍ଡରେ ହେବ ପେମେଣ୍ଟ

■ **ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି):** ଆଜିଠାରୁ ଦେଶରେ ଲାଗୁ ହୋଇଛି ନୂଆ ୟୁପିଆଇ ପେମେଣ୍ଟ ନିୟମ। ଏଥିଯୋଗୁ ୟୁପିଆଇ ପେମେଣ୍ଟ ୫୦% ଫାଷ୍ଟ ବା ଦ୍ରୁତ ହୋଇଛି। ଏହାଫଳରେ ବର୍ତ୍ତମାନ ପେମେଣ୍ଟ ପ୍ରକ୍ରିୟା ସର୍ବାଧିକ ୧୫ ସେକେଣ୍ଡରେ ସମାପ୍ତ ହେବ, ଏଥିପାଇଁ ପୂର୍ବ ପରି ଆଉ ୩୦ ସେକେଣ୍ଡ ଅପେକ୍ଷା କରିବାକୁ ପଡିବନାହିଁ। ଅର୍ଥାତ୍ ଏଣିକି କୌଣସି ୟୁପିଆଇ ପେମେଣ୍ଟ ୩୦ ନୁହେଁ ସର୍ବାଧିକ ୧୫ ସେକେଣ୍ଡରେ ସମ୍ପୂର୍ଣ୍ଣ ହେବ। ଭାରତୀୟ ଜାତୀୟ ପେମେଣ୍ଟ ନିଗମ (ଏନ୍‌ପିସିଆଇ) ଗତ ମାସରେ ୟୁପିଆଇ ସହିତ ଜଡିତ କିଛି ନିୟମ ପରିବର୍ତ୍ତନ କରିଥିଲା, ଯାହା ଜୁନ୍ ୧୬ଠାରୁ ଲାଗୁ ହୋଇଛି।

ପୂର୍ବରୁ 'ଫୋନ୍ ପେ', ଗୁଗୁଲ୍ ପେ' କିମ୍ବା ପେଟିଏମ୍ ଭଳି ୟୁପିଆଇ ଆପ୍ ମାଧ୍ୟମରେ ପେମେଣ୍ଟ କରିବାବେଳେ କେତେକ ସମୟରେ କାରବାର ଶେଷ ହେବା ପାଇଁ ୩୦ ସେକେଣ୍ଡ ପର୍ଯ୍ୟନ୍ତ ସମୟ ଲାଗୁଥିଲା। ଗତ ମାସରେ ଏନ୍‌ପିସିଆଇ ବ୍ୟାଙ୍କ ଏବଂ ପେମେଣ୍ଟ ଆପ୍ସଗୁଡିକୁ ସେମାନଙ୍କର ସିଷ୍ଟମ ଅପଗ୍ରେଡ୍ କରିବାକୁ କହିଥିଲା, ଯାହା ଦ୍ୱାରା ପେମେଣ୍ଟ ମାତ୍ର ୧୫ ସେକେଣ୍ଡରେ ସମ୍ପୂର୍ଣ୍ଣ ହେବ। ଏନ୍‌ପିସିଆଇ ଏହି ଅପ୍‌ଗ୍ରେଡେସନ୍ ପାଇଁ କିଛି ବୈଷୟିକ ଜିନିଷରେ ପରିବର୍ତ୍ତନ ଘଟାଇଛି, ଯାହା ଏପିଆଇ ଅର୍ଥାତ୍ ଆପ୍ଲିକେସନ୍ ପ୍ରୋଗ୍ରାମିଂ ଇଣ୍ଟରଫେସ୍ ସହିତ ଜଡିତ। ସରଳ ଭାଷାରେ କହିବାକୁ ଗଲେ ▶ପୃଷ୍ଠା-୭

# ଉତ୍ତର ପ୍ରଦେଶରେ ବଜ୍ରପାତ; ୪୮ ଘଣ୍ଟାରେ ୩୪ ମୃତ



■ **ଲକ୍ଷ୍ନୌ, ୧୬।୬ (ଏଜେନ୍ସି):** ଉତ୍ତର ପ୍ରଦେଶରେ ଝଡ଼ବାତ୍ୟା ସହିତ ବଜ୍ରପାତ ଆତଙ୍କ ସୃଷ୍ଟି କରିଛି। ଗତ ୪୮ ଘଣ୍ଟା ମଧ୍ୟରେ ଏହା ରାଜ୍ୟରେ ୩୪ ଜଣଙ୍କ ଜୀବନ ନେଇଛି। ଅନେକ ଲୋକଙ୍କ ମଧ୍ୟ ଆହତ ହୋଇଛନ୍ତି। ରାଜ୍ୟର ୧୫ ଜିଲ୍ଲାରେ ଏହି ଜୀବନ ଯାଇଛି। ପାଣିପାଗରେ ହଠାତ ପରିବର୍ତ୍ତନ ଯୋଗୁଁ ଜିଲ୍ଲାଗୁଡିକରେ ବିପର୍ଯ୍ୟୟ ସୃଷ୍ଟି ହୋଇଛି। କାଶଗଞ୍ଜ ଏବଂ ଫେତହପୁର ଜିଲ୍ଲାରେ ୫ ଜଣ ଲେଖାଏଁ, ମିରଟ ଏବଂ ଗୌତମ ବୁଦ୍ଧନଗରରେ ୪ ଜଣ ଲେଖାଏଁ, ବୁଲନ୍ଦସହରରେ ତିନି ଜଣ, ଔରିଆ, କାନପୁର ନଗର, କାନପୁର ଦେହାତ ଏବଂ ଇଟୱାରେ ୨ ଜଣ ଲେଖାଏଁ ପ୍ରାଣ ହରାଇଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ମୃତ୍ୟୁକୁ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାରକୁ ସମସ୍ତ ପ୍ରକାରର ସହାୟତା ଦେବା ପାଇଁ ପ୍ରଭାବିତ ଜିଲ୍ଲାର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ ଗଛ ପଡି, ବଜ୍ରପାତରେ, କାନ୍ଥ ଆଦି ଭୁଶୁଡି ଏବଂ ପାଣିରେ ବୁଡି ମଧ୍ୟ ଅନେକ ଜୀବନ ଯାଇଛି। ସେହିପରି ୨୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଭାଗରେ ବର୍ଷା ଜାରି ରହିବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ବରେଲିରେ ପ୍ରବଳ ବର୍ଷା ଯୋଗୁଁ ଏକ ହାଇୱେ ମଧ୍ୟ ବୁଡି ଯାଇଛି। ଏଥିଯୋଗୁଁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

# ଥମୁନି ଝାଡ଼ାବାନ୍ତି

## ଯାଜପୁରରେ ପୁଣି ବଢ଼ିଲା ରୋଗୀ ସଂଖ୍ୟା

## ସୁକିନ୍ଦାରେ ଦୁଇ ମୃତ ■ ୧୫ଦିନ ପାଇଁ ହୋଟେଲ, ଜଳଖିଆ ଦୋକାନ ବନ୍ଦ ନିର୍ଦ୍ଦେଶ

■ **ଯାଜପୁର, ୧୬।୬ (ସମିସ):** ଯାଜପୁରରେ ଗତ ସପ୍ତାହେ ହେଲା ଝାଡ଼ାବାନ୍ତି ଲାଗି ରହିଛି। ଗୋଟିଏ ବ୍ଲକରୁ ଅନ୍ୟ ବ୍ଲକକୁ ଡେଇଁ ଏହା ରାଜ୍ୟର ୮ଟି ଜିଲ୍ଲାକୁ ମଧ୍ୟ ବ୍ୟାପିଗଲାଣି। ତଥାପି ଏହି ଝାଡ଼ାବାନ୍ତିଙ୍କୁ ନିୟନ୍ତ୍ରଣ କରାଯାଇପାରୁନାହିଁ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଂଗୃହିତ ନମୁନା ମଧ୍ୟରୁ ୧୧ଟିରେ କଲେରା ଭୂତାଣୁ ମିଳିବା ପରେ ଏହାକୁ ନେଇ ସରକାରଙ୍କ ଚିନ୍ତା

### ସ୍ୱାସ୍ଥ୍ୟ ସଚିବଙ୍କ ଦ୍ୱିତୀୟ ସମୀକ୍ଷା

ବଢ଼ିବାରେ ଲାଗିଛି। କେନ୍ଦ୍ରୀୟ ଟିମ୍ କେବଳ ପାଣି ଓ ଖାଦ୍ୟ ନମୁନା ସଂଗ୍ରହ କରି ପରୀକ୍ଷା ନିରୀକ୍ଷାରେ ଲାଗିଥିଲେ ମଧ୍ୟ ଏହି ଝାଡ଼ାବାନ୍ତିର ମୁଖ୍ୟ କାରଣ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନି। ପ୍ରତିଦିନ ଜିଲ୍ଲାରେ ମଧ୍ୟ ମୃତକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ପରିସ୍ଥିତି ଅଣାୟତ ଅବସ୍ଥା ଆଡକୁ ଯାଉଥିବା ଲକ୍ଷ୍ୟ କରି ରାଜ୍ୟ ସରକାରଙ୍କ ବିଭିନ୍ନ ପଦାଧିକାରୀଙ୍କ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟମନ୍ତ୍ରୀ ମଧ୍ୟ ଆସି ଆକ୍ରାନ୍ତମାନଙ୍କୁ ଭେଟିବା ସହିତ



ପ୍ରଶାସନ ସହିତ ସମୀକ୍ଷା ବୈଠକ କରିଯାଇଛନ୍ତି। ଆଜି ସ୍ୱାସ୍ଥ୍ୟ ସଚିବ ଏସ୍. ଆଶ୍ୱଥି ଦ୍ୱିତୀୟ ଥର ଜିଲ୍ଲାକୁ ଆସି ପରିସ୍ଥିତିର ସମୀକ୍ଷା କରିଛନ୍ତି।

ଜିଲ୍ଲା ପ୍ରଶାସନର ସୂଚନା ମୁତାବକ ବର୍ତ୍ତମାନ ସୁଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ଜିଲ୍ଲାର ୧୩ଗୋଟି ସ୍ୱାସ୍ଥ୍ୟକେନ୍ଦ୍ରରେ ୨୪୪ ଜଣ ରୋଗୀ ଭର୍ତ୍ତି ହୋଇଛନ୍ତି। ତେବେ ଘରୋଇ ଡାକ୍ତରଖାନାର ରୋଗୀଙ୍କୁ ହିସାବକୁ ନେଲେ ଜିଲ୍ଲାରେ ମୋଟ ୨୫୯ ରୋଗୀ ଚିକିତ୍ସିତ ହେଉଛନ୍ତି। ଗତକାଲି ୩ ଜଣଙ୍କର ଝାଡ଼ାବାନ୍ତିରେ ମୃତ୍ୟୁ ଘଟିଥିବା ବେଳେ ▶ପୃଷ୍ଠା-୭

## ଟାଙ୍ଗୀ-ଚୌଦ୍ୱାରରେ ଜଣେ ମୃତ, ୧୦ ଆକ୍ରାନ୍ତ

### ଅଧିକାଂଶ ଆକ୍ରାନ୍ତ ରୋଗୀ ଘରୋଇ ହସ୍ପିଟାଲରେ ଭର୍ତ୍ତି

■ **ଟାଙ୍ଗୀ, ୧୬।୬ (ସମିସ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ସଫା ପଞ୍ଚାୟତ ସୁଆଁରୀ ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ବର୍ତ୍ତମାନ ସୁଦ୍ଧା ୧୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଜଣେ ଗୁରୁତର ହୋଇ କଟକସ୍ଥିତ ଘରୋଇ ହସ୍ପିଟାଲର ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି। ସେହିଭଳି କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଥିବା ମହିଳା ଉର୍ମିଳା ବଳ (୩୯)ଙ୍କ ରବିବାର ରାତିରେ ମୃତ୍ୟୁବରଣ କରିଥିବା ଜଣାପଡିଛି।

## ଗୋପାଳପୁରରେ ଲଜ୍ଜା

# ପୁରୁଷ ବନ୍ଧୁଙ୍କୁ କାବୁକରି କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ

■ **ବ୍ରହ୍ମପୁର,୧୬।୬(ସମିସ):** କ୍ରମାଗତ ଭାବେ ଗୋଟିକ ପରେ ଗୋଟିଏ ଗଣଦୁଷ୍କର୍ମ ଘଟଣା ଗୋପାଳପୁର ନିର୍ବାଚନମଣ୍ଡଳୀକୁ ଲଜ୍ଜିତ କରିଛି। ଦୁଇଦିନ ତଳେ ଏହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୋଳନ୍ଥରା ଥାନା ଅଞ୍ଚଳରେ ଦୁଇଜଣ ନାବାଳିକା ଓ ବୈଦ୍ୟନାଥପୁର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଗଣଦୁଷ୍କର୍ମ କରାଯାଇଥିବା ବେଳେ ରବିବାର ଗୋପାଳପୁର ବେଳାଭୂମିକୁ ନିଜ ପୁରୁଷ ବନ୍ଧୁଙ୍କ ସହ ବୁଲିବାକୁ ଆସିଥିବା ଜଣେ ଯୁକ୍ତ ତିନି ଛାତ୍ରୀ ଗଣଦୁଷ୍କର୍ମର ଶିକାର ହୋଇଛନ୍ତି। ଅଭିଯୋଗକୁ ଆଧାରରେ ପୁଲିସ ୭ ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବାବେଳେ ଆଉ ୩ ଜଣ ଫେରାର୍ ହୋଇଯାଇଛନ୍ତି। ପୁଲିସ ସୂଚନା ଅନୁସାରେ, ଜିଲ୍ଲା ବାହାରର ଜଣେ ଯୁବତୀ ବ୍ରହ୍ମପୁରର ଏକ ଶିକ୍ଷାନୁଷ୍ଠାନରେ ଯୁକ୍ତ ୩ରେ ଅଧ୍ୟୟନ କରନ୍ତି। ରବିବାର ଅପରାହ୍ନରେ ସେ ନିଜ ପୁରୁଷ ବନ୍ଧୁଙ୍କ ସହ ସେ ଗୋପାଳପୁର ବେଳାଭୂମିକୁ ବୁଲି ଆସିଥିଲେ। ସନ୍ଧ୍ୟା ପ୍ରାୟ ୭ଟାରେ ପାନ୍ଥନିବାସ ପଛପଟ ବେଳାଭୂମିରେ ଉଭୟେ ବସିଥିବାବେଳେ ହିଞ୍ଜିଳିକାଟୁ ସମେତ ଅନ୍ୟାନ୍ୟ ଅଞ୍ଚଳର ୧୦ଜଣ ଯୁବକ ସେମାନଙ୍କୁ ଘେରିଯାଇ ପ୍ରଥମେ ଅସଦାଚରଣ କରିଥିଲେ। ପରେ ପୁରୁଷ ବନ୍ଧୁକୁ କିଛି ଯୁବକ କାବୁ କରି ଯୁବତୀକୁ ବଳପୂର୍ବକ ନିକଟସ୍ଥ ଏକ ଅନ୍ଧାରିଆ ସ୍ଥାନକୁ ଉଠାଇ ନେଇଥିଲେ। ପ୍ରାୟ ୩ ଜଣ ଯୁବକ ସେଠାରେ ଯୁବତୀଙ୍କୁ ଦୁଷ୍କର୍ମ କରି ଚମ୍ପଟ ମାରିଥିବା ଜଣାପଡିଛି। ଘଟଣା ପରେ ରାତି ପ୍ରାୟ ସାଢେ ୧୦ଟାରେ ଥାନାର ▶ପୃଷ୍ଠା-୭



### ୭ ଅଭିଯୁକ୍ତ ଅଟକ, ୩ ଫେରାର୍

## ଭୋଜି ଖାଇ ଫେରୁଥିଲେ

# ବଜ୍ରପାତରେ ୨ ମୃତ



■ **ଗୁଡାରୀ, ୧୬।୬ (ସମିସ):** ରଜ ପର୍ବ ଭୋଜି ସାରି ଘରକୁ ଫେରୁଥିବା ବେଳେ ବଜ୍ରପାତ ହେବାରୁ ୩ ଜଣ ଗୁରୁତର ହୋଇଥିଲେ। ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଥିବା ଜଣାପଡ଼ିଛି।

ସୂଚନା ମୁତାବକ ସୋମବାର ଶେଷ ରଜ ଉପଲକ୍ଷେ ରାୟଗଡ଼ା ଜିଲ୍ଲା ମିଲୁ ଡେପସାହିର ପ୍ରାୟ ୪୦ ଜଣ ବଣଭୋଜିର ଆୟୋଜନ କରିଥିଲେ। ଅପରାହ୍‌ଣରେ ବଣଭୋଜି ଶେଷ କରି ସେମାନେ ଆନନ୍ଦରେ ଘରକୁ ଫେରୁଥିଲେ। ଏହି ସମୟରେ ଅଚାନକ ପ୍ରବଳ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା। ଫଳରେ ପ୍ରସାଦ ଗୌଡଙ୍କ ଝିଅ ସୁନାଲି ଗୌଡ (୨୪), ଫାଲଗୁନି ଗୌଡ଼ଙ୍କ ପତ୍ନୀ ରୁପାଲି ଗୌଡ଼(୨୧) ଓ ର୍ ମୋନଜ ଗୌଡଙ୍କ ପତ୍ନୀ କାଜଲ ଗୌଡ଼ (୨୦) ବଜ୍ରପାତର ଶିକାର ହୋଇଥିଲେ। ସ୍ଥାନୀୟ ଲୋକ ଏବଂ ସମ୍ପର୍କୀୟମାନେ ସମସ୍ତଙ୍କୁ ଗୁଡାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେମାନଙ୍କ ମଧ୍ୟରୁ ସଙ୍କଟାପନ୍ନ ଅବସ୍ଥାରେ ଥିବା ସୁନାଲି ଗୌଡ଼ ଓ ରୁପାଲି ଗୌଡ଼ଙ୍କୁ ଅଧିକ ଚିକିତ୍ସା ପାଇଁ ରାୟଗଡ଼ା ପଠାଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର କାଜଲଙ୍କୁ ପ୍ରଥମେ ଗୁଣୁପୁରକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ପଠାଯାଉଥିବା ଜଣାପଡ଼ିଛି। ଏହି ଘଟଣା ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଜଣେ ଗୁରୁତର

# ଜଳପ୍ରପାତ ସ୍ରୋତରେ ଭାସିଗଲେ ୨ ନାବାଳକ

### ଜଣଙ୍କ ମୃତଦେହ ଉଦ୍ଧାର

■ **କୋଟପାଡ଼, ୧୬।୬ (ସମିସ):** କୋରାପୁଟ ଜିଲ୍ଲା କୋଟପାଡ଼ ଛୋଟର୍ଲା ପଞ୍ଚାୟତ ନିକଟସ୍ଥ ଗୁଲମୀ ଜଳପ୍ରପାତ ସ୍ରୋତରେ ଦୁଇ ଜଣ ନାବାଳକ ଭାସି ଯାଇଛନ୍ତି। ଜଣେ ନାବାଳକଙ୍କର ମୃତ ଶରୀର ଉଦ୍ଧାର ହୋଇଥିବା ବେଳେ ଅନ୍ୟ ଜଣେ ନିଖୋଜ ଅଛନ୍ତି। ମୃତ ନାବାଳକ ଜଣକ ହେଲେ ଆଲୋକ ରାଜ ସୁନା (୧୬)। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିବାବେଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

ସୂଚନା ଅନୁସାରେ, କୋଟପାଡ଼ ଗୁଲମୀ ଜଳପ୍ରପାତଙ୍କୁ ରବିବାର ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକର ୫ ଜଣ ବୁଲିବାକୁ ଆସିଥିଲେ। ଗତ କିଛିଦିନ ହେବ ଉପରମୁଣ୍ଡରେ ବର୍ଷା ଲାଗି ରହିଥିବାରୁ କୋଲାବ ନଦୀ ଜଳ ଗୁଲମୀ ଜଳପ୍ରପାତ ଦେଇ ପ୍ରବାହିତ ହେଉଛି। ବୁଲିବାକୁ ଆସିଥିବା ପିଲାମାନେ ଗୁଲମୀରେ ବିଭିନ୍ନ ସ୍ଥାନରେ ଫଟୋ ଉଠାଉ ଥିବା ସମୟରେ ଦୁଇ ନାବାଳକ ପ୍ରଖର ▶ପୃଷ୍ଠା-୭

# ମଧ୍ୟପ୍ରାଚ୍ୟରେ ବଢୁଛି ଉତ୍ତେଜନା



### ଚତୁର୍ଥ ଦିନରେ ଇରାନ-ଇସ୍ରାଏଲ ଯୁଦ୍ଧ

### ଜୋର୍‌ଦାର୍ ହେଉଛି କ୍ଷେପଣାସ୍ତ୍ର ମାଡ଼

### ଯୁଦ୍ଧ ଘନଘୋଟା ଭିତରେ ଇରାନରେ ଅଟକିଛନ୍ତି ୧୫୦୦ ଭାରତୀୟ ଛାତ୍ରଛାତ୍ରୀ

■ **ତେହରାନ/ତେଲଆଭିଭ୍ ୧୬।୬ (ଏଜେନ୍ସି):** ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଭୟଙ୍କର ଯୁଦ୍ଧ ଲାଗି ରହିଛି। ଆଜି ଚତୁର୍ଥ ଦିନ ଧରି ମଧ୍ୟ ଉଭୟ ଦେଶ ପରସ୍ପର ଉପରେ କ୍ଷେପଣାସ୍ତ୍ର ଆକ୍ରମଣ ଜାରି ରଖିଛନ୍ତି। ଏଥିରେ ଉଭୟ ପକ୍ଷର ବ୍ୟାପକ କ୍ଷତି ଘଟି ଚାଲିଥିବା ବେଳେ ଏହାକୁ ରୋକିବା ଲାଗି ଆନ୍ତର୍ଜାତିକ ସ୍ତରରେ କୌଣସି ଉଦ୍ୟମ ହେଉନାହିଁ। ଅସ୍ତ୍ରବିରତି କରିବାକୁ ଇରାନ ମନା କରିବା ସହିତ ଇସ୍ରାଏଲ ଉପରେ ଜବାବୀ ହମଲା ଜାରି ରଖିଥିବାରୁ ନିକଟ ଭବିଷ୍ୟତରେ ଯୁଦ୍ଧ ଥମିବାର ସମ୍ଭାବନା କମ୍। ସେ ଚାହିଁଲେ ଅସ୍ତ୍ରବିରତି ହୋଇଯିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହୁଥିବା ବେଳେ ଏଭଳି ସ୍ଥିତି ଦେଖାଯାଉ ନାହିଁ। ଇରାନ-ଇସ୍ରାଏଲ ଯୁଦ୍ଧକୁ ନେଇ ସଂପୃକ୍ତ ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଉଥିବାରୁ ଏହାର ପ୍ରଭାବ ସିଧାସଳଖ ବିଶ୍ୱ ଅର୍ଥନୀତି ଉପରେ ପଡ଼ିବ। ଏହି ଯୁଦ୍ଧ ଅନ୍ୟ ଅଞ୍ଚଳକୁ ବ୍ୟାପିଲେ ପରିସ୍ଥିତି ଅସମ୍ଭାଳ ହୋଇପଡ଼ିବ ବୋଲି କୁହାଯାଉଛି।

ମିଳିଥିବା ସୂଚନା ଅନୁଯାୟୀ ଇରାନ ଆଜି ଇସ୍ରାଏଲ ରାଜଧାନୀ ତେଲ ଆଭିଭ୍ ସମେତ ହାଫିଆ, ପେଟା ଟିକଭା ଓ ଅନ୍ୟାନ୍ୟ ସହର ଉପରେ ଆଜି ପୁଣି ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରିଛି। ଏଥିରେ ଇସ୍ରାଏଲର ଆଉ ୮ ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ମୋଟ ମୃତ୍ୟୁସଂଖ୍ୟା ୨୨ ହୋଇଥିବା କୁହାଯାଉଛି। ଇସ୍ରାଏଲର ସେନା ମୁଖ୍ୟାଳୟ ସମେତ ଅନେକ ସରକାରୀ ଓ ସାମରିକ ପ୍ରତିଷ୍ଠାନକୁ ଟାର୍ଗେଟ କରି ଇରାନ ଆକ୍ରମଣ ଚଳାଇଥିବା କୁହାଯାଉଛି। ଆକ୍ରମଣରେ ଅନେକ ସ୍ଥାନରେ ଇସ୍ରାଏଲର ଏୟାର ଡିଫେନ୍ସ ସିଷ୍ଟମକୁ ଇରାନ ଧ୍ୱସ୍ତ କରିଥିବା ଦାବି କରିଛି। ତେଲ ଆଭିଭରେ ଆଜି ଏକ ଅଭାଭନୀୟ ଘଟଣା ▶ପୃଷ୍ଠା-୭

## ଜାରିହେଲା ବିଜ୍ଞପ୍ତି

# ଦୁଇ ପର୍ଯ୍ୟାୟରେ ହେବ ଜନଗଣନା

### ୨୦୨୬ ଅକ୍ଟୋବର ଏବଂ ମାର୍ଚ୍ଚ ୨୦୨୭

### ଜନଗଣନାରେ ସାମିଲ ହେବ ଜାତିଭିତ୍ତିକ ତଥ୍ୟ



■ **ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି):** ଆସନ୍ତା ବର୍ଷ ୨୦୨୬ ଅକ୍ଟୋବର ପହିଲାରୁ ଆରମ୍ଭ ହେବ ବହୁପ୍ରତୀକ୍ଷିତ ଜନଗଣନା। ଦୁଇଟି ପର୍ଯ୍ୟାୟରେ ହେବାକୁ ଥିବା ଏହି ଅଭିଯାନରେ ଜାତି ଭିତ୍ତିକ ଜନଗଣନା ମଧ୍ୟ କରାଯିବ। କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗ ପକ୍ଷରୁ ଆଜି ଏସଂପର୍କରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଅକ୍‌ଟୋବର ୨୦୨୬ରୁ ଆରମ୍ଭ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟରେ ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଲଦାଖ ଭଳି ପାର୍ବତ୍ୟ ଅଞ୍ଚଳରେ ଜନଗଣନା କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ଦେଶର ଅବଶିଷ୍ଟ ଅଞ୍ଚଳରେ ୨୦୨୭ ମାର୍ଚ୍ଚ ୧ ତାରିଖରୁ ଜନଗଣନା କରାଯିବ। ଦେଶର ଏହି ସବୃବୃହତ୍ତ ଅଭିଯାନ ତିନି ବର୍ଷ ଧରି ଚାଲିବ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି। ଏଥିପାଇଁ ୩୭୬୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

ଜାତି ଭିତ୍ତିକ ଜନଗଣନା କରିବା ଲାଗି କେନ୍ଦ୍ର କ୍ୟାବିନେଟର ରାଜନୈତିକ ବ୍ୟାପାର କମିଟିରେ ସ୍ଥିର କରାଯାଇଥିଲା। ଏହାର ଗୋଟିଏ ମାସ ପରେ ସରକାର ଜନଗଣନା ପାଇଁ ତାରିଖ ଘୋଷଣା କରିଛନ୍ତି। ଜନଗଣନା ଆଇନ, ୧୯୪୮ ଏବଂ ଜନଗଣନା ନିୟମ, ୧୯୯୦ ଅନୁଯାୟୀ ଏହି ଅଭିଯାନର ଆୟୋଜନ କରାଯାଉଛି।

ଶେଷ ଥର ଲାଗି ୨୦୧୧ରେ ଜନଗଣନା କରାଯାଇଥିଲା। ଏହା ଦୁଇଟି ପର୍ଯ୍ୟାୟରେ ହୋଇଥିଲା। ୨୦୨୧ରେ ମଧ୍ୟ ଦୁଇଟି ପର୍ଯ୍ୟାୟରେ ଜନଗଣନା ଲାଗି ଯୋଜନା କରାଯାଇଥିଲା। ଯୋଜନା ଅନୁଯାୟୀ ୨୦୨୦ ଏପ୍ରିଲ-ସେ।ପ୍ଟେମ୍ବରରେ ପ୍ରଥମ ପର୍ଯ୍ୟାୟ ଏବଂ ୨୦୨୧ ଫେବୃଆରୀରେ ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା ହେବାର ଥିଲା। ଏଥିପାଇଁ ପ୍ରସ୍ତୁତି ଶେଷ ହୋଇଥିଲା। କିନ୍ତୁ କୋଭିଡ୍ -୧୯ ମହାମାରୀ ଯୋଗୁଁ ▶ପୃଷ୍ଠା-୭

## ରାଜ୍ୟରେ ଡିଜିଟାଲ୍ ପଦ୍ଧତିରେ ହେବ ଗଣନା: ପୱନ୍ କଲ୍ୟାଣ

■ **ଭୁବନେଶ୍ୱର, ୧୬।୬ (ସମିସ):** ଦେଶରେ ଜନଗଣନା ପାଇଁ ତାରିଖ ଚୂଡ଼ାନ୍ତ ହୋଇଛି। ଓଡ଼ିଶା ଜନଗଣନା ପରିଚାଳନା ନିର୍ଦ୍ଦେଶକ ନିଖିଲ ପୱନ କଲ୍ୟାଣ କହିଛନ୍ତି, ଜନଗଣନା ଡିଜିଟାଲ୍ ପଦ୍ଧତିରେ ଏବଂ ମୋବାଇଲ ଆପ୍ଲିକେସନର ବହୁଳ ଉପଯୋଗ କରି ହେବ। ଏପରିକି ଏଥିପାଇଁ ନୂଆ ମୋବାଇଲ ଆପ୍ଲିକେସନ ଆସିପାରେ। ଜନଗଣନା କାର୍ଯ୍ୟ ପାଇଁ ଅତିରିକ୍ତ ମାନବସମ୍ବଳ ନିୟୋଜିତ କରାଯିବାକୁ ଥିବାବେଳେ ସମସ୍ତଙ୍କୁ ତାଲିମ ପ୍ରଦାନ କରାଯିବ। ଜନଗଣନାର ସୁଗମ ପରିଚାଳନା ସୁନିଶ୍ଚିତ କରିବା ପାଇଁ ସେମାନେ ଏକ ସଂରଚିତ ତାଲିମ କାର୍ଯ୍ୟକ୍ରମ ଗ୍ରହଣ କରିବେ । ରେଜିଷ୍ଟ୍ରାର ଜେନେରାଲଙ୍କ ମାର୍ଗଦର୍ଶନରେ ରାଜ୍ୟ ସରକାରଙ୍କ ସହାୟତାରେ ଏହାକୁ ସୂଚାରୁ ରୂପେ ପରିଚାଳିତ କରାଯିବ।

## ଯୁବକଙ୍କୁ ପଥରରେ ଛେଚି ହତ୍ୟା



■ **ରାଉରକେଲା, ୧୬।୬ (ସମିସ):** କଲୁଙ୍ଗା ଅଞ୍ଚଳରେ ଜଣେ ଯୁବକଙ୍କୁ ପଥରରେ ଛେଚି ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରାଯାଇଥିବା ନେଇ ବ୍ରାହ୍ମଣୀ ତରଙ୍ଗ ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ ଝାଡ଼ଖଣ୍ଡ ରାଜ୍ୟ ଗୋଏଲକେରା ଅଞ୍ଚଳର ନିଲ ଜୋଜୋ (୩୬)। ବ୍ରାହ୍ମଣୀ ତରଙ୍ଗ ଥାନା ପୁଲିସ ଶବକୁ ରାଉରକେଲା ସରକାରୀ ଡାକ୍ତରଖାନାର ମର୍ଗ ହାଉସରେ ରଖି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗତକାଲି ରାତି ପ୍ରାୟ ୮ଟା ବେଳେ କଲୁଙ୍ଗା ଜିଆବାହାଲ ଡମ୍ପିଂ ୟାର୍ଡ ପରିସରରେ ମୃତଦେହ ପଡ଼ିଥିବା ଲୋକେ ଦେଖିବାକୁ ପାଇଥିଲେ। ପୁଲିସ ଘଟଣା ସ୍ଥଳରୁ ଶବକୁ ଉଦ୍ଧାର କରିଥିଲା। ସୋମବାର ପୁଲିସକୁ ମୃତକଙ୍କ ପରିଚୟ ମିଳିଥିଲା। ନିଲଙ୍କ ମୁହଁକୁ ପଥରରେ ଛେଚା ହୋଇଥିବା ବେଳେ ଏହା ଏକ ହତ୍ୟାକାଣ୍ଡ ବୋଲି ପୁଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତେବେ ନିଲ ଶ୍ରମିକ ଭାବେ କାମ କରୁଥିଲେ। ଗତ ଦୁଇ ଦିନ ହେବ ସେ କଲୁଙ୍ଗାକୁ ଆସିଥିଲେ। ହେଲେ ସେ କ'ଣ ପାଇଁ ଏଠାକୁ ଆସିଥିଲେ, ତାଙ୍କର କିଏ ସମ୍ପର୍କୀୟ ରହୁଛନ୍ତି କି? ଏଭଳି ବିଭିନ୍ନ ପ୍ରଶ୍ନକୁ ନେଇ ତଦନ୍ତ ଜାରି ରହିଛି। ଘଟଣାକୁ ନେଇ ପୁଲିସ ପରିବାରକୁ ସୂଚନା ଦେଇଛି। ପରିବାର ଲୋକେ ପହଞ୍ଚିବା ପରେ ଆଗାମୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ କହିଛି।

### ରାସ୍ତା ଓ କଲଭର୍ଟ ଉପରେ ପାହାଡ଼ ପାଣି

# ତଳଡାବାରି ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ

ବନ୍ଧୁଗାଁ, ୧୬।୬ (ସମିସ)



ଆଜି ମଧ୍ୟାହ୍ନ ସମୟରେ ପ୍ରବଳ ବର୍ଷା ହେବାରୁ ବନ୍ଧୁଗାଁ ବ୍ଲକ ସଦର ପଞ୍ଚାୟତ ତଳଡାବାରି ଗାଁ ପାଖରେ ଥିବା ରାସ୍ତା ଓ କୋଲଭର୍ଟ ଉପରେ ପାଣି ବହିବାରୁ ଗାଁଟି ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ବର୍ଷର ସମସ୍ତ ଋତୁରେ ତଳଡାବାରୁ ଗାଁଦେଇ ନାଳରୁ ପାଣି ବହି ଆସିଥାଏ। ଏହି ନାଳରେ ଜଳସେଚନ ବିଭାଗ ଦ୍ୱାରା ଚେକ୍‌ଡ୍ରାମ୍ ନିର୍ମାଣ କରି ମାର୍ଦିଝୋଲା, ଦଶିନି, ମୁଣ୍ଡିବାଲସା ଓ ବନ୍ଧୁଗାଁରେ ଥିବା ଜମିକୁ ପାଣି ଯୋଗାଇଥାଏ। ଦୁଇ ବର୍ଷ ତଳେ ଏନବିସିସି ଦ୍ୱାରା ପାହାଡ କାଟି ତଳ ଡାବାରି ଗାଁକୁ ମାଟି ଉପରେ ପିଚୁ ରାସ୍ତା ନିର୍ମାଣ କରିଥିଲେ। ରାସ୍ତା ନିର୍ମାଣ ସମୟରେ ନଦୀରୁ ପାଣି ଯିବା ପାଇଁ ବହୁ ଛୋଟ ଛୋଟ କୋଲଭର୍ଟ ଗୁଡିକ ତିଆରି ହୋଇଥିଲା। ବର୍ଷା ହେଲେ ପାହାଡ଼ରୁ ବହୁ ଜୋରରେ କାଠଗଣ୍ଡି, ଡାଳ, ପଥର ଓ ଅନ୍ୟାନ୍ୟ ଲତାବୁଦା ଗୁଡିକ ସ୍ରୋତରେ ଭାସି ଆସି କୋଲଭର୍ଟ ଗୁଡିକରେ ଲଟକି ରହି ରାସ୍ତା ଉପରେ ପାଣି ମାଡି ରାସ୍ତା ନଷ୍ଟ ହେବା ସହ ଚାଷ ଜମି ନଷ୍ଟ ହେଉଛି। ଉକ୍ତ କଲଭର୍ଟ ବଦଳରେ ସେଠାରେ ପୋଲ ନିର୍ମାଣ ନ ହେଲେ ଗାଁଟି ବାହ୍ୟ ଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହେବାର ଆଶଙ୍କା ରହିଛି।

# ପ୍ରତିଶ୍ରୁତି ପରେ ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ପ୍ରତ୍ୟାହାର



ଉମରକୋଟ, ୧୬।୬(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌରପରିଷଦର ସଫେଇ କର୍ମଚାରୀମାନେ ଗତ ୫ଦିନ ହେଲା ଦରମା ବୃଦ୍ଧି ଦାବିକରି କାର୍ଯ୍ୟ ବନ୍ଦ ଆନ୍ଦୋଳନକୁ ସୋମବାର ପ୍ରତ୍ୟାହାର କରିଥିବା ସୂଚନା ମିଳିଛି। ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ପାଇଁ କୁଡ଼କୁଡ଼ ଅଳିଆ ଓ ଆବର୍ଜନା ଯୋଗୁଁ ସହର ସାରା ଅସ୍ୱାଭାବିକ ପରିସ୍ଥିତି ଦେଖିବାକୁ ମିଳିଥିଲା। ରାଜ୍ୟରେ କିଛି ଜିଲ୍ଲାରେ ଝାଡ଼ାବାନ୍ତି ବ୍ୟାପୀ ଚାଲିଥିବା ବେଳେ ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ପ୍ରଶାସନ ପାଇଁ ଚିନ୍ତା ସୃଷ୍ଟି କରିଥିଲା। ଲୋକଙ୍କ ସୁବିଧା ପାଇଁ ବରିଷ୍ଠ କାଉନସିଲର ତପନ କୁମାର ଦେବନାଥ, ମୁନା ପାଢ଼ୀ, ଚିତ୍ତରଞ୍ଜନ ପାତ୍ର ଓ ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ ପୌର ପରିଷଦ କାର୍ଯ୍ୟାଳୟରେ ସଫେଇ କର୍ମଚାରୀଙ୍କ ସହିତ ଆଲୋଚନା କରିଥିଲେ। ଆସନ୍ତା ୨୩ ତାରିଖ ଦିନ ସଫେଇ କର୍ମଚାରୀଙ୍କ ୨ ଜଣ ପ୍ରତିନିଧି, କିଛି କାଉନସିଲର ଓ ନିର୍ବାହୀ ଅଧିକାରୀ ଭୁବନେଶ୍ୱର ଯାଇ ସେଠାରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅଧିକାରୀମାନଙ୍କ ସହ ଆଲୋଚନା କରି ସ୍କିଲ୍ଡ ଓ ଅନ ସ୍କିଲଡ ସଫେଇ କର୍ମଚାରୀଙ୍କ ଦରମା ବୃଦ୍ଧି ନେଇ ଆଲୋଚନା କରିବେ। ଏଥିରେ ସଫେଇ କର୍ମଚାରୀମାନେ ରାଜି ହୋଇଥିଲେ। କାଉନସିଲର ତପନ କୁମାର ଦେବନାଥ, ମୁନା ପାଢ଼ୀ, ଚିତ୍ତରଞ୍ଜନ ପାତ୍ର ଓ ନିର୍ବାହୀ ଅଧିକାରୀ ଆଲୋକ ଚନ୍ଦ୍ର ଆନୁଗୁଳିଆ ଉପସ୍ଥିତ ଥିଲେ। ପରେ ପୁରୁଣା ବସଷ୍ଟାଣ୍ଡରେ ଥିବା ଆବର୍ଜନାକୁ ସଫେଇ କର୍ମଚାରୀମାନେ ସଫା କରି ଦେଇଥିଲେ। ମଙ୍ଗଳବାରଠାରୁ ସହରରେ ସଫେଇ କାର୍ଯ୍ୟ ସ୍ୱାଭାବିକ ହେବ ବୋଲି ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ ସୂଚନା ପ୍ରଦାନ କରିଛନ୍ତି।

## ଅଜଣା ଯୁବକଙ୍କ ଆତ୍ମହତ୍ୟା

ଜୟପୁର, ୧୬।୬(ସମିସ): ଜୟପୁର ସଦର ଥାନା ଅଧୀନ ଛତ୍ରିପୁଟ କୋଲାବ କେନାଲ ରେଳ ପୋଲଠାରେ ଜଣେ ଅଚିହ୍ନା ଯୁବକ ଟ୍ରେନରେ ଡେଇଁ ଦେଇ ଆତ୍ମହତ୍ୟା କରିଛନ୍ତି। ସୂଚନା ପାଇ ଘଟଣାସ୍ଥଳରେ ଜିଆରପି ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ପୂର୍ବାହ୍ନ ୯ଟା ୪୦ ମିନିଟରେ ଶବକୁ ଜବତ କରିଛନ୍ତି। ମୃତ ଯୁବକର ପରିଚୟ ମିଳି ନଥିବା ବେଳେ କୋରାପୁଟ ଜିଆରପି ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତକଙ୍କ ପରିଚୟ ମିଳିବା ପର୍ଯ୍ୟନ୍ତ ଶବ ସଂରକ୍ଷିତ ଗୃହରେ ରଖାଯିବ ନଚେତ ନିୟମାନୁଯାୟୀ ପୋତାଯିବ ବୋଲି ଓଆଇସି ସନ୍ତୋଷୀ ମହନ୍ତ ସୂଚନା ଦେଇଛନ୍ତି।

## ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ, ଅଭିଯୁକ୍ତ ଗିରଫ

ଜୟପୁର, ୧୬।୬(ସମିସ): ଜୟପୁର ଟାଉନଥାନା ପୁଲିସ ପକ୍ଷରୁ ନାବାଳିକା ଅପହରଣ ଏବଂ ଦୁଷ୍କର୍ମ ଅଭିଯୋଗରେ ଅଭିଯୁକ୍ତଙ୍କ ଗିରଫ କରିବା ସହ କୋର୍ଟ ଚାଲାଣ କରିଛନ୍ତି। ଗିରଫ ଅଭିଯୁକ୍ତ କାକିରିଗୁମ୍ମାର ମୁକୁନ୍ଦ କନ୍ଦପାନ (୨୫)। ପୁଲିସ ସୂଚନାନୁଯାୟୀ, ଜୟପୁର ସହର ଜଣେ ନାବାଳିକାକୁ ବିବାହର ପ୍ରଲୋଭନ ଦେଖାଇ ଅପହରଣ ହୋଇଥିବା ନେଇ ଗତ ମାର୍ଚ୍ଚ ୧୯ ତାରିଖରେ ଟାଉନଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲେ ଏବଂ ନାବାଳିକାଙ୍କୁ ଗତ ଏପ୍ରେଲ ୧୭ ତାରିଖରେ ଉଦ୍ଧାର କରିଥିବା ବେଳେ ଅଭିଯୁକ୍ତ ଫେରାର ରହିଥିଲା। ସୋମବାର ଅଭିଯୁକ୍ତକୁ ସ୍ଥାନୀୟ ଗାନ୍ଧୀଛକ ନିକଟରେ ରହିଥିବା ସୂଚନା ପାଇ ଟାଉନ ଥାନା ପୁଲିସ ଚଢ଼ଉ କରି ଥିଲା। ତାକୁ ଗିରଫ କରିବାସହ ପରେ କୋର୍ଟଚାଲାଣ କରିଛି ପୁଲିସ।

## ରଜଦୋଳି ଦଉଡ଼ିରେ ମଇଁଷୀ ମୃତ

ବନ୍ଧୁଗାଁ, ୧୬।୬ (ସମିସ): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ କମ୍ବୁଗଣ୍ଡା ପଞ୍ଚାୟତ ବଡମାଥୁର ଗାଁରେ ଓଡ଼ିଶାର ଗଣପର୍ବ ରଜ ଦୌଡ଼ିରେ ଲାଗି ମଇଁଷିର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟ ଗତକାଲି ବଡମାଥୁର ଗାଁର ଯୁବକ ଯୁବତୀ ମାନେ ଓଡ଼ିଶାର ଗଣ ପର୍ବ ରଜ ପର୍ବକୁ ଆନନ୍ଦ ଉଲ୍ଲାସ ସହ ପାଳନ କରୁଥିଲେ। ଏଥିପାଇଁ ଗାଁ ନିକଟରେ ଥିବା ଏକ ବଟଗଛ ମୂଳରେ ଥିବା ଓହଳରେ ଅତି ସୁନ୍ଦର ଭାବରେ ସାଜସଜ୍ଜା କରି ଦୌଡ଼ିରେ ଆମ୍ବ ପତ୍ର ଦେଇ ଦୋଳି ତିଆରି କରିଥିଲେ। ସନ୍ଧ୍ୟା ହେବାରୁ ପିଲାମାନେ ନିଜ ଘରକୁ ଚାଲି ଯିବା ପରେ ଏକ ମଇଁଷି ରଜ ଦୋଳି ଦୌଡ଼ିରେ ଲାଗି ଥିବା ଆମ୍ବ ପତ୍ର ଖାଇବାକୁ ଯାଇ ଦୌଡ଼ିଟି ମଇଁଷିର ବେକରେ ଗୁଡ଼େଇ ହୋଇ ଯାଇଥିଲା। ଫଳରେ ମଇଁଷିର ମୃତ୍ୟୁ ଘଟିଥିଲା। ମୃତ ମଇଁଷି ଟି କାନାଗାଁ ପଞ୍ଚାୟତ ସାନମାଥୁର ଗାଁ ର ଜିତୁ ପିଡ଼ିକା ଙ୍କ ମଇଁଷି ବୋଲି ଜାଣିବାକୁ ମିଳିଛି। ଗରିବ ପରିବାରଙ୍କୁ ସରକାରୀ ସାହାଯ୍ୟ ଦେବା ପାଇଁ ଦାବି ହେଉଛି।

## ପୂର୍ବତନ ବ୍ଲକ୍ ଅଧ୍ୟକ୍ଷଙ୍କ ପରଲୋକ

ରାଇଘର, ୧୬।୬(ସମିସ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର ପୂର୍ବତନ ଅଧ୍ୟକ୍ଷ ଖେଦୁରାମ୍ ଝାଙ୍କର (୮୨)ଙ୍କ ପରଲୋକ ଘଟିଛି। ସେ ୧୯୯୨ରୁ ୨୦୦୨ ପର୍ଯ୍ୟନ୍ତ ରାଇଘର ବ୍ଲକର ଅଧ୍ୟକ୍ଷ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଗତକିଛି ଦିନଧରି ଅସୁସ୍ଥତା ହେତୁ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଥିଲେ। ବ୍ଲକ ଅଧୀନ କଲିଆପଦର ଠାରେ ତାଙ୍କର ବିୟୋଗ ଘଟିଥିଲା। ମୃତ୍ୟୁ ବେଳକୁ ତାଙ୍କର ପୁତୁରା ତଥା ବର୍ତ୍ତମାନର ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କରଙ୍କ ସମେତ ଭାଇ, ପୁତୁରା ଓ ଝିଅ ଉପସ୍ଥିତ ଥିଲେ। ବହୁ ମାନ୍ୟଗଣ୍ୟ ବକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ।

# ୬୧ଟି ଅଭିଯୋଗର ଶୁଣାଣି କଲେ ଉପଜିଲ୍ଲାପାଳ



ନାରାୟଣପାଟଣା, ୧୬।୬(ସମିସ): ନାରାୟଣପାଟଣା ବ୍ଲକ ସଭାଗୃହରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଜନସାଧାରଣଙ୍କ ମୋଟ ୬୧ଟି ଅଭିଯୋଗ ଶୁଣାଣି କରିଛନ୍ତି। ବ୍ୟକ୍ତିଗତ ୪୫ ଓ ସାମୂହିକ ୧୬ଟି ଅଭିଯୋଗ ଶୁଣାଣି କରିଛନ୍ତି। ଉପଜିଲ୍ଲାପାଳ ପ୍ରେମ୍‌ଲାଲ୍ ହିଆଲ, ଲକ୍ଷ୍ମୀପୁର ଉପଖଣ୍ଡୀୟ ଆରକ୍ଷୀ ଅଧିକ୍ଷକ ବିରଞ୍ଚି ନାରାୟଣ ଜଗତ, ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏଡିଏମ୍ ଆର୍‌ଏନ୍ ଶତପଥି, ତହସିଲଦାର ଦେବବ୍ରତ ମହାରଣା, ଏଡିଇଓ ଅର୍ପିତା ପ୍ରଧାନ ପ୍ରମୁଖଙ୍କ ଉପସ୍ଥିତରେ ଅଭିଯୋଗ ଶୁଣାଣି ହୋଇଥିଲା। ସୀମାନ୍ତ ଲଙ୍ଗଲବେଡ଼ା ପଞ୍ଚାୟତର ତଳୋଓଲୁବାଡି, ତଳଲଛା, ଉପରଲଛା, କାତ୍ରାକାବାରିଙ୍ଗି, ନାଟିକା ବାରିଙ୍ଗିକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାର ଅଧପନ୍ତରିଆ ରାସ୍ତାକୁ ତୁରନ୍ତ ନିର୍ମାଣ କରିବାକୁ ଗ୍ରାମବାସୀ ଅନୁରୋଧ କରିଥିଲେ। ଜମିରେ ପାଣି ପାଇଁ ଚେକ୍‌ଡ୍ୟାମ ପାଇଁ କିଛି ଚାଷୀ ଅଭିଯୋଗ କରିଥିଲେ। ତୁରନ୍ତ ଅଭିଯୋଗଗୁଡ଼ିକ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଉପଜିଲ୍ଲାପାଳ। ସାମ୍ବାଦିକଙ୍କ ପାଇଁ ଏକ କ୍ଲବଘର ନିମନ୍ତେ ଗଣମାଧ୍ୟମର ପ୍ରତିନିଧିମାନେ ଅନୁରୋଧ କରିଥିଲେ। ଥାନାଛକରୁ ବାଉରୀସାହି ପର୍ଯ୍ୟନ୍ତ ପକ୍କା ରାସ୍ତା, ନାଳ ନର୍ଦ୍ଦମା ସଫା କରିବାକୁ ଅଭିଯୋଗ କରିଥିଲେ ଗ୍ରାମବାସୀ। ଜିଲ୍ଲାପାଳ ଆସିନଥିବାରୁ କିଛି ବିଭାଗର ଅଧିକାରୀ ଅନୁପସ୍ଥିତ ରହିଥିଲେ। ପରେ ବ୍ୟାଙ୍କ ତରଫରୁ ଦୁଇଟି ମହିଳା ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିବା ସହ ସାମାଜିକ ସୁରକ୍ଷା ବିଭାଗ ତରଫରୁ ୪ ଜଣଙ୍କୁ ଭିନ୍ନକ୍ଷମ ସାଇକଲ ପ୍ରଦାନ କରାଯାଇଥିଲା।

# ରଜ ମହୋତ୍ସବ, ସମ୍ବର୍ଦ୍ଧନା ସମାରୋହ



ନବରଙ୍ଗପୁର, ୧୬।୬(ସମିସ): 'ଲେଟସ୍ ୱାକ୍ ଟୁଗେଦର୍' ସଂଗଠନ ଆନୁକୂଲ୍ୟରେ ସ୍ଥାନୀୟ ସୌରାସାହି କଲ୍ୟାଣମଣ୍ଡପରେ ରଜ ଉତ୍ସବ, ସାଂସ୍କୃତିକ କାର୍ଯ୍ୟକ୍ରମ, ସଙ୍ଗୀତ ବିଚିତ୍ରା, ସାହିତ୍ୟ ଆଲୋଚନା ଓ କବିତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ତଥା ବିଶିଷ୍ଟ ସମାଜସେବୀ ଜଗନ୍ନାଥ ମହାପାତ୍ର ଓ ପ୍ରତିଷ୍ଠାତା ଅପରାଜିତା ଶତପଥୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ମୁଖ୍ୟବକ୍ତା ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଦସ୍ୟ ଦେବଦାଶ ମହାକୁଡ, ସ୍ୱର ଘୁଙ୍ଗୁର ସଙ୍ଗୀତ ସାଂସ୍କୃତିକ ଅନୁଷ୍ଠାନ, ଜୟପୁରର ଧୀରେନ ମୋହନ ପଟ୍ଟନାୟକ, ବିଶିଷ୍ଟ ହାସ୍ୟ କଳାକାର ଗୋପାଳ କୃଷ୍ଣ ସାମନ୍ତରାୟ, ଜୟପୁର ଓ ହାସ୍ୟ କଳାକାର ଟୁନା ଟନ୍‌ଟନ୍, ରାୟଗଡ଼ାରୁ ଯୋଗଦେଇ ରଜ ମହୋତ୍ସବ ଉପରେ କହିଥିଲେ। ତୃତୀୟ ଅଧିବେଶନର କାର୍ଯ୍ୟକ୍ରମରେ ରବୀନ୍ଦ୍ର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଉପସ୍ଥାପିକା ସୁନନ୍ଦିନୀ ତ୍ରିପାଠୀ ମଞ୍ଚ ସଞ୍ଚାଳନ କରିଥିଲେ। ଭଗବାନ ବାହିନୀପତି, ଶରତ ଚନ୍ଦ୍ର ମହାପାତ୍ର, ମନୋଜ କୁମାର ପାଣିଗ୍ରାହୀ, ମନୋହର ତ୍ରିପାଠୀ, ବିକ୍ରମ ଦାଶ, ଅଖିଳ ଭଟ୍ଟ, ବରୁଣ ଧାନଫୁଲ, ନଗେନ୍ଦ୍ର ପଟ୍ଟନାୟକ, ଦୀନ ଦୟାଲ ଜୈନ ଓ ପ୍ରଭଞ୍ଜନ ତ୍ରିପାଠୀଙ୍କୁ ସେମାନଙ୍କ ସମାଜସେବା ପ୍ରତି ରହିଥିବା ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମ ଅଧିବେଶନର କାର୍ଯ୍ୟକ୍ରମକୁ ଜଗନ୍ନାଥ ମହାପାତ୍ର ଉଦ୍‌ଘାଟନ କରିଥିବା କାର୍ଯ୍ୟକ୍ରମରେ ନିରୁପମା ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ ଓ ଜିଭିଭି ରଞ୍ଜିତା ମଞ୍ଚ ସଞ୍ଚାଳନ କରିଥିଲେ। ପାରମ୍ପରିକ ପିଠା, ଝୋଟି, ପୋଷାକ ଓ ସଙ୍ଗୀତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ସାହିତ୍ୟ ଆଲୋଚନା ଓ କବିତା ପାଠ କାର୍ଯ୍ୟକ୍ରମରେ ରାମପ୍ରସାଦ ପାତ୍ର ଅଧ୍ୟକ୍ଷତା କରିଥିଲେ ଓ କବି ସବ୍ୟସାଚୀ ବିଷୋୟୀ ମଞ୍ଚ ସଞ୍ଚାଳନ କରିଥିଲେ। ସମ୍ମାନିତ ବକ୍ତା ଭାବେ ଡଃ ବିଜୟ ମିଶ୍ର ଓ ଅତିଥି ଭାବେ ବିଜୟ ଚୌଧୁରୀ, ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟା ଜେମାମଣି ବିଷୋୟୀ, ବୁଲୁ ହୋତା, କବି ସାଇମନ ବିଡିକା, ସୁଧୀରାଜ ରାଉତ ଯୋଗଦେଇଥିଲେ। ଗୋପାଳ କୃଷ୍ଣ ସାମନ୍ତରାୟ ଓ ଟୁନା ଟନ୍‌ଟନ୍ ହାସ୍ୟ କଳା କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ଉଦିତ ଭାନୁଙ୍କ ସଂଯୋଜନାରେ କଣ୍ଠଶିଳ୍ପୀ ସୁରେଶ ମିଶ୍ର, କସ୍ତୁରୀ ରଥ, ବିଜୟ ପାଣିଗ୍ରାହୀ ପ୍ରମୁଖ ସଙ୍ଗୀତ ବିଚିତ୍ରା କାର୍ଯ୍ୟକ୍ରମ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର ବିଚାରକ ଭାବେ ବିଜୟ ଚୌଧୁରୀ, ଜେମାମଣୀ ବିଷୋୟୀ, ସୁରେଶ ମିଶ୍ର, କସ୍ତୁରୀ ରଥ, ବିଜୟ ପାଣିଗ୍ରାହୀ, କୌଶଲ୍ୟା ପ୍ରଧାନୀ, ସୁଶିଳା, ଅଖିଳଭଟ୍ଟ, ମନୋଜପଟ୍ଟନାୟକ, ଶର୍ମିଷ୍ଠା ଦେଓ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ସୁପରିଚାଳନାରେ ବିଦ୍ୟାର୍ଥୀ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟନାରାୟଣ ନାୟକ, ଡଃ ବିଜୟ ମିଶ୍ର, ଅଧ୍ୟାପକ ଅଖିଳ ଭଟ୍ଟ, ଦୀନଦୟାଲ ଜୈନ, ଶରତ ଚନ୍ଦ୍ର ମହାପାତ୍ର, ଉଦିତ ଭାନୁ, ବବିତା ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ପୋଡ଼ାଗଡ଼ ଓ ମୁଜାଙ୍ଗରେ ବିକାଶ ବାହନର ଶୁଭାରମ୍ଭ

ପୋଡ଼ାଗଡ଼, ୧୬।୬(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକର ପୋଡ଼ାଗଡ଼ ଓ ମୁଜାଙ୍ଗ ପଞ୍ଚାୟତ ସଦରମହକୁମାରେ ସ୍ଥାନୀୟ ସରପଞ୍ଚ ଉସ୍ତ ଭଇ ଓ ମୂଜାଙ୍ଗ ସରପଞ୍ଚ କୁନୁ ଭଇ ମୁଖ୍ୟଅତିଥି ଭାବେ ଯୋଗଦେଇ ବିକାଶ ବାହନର ଶୁଭାରମ୍ଭ କରିଛନ୍ତି। ନୂତନ ଭାବେ ସାମିଲ ହୋଇଥିବା ହିତାଧିକାରୀଙ୍କୁ ଗୃହ ନିର୍ମାଣ କାର୍ଯ୍ୟାଦେଶ ଓ ଭତ୍ତା ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଦଶମନ୍ତପୁର ବ୍ଲକର ପ୍ରଶାସନ ଓ ଲାଇନ୍ ବିଭାଗ ସ୍ଥାନୀୟ ନାୟକ ସରପଞ୍ଚ ଆସେର ବେନିଆ ସହ ପଞ୍ଚାୟତ ସମିତି କାର୍ଯ୍ୟାଳୟର ବିଭିନ୍ନ ବିଭାଗୀୟ ଅଧିକାରୀ, ବନ ପଶୁ ସମ୍ପଦ ବିଭାଗ, ରାଜସ୍ୱ ବିଭାଗ ସମେତ ପଞ୍ଚାୟତ କର୍ମଚାରୀ ଓ ସ୍ଥାନୀୟ ଜନସାଧାରଣ ବିଜେପି ରବି ପାଢ଼ି ଉପସ୍ଥିତ ଥିଲେ। ପୋଡ଼ାଗଡ଼ରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଗଣେଶ କୁଲଦୀପ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ମୁଜାଙ୍ଗ ପଞ୍ଚାୟତରେ ଏଡିଓ ରଞ୍ଜିତ କୁମାର ଖୋସଲା ପରିଚାଳନା କରିଥିଲେ।

### ■ ବଲାଙ୍ଗୀରରର ୨୨ଟି ମିଲର୍ସ ଚୁକ୍ତିନାମା କଲେ

# ଧାନ ପରିବହନ ପାଇଁ ଟ୍ରକ୍‌ର ଅଭାବ

ଜୟପୁର, ୧୬।୬ (ସମିସ): କୋରାପୁଟ ଜିଲ୍ଲାରେ ଚଳିତ ବର୍ଷ ଚାଷୀଙ୍କ ଦ୍ୱାରା ଅମଳ ହୋଇଥିବା ରବିଧାନ ଫସଲ ମଣ୍ଡି ଗୁଡିକରେ ଧାନ କ୍ରୟ ଆରମ୍ଭ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ କଳାହାଣ୍ଡି ଜିଲ୍ଲାର ୨୯ ଟି ମିଲର୍ସ ଧାନ କୋଷ୍ଟମ ମିଲିଂ ପାଇଁ ଚୁକ୍ତିନାମା କରିଥିବା ବେଳେ ପୁଣି ବଲାଙ୍ଗୀର ଜିଲ୍ଲାର ଆଜି ସୁଦ୍ଧା ୨୨ ଜଣ ମିଲର୍ସ ଚୁକ୍ତିନାମା କରିବା ସହ କ୍ରୟ ହୋଇଥିବା ରବିଧାନ ଉଠାଇବା ଆରମ୍ଭ କରିଛନ୍ତି। କୋରପୁଟ ଜିଲ୍ଲାରୁ ବଲାଙ୍ଗୀର ପର୍ଯ୍ୟନ୍ତ ଧାନ ପରିବହନ ପାଇଁ ଟ୍ରକ ଅଭାବ ଯୋଗୁଁ ଧାନ ପରିବହନରେ ସମସ୍ୟା ସୃଷ୍ଟି ହୋଇଥିବା ନେଇ କିଛି ମିଲର୍ସ ଅଭିଯୋଗ କରିଛନ୍ତି। ଏହିପରି ଆଜି ସଂଧ୍ୟା ସୁଦ୍ଧା କୋରାପୁଟ ଜିଲ୍ଲାର କେବଳ ଜୟପୁର ଉପଖଣ୍ଡର ୬୪ଟି ମଣ୍ଡି ମଧ୍ୟରୁ ୫୧ଟି ମଣ୍ଡିରେ ୨୨୦୭ ଚାଷୀଙ୍କ ଠାରୁ ୨ ଲକ୍ଷ ୫ ହଜାର ୧ଶହ କ୍ୱିଣ୍ଟାଲ ୭୪ କିଲୋଗ୍ରାମ ଧାନ କ୍ରୟ ହୋଇଯାଇଛି। ସୂଚନାଯୋଗ୍ୟ କୋରାପୁଟ ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ୭ ଲକ୍ଷ ୪୭ ହଜାର ୮୮୦ କ୍ୱିଣ୍ଟାଲ ଚାଷୀଙ୍କ ଧାନ କ୍ରୟ ନେଇ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ସେହିପରି ଜିଲ୍ଲାରେ ୧୬ ହଜାରୁ ଉଜାର ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକୃତ କରିଛନ୍ତି।

## ନବରଙ୍ଗପୁରରେ କୃଷକ ସମାବେଶ




ନବରଙ୍ଗପୁର, ୧୬।୬(ସମିସ): ନବରଙ୍ଗପୁର ମଣ୍ଡେଇ ପଡ଼ିଆରେ ଜିଲ୍ଲା ସ୍ତରୀୟ ବିକାଶ ମେଳାରେ ଏକ କୃଷକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ କୃଷି ବିଭାଗ, ମତ୍ସ୍ୟ ବିଭାଗ, ପଶୁସମ୍ପଦ ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ, ଉଦ୍ୟାନ ବିଭାଗ ତରଫରୁ ଅଧିକାରୀ ଯୋଗଦେଇ ନିଜସ୍ୱ ବିଭାଗର ବିଭିନ୍ନ ଯୋଜନାରେ କିଭଳି ଚାଷୀ ଭାଇ ଲାଭ ପାଇପାରିବେ ତା'ଉପରେ ଏକ କର୍ମଶାଳାରେ ଭାଗ ନେଇଥିଲେ। କୃଷି ବିଭାଗ ତରଫରୁ ୫୦୦ ଜଣ ଚାଷୀ ଯୋଗଦାନ କରିଥିବା ବେଳେ ଏହି ମେଳାରେ ବିଭିନ୍ନ ଯୋଜନା ନେଇ ଆଲୋଚନା ହୋଇଥିଲା। ପ୍ରଣୟ କୁମାର ମନ୍ତ୍ରୀ କୃଷି ବିଭାଗର ଯୋଜନା ଗୁଡିକ ବିଷୟରେ ସଂକ୍ଷିପ୍ତରେ ଆଲୋଚନା କରିଥିଲେ। ଆଜିର ମେଳାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଯଦୁମଣି ନାୟକ, ଯୋଗଦାନ କରିଥିବା ବେଳେ ତାଙ୍କ ସହିତ ସୁଭେନ୍ଦୁ କୁମାର ବିଶ୍ୱାଳ, ଅତିରିକ୍ତ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ, ଡ଼. ଦିଲୀପ କୁମାର କବିରାଥୀ, ଅତିରିକ୍ତ ଜିଲ୍ଲା ପଶୁଚିକିତ୍ସା ଅଧିକାରୀ, ସନ୍ତୋଷ କୁମାର ବିଶ୍ୱାଳ, ଏ.ପି.ଡି. ମୃତିକା ସଂରକ୍ଷଣ ବିଭାଗ ଓ ଟିକିଓ ପ୍ରକଳ୍ପ, ବିଶ୍ୱଜିତ୍ ସାହୁ, ଜିଲ୍ଲା କୃଷି ଅଧିକାରୀ, ପାପଡ ।ହାଣ୍ଡି, ଓ ବିଷ୍ଣୁ କିସାନ, ଡିଏଫଓ ମଧ୍ୟ ଯୋଗଦାନ କରିଥିଲେ।

## କେବଳ କାଗଜକଲମରେ ଅଭିଯୋଗ ଶୁଣାଣି

ବୈପାରୀଗୁଡ଼ା, ୧୬।୬(ସମିସ): ବୈପାରୀଗୁଡ଼ା ବ୍ଲକ ଦଣ୍ଡାବାଡ଼ି ସ୍ଥିତ ରାଜୀବଗାନ୍ଧୀ ସେବା କେନ୍ଦ୍ରରେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୋଟ ୨୧ଟି ଅଭିଯୋଗ ଶୁଣାଣି ହୋଇଥିବା ବେଳେ ଗୋଷ୍ଠୀଗତ ୧୯ଟି ଓ ୨ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ଏ ସମସ୍ତ ଅଭିଯୋଗ ଶୁଣିବା ପରେ ସମାଧାନ ନିମନ୍ତେ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ପଞ୍ଚାୟତରେ ୫ ଥର ଅଭିଯୋଗ ଶୁଣାଣି ହୋଇସାରିଛି। କିନ୍ତୁ ସମସ୍ୟା ସମସ୍ୟା ହୋଇ ପାରୁନାହିଁ। କିଛି ଲୋକେ ବଡ଼ ଉତ୍କଣ୍ଠା ସହ ବ୍ଲକ ପ୍ରଶାସନ ନିକଟରେ ଆସି ଅଭିଯୋଗ ଶୁଣାଣିରେ ଅଂଶଗ୍ରହଣ କରୁଛନ୍ତି। କିନ୍ତୁ ସମସ୍ୟାର ସମାଧାନ ହେଉନାହିଁ ବୋଲି ଅଭିଯୋଗ ହେଉଛି। କାରଣ ପୂର୍ବରୁ ଏହି ପଞ୍ଚାୟତର କିଛି ପ୍ରମୁଖ ସମସ୍ୟାକୁ ନେଇ ଅଭିଯୋଗ କରିଥିଲେ ସୁଦ୍ଧା ସମସ୍ୟା ସମାଧାନ ହୋଇନାହିଁ। ଯାହାକି ପଣସପୁଟର ମୁଖ୍ୟ ରାସ୍ତାର ଅବସ୍ଥା ଅତି ଶୋଚନୀୟ, ସେହିପରି ଛତାଆମ୍ବ, କଡ଼ିକିପାଣି, ପୋଡାପଦର, ଡୁମୁରୀ ପଦର, ଲିମପଦର ମୋଟ ୫ ଖଣ୍ଡ ଗାଁ ପିଲାଙ୍କ ଶିକ୍ଷା ଉନ୍ନତି ପାଇଁ ନୂତନ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ, ଆଉ ଆଜିବି ମହୁତପୁଟଗୁଡା ଓ ଆଜଗୁଡାରେ ବିଜୁଳି ନାହିଁ। କୁଆଗନ୍ଦିଲି ଗାଁରେ ରାସ୍ତା ଓ ପାଣି ସମସ୍ୟା ରହିଛି। ପାଙ୍ଗନପାଣି ଗାଁକୁ ପକ୍କା ରାସ୍ତା ଆବଶ୍ୟକ, ଚିଲପାଯୋଡି ଠାରେ ନୂତନ ଅଙ୍ଗନବାଡି କେନ୍ଦ୍ର ସ୍ଥାପନ ଆଦି ଅଭିଯୋଗ ରହିଛି। କିନ୍ତୁ ସମସ୍ୟାର ସମାଧାନ କେବଳ କାଗଜ କଲମରେ ସୀମିତ ହୋଇ ରହିଯାଇଛି। ଏସବୁ ସମସ୍ୟା କେବେ ସାନଧାନ ହେବ ବୋଲି ପ୍ରଶ୍ନ କରିଥିଲେ ପଞ୍ଚାୟତବାସୀ।

# ଶିଶୁ ଶ୍ରମିକ ନିରାକରଣ ସଚେତନତା ଶୋଭାଯାତ୍ରା



ନବରଙ୍ଗପୁର, ୧୬।୬(ସମିସ): ନବରଙ୍ଗପୁରରେ ଶିଶୁ ଶ୍ରମିକ ନିରାକରଣ ସଚେତନତା ନିମନ୍ତେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସମସ୍ତ ପ୍ରକାର ବୃତ୍ତି ଓ କାର୍ଯ୍ୟରେ ଶିଶୁ ଶ୍ରମିକ ନିରାକରଣ କରିବାପାଇଁ ଏକ ୧୫ ଦିନିଆ ସଚେତନତା କାର୍ଯ୍ୟକ୍ରମ ଉପଲକ୍ଷେ ସଚେତନତା ପଦଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ (ରେଭିନ୍ୟୁ) ବିଶ୍ୱଜିତ ବର୍ମନ ଶୁଭାରମ୍ଭ କରିଥିଲେ। ପଦଯାତ୍ରାଟି ନବରଙ୍ଗପୁର ସହରର ଆମ୍ବେଦକର ଛକରୁ ବାହାରି ଚାଉଁରିଆଗୁଡ଼ା ଛକ ପର୍ଯ୍ୟନ୍ତ ଯାଇଥିଲା। ଶୋଭାଯାତ୍ରାରେ ଜିଲ୍ଲା ଶ୍ରମ ଅଧିକାରୀ ଛୋଟରାୟ ଟୁଡୁ, ଶିଶୁ ମଙ୍ଗଳ କମିଟିର ଅଧକ୍ଷ୍ୟା ଅଜନ୍ତା ସୁଭଦର୍ଶିନୀ, ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ବିଭିନ୍ନ ଶ୍ରମିକ ସଂଘର କର୍ମକର୍ତ୍ତା ପରମେଶ୍ୱର ବିଶୋଇ, ଖଗେଶ୍ୱର ବିଶୋଇ, ବେସରକାରୀ ସଂଘର ସଦସ୍ୟ ଉମା ସତାନାମୀ, ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ପ୍ରୋଜେକ୍ଟ ଆସୋସିଏଟ, ପ୍ରଭାସିନୀ ପଟ୍ଟନାୟକ ଓ ଅନ୍ୟ ଟ୍ରେଡ୍ ୟୁନିଅନ କର୍ମକର୍ତ୍ତାମାନଙ୍କ ମଧ୍ୟରେ ସୁଜିତ ହିଆଲ, ସାହିଲ ଭତରା, ସଲମାନ ନାଗ, ବିପିନ ନାଗ, ଦେବରାଜ ଗୌଡ଼ ଓ ଟ୍ରେଡ ୟୁନିଅନ ସଭ୍ୟ/ସଭ୍ୟାମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।

### କୋଟସ୍ ଓ ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ମଧ୍ୟରେ ବୁଝାମଣା

# ଗବେଷଣା ଓ ବିନିମୟ କ୍ଷେତ୍ରରେ ଉଭୟ କରିବେ କାମ

କୋରାପୁଟ, ୧୬।୬(ସମିସ)



ସ୍ଥାନୀୟ କୋଟସ୍ ପରିସର ମଧ୍ୟରେ କୋରାପୁଟ ସ୍ଥିତ ବିଶ୍ଳେଷଣାତ୍ମକ ଆଦିବାସୀ ଗବେଷଣା ପରିଷଦ (କୋଟସ୍) ଓ ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ଛତ୍ରପୁର ମଧ୍ୟରେ ଗବେଷଣା ଓ ବିନିମୟ କ୍ଷେତ୍ରରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି। କୋଟସ୍ ତରଫରୁ ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ଏବଂ ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ତରଫରୁ ଅଧ୍ୟକ୍ଷ ଡ. ଅଜୟ କୁମାର ତ୍ରିପାଠୀ ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ଡ. ଅଜୟ କୁମାର ତ୍ରିପାଠୀ ବିଲୁପ୍ତ ଆଦିବାସୀ ସଂସ୍କୃତିକୁ ଆସନ୍ତା ପିଢି ମଧ୍ୟରେ ପ୍ରସାରିତ କରିବା ନିମନ୍ତେ ଛାତ୍ର ସମାଜକୁ ଆୟୁଧ ଭାବରେ ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ଆଦିମ ସଂସ୍କୃତି, ଆଦିବାସୀ ସଂସ୍କୃତିକୁ ଆଜିର ଦିନରେ ଶ୍ରେଷ୍ଠ ସଂସ୍କୃତି ଭାବରେ ପରିଚିତ କରିବାର ଲକ୍ଷ୍ୟ ନେଇ ଉଭୟ ଅନୁଷ୍ଠାନ କାର୍ଯ୍ୟ କରିବା ନିମନ୍ତେ ସଂକଳ୍ପବଦ୍ଧ ହୋଇଥିଲେ। ସରକାରୀ ବିଜ୍ଞାନ ମହାବିଦ୍ୟାଳୟର ସଂଯୋଜିକା ଡ. ସୁଚିସ୍ମିତା ବେହେରା ଆଦିବାସୀ ସ୍ୱାସ୍ଥ୍ୟ, ସଂସ୍କୃତି, ସାହିତ୍ୟ ଓ ସାମାଜିକ କ୍ଷେତ୍ରରେ ଗବେଷଣାର ଆବଶ୍ୟକତାକୁ ବର୍ଣ୍ଣନା କରିଥିଲେ। କୋଟସର ନିର୍ଦ୍ଦେଶକ ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ଆଦିବାସୀ ଚେତନାର ସୁରକ୍ଷାରେ କୋଟସର ଅବଦାନକୁ ଆଲୋକପାତ କରିଥିଲେ। ଶେଷରେ ସୁଧାକର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ଡ. ପରେଶ କୁମାର ରଥ, ଡ. ସାବିତ୍ରୀ ମାଝି, ଡ. ନରେନ୍ଦ୍ର କୁମାର ରଥ, ଡ. ଅଶୋକ କୁମାର ନନ୍ଦ, ଗୋପୀନାଥ ପ୍ରଧାନ, ସନ୍ତୋଷ କୁମାର ପଣ୍ଡା, ସ୍ନିଗ୍ଧା ପଟ୍ଟନାୟକ, ଚନ୍ଦନ ପୁହାନ, ରାମକୃଷ୍ଣ ଚୌଧୁରୀ, ଶ୍ରୀନିବାସ ପଟ୍ଟନାୟକ, ପ୍ରସନ୍ନ କୁମାର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# କୁଣ୍ଡା ବୋଝେଇ ଟ୍ରକ ଦୁର୍ଘଟଣା, ଜଣେ ମୃତ

ମୈଦଲପୁର, ୧୬।୬(ସମିସ): ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ ମୈଦଲପୁର ଦେଇ ଯାଇଥିବା ନବରଙ୍ଗପୁର-କଳାହାଣ୍ଡି ୨୬ ନମ୍ବର ଜାତୀୟ ରାଜପଥ ମୈଦଲପୁର ଥାନା ଜୁନାପାଣି ବୁଲାଣି ନିକଟରେ ଏକ କୁଣ୍ଡା ବୋଝେଇ ଟ୍ରକ୍ ଓଲଟି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ଡ୍ରାଇଭର ଗୁରୁତର ହୋଇଛନ୍ତି। ମୃତ ଶ୍ରମିକ ହେଲେ ମଣ୍ଟୁ ନାୟକ। ତାଙ୍କ ଘର କଳାହାଣ୍ଡି ଜିଲ୍ଲା ଆମପାଣି ଥାନା ବାଞ୍ଜିବାହାଲ ବୋଲି ଜଣାପଡ଼ିଛି। ଗୁରୁତର ଭାବେ ଡ୍ରାଇଭର ତୁଳସୀ ରାମ ନାୟକ ଥିବାବେଳେ ଅନ୍ୟ ଶ୍ରମିକ ମାନେ ଆହତ ହୋଇ ମୈଦଲପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଅନ୍ୟ ଶ୍ରମିକ ମାନେ ହେଲେ ଚିନ୍ତା ମାଝୀ ଓ ଗଜ ମାଝୀ।



ସୂଚନା ଅନୁସାରେ ନବରଙ୍ଗପୁର ଜିଲ୍ଲା ଡ଼ାବୁଗାଁରୁ ଏକ କୁଣ୍ଡା ନେଇ କଳାହାଣ୍ଡି ଜିଲ୍ଲା ଆମପାଣିକୁ ଯାଉଥିଲା। କୁଣ୍ଡା ବଝେଇ ଟ୍ରକ୍‌ଟି (ଓଡି ୦୩ ଭି ୨୬୮୩) ଭାରସାମ୍ୟ ହରାଇ ରାସ୍ତା ସାଇଡରେ ଟ୍ରକ ଟି ଓଲଟି ପଡ଼ିଥିଲା। ଟ୍ରକ ଟି ଓଲଟି ପଡ଼ିବା ଫଳରେ ଘଟଣା ସ୍ଥଳରେ ହିଁ ଶ୍ରମିକ ମଣ୍ଟୁ ନାୟକଙ୍କ ମୃତ୍ୟୁ ହୋଇଥିଲା। ଘଟଣା ସ୍ଥଳରେ ମୈଦଲପୁର ପୁଲିସ ଏବଂ ପାପଡ଼ାହାଣ୍ଡି ଅଗ୍ନିଶମ ବାହିନୀ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ମୈଦଲପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅତି ଗୁରୁତର ହେବାରୁ ଚିକିତ୍ସା ପରେ ଡ୍ରାଇଭର ତୁଳସୀରାମ ନାୟକ ନବରଙ୍ଗପୁର ମେଡିକାଲକୁ ସ୍ଥାନାନ୍ତର କରାଯିବ ବୋଲି ସୂଚନା ମିଳିଛି।

# ବିକାଶ ବାହନ ଯାତ୍ରାର ଶୁଭାରମ୍ଭ

ଜୟପୁର, ୧୬।୬(ସମିସ): ଜୟପୁର ପୌରସଂସ୍ଥା ପକ୍ଷରୁ ଆଜି ପୂର୍ବାହ୍ନରେ ସ୍ଥାନୀୟ ପୁରୁଣା ବସ୍‌ଷ୍ଟାଣ୍ଡ ସମ୍ମୁଖସ୍ଥ ପାର୍କ ଠାରେ ବିକାଶ ବାହାନର ଯାତ୍ରାର ଶୁଭାରମ୍ଭ ହୋଇଛି। ନୂତନ ରାଜ୍ୟ ସରକାର ଗଠନ ହେବାର ଗତ ଏକ ବର୍ଷ ମଧ୍ୟରେ ସୁସ୍ଥ ଓଡ଼ିଶା ଓ ସମୃଦ୍ଧ ଓଡ଼ିଶା, ଶିକ୍ଷାର ରୂପାୟନ, ଗ୍ରାମୀଣ ବିକାଶକୁ ଗୁରୁତ୍ୱ, ଗ୍ରାମାଞ୍ଚଳରେ ରାସ୍ତା ସଂଯୋଗୀକରଣ, କୃଷକ ସଶକ୍ତିକରଣ, ସମୃଦ୍ଧ ଗ୍ରାମୀଣ ଜୀବନ, ସମସ୍ତ କ୍ଷେତ୍ରରେ ଭିତ୍ତିଭୂମିର ବିକାଶ ନେଇ ସହରର ବିଭିନ୍ନ ୱାର୍ଡ ଓ ସାହି ବୁଲି ଏହି ବିକାଶ ବାହାନ ପ୍ରଚାର ପ୍ରସାରକରିବ। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମକୁ ନେଇ ଲୋକଙ୍କୁ ସଚେତନ କରାଯିବା ଏହି ବାହାନର ମୁଖ୍ୟ ଉଦ୍ଦେଶ୍ୟ। ଜୟପୁର ଭାରପ୍ରାପ୍ତ ପୌର ନିର୍ବାହୀ ଅଧିକାରୀ ଏ. ଶଶ୍ୟା ରେଡ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଉପାଧ୍ୟକ୍ଷା ବି.ସୁନିତା, କାଉନ୍‌ସିଲର ଯଶପାଲ ସିଂ, ପଦ୍ମା ରେଡ୍ଡି, ଏନ୍ ଲକ୍ଷ୍ମୀନାରାୟଣ, ସୁଷମା ମହାପାତ୍ର, ଉଷାରାଣି ଦଣ୍ଡସେନା ଓ ଅନିତା ରାୟ ପ୍ରମୁଖଙ୍କ ସମେତ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ଅବହେଳିତ ଗୁମ୍ମା ଶିବମନ୍ଦିର

ବୈପାରୀଗୁଡ଼ା, ୧୬।୬(ସମିସ)



କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ବ୍ଲକ ପୂଜାରଗୁଡା ପଞ୍ଚାୟତର ଗୁମ୍ମା ଗାଁରେ ରହିଛି ସର୍ବପୁରାତନ ରାଜା ରାଜୁଡା ଅମଳର ଶିବ ମନ୍ଦିର। ଏହି ପୀଠର ମହିମା ଏବଂ ସ୍ୱତନ୍ତ୍ରତା ପାଇଁ ପ୍ରତ୍ୟେକ ଦିନ ଶ୍ରଦ୍ଧାଳୁ ଏଠାକୁ ଆସିଥାନ୍ତି। ସୋମବାର ହେଲେ ଏଠାରେ

**● ଜାଣି ଅଜଣା ଦେବୋତ୍ତର ବିଭାଗ**

ମହାଦେବଙ୍କୁ ଦର୍ଶନ କରିବା ପାଇଁ ଶହ ଶହ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳେ। ବାବାଙ୍କ କୁଣ୍ଡ ପାଦୁକା ପାନ କଲେ ଅନେକ ରୋଗ ଭଲ ହେଉଥିବା ଲୋକଙ୍କ ବିଶ୍ୱାସ ରହିଛି। ବାବାଙ୍କ ଅପାର ମହିମା ଥିବାରୁ ଦୂର ଦୁରାନ୍ତରୁ ଶ୍ରଦ୍ଧାଳୁ ଧାଇଁ ଆସିଥାନ୍ତି ଆଶିଷ ଲାଭ କରିବା ପାଇଁ ପ୍ରତ୍ୟେକ ଦିନ। କିନ୍ତୁ ଦୀର୍ଘ ବର୍ଷର ପୁରୁଣା ଏହି ମନ୍ଦିର ପ୍ରତି କାହାରି ନିଘା ନାହିଁ। ବହୁ ବର୍ଷ ପୂର୍ବରୁ ମନ୍ଦିରର ପରିଚାଳନା ସହ ଉନ୍ନତି ଦାୟିତ୍ୱ ଜୟପୁର ଦେବୋତ୍ତର ବିଭାଗ ଦାୟିତ୍ୱ ନେଇଛି। କିନ୍ତୁ ଗୁମ୍ମା ଶିବ ମନ୍ଦିର ଆଜି ବି ଅବହେଳିତ ଅବସ୍ଥାରେ ପଡ଼ିରହିଛି। ମନ୍ଦିର ପୂଜକ ସଦନ ପୂଜାରୀଙ୍କ କହିବା ଅନୁଯାୟୀ, ଜୟପୁର ଦେବୋତ୍ତର ବିଭାଗ ପକ୍ଷରୁ କେବଳ ମନ୍ଦିର ପରିଚାଳନା ପାଇଁ ମାସିକ ୩ ଶହ ଟଙ୍କା ଏବଂ ପୂଜକଙ୍କ ଦରମା ବାବଦକୁ ୩ ଶହ ଟଙ୍କା ଦିଆଯାଉଛି। ଏଠାରେ ଆଜି ପର୍ଯ୍ୟନ୍ତ କୌଣସି ଉନ୍ନତି ମୂଳକ କାର୍ଯ୍ୟ କରାଯାଇ ନାହିଁ। କିଛି ବାଦାନ୍ୟ ବ୍ୟକ୍ତି ମନ୍ଦିର ଉନ୍ନତି ପାଇଁ ଟିଣ ଓ କୂଅ ଖନନ ପାଇଁ ଟଙ୍କା ପ୍ରଦାନ କରିଛନ୍ତି। କିନ୍ତୁ ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କ ପାଇଁ ସେଭଳି କୌଣସି ବ୍ୟବସ୍ଥା ନାହିଁ। ଖରା ବର୍ଷାରେ ଆଶ୍ରୟ ନେବାକୁ ଶ୍ରଦ୍ଧାଳୁଙ୍କ ପାଇଁ ଘର ଖଣ୍ଡିଏ ନାହିଁ। ଷ୍ଟ୍ରିଟ ଲାଇଟ କି ମନ୍ଦିର ପରିସରରେ ଲାଇଟ୍‌ର ସୁବ୍ୟବସ୍ଥା ନାହିଁ। ଏପରିକି ଶୌଚାଳୟଟିଏ ମଧ୍ୟ ନାହିଁ। ପୋଖରୀ ଅଛି, କିନ୍ତୁ ରକ୍ଷଣାବେକ୍ଷଣ ସୁବିଧା ନାହିଁ। ମୌଳିକ ସୁବିଧା ନଥିବାରୁ ଶ୍ରଦ୍ଧାଳୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି ଏକ ସୁନ୍ଦର ଶୈବପୀଠର ରକ୍ଷଣାବେକ୍ଷଣ ପ୍ରତି ଜୟପୁର ଦେବୋତ୍ତର ବିଭଗ ଅବହେଳା କରୁଥିବା ସାମ୍ନାକୁ ଆସିଛି। ବିଭିନ୍ନ ସମୟର ଏହାର ଉନ୍ନତିକରଣ ପାଇଁ ପ୍ରତିଶ୍ରୁତି ମିଳେ। କିନ୍ତୁ ପରବର୍ତ୍ତୀ ସମୟରେ ସମସ୍ତେ ଭୁଲି ଯାଆନ୍ତି। ବିବାହ ବ୍ରତ ଆଦି ମାଙ୍ଗଳିକ କାର୍ଯ୍ୟ ପାଇଁ ସମସ୍ତ ସୁବିଧା ନଥିବାରୁ ଲୋକେ ପୀଠକୁ ଆସୁନାହାନ୍ତି ବୋଲି ଗୁମ୍ମା ଗାଁର କେଶବ ଖିଲ, ଖଗପତି ବାରଙ୍ଗ, ହରିହର ମାଝୀ, କେଶବ ମାଝୀ, କୃଷ୍ଣ ଦାସ, ବିଶ୍ୱନାଥ ପୂଜାରୀ, ସୁରେନ୍ଦ୍ର ବାରିକ ପ୍ରମୁଖ ଅଭିଯୋଗ କରିଛନ୍ତି।

## ବିକାଶ ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ

ନବରଙ୍ଗପୁର, ୧୬।୬(ସମିସ): ନବରଙ୍ଗପୁର ମଣ୍ଡେଇ ପଡ଼ିଆଠାରେ ଜିଲ୍ଲା ସ୍ତରୀୟ ବିକାଶ ମେଳା ପାଳନ ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ସରକାରଙ୍କ ଇସ୍ପାତ ଓ ଖଣି, ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଆୟୋଜିତ ଏହି ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରଥମ ଦିବସ ପ୍ରଥମ ସନ୍ଧ୍ୟାରେ ପୁରୁଷୋତ୍ତମ କଳା କେନ୍ଦ୍ର, ଓଡ଼ିଶୀ ସଙ୍ଗୀତ ଓ ନୃତ୍ୟ ଦଳ, ଉମରକୋଟର ମାତାଙ୍ଗି ଡାନ୍ସ ଗ୍ରୁପ୍, ଡିଭାଇନ ଡାନ୍ସ ଏକାଡେମୀ, ସାଇରାମ କଳା କେନ୍ଦ୍ରର କଳାକାର ମାନେ ନୃତ୍ୟ ପରିବେଷଣ କରିଥିଲେ। ଏହା ପରେ ଏକେ ଡାନ୍ସ ଗ୍ରୁପ୍, ସ୍ୱାତିକ ଡାନ୍ସ ଏକାଡେମୀ, ଡିଭାଇନ ଡାନ୍ସ ଏକାଡେମୀ, ଗ୍ରାମଦେବୀ ନୃତ୍ୟଦଳ, ସାଇରାମ୍ କଳାକେନ୍ଦ୍ର ଅନୁଷ୍ଠାନର କଳାକାର ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସାଂସ୍କୃତିକ ଅନୁଷ୍ଠାନଙ୍କୁ ମଞ୍ଚରେ ସାର୍ଟିଫିକେଟ ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ପ୍ରଥମ ଓ ଦ୍ୱିତୀୟ ଦିବସ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମରେ ଅତିଥି ରୂପେ ଡିଆଇପିଆର୍‌ଓ ମନୋଜ କୁମାର ବେହେରା, ତହସିଲଦାର କୈଳାଶ ଚନ୍ଦ୍ର ତ୍ରିପାଠୀ, ଡିସିଓ ଘାଷିଆ ହରିଜନ, ସହକାରୀ ସିଇଓ ଓରମାସ୍ ଉମା ମହେଶ, ଏଡିଡବ୍ଲୁଓ ଭରତ ଚନ୍ଦ୍ର ସାହୁ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ।

## ରେଳ ବିଭାଗ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା



କୋରାପୁଟ, ୧୬।୬(ସମିସ): ଭାରତୀୟ ରେଳବାଇରେ ବୈଦ୍ୟୁତିକ ଟ୍ରାକ୍ସନର ଗୌରବମୟ ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ କୋରାପୁଟ ରେଳ ପ୍ରତିଷ୍ଠାନରେ ବୈଦ୍ୟୁତିକ ବିଭାଗ ଦ୍ୱାରା ନର୍ସରୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚାରୋଟି ଗୋଷ୍ଠୀରେ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଭାରତୀୟ ରେଳବାଇରେ ବୈଦ୍ୟୁତିକ ଟ୍ରାକ୍ସନ ଏବଂ ବିଦ୍ୟୁତୀକରଣର ବିକାଶ ସମ୍ପର୍କରେ ଏକ ଅନନ୍ୟ ବିଷୟ ଚୟନ କରାଯାଇଥିଲା। ପ୍ରତିଯୋଗିତାରେ ୧୦୦ ରୁ ଅଧିକ ପିଲା ଅଂଶଗ୍ରହଣ କରିଥିଲେ। ପୂର୍ବତଟ ରେଳବାଇର ପ୍ରମୁଖ ମୁଖ୍ୟ ବୈଦ୍ୟୁତିକ ଇଞ୍ଜିନିୟର ଆଲୋକ ସହାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବୈଦୁତିକ ଇଞ୍ଜିନିୟର ନିର୍ମାଣ ବିଭାଗ ମୁଖ୍ୟ ସୁରଥ ଜାନି, ଡିଭିଜନାଲ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର ଶିବାନନ୍ଦ ପ୍ରସାଦ, ଡେପୁଟି ଚିଫ୍ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର କନକରାଜୁ, ଆସିଷ୍ଟାଣ୍ଟ ଡିଭିଜନାଲ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର୍ ସୁକାନ୍ତ ବାଲିୟାର୍ସିଂ, ଲୋକୋ ଇନ୍ସପେକ୍ଟର କେ ଜଗନ, ଭି କେ ବାଘେଲ, ଭିଆରକେ ସୋନି, ପି ସୀତାରାମ, ବି ଏସ ନାରାୟଣ, କେ ଏସ ରାଓ, ଏସ କେ ରାମ, ପି କେ ଗୁପ୍ତା, ଏଲ ବି ରାଜୁ ଏବଂ ଅନ୍ୟାନ୍ୟ ସିଏଲଆଇମାନେ ଉପସ୍ଥିତ ଥିଲେ। କୋରାପୁଟର ସହକାରୀ ବିଭାଗୀୟ ବୈଦ୍ୟୁତିକ ଇଞ୍ଜିନିୟର ସୁକାନ୍ତ ବଳିୟାରସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ରଜମଉଜ ଉତ୍ସବ ପାଳିତ**

# ମୂର୍ତ୍ତିକାର ଗୌରହରି ଦଳେଇଙ୍କୁ ବସୁମତି ସମ୍ମାନ



ଜୟପୁର, ୧୬।୬(ସମିସ): କୋରାପୁଟ ଜିଲ୍ଲା ଜୟପୁର ବସୁମତୀ ସାହିତ୍ୟ ସଂସଦ ପକ୍ଷରୁ ରଜମଉଜ ଉତ୍ସବ ରବିବାର ଜୟପୁର ଜ୍ୟୋତି କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସହରର ଭୂପତି ସାହି ବାସିନ୍ଦା ତଥା ବିଶିଷ୍ଟ, ବୟଜ୍ୟୋଷ୍ଠ ମୂର୍ତ୍ତିକାର ଗୌରହରି ଦଳେଇଙ୍କୁ ଚଳିତ ବର୍ଷ ବସୁମତି ସମ୍ମାନରେ ସମ୍ମାନୀତ କରାଯାଇଛି। ତାଙ୍କୁ ମୁଖ୍ୟଅତିଥି ତଥା ଅନ୍ୟାନ୍ୟ ଅତିଥି ମାନେ ଉପଢୌକନ ଏବଂ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଗତକାଲି ସଂଧ୍ୟାରେ ଅନୁଷ୍ଠିତ ସଭା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ସଂସଦର ଉପସଭାପତି ତଥା ଅବସରପ୍ରାପ୍ତ ସହକାରୀ ମୁଖ୍ୟଯନ୍ତ୍ରୀ ଅନିଲ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ, ମୁଖ୍ୟବକ୍ତା ଭାବେ 'ପ୍ରମେୟ' ଜୟପୁର ସଂସ୍କରଣର ଉପ ମହାପ୍ରବନ୍ଧକ ପ୍ରକାଶ ଚନ୍ଦ୍ର ଦାଶ, ବରିଷ୍ଠ ସାହିତ୍ୟିକ ଶ୍ରୀନାଥ ମିଶ୍ର, ସମ୍ମାନିତ ବକ୍ତା ଭାବେ ସମାଜସେବୀ ମନୋଜ କୁମାର ଆଚାର୍ଯ୍ୟ ଯୋଗଦେଇ ଓଡ଼ିଶାର ୧୨ ମାସରେ ୧୩ ପର୍ବ ମଧ୍ୟରୁ ରଜପର୍ବ ମହିଳା ଓ ଝିଅ ମାନଙ୍କ ମୁଖ୍ୟପର୍ବ ଭାବେ ସାରା ବିଶ୍ୱରେ ପରିଚିତ। ତେଣୁ ଏହି ପର୍ବକୁ ସମସ୍ତେ ଖୁସିର ସହ ପାଳନ କରିବାକୁ ଆହ୍ୱାନ ଦେଇଥିଲେ। ସଂସଦର ସମ୍ପାଦକ ଚନ୍ଦ୍ରମଣି ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ। ସହ ସମ୍ପାଦକ ଲୋକନାଥ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସଂସଦର ବାର୍ଷିକ ମୁଖପତ୍ର ବସୁମତୀ ଲୋକାର୍ପଣ ହୋଇଥିଲା। ୧୪ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ମଞ୍ଚାସୀନ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଶେଷରେ ଆଇନଜୀବୀ ତାପସ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ରବିବାର ପୂର୍ବାହ୍ନରେ ୧୧ଟାରେ ପ୍ରଭୁ ଜଗନ୍ନାଥ ଫୋଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ମୁଦିରଥ ହୋତାଙ୍କ ବେଦବପାଠ, ହର୍ଷିତା ପଟ୍ଟନାୟକଙ୍କ ପ୍ରାରମ୍ଭିକ ସଙ୍ଗୀତ ଏବଂ କବି ସମ୍ମିଳନୀରୁ ରଜମଉଜ ଉତ୍ସବ କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନ ଶୁଭାରମ୍ଭ ହୋଇଥିଲା। ସେହିପରି ଓଡିଆ ଭାଷା, ସଂସ୍କୃତି, ପିଠାପଣାର ସୁରକ୍ଷା ଆମର କର୍ତ୍ତବ୍ୟ ବିଷୟକୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବସୁମତୀ ସାହିତ୍ୟ ସଂସଦର ସମ୍ପାଦକ ଚନ୍ଦ୍ରମଣି ବାରିକଙ୍କ ପରିଚାଳନା ଏବଂ ସାହିତ୍ୟିକ ଡଃ.ସୁରେଶ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗର ପ୍ରଫେସର ଡଃ. ମନୋରଞ୍ଜନ ପ୍ରଧାନ, ସମ୍ମାନୀୟ ଅତିଥି ଅବସରପ୍ରାପ୍ତ ସହକାରୀ ମୁଖ୍ୟଯନ୍ତ୍ରୀ ଅନିଲ କୁମାର ପାଣିଗ୍ରାହୀ, ମୁଖ୍ୟବକ୍ତା ସମାଜସେବୀ ଦେବେନ୍ଦ୍ର ବାହିନୀପତି, ସମ୍ମାନିତ ବକ୍ତା ଆଇନଜୀବୀ ରାଜେନ୍ଦ୍ର ଗୌଡ ମଞ୍ଚାସୀନ ରହିଥିଲେ। ଅପରାହ୍ନ ୩ଟାରେ ମହିଳା, ଯୁବତୀ ଏବଂ ନାବାଳିକାଙ୍କୁ ନେଇ ଝୋଟି, ଚିତା, ଖେଳକୁଦ, ଓଡିଆ ପିଠାପଣା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

ନବରଙ୍ଗପୁର, ୧୬।୬(ସମିସ): ନବରଙ୍ଗପୁର ଜିଲ୍ଲା ମିଶନ୍ ଶକ୍ତି ବିଭାଗର ସହଯୋଗରେ ନବରଙ୍ଗପୁର ମଣ୍ଡେଇ ପଡ଼ିଆଠାରେ ଜିଲ୍ଲାସ୍ତରୀୟ ବିକାଶ ମେଳା ପାଳନ ଅବସରରେ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବ୍ଲକସ୍ତରୀୟ ପ୍ରତିଯୋଗୀତାରେ ପ୍ରଥମ ହୋଇଥିବା ୧୦ ଟି ମହିଳା ସ୍‌?ଙ୍ଗ ସହାୟକ ଦଳ ଏବଂ ଅନ୍ୟ କେତେକ ସ୍ୱୟଂ ସହାୟକ ଦଳ ଏଥିରେ ଅଂଶ ଗ୍ରହଣ କରିଥିଲେ। ହାତତିଆରି ପୁଷ୍ଟିକର ପିଠା, ମାଣ୍ଡିଆସୁର, ମଣ୍ଡାପିଠା, ଛେନାମଣ୍ଡା, ପାଗର, ଇଡିଲି ଓ ଚଟଣୀ, ଜୋକଲା ଚଟଣୀ, କାକରା, ଆଳୁଦମ୍, କ୍ଷୀର ମାଳପୁଆ, ମାଣ୍ଡିଆଲଡୁ, ମାଣ୍ଡିଆ କାକରା, ମିଠାବରା, ମାଣ୍ଡିଆ ହାଲୁଆ, ଆରିସା, ରାଶିଲଡୁ, ମିଠାଜାତୀୟ ଖାଦ୍ୟ, ମାଣ୍ଡିଆ ଜାତୀୟ ଖାଦ୍ୟ, ପୋଡପିଠା ଭଳି ସୁସ୍ୱାଦୁ ବ୍ୟଞ୍ଜନ ପାରମ୍ପରିକ ଖାଦ୍ୟ ଶ୍ରେଣୀରେ ଅତ୍ୟନ୍ତ ସ୍ୱାଦିଷ୍ଟ ଭୋଜନ ସମସ୍ତେ ପ୍ରସ୍ତୁତ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ରୂପେ ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ, ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର, ଆରକ୍ଷୀ ଅଧିକ୍ଷକ ମଡକର୍ ସନ୍ଦିପ ସମ୍ପତ ଯୋଗଦାନ କରିଥିଲେ। ପ୍ରତିଯୋଗିତାର ବିଚାରକ ଭାବେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ଏନ୍‌ଆର୍‌ସି କୋର୍ଡିନେଟର ଏବଂ ଖାଦ୍ୟ ନିରୀକ୍ଷଣ ଅଧିକାରୀ ନବରଙ୍ଗପୁର ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାରେ ଯୋଗଦେଇ ବିଭିନ୍ନ ଷ୍ଟଲ୍‌ର ଖାଦ୍ୟର ସ୍ୱାଦକୁ ନେଇ ବିଚାର ରଖିଥିଲେ। ଅତି ଉଚ୍ଚକୋଟୀର ଓ ଉନ୍ନତମାନର ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରି ସ୍ୱାଗତିକା ସ୍ୱୟଂସହାୟକ ଦଳ ନବରଙ୍ଗପୁର ପ୍ରଥମ, ଉମରକୋଟର ଲକ୍ଷ୍ମୀ ନାରାୟଣୀ ସ୍ୱୟଂ ସହାୟକ ଦଳ ଦ୍ୱିତୀୟ ଏବଂ ଡାବୁଗାଁ ବ୍ଲକ ଡାଙ୍ଗରିଗୁଡ଼ାର ମୂତିଆଲୁ ସ୍ୱୟଂ ସହାୟକ ଦଳ ତୃତୀୟ ହୋଇ ମୁଖ୍ୟ ଅତିଥିଙ୍କ ଠାରୁ ପୁରସ୍କାର ଏବଂ ସାର୍ଟିଫିକେଟ ଗ୍ରହଣ କରିଥିଲେ।



**■ ଆଶା ହରାଇଲେଣି ଆଶା ଦିଦି**

# ରୋଗିଣା ଦେହକୁ ନେଇ କାଟୁଛନ୍ତି ଜୀବନ

ନନ୍ଦପୁର, ୧୬।୬ (ସମିସ): ଦିନ ଥିଲା ଦୋହନାଙ୍କ ନାଁ ସାରା ଅଞ୍ଚଳରେ ପରିଚିତ ଥିଲେ। ଅଞ୍ଚଳର ଗର୍ଭବତୀ ମା' ମାନଙ୍କ ସେ ଥିଲେ ମା'। ସହାୟତା ପାଇଁ ସମସ୍ତେ ତାଙ୍କୁ ଖୋଜୁଥିଲେ। ସମସ୍ତଙ୍କର ଭରସା ଥିଲା ତାଙ୍କ ଉପରେ। କିନ୍ତୁ ଗତ ୬ ମାସ ହେଲା ଦୋହନାଙ୍କ ସ୍ୱାସ୍ଥ୍ୟବସ୍ଥା ଶୋଚନୀୟ। ରୋଗାଗ୍ରସ୍ତ ହୋଇ ସେ ଦିନ କାଟୁଛନ୍ତି।

**● ସହଯୋଗ କରିବାକୁ କେହି ନାହିଁ**

ସହାୟତା କରିବାକୁ ତାଙ୍କ ପାଇଁ କେହି ନାହିଁ। ସୂଚନା ଅନୁସାରେ ନନ୍ଦପୁର ଥାନା ଅନ୍ତର୍ଗତ ତଥା କୋରାପୁଟ ଜିଲ୍ଲା ଲାମତାପୁଟ ବ୍ଲକ ଅନ୍ତର୍ଗତ ଉମ୍ବେଲ ଗ୍ରାମ ପଞ୍ଚାୟତ ଡୁମୁରିପୁଟ ଗ୍ରାମର ଦୋହନା ବୈରାଗୀ ଦୀର୍ଘ କୋଡ଼ିଏ ବର୍ଷ ହେବ ଦୁର୍ଗମ ଓ ବିଚ୍ଛିନ୍ନାଞ୍ଚଳର ଆଶା ଦିଦି ଭାବେ କାର୍ଯ୍ୟରତ। ଚାରୋଟି ଗ୍ରାମପଞ୍ଚାୟତର ଉମ୍ବେଲ୍, ବନମାଳୀପୁଟ, କୁମାର ଗାନ୍ଧନା, ଟିକ୍କର ପଡ଼ା ଅଞ୍ଚଳରେ ସେ ଥିଲେ ବେଶ ପରିଚିତ। ରୋଗାଗ୍ରସ୍ତ ହେବା ପରେ ୬ ମାସ ହେବ ସେ ଦରମା ପାଇ ନାହାନ୍ତି। ତାଙ୍କ ପାଇଁ କହିବାକୁ କେହି ନାହିଁ। ˝ ନନ୍ଦପୁରର 'ସକାଳ' ପ୍ରତିନିଧଙ୍କୁ ସେ ତାଙ୍କର ମନର ଦୁଃଖ ଓ



ରୋଗିଣା ଶରୀରର କଷ୍ଟ ଜଣାଇଥିଲେ। ଆଶା ଦିଦିଙ୍କ ସମ୍ପର୍କରେ ଲମତାପୁଟ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ସ୍ପନ୍ଦନ ସ୍ମିତ ପ୍ରଜ୍ଞାନଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଏ ବିଷରେରେ ସେ ଜାଣି ନାହାନ୍ତି। ତୁରନ୍ତ ଯୋଗାଯୋଗ କରି ଉପଯୁକ୍ତ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

**■ ନୂତନ କେନ୍ଦ୍ରୀୟ ବିଦ୍ୟାଳୟ**

# ୨୦୦ ସିଟ୍ ପାଇଁ ୧୦୦୯ ଆବେଦନପତ୍ର



ଜୟପୁର, ୧୬।୬(ସମିସ): କୋରାପୁଟ ଜିଲ୍ଲା ଜୟପୁର ଠାରେ ଚଳିତ ବର୍ଷ ନୂତନ ଭାବ ସ୍ଥାପନ ହୋଇଥିବା କେନ୍ଦ୍ରୀୟ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ୨୦୦ ସିଟ୍ ପାଇଁ ୧୦୦୯ ଜଣ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି। ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟସ୍ଥ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଅସ୍ଥାୟୀ ଭବନଠାରେ ଗତ ୨ ତାରିଖଠାରୁ ଫର୍ମ ପ୍ରଦାନ କାର୍ଯ୍ୟ ଆରମ୍ଭ ହେବା ସହ ଆଜି ଅପରାହ୍ନ ୫ଟା ପର୍ଯ୍ୟନ୍ତ ଆବେଦନର ଅନ୍ତିମ ଦିବସ ରହିଥିଲା। ଚଳିତ ବର୍ଷ ନୂତନ ପାଠ୍ୟକ୍ରମ ନିମନ୍ତେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ନାମଲେଖା ପାଇଁ ପ୍ରଥମ ଶ୍ରେଣୀରେ ୨୬୧, ୨ୟ ଶ୍ରେଣୀରେ ୨୨୩, ୩ୟ ଶ୍ରେଣୀରେ ୨୧୬, ୪ର୍ଥ ଶ୍ରେଣୀରେ ୧୨୯ ଏବଂ ୫ମ ଶ୍ରେଣୀ ପାଇଁ ୧୮୦ ଜଣ ଆବେଦନ କରିବା ସହ ପଞ୍ଜିକୃତ କରିଛନ୍ତି। ଆସନ୍ତା ୨୧ ତାରିଖ ସୁଦ୍ଧା ସମସ୍ତ ଫର୍ମ ଗୁଡିକ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯିବ ଏବଂ ଜୁନ ୨୨ ଓ ୨୩ ତାରିଖ ଠାରୁ ଛାତ୍ରଛାତ୍ରୀଙ୍କ ପ୍ରବେଶ ପ୍ରକ୍ରିୟା ଆରମ୍ଭ କରାଯାଇ ଜୁଲାଇ ପହିଲାରୁ ପାଠ୍ୟକ୍ରମ ଆରମ୍ଭ କରାଯିବ ବୋଲି ଜୟପୁର ନୂତନ କେନ୍ଦ୍ରୀୟ ବିଦ୍ୟାଳୟର ଭାରାପ୍ରାପ୍ତ ଅଧ୍ୟକ୍ଷ ହରିହର ପଣ୍ଡା ସୂଚନା ଦେଇଛନ୍ତି।

**ଜିଲ୍ଲାସ୍ତରୀୟ ବିକାଶ ମେଳା**

# ଓଡ଼ିଶା ସମୃଦ୍ଧ ରାଜ୍ୟରେ ପରିଣତ ହେବ: ମନ୍ତ୍ରୀ

କୋରାପୁଟ, ୧୬।୬ (ସମିସ)



ଜିଲ୍ଲା ପୁଲିସ ପ୍ୟାରେଡ ପଡ଼ିଆରେ ଜିଲ୍ଲାସ୍ତରୀୟ ବିକାଶ ମେଳା ଆୟୋଜିତ ହେଉଛି। ସୋମବାର ମୁଖ୍ୟ ଅତିଥି ଭାବେ ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇ ୨୦୩୬ ମସିହା ବେଳକୁ ଓଡ଼ିଶା ଏକ ସମୃଦ୍ଧ ରାଜ୍ୟରେ ପରିଣତ ହେବ ବୋଲି କହିଛନ୍ତି। କୋରାପୁଟ ଜିଲ୍ଲା ବିକଶିତ ହେଲେ ଓଡ଼ିଶା ବିକଶିତ ହେବ। ତେଣୁ କୋରାପୁଟ ଜିଲ୍ଲାର ବୁଦ୍ଧିଜୀବୀ, ସାମ୍ବାଦିକ, ଡାକ୍ତର, ସାମାଜିକ କର୍ମୀ ମାନଙ୍କୁ ନେଇ ପରାମର୍ଶ କର୍ମଶାଳା ଆୟୋଜନ କରାଯାଇଥିଲା। ସମାଜର ସବୁ ବର୍ଗର ଲୋକଙ୍କ ମତକୁ ନେଇ ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି। ରାଜ୍ୟରେ ଗୁଣାତ୍ମକ ଶିକ୍ଷା ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ସ୍ଥାପନ ହେବାକୁ ଯାଉଛି ବୋଲି ଅନ୍ୟତମ ଅତିଥି କୋରାପୁଟ ବିଧାୟକ ରଘୁରାମ ମାଛ କହିଛନ୍ତି। ଗତ ଏକ ବର୍ଷ ମଧ୍ୟରେ କୋରାପୁଟ ଜିଲ୍ଲାର ୩ ଲକ୍ଷରୁ ଉର୍ଦ୍ଧରୁ ମହିଳା ସୁଭଦ୍ରା ଯୋଜନାରେ ସାମିଲ ହୋଇଥିବା ଜିଲ୍ଲାପାଳ ଭି କାର୍ତ୍ତି ୱାସନ କହିଥିଲେ। ପିଏମ ଏବଂ ସିଏମ କିଶାନ ଯୋଜନାରେ ୨ ଲକ୍ଷରୁ ଅଧିକ ଚାଷୀ ଉପକୃତ ହୋଇଥିବା ଜିଲ୍ଲାପାଳ କହିଛନ୍ତି। ଏହା ବ୍ୟତୀତ ଗତ ଏକ ବର୍ଷ ମଧ୍ୟରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୫ ହଜାର ପରିବାରକୁ ଗୃହ ଯୋଗାଇ ଦିଆଯାଇଛି। ୪ ହଜାର ହେକ୍ଟର ଜମିରେ କଫି ଚାଷ କରିବାକୁ ଲକ୍ଷ୍ୟ ରଖାଯାଇଥିବା ଜିଲ୍ଲାପାଳ କହିଛନ୍ତି। ସମସ୍ତଙ୍କ ସହଯୋଗରେ କୋରାପୁଟ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ହୋଇପାରିବ ବୋଲି ମୁଖ୍ୟ ଅତିଥି ଆଶାବ୍ୟକ୍ତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କୋଟପାଡ ବିଧାୟକ ରୁପୁ ଭତ୍ରା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, କୋରାପୁଟ ଏସପି ରୋହିତ ବର୍ମା, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, କୋରାପୁଟ ବ୍ଲକ ଅଧ୍ୟକ୍ଷା ନମିତା ମାଝୀ, କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ସୁନାବେଡା ପୌର ପରିଷଦ ଅଧ୍ୟକ୍ଷ ରାଜେନ୍ଦ୍ର ପାତ୍ର, କୋଟପାଡ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଏମ ଶଙ୍କର ରାଓ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପାରମ୍ପରିକ ସୁଭଦ୍ରା ଖାଦ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଗୋଷ୍ଠୀ ଜଙ୍ଗଲ ଅଧିକାର ଓ ସମ୍ବଳ ଅଧିକାରର ଶିରୋନାମା ବଣ୍ଟନ, ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ୩ ଶ୍ରମିକଙ୍କୁ ସହାୟତା ଅର୍ଥ ରାଶି ପ୍ରଦାନ, ପିଏମ ବିଶ୍ୱକର୍ମା ଯୋଜନାର ଋଣ ମଞ୍ଜୁରୀ ପତ୍ର ବଣ୍ଟନ କରାଯିବା ସହ ନୂତନ ହିତାଧିକାରୀଙ୍କୁ ପେନ୍‌ସନ ବଣ୍ଟନ କରାଯାଇଥିଲା। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ଧନ୍ୟବାଦ ଅର୍ପଣ କରିଥିଲେ। କୋରାପୁଟ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, କୋରାପୁଟ ପୌର ପରିଷଦ ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ, କୋରାପୁଟ ବିଡିଓ ଦେବାଶିଷ ଗୌଡ଼ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭା ପୂର୍ବରୁ ମୁଖ୍ୟ ଅତିଥି ଶ୍ରୀ ମଲ୍ଲିକ ପଲ୍ଲୀଶ୍ରୀ ମେଳା ଏବଂ ପାରମ୍ପରିକ ସୁଭଦ୍ରା ଖାଦ୍ୟ ମେଳା ଉଦ୍‌ଘାଟନ କରିବା ସହ ଷ୍ଟଲ ପରିଦର୍ଶନ କରିଥିଲେ।

# ବୈପାରୀଗୁଡ଼ାରେ ବିକାଶ ମେଳା



ବୈପାରୀଗୁଡ଼ା, ୧୬।୬(ସମିସ): ସ୍ଥାନୀୟ ସରପଞ୍ଚ ଗୌରୀ ପାଙ୍ଗିଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ଯୋଗଦେଇ ରାଜ୍ୟ ସରକାରଙ୍କ ସଫଳତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବୈପାରୀଗୁଡା ବ୍ଲକ ପରିଦର୍ଶରେ ଆସିଥିବା ଦଶ ଜଣ ନୂତନ ଓଏଏସ ଅଧିକାରୀ ମଧ୍ୟ ବିକାଶ ମେଳାରେ ସାମିଲ ହୋଇ ଲୋକଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟାନ୍ୟ ଅତିଥିଭାବେ ସାମଜିକ ସୁରକ୍ଷା ଅଧିକାରୀ କାର୍ତ୍ତିକ ପାଢ଼ୀ, ସାଂସଦ ପ୍ରତିନିଧି ନରେନ୍ଦ୍ର କାନ୍ଦିଲିଆ, ସାମାଜିକ ସୁରକ୍ଷା ବିଜେପିର ଦଣ୍ଡବାଡ଼ି ମଣ୍ଡଳର ସାଧାରଣ ସମ୍ପାଦକ ଜଗତ ଆରମାଲ, ବିଜେପି ଓବିସି ମାର୍ଚ୍ଚା ଜିଲ୍ଲା ସମ୍ପାଦକ ଜି ଜାଗା ରାଓ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୮ ଜଣ ହିତାଧିକାରୀଙ୍କୁ ନୂତନ ଭତ୍ତା, ମନରେଗାରେ ୧୪୦ ଜଣଙ୍କୁ କୁଲିକାର୍ଡ, ୫ ଜଣଙ୍କୁ ଅନ୍ତୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ଓ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ୩ ଜଣ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ଼ ବଣ୍ଟନ କରାଯାଇଥିଲା। ବ୍ଲକର ସମସ୍ତ ବିଭଗୀୟ ଅଧିକାରୀ ଏବଂ କର୍ମକର୍ତ୍ତା ପ୍ରମୁଖ ସହଯୋଗ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ମାନବ ବିକାଶ ଲକ୍ଷ୍ୟରେ ସାମର୍ଥ୍ୟ ନିବେଶ ବିନା ଅର୍ଥନୈତିକ ଅଭିବୃଦ୍ଧି ଦୀର୍ଘସ୍ଥାୟୀ ଓ ନୀତିଗତ ହୋଇପାରେନାହିଁ।
ଅମର୍ତ୍ତ୍ୟ ସେନ୍

## ବନ୍ଧା ପଡ଼ିଛି ଓଡ଼ିଆ ଅସ୍ମିତା

ରାଜ୍ୟରେ ସରକାର ଗଠନର ଏ ବର୍ଷ ପୂର୍ତ୍ତି ପାଳନ କରୁଛି ବିଜେପି ସରକାର। ଏହି ଅବସରରେ ନିଜର ସଫଳତା ବଖାଣିବା ପାଇଁ ଅନେକ ବଡ଼ ବଡ଼ କାର୍ଯ୍ୟକ୍ରମର ଆୟୋଜନ କରିବାକୁ ଯୋଜନା କରୁଛି। ଏହି ଗୋଟିଏ ବର୍ଷ ଭିତରେ ସରକାର ଅନେକ ଉଲ୍ଲେଖନୀୟ କାମ କରିଛନ୍ତି ବୋଲି ବିଜେପି ଦାବି କରିବା ସ୍ୱାଭାବିକ। କିନ୍ତୁ ଯେଉଁ ପ୍ରତିଶ୍ରୁତି ଦେଇ ଦଳ କ୍ଷମତାକୁ ଆସିଥିଲା ତାହାକୁ ପାଳନ କରିବାରେ କେତେ ସଫଳ, ତାହାର ଆକଳନ କରିବା ଲାଗି ଏହା ହେଉଛି ଉପଯୁକ୍ତ ସମୟ। କ୍ଷମତାକୁ ଆସିବା ଲାଗି ବିଜେପି ଯାହାକୁ ମୁଖ୍ୟ ପ୍ରସଙ୍ଗ କରିଥିଲା, ତାହା ଥିଲା ଓଡ଼ିଆ ଅସ୍ମିତା। ଏହି ଅସ୍ମିତାକୁ ବିଜେପି ସରକାର ରକ୍ଷା କରିପାରିଛନ୍ତି କି ନାହିଁ, ତାହା ଉପରେ ସମୀକ୍ଷା କରିବାର ସମୟ ଆସିଛି।

ପୋଲାଭରମ ବିବାଦଠାରୁ ଆରମ୍ଭ କରି ଛତିଶଗଡ଼ ସହ ମହାନଦୀ ବିବାଦ, ଓଡ଼ିଆ ଅଧିକାରୀଙ୍କୁ ରାଜ୍ୟପାଳଙ୍କ ପୁଅର ମାଡ଼, ଶ୍ରୀମନ୍ଦିର ରତ୍ନଭଣ୍ଡାର, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପର୍ଯ୍ୟନ୍ତ ଏଭଳି ଅନେକ ପ୍ରସଙ୍ଗ ରହିଛି, ଯାହା ସହିତ ଓଡ଼ିଆ ଅସ୍ମିତା ଯୋଡ଼ି ହୋଇରହିଛି। କିନ୍ତୁ ବିଜେପି ସରକାର ଏହାର ସୁରକ୍ଷା ପାଇଁ କ'ଣ କ'ଣ କରିଛନ୍ତି, ତାହା ଜଳ ଜଳ ହୋଇ ଦେଖାଯାଉଛି। ପୋଲାଭରମ ପ୍ରକଳ୍ପ ଯୋଗୁଁ ମାଲକାନଗିରି ଜିଲ୍ଲାରେ ଶତାଧିକ ଗାଁ ବୁଡ଼ିଯିବ ଏବଂ ଏଥିରେ ଓଡ଼ିଶାର ବ୍ୟାପକ କ୍ଷତି ହେବ। ଏହାସତ୍ତ୍ୱେ କେନ୍ଦ୍ର ସରକାର ଏହାକୁ ଅଗ୍ରାଧିକାର ଭିତ୍ତିରେ ସାରିବା ଲାଗି ଆନ୍ଧ୍ର ଉପରେ ଅଜସ୍ର ପାଣ୍ଠିର ବର୍ଷା କରିଛନ୍ତି। ଏହାକୁ ବିରୋଧ କରିବା ତ ଦୂରର କଥା, ଏ ସମ୍ପର୍କରେ ମୁହଁ ବି ଫିଟାଉ ନାହାନ୍ତି ରାଜ୍ୟ ବିଜେପି ସରକାର। ସେହିଭଳି ଅନ୍ୟତମ ପଡ଼ୋଶୀ ରାଜ୍ୟ ଛତିଶଗଡ଼ ମହାନଦୀ ଉପରମୁଣ୍ଡରେ ବନ୍ଧ ନିର୍ମାଣ କରି ଜଳ ପ୍ରବାହକୁ ନିୟନ୍ତ୍ରଣ କରୁଛି। ବନ୍ୟା ବେଳେ ପାଣି ଛାଡୁଛି ଏବଂ ଅଣବର୍ଷା ଋତୁରେ ଜଳ ପ୍ରବାହକୁ ହ୍ରାସ କରୁଛି। ଏହାଯୋଗୁଁ ଓଡ଼ିଶାର କ୍ଷତି ହିଁ କ୍ଷତି ହେଉଛି। ଏହାର ସମାଧାନ ପାଇଁ ଟ୍ରିବ୍ୟୁନାଲ ଗଠନ ହୋଇଛି। କିନ୍ତୁ ସମାଧାନ ଆଡ଼କୁ କଥା ଆଗଉନି। ସବୁଠାରୁ ଉଲ୍ଲଖନୀୟ କଥା ହେଲା ଯେ ଛତିଶଗଡ଼ରେ ବିଜେପି ସରକାର ରହିଛି ଏବଂ କେନ୍ଦ୍ରରେ ବି ବିଜେପି ସରକାର। ଟ୍ରିପଲ ଇଞ୍ଜିନ ସରକାର ଥିଲେ ମଧ୍ୟ ଓଡ଼ିଶାରେ ବିଜେପି ସରକାର ନିରବ ରହି ଓଡ଼ିଶାବାସୀଙ୍କୁ ସେମାନଙ୍କ ଭାଗ୍ୟ ସହିତ ଛାଡ଼ିଦେଇଛନ୍ତି।

ଗତ ନିର୍ବାଚନ ପ୍ରଚାର ସମୟରେ ରାଜ୍ୟ ପ୍ରଶାସନରେ ଅଣଓଡ଼ିଆ ଅଧିକାରୀଙ୍କ ଭୂମିକାକୁ ନେଇ ଅବାସ୍ତବ ପ୍ରସଙ୍ଗ କରିଥିଲା ବିଜେପି। ଭାରତର ସାମ୍ବିଧାନିକ ଓ ସଂଘୀୟ ବ୍ୟବସ୍ଥାରେ ସର୍ବଭାରତୀୟ ସେବାରେ ଗୋଟିଏ ରାଜ୍ୟର ବ୍ୟକ୍ତି ଅନ୍ୟ ରାଜ୍ୟରେ ଅଧିକାରୀ ହୋଇପାରିବେ। ଏହା ହେଉଛି ମଧ୍ୟ। ଓଡ଼ିଶାର କେତେକ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀ ଅନ୍ୟ ରାଜ୍ୟରେ ମୁଖ୍ୟ ସଚିବ ଓ ପୁଲିସ ଡିଜି ହେବାର ମଧ୍ୟ ଉଦାହରଣ ରହିଛି। ସେହିଭଳି ଅନ୍ୟ ରାଜ୍ୟର ଅଧିକାରୀ ଓଡ଼ିଶାରେ ଦାୟିତ୍ୱ ଗ୍ରହଣ କଲେ ଅସୁବିଧା କେଉଁଠି ରହିଲା? ବର୍ତ୍ତମାନ ପ୍ରଶ୍ନ ଉଠୁଛି କ୍ଷମତାକୁ ଆସିଲା ପରେ ସେହି ବ୍ୟବସ୍ଥାରୁ ଓଡ଼ିଶା ପ୍ରଶାସନକୁ ମୁକ୍ତ କରିପାରିଛି କି ବିଜେପି? ଏହା ସମ୍ଭବ ନୁହେଁ। ତା'ହେଲେ ନିର୍ବାଚନ ପ୍ରଚାର ବେଳେ ଅସ୍ମିତା ନାମରେ ଏଭଳି ବିଭ୍ରାନ୍ତି କାହିଁକି ପ୍ରଚାର କରୁଥିଲା ବିଜେପି?

ଗତବର୍ଷ ରଥଯାତ୍ରା ବେଳେ ଓଡ଼ିଶାରେ ଜଣେ ଓଡ଼ିଆ ଅଧିକାରୀ ବୈକୁଣ୍ଠ ପ୍ରଧାନଙ୍କୁ ମାଡ଼ ମାରିଲେ ତତ୍କାଳୀନ ରାଜ୍ୟପାଳ ତଥା ଝାଡ଼ଖଣ୍ଡ ବିଜେପି ନେତା ରଘୁବର ଦାସଙ୍କ ପୁଅ ଲଳିତ ଦାସ। ନ୍ୟାୟ ପାଇଁ ଅଧିକାରୀ ଓ ତାଙ୍କ ପରିବାର ଦୌଡ଼ି ଦୌଡ଼ି ଥକିଗଲେଣି। ବିଜେପି ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ତ ଦୂରର କଥା, ପୁଲିସ ଏଫ୍ଆଇଆରକୁ ନେଇ ମଧ୍ୟ ଖେଳୁଛି। ରାଜ୍ୟ ସୀମାରେ ଏବଂ ରାଜ୍ୟ ଭିତରେ ଅଣଓଡ଼ିଆଙ୍କ ଉତ୍ପାତ ବଢ଼ି ଚାଲିଥିବା ବେଳେ ସରକାର ନିରବ ରହିବା କେଉଁପ୍ରକାର ଅସ୍ମିତା? କେବଳ ନାଁ ଓ ରଙ୍ଗ ବଦଳାଇବାରେ ବ୍ୟସ୍ତ ରାଜ୍ୟ ବିଜେପି ସରକାର ରାଜ୍ୟର ଅସ୍ମିତାକୁ ଡବଲ ଇଞ୍ଜିନ ଆଗରେ ବନ୍ଧା ପକାଇଦେଇଛନ୍ତି।

ରାଜ୍ୟରେ ଗରିବ ଲୋକମାନଙ୍କର ସାହା ଭରସା ପାଲଟିଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍କେୱାଇ)କୁ ବନ୍ଦ କରି ଦେଇ ନବଗଠିତ ସରକାର ରାଜ୍ୟବାସୀଙ୍କୁ ତଳିତଳାନ୍ତ କରିଛନ୍ତି। ବିଏସ୍କେୱାଇ ସହିତ କେନ୍ଦ୍ର ପ୍ରାୟୋଜିତ ଆୟୁଷ୍ମାନ ଯୋଜନାକୁ ଯୋଡ଼ାଯାଇଛି ବୋଲି କୁହାଯାଉଥିବା ବେଳେ ବାସ୍ତବରେ ଯୋଜନାର ମିଶ୍ରଣ ପରେ ଲୋକମାନଙ୍କୁ ଆଗଭଳି ଚିକିତ୍ସା ସୁବିଧା ଆଉ ମିଳୁନାହିଁ। ଏହାକୁ ନେଇ ରୋଗୀମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି। ସେହିଭଳି ନିର୍ବାଚନ ପ୍ରଚାର ବେଳେ ଶ୍ରୀମନ୍ଦିର ରତ୍ନଭଣ୍ଡାର ନେଇ ଦୁନିଆ ତମ୍ବିତୋଫାନ କଲେ। ସବୁ ସଭାମଞ୍ଚରେ ଏହି ପ୍ରସଙ୍ଗ ଉଠାଇଥିଲେ ବିଜେପି ନେତା। ବିଭିନ୍ନ ପ୍ରକାର ବିଭ୍ରାନ୍ତିକର ତଥ୍ୟ ଦେଇ ଭୋଟରମାନଙ୍କୁ ପ୍ରଭାବିତ କଲେ। ନିର୍ବାଚନରେ ବିଜୟୀ ହେଲେ ଚାବି ଖୋଜି ଆଣି ରତ୍ନଭଣ୍ଡାର ଖୋଲିବେ ବୋଲି କହିଲେ। କିନ୍ତୁ କ୍ଷମତାକୁ ଆସିବା ପରେ ବଦଳିଗଲା ସରକାରଙ୍କ ସ୍ୱର। ଚାବି ଖୋଜିବା ପାଇଁ ଗଠିତ କମିସନ ଯେଉଁ ରିପୋର୍ଟ ଦେଇଛନ୍ତି, ତାହାକୁ ସାର୍ବଜନୀନ କରିବାକୁ ମନା କରିଦେଲେ ସରକାର। ହାଇକୋର୍ଟରେ ଏ ସମ୍ପର୍କରେ ଆଗତ ପିଟିସନକୁ ମଧ୍ୟ ସରକାର ବିରୋଧ କଲେ। ଶେଷରେ ରତ୍ନଭଣ୍ଡାର ଖୋଲା ହେଲା। କିନ୍ତୁ କେତେ ଅଳଙ୍କାର ରହିଛି ତାହାର ଏପର୍ଯ୍ୟନ୍ତ ଗଣତି ମଣତି ହୋଇପାରିଲା ନାହିଁ। ମହାପ୍ରଭୁ ଜଗନ୍ନାଥ ହେଉଛନ୍ତି ଓଡ଼ିଆ ଅସ୍ମୀତାର ପ୍ରତୀକ। ତାଙ୍କୁ ନେଇ ଏଭଳି ରାଜନୀତି କାହିଁକି? ଏ ସମ୍ପର୍କରେ ସରକାରଙ୍କୁ ଜବାବ ଦେବାକୁ ପଡ଼ିବ।

# ଆଖି ଦେଖା ମିଛ

ମାନସ ମଙ୍ଗରାଜ

ଥରେ ସମ୍ରାଟ ଆକବର ରାଜସଭାରେ କୌଣସି ପ୍ରସଙ୍ଗକୁ ନେଇ ନିଜ ପାରିଷଦମାନଙ୍କୁ ପଚାରିଲେ- 'ଆଖି ଦେଖା କଥା କ'ଣ ମିଛ ହୋଇପାରେ?' ସମ୍ରାଟଙ୍କ ପ୍ରଶ୍ନ ଶୁଣି ସମସ୍ତେ ସ୍ତବ୍ଧ। ଆଖିରେ ଦେଖିଥିବା କଥା କ'ଣ ସତ ନୁହେଁ? କେହି କିଛି ଉତ୍ତର ଦେବା ପୂର୍ବରୁ 'ଆକବରନାମା'ର ଲେଖକ ପଣ୍ଡିତ ଅବୁଲ ଫଜଲ କହିଲେ- 'ଜାହାଁପନା, ଆଖି ଦେଖିଥିବା କଥା କେବେ ଅସତ୍ୟ ହୋଇ ପାରିବ ନାହିଁ।' ଅନ୍ୟ ମନ୍ତ୍ରୀ ଓ ପାରିଷଦମାନେ ମଧ୍ୟ ଅବୁଲ ଫଜଲଙ୍କ କଥା ସହ ସହମତି ପ୍ରକାଶ କଲେ। ସେଠାରେ ଉପସ୍ଥିତ ଥିଲେ ବୀରବଲ। ନିଜର ଉପସ୍ଥିତ ବୁଦ୍ଧି ଓ ପାଣ୍ଡିତ୍ୟ ପାଇଁ ପ୍ରସିଦ୍ଧ ବୀରବଲ କହିଲେ- 'ଆଖି ଦେଖା କଥା ସବୁବେଳେ ସତ୍ୟ ନୁହେଁ। ସ୍ୱଚକ୍ଷୁରେ ଦେଖିଥିବା ଅନେକ କଥା ଅନେକ ସମୟରେ ଅସତ୍ୟ ହୋଇପାରେ।' ବୀରବଲଙ୍କ କଥା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କଲା। ସେମାନେ ଏହାର ପ୍ରମାଣ ଦେବା ନିମନ୍ତେ ବୀରବଲଙ୍କୁ ଆହ୍ୱାନ ଦେଲେ। ଆକବର ମଧ୍ୟ ବୀରବଲଙ୍କୁ ଏହା ପ୍ରମାଣ କରିବାକୁ ନିର୍ଦ୍ଦେଶ ଦେଲେ। ୨୪ ଘଣ୍ଟା ମଧ୍ୟରେ ଏହା ପ୍ରମାଣ କରିଦେବେ ବୋଲି କହି ବୀରବଲ ରାଜସଭାରୁ ବିଦାୟ ନେଲେ।

ଦରବାର ତ୍ୟାଗ କରି ବୀରବଲ ନିଜ ଘର ପରିବର୍ତ୍ତେ ସମ୍ରାଟ ଆକବରଙ୍କ ବାସଭବନକୁ ଗଲେ। ସେଠାରେ କାର୍ଯ୍ୟ କରୁଥିବା ଜଣେ ପରିଚାରିକାକୁ ପାଖକୁ ଡାକି ରାତିରେ ଆକବରଙ୍କ ଶଯ୍ୟାରେ ଶୟନ କରିବାକୁ ନିର୍ଦ୍ଦେଶ ଦେଲେ। ଏଥିପାଇଁ ତାକୁ ୧୦ ସ୍ୱର୍ଣ୍ଣମୁଦ୍ରା ଦେବାକୁ ପ୍ରଲୋଭନ ବି ଦେଖାଇଲେ। ଏପରି ଧୃଷ୍ଟତା ନିମନ୍ତେ ତା'ର ଜୀବନ ଯିବାର ଭୟ ଥିବାରୁ ପରିଚାରିକା ପ୍ରଥମେ ବୀରବଲଙ୍କ ପ୍ରସ୍ତାବରେ ସମ୍ମତ ହେଲା ନାହିଁ। ମାତ୍ର ବୀରବଲ ତାକୁ ଅଭୟ ଆଶ୍ୱାସନା ଦେବା ପରେ ସେ ସମ୍ରାଟଙ୍କ ଶୟନକକ୍ଷରେ ତାଙ୍କ ବିଛଣାରେ ଶୋଇବା ନିମନ୍ତେ ରାଜି ହେଲା। ଆକବର ଶୟନକକ୍ଷକୁ ଆସିବା ବେଳକୁ ପରିଚାରିକା ଜଣକ ଘୋଡ଼ି ହୋଇ ତାଙ୍କ ଶେଯ ଉପରେ ଶୋଇଥିଲା; ମାତ୍ର ଏ କଥା ଆକବର ଜାଣିବେ କିପରି? ସେ ଭାବିଲେ ବେଗମ୍ ହୁଏତ କ୍ଲାନ୍ତ ହୋଇ ନିଦ୍ରା ଯାଇଛନ୍ତି। ତେଣୁ ସେ ନିଦ୍ରିତା ରମଣୀଙ୍କ ସହ କୌଣସି ବାକ୍ୟବ୍ୟୟ ନ କରି ନିଜ ବିଛଣାରେ ବିଶ୍ରାମ ନେଲେ। କିଛିସମୟ ପରେ କାହାର ଚିତ୍କାରରେ ଆକବରଙ୍କ ନିଦ ଭାଙ୍ଗିଗଲା। ସେ ଦେଖିବା ବେଳକୁ କକ୍ଷ ମଧ୍ୟରେ ବେଗମ୍ ଠିଆ ହୋଇ କ୍ରୋଧରେ ଚିତ୍କାର କରୁଛନ୍ତି ଏବଂ ତାଙ୍କ ଶଯ୍ୟାରେ ପରିଚାରିକା ଶୋଇଛନ୍ତି। ସମ୍ରାଟ ଆକବର ହଠାତ୍ କିଛି ବୁଝି ପାରିଲେ ନାହିଁ।

ଜଣେ ପରିଚାରିକାକୁ ଶଯ୍ୟାସଙ୍ଗିନୀ କରିଥିବା ଯୋଗୁଁ ବେଗମ୍ କ୍ରୋଧାନ୍ୱିତ ହୋଇ ସମ୍ରାଟ ଆକବରଙ୍କୁ ଭର୍ତ୍ସନା କରି ଚାଲିଥା'ନ୍ତି। ଆକବର ଯେତେ ବୁଝାଇବାକୁ ଚେଷ୍ଟା କଲେ ବି ବେଗମ୍ କିଛି ବୁଝୁ ନ ଥା'ନ୍ତି। ସେ ଆଖିରେ ଦେଖିଥିବା କଥା କେବେ ମିଛ ହୋଇ ନ ପାରେ ବୋଲି କହୁଥା'ନ୍ତି। ଏହି ସମୟରେ ବୀରବଲଙ୍କର ଆବିର୍ଭାବ ଘଟେ। ଉଭୟ ବେଗମ୍ ଓ ଆକବରଙ୍କୁ ସେ ସବୁ ଘଟଣା ବୁଝାଇ ଦିଅନ୍ତି। ସମ୍ରାଟଙ୍କ ସହ ପରିଚାରିକାର କୌଣସି ସମ୍ପର୍କ ନାହିଁ। ଆକବର ଯେପରି ପରିଚାରିକାକୁ ବେଗମ୍ ମନେକରି ତାଙ୍କ ସହ ବିଶ୍ରାମ ନେଇଥିଲେ, ସେହିପରି ସମ୍ପୂର୍ଣ୍ଣ ଘଟଣା ନ ଜାଣି କେବଳ ଆଖିରେ ଦେଖିଥିବା କଥାକୁ ବେଗମ ସତ୍ୟ ମନେ କରିବା ଅସତ୍ୟ ବୋଲି ବୀରବଲ ପ୍ରମାଣ କରିଦିଅନ୍ତି। ଅର୍ଥାତ୍ ଅନେକ ସମୟରେ ପ୍ରାୟୋଜିତ ମିଛ ବି ସତ୍ୟ ପରି ମନେ ହୁଏ। ଆକବର-ବୀରବଲଙ୍କ କଥା କେବଳ ଗୋଟିଏ ଉଦାହରଣ। ମାତ୍ର ପ୍ରତିଦିନ ପ୍ରତି ମୁହୂର୍ତ୍ତରେ ଆମ ସାମ୍ନାରେ ଏମିତି ଅନେକ ଘଟଣା ଘଟେ, ଯାହା ମିଛ ହୋଇଥିଲେ ବି ସତ ପରି ଲାଗେ। ସିଧା ଭାଷାରେ କହିଲେ -'ଆଖି ଦେଖା ମିଛ'। ମହାଭାରତର 'ନରେ ବା ଗୁଞ୍ଜରେ ଅଶ୍ୱତ୍ଥାମା ହତଃ'ଠାରୁ ବଡ଼ ଉଦାହରଣ ବୋଧହୁଏ ଆଉ କିଛି ନାହିଁ। ବିଡ଼ମ୍ବନା ହେଉଛି ସତ୍ୟ ସାବ୍ୟସ୍ତ କରିବାକୁ ପ୍ରମାଣ ଲୋଡ଼ାପଡ଼େ, ମାତ୍ର ମିଥ୍ୟା ପାଇଁ କେବେ ପ୍ରମାଣର ଆବଶ୍ୟକତା ପଡ଼େ ନାହିଁ।

**ଅନୁଭବ-ଅନୁଭୂତି**

ସାମ୍ବାଦିକତା କେବେ ଯେ ସମ୍ପୂର୍ଣ୍ଣ ନିରପେକ୍ଷ ଥିଲା, ଏ ଉଲ୍ଲେଖ କରିବା ଧୃଷ୍ଟତା ହେବ। ପକ୍ଷପାତ ଓ ନିରପେକ୍ଷତା ମଧ୍ୟରେ ସୂକ୍ଷ୍ମ ପାର୍ଥକ୍ୟ ସାମ୍ବାଦିକତାକୁ ସବୁବେଳେ ବିବଦମାନ ଓ ସାମ୍ବାଦିକ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି ଆସିଛି। ଯେଉଁ ଖବରରେ ଯାହାର ସ୍ୱାର୍ଥହାନି ହୁଏ, ସେ ସର୍ବଦା ସାମ୍ବାଦିକ ଓ ଗଣମାଧ୍ୟମ ପ୍ରତି ସ୍ୱାଭାବିକ ଅଙ୍ଗୁଳି ଉଠାଇଥାଏ। ମାତ୍ର ନିଜକୁ ଚର୍ଚ୍ଚିତ ଓ ପ୍ରସିଦ୍ଧ କରିବା ପାଇଁ ସାମ୍ବାଦିକଟି କେବେ ନିଜ ବୃତ୍ତିର ଅସମ୍ମାନ କରିବା ପୂର୍ବରୁ ଦେଖିବାକୁ ମିଳୁ ନ ଥିଲା। ଅନେକ ନୀତିନିଷ୍ଠ ଗଣମାଧ୍ୟମ କର୍ତ୍ତୃପକ୍ଷ ଏପରି ଆଚରଣକୁ ସହ୍ୟ କରୁ ନ ଥିଲେ। ରାଜନୀତିରେ ପ୍ରବେଶ ପୂର୍ବରୁ ପାଖାପାଖି ଦୁଇ ଦଶନ୍ଧି ଧରି ସାମ୍ବାଦିକତା କରିଛି। ବୃତ୍ତି ଦାୟରେ ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟ କରିଛି। ମୋର ସମସାମୟିକ ଅନେକ ସାମ୍ବାଦିକ ବନ୍ଧୁ ଏବେ ବି ଅନେକ ଗଣମାଧ୍ୟମରେ ସକ୍ରିୟ। ଅନେକ ବନ୍ଧୁ ତ ବିଭିନ୍ନ ଗଣମାଧ୍ୟମରେ ବେଶ୍ ଉଚ୍ଚପଦରେ ଅବସ୍ଥାପିତ। ପରବର୍ତ୍ତୀ ସମୟରେ ତତ୍କାଳୀନ ରାଜ୍ୟ ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ଭାବରେ ଗଣମାଧ୍ୟମ ସହ ଜଡ଼ିତ ଅନେକ ବନ୍ଧୁମାନଙ୍କ ସହ ମୋର ସମ୍ପର୍କ ରହିଛି। ତିନି ଦଶନ୍ଧି ତଳର ସାମ୍ବାଦିକତା ସହ ବର୍ତ୍ତମାନ ସମୟର ସାମ୍ବାଦିକତାକୁ ତୁଳନା କଲେ ଅନେକ ସମୟରେ କଷ୍ଟ ଲାଗେ, ନିରାଶ ହେବାକୁ ପଡ଼େ; ମାତ୍ର ଏଥିରେ ସମ୍ପୃକ୍ତ ସାମ୍ବାଦିକଟିକୁ ବି କିପରି ଦୋଷ ଦିଆଯିବ? ନିଜ ପରିବାର ପ୍ରତିପୋଷଣ ପାଇଁ ତା'କୁ ମାଲିକର ନିର୍ଦ୍ଦେଶକୁ ଅନୁପାଳନ କରିବାକୁ ତ ପଡ଼ିବ। ଚାବି ଦିଆ କଣ୍ଢେଇ ପରି ସେ ନିଜ ମାଲିକର ନିର୍ଦ୍ଦେଶ ଅନୁସାରେ ନାଚିବାକୁ ବାଧ୍ୟ। ମାଲିକ ଚାହୁଁଥିବା ଅନୁସାରେ ଖବର ପ୍ରସ୍ତୁତ କରିବାକୁ ପଡ଼ିବ, ସେଠାରେ ବିବେକର ସ୍ଥାନ କାହିଁ? ସେହିପରି କିଛି ସାମ୍ବାଦିକ ନିଜ ବର୍ହିଃ ପ୍ରାୟୋଜକଙ୍କ ତୁଷ୍ଟୀକରଣ ଓ ସ୍ୱାର୍ଥ ସାଧନ ନିମନ୍ତେ ନିଜ ସଂସ୍ଥା ଓ କର୍ତ୍ତୃପକ୍ଷଙ୍କୁ ବ୍ୟବହାର କରିବାକୁ ସକ୍ଷମ ହୋଇଥା'ନ୍ତି, ମାତ୍ର ଏପରି ଉଦାହରଣ ଅତ୍ୟନ୍ତ ନଗଣ୍ୟ।

ମନ ସତ୍ୟ ବା ମିଥ୍ୟା ସୃଷ୍ଟି କରେ ନାହିଁ। ସେଥିପାଇଁ ନିଜ ସ୍ୱାର୍ଥ ପାଇଁ ଚତୁର ବ୍ୟକ୍ତି ମିଛକୁ ସତ ଓ ସତକୁ ମିଛ ରୂପେ ପ୍ରମାଣିତ କରିବାକୁ ସମର୍ଥ ହୁଅନ୍ତି। ଦୁର୍ବଳମନା ମଣିଷର ମସ୍ତିଷ୍କରେ ଏହାକୁ ଭର୍ତ୍ତି କରିବାକୁ ଏହି ଚତୁର ବ୍ୟକ୍ତିମାନଙ୍କୁ ଆଦୌ କଷ୍ଟ କରିବାକୁ ପଡ଼େ ନାହିଁ। ମନ କେବଳ ବିଶ୍ୱାସ ସୃଷ୍ଟି କରେ ଓ ଚତୁର ଲୋକମାନେ ତାହାର ସୁଯୋଗ ନେଇ ସତ୍ୟକୁ ମିଥ୍ୟା ଓ ମିଥ୍ୟାକୁ ସତ୍ୟ ବୋଲି ପ୍ରମାଣ କରିବାକୁ ସକ୍ଷମ ହୋଇଥା'ନ୍ତି। ଯେମିତି ମ୍ୟାଜିସିଆନ ଓ ମାଇଣ୍ଡରିଡରମାନେ ଆଜିକାଲି ଲୋକର ମନ ଓ ମସ୍ତିଷ୍କକୁ ପ୍ରଭାବିତ କରିପାରୁଛନ୍ତି, ସେମିତି ମିଛକୁ ସତ୍ୟରେ ପରିଣତ କରିବାକୁ ଚତୁର ଲୋକମାନେ ଅନୁରୂପ ଢାଞ୍ଚା ପ୍ରୟୋଗ କରିଥା'ନ୍ତି। ଏହି ବ୍ୟକ୍ତି ବା ବ୍ୟକ୍ତିସମୂହ ଦୁଷ୍ପ୍ରଚାର ବା ପ୍ରୋପାଗଣ୍ଡାକୁ ଏବେ ନିଜର ନୀତିରେ ପରିଣତ କରିଛନ୍ତି। ଏପରିକି ବ୍ୟକ୍ତିଗତ ସ୍ୱାର୍ଥସାଧନ ପାଇଁ ଏପ୍ରକାର ଦୁଷ୍ପ୍ରଚାରକୁ ପ୍ରୋତ୍ସାହିତ କରାଯାଉଛି। ଭୁଲ ସୂଚନା, ଭୁଲ ତଥ୍ୟ, ମିଛ ଖବର ଜରିଆରେ ଲୋକମାନଙ୍କୁ ବିଭ୍ରାନ୍ତ କରିବାକୁ ଉଦ୍ୟମ କରାଯାଉଛି। ଦୁଷ୍ପ୍ରଚାର ବା ପ୍ରୋପାଗଣ୍ଡା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଉଛି। ଭୁଲ ନ୍ୟାରେଟିଭ ପ୍ରସ୍ତୁତ ହେଉଛି। ଘଟୁଥିବା ଘଟଣାର ଭୁଲ ତର୍ଜମା କରିବା ଓ ବାସ୍ତବତାକୁ ଗୋପନ ରଖି ମିଛ ପ୍ରଚାର କରିବାକୁ କୁହାଯାଉଛି। ସେଠାରେ ନୀତି ନୈତିକତା ନାହିଁ, ତଥ୍ୟ ଓ ତର୍କର ସ୍ଥାନ ନାହିଁ। ଗତ ନିର୍ବାଚନ ସମୟରେ ଏପରି କିଛି ଘଟଣାରେ ମିଛର ରଙ୍ଗ ମାଖି ଏଥିରୁ ଫାଇଦା ଉଠାଇବାକୁ ନିର୍ଦ୍ଦିଷ୍ଟ କିଛି ଗଣମାଧ୍ୟମ ମାଲିକ ଦୁଷ୍ପ୍ରଚାର ଜରିଆରେ ନିଜ ଫାଇଦା ବି ଉଠାଇଛନ୍ତି। ପରିଣତିସ୍ୱରୂପ ବୌଦ୍ଧିକତା ଉପହସିତ ହେଉଛି, ଖବର ଗୁରୁତ୍ୱ ହରାଉଛି ଓ ଗଣମାଧ୍ୟମ ନିଜର ସମ୍ମାନ। ଗଣମାଧ୍ୟମ ପ୍ରତିନିଧି ବା ସାମ୍ବାଦିକଙ୍କୁ ଏବେ ଲୋକମାନେ ସନ୍ଦେହ ଦୃଷ୍ଟିରେ ଦେଖୁଛନ୍ତି। ମିଛ ଏଜେଣ୍ଡା, ପ୍ରୋପାଗଣ୍ଡା ଖବର ପରିବେଷଣ ଯୋଗୁଁ ପାରମ୍ପରିକ ଗଣମାଧ୍ୟମ ସାମାଜିକ ଗଣମାଧ୍ୟମଠାରୁ ପଛରେ ପଡ଼ି ଯାଇଛି। ଦୃଶ୍ୟ ଗଣମାଧ୍ୟମଗୁଡ଼ିକ କ୍ରମାଗତ ଭାବରେ ଦର୍ଶକଙ୍କ ଦ୍ୱାରା ଅଗ୍ରହଣୀୟ ହେବାରେ ଲାଗିଛି। ମୁଦ୍ରିତ ଗଣମାଧ୍ୟମ ବି ପାଠକଙ୍କ ଆଦର ହରାଉଛି। ପରିଣାମ ସ୍ୱରୂପ ଖବର ଶିଳ୍ପ ଏବେ ନିମ୍ନଗାମୀ ହେବାରେ ଲାଗିଛି। ତଥାକଥିତ ଟିଆରପିରେ ଓଡ଼ିଶାରେ ଏକଦା ଶୀର୍ଷ ସ୍ଥାନ ଅଧିକାର କରିଥିବା ବୈଦ୍ୟୁତିକ ଗଣମାଧ୍ୟମର ସ୍ଥିତି ଆଜି କେଉଁ ସ୍ଥାନରେ ଅଛି, ତାହା କାହାକୁ ଅଜଣା ନାହିଁ। ଏହି କଥିତ ବଡ଼ ବୈଦ୍ୟୁତିକ ଗଣମାଧ୍ୟମର ଟିଆରପି କେଇମାସ ମଧ୍ୟରେ ଦୁଇ-ତୃତୀୟାଂଶ ଖସି ୩୦ରୁ ୪୦ ମଧ୍ୟରେ ଅଟକି ଯାଇଛି। ସେହିପରି ନିଜକୁ ବଡ଼ ତଥା ଅଗ୍ରଣୀ ଗଣମାଧ୍ୟମ ଦାବି କରୁଥିବା ଖବରକାଗଜର ବାସ୍ତବ ପ୍ରସାର ସଂଖ୍ୟା ନିଜ ଦାବିର କେଉଁଠି ଅଧେ ତ କେଉଁଠି ଚଉଠେ। କେଉଁଠି କେଉଁଠି ଏହି ସଂଖ୍ୟା ଏକ-ଦଶମାଂଶ, କେଉଁଠି ପୁଣି ୨୫ ଭାଗରୁ ଭାଗେ।

ବାସ୍ତବତା, ବାସ୍ତବଧର୍ମୀ ଖବର ପରିବର୍ତ୍ତେ ନିଜ ସ୍ୱାର୍ଥ ସାଧନ ପାଇଁ ଖବରକୁ ମୋଡ଼ି ମକଚି ପରଷିବାର ପରିଣାମ ଏବେ ଉଭୟ ସମ୍ବାଦପତ୍ର ଓ ବୈଦ୍ୟୁତିକ ଗଣମାଧ୍ୟମକୁ ଭୟଙ୍କର ପ୍ରଭାବିତ କରିଛି। ଅଧିକାଂଶ ସାଧାରଣ ଲୋକଙ୍କ ଘରେ ଏବେ ଟିଭିରେ ଖବର ଚ୍ୟାନେଲ ଦେଖାଯାଉ ନାହିଁ। ଏପରିକି ଅନେକ ବ୍ୟକ୍ତିଙ୍କ ଘରେ ଟେଲିଭିଜନ କେବଳ ସୋ ପିସ୍ ଭାବରେ ରଖାଯାଇଥିବା ଦେଖାଯାଉଛି। ଅନେକ ସଚେତନ ପାଠକ ଖବରକାଗଜରୁ ମୁହଁ ମୋଡ଼ିଛନ୍ତି, ଆର୍ଥିକ ସାମର୍ଥ୍ୟ ସତ୍ତ୍ୱେ ଖବରକାଗଜ କିଣିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ବିଡ଼ମ୍ବନା ହେଉଛି ଏଥିରୁ ଖବରକାଗଜ ଓ ଟିଭିର ମାଲିକମାନେ କିଛି ଶିକ୍ଷାଲାଭ କରୁନାହାନ୍ତି। ଏହା କେବଳ ଓଡ଼ିଶାର କଥା ନୁହେଁ, ସାରା ଦେଶରେ ସ୍ଥିତି ଏକା ପରି। ଯେଉଁଥିପାଇଁ ଏବେ ଖବର ଶିଳ୍ପ ଡିଜିଟାଲମୁହାଁ ହୋଇଛି। ଅନେକ ବୈଦ୍ୟୁତିକ ଗଣମାଧ୍ୟମ ସଙ୍କଟଜନକ ସ୍ଥିତି ଦେଇ ଗତି କରୁଛି। ଆଉ ଏ ଦଶନ୍ଧି ଶେଷ ବେଳକୁ ସମ୍ବାଦପତ୍ର ଶିଳ୍ପ କେଉଁଠି ପହଞ୍ଚି ଥିବ, ତାହା ଚିନ୍ତା କରିବା ବେଳକୁ ଭୟ ଲାଗୁଛି।

କ୍ଷତିକାରକ ଗଣମାଧ୍ୟମ ବିଷୟବସ୍ତୁଗୁଡ଼ିକ ଏକ ଷଡ଼ଯନ୍ତ୍ରକାରୀ ମାନସିକତାକୁ ଇନ୍ଧନ ଯୋଗାଏ, ଯାହା ସମାଜର ବିପୁଳ କ୍ଷତିସାଧନ କରିଥାଏ। ସାମଗ୍ରିକ ଓ ସାମାଜିକ ସ୍ୱାର୍ଥ ଅପେକ୍ଷା ବ୍ୟକ୍ତିଗତ ସ୍ୱାର୍ଥକୁ ପୃଷ୍ଠପୋଷକତା ଯୋଗାଇଥାଏ। ମାତ୍ର ଅଧୋପତନ ବ୍ୟତୀତ ଏଥିରୁ କାହାକୁ ଅଧିକ କିଛି ମିଳେ ନାହିଁ। ପ୍ରସିଦ୍ଧ ମାର୍କିନ ଚିନ୍ତାନାୟକ ଓ ଦାର୍ଶନିକ ଫ୍ରେଡ଼ରିକ୍ ଜେମସନ ଯଥାର୍ଥରେ କହିଥିଲେ- ଦୁଷ୍ପ୍ରଚାର ବା ଷଡ଼ଯନ୍ତ୍ର ତତ୍ତ୍ୱ ହେଉଛି ଉତ୍ତର ଆଧୁନିକ ଯୁଗରେ ବୌଦ୍ଧିକ ଦରିଦ୍ର ବ୍ୟକ୍ତିଙ୍କ ଜ୍ଞାନାତ୍ମକ ମାନଚିତ୍ର। ଏହା ସେମାନଙ୍କର ଶେଷ ପୁଞ୍ଜି ଓ ସାମଗ୍ରିକ ଯୁକ୍ତିର ଅବନତ ଚିତ୍ର। ପରବର୍ତ୍ତୀ ବ୍ୟବସ୍ଥା ଓ ସମୟକୁ ପ୍ରତିନିଧିତ୍ୱ କରିବାର ଏକ ହତାଶାଜନକ ପ୍ରୟାସ। ଗଣମାଧ୍ୟମର ମାଲିକ ବା କର୍ତ୍ତୃପକ୍ଷମାନେ ଏହାକୁ ବୁଝିବା ଓ ଆତ୍ମସମୀକ୍ଷା କରିବା ଦରକାର। (କ୍ରମଶଃ...)

(ସାଂସଦ, ରାଜ୍ୟସଭା)

# ଜନଜାତିଙ୍କ ହସ୍ତକଳା

କମଳଲୋଚନ ପଣ୍ଡା

ଓଡ଼ିଶାରେ ୬୪ ପ୍ରକାର ଜନଜାତି ବାସ କରନ୍ତି, ଯାହାଙ୍କ ସଂଖ୍ୟା ୨୦୧୧ ଜନଗଣନା ଅନୁଯାୟୀ ୯୫ ଲକ୍ଷରୁ ଅଧିକ ଏବଂ ରାଜ୍ୟର ମୋଟ ଜନସଂଖ୍ୟାର ପ୍ରାୟ ୨୨.୮ ପ୍ରତିଶତ। ଦେଶରେ ଥିବା ମୋଟ ଜନଜାତି ୧୦.୪୩ କୋଟିର ୯.୨% ଓଡ଼ିଶାରେ ବାସକରନ୍ତି। ରାଜ୍ୟର ମୁଖ୍ୟ ଜନଜାତିଗୁଡ଼ିକ ହେଉଛି କନ୍ଧ, ସାନ୍ତାଳ, ଗଣ୍ଡ, ମୁଣ୍ଡା, ହୋ, ପରଜା, ସଉରା ଭୂୟାଁ, ଭୂମିଜ ଇତ୍ୟାଦି। ଜଙ୍ଗଲ ସହିତ ଆଦିବାସୀଙ୍କ ଐତିହ୍ୟ, ସଂସ୍କୃତି, ପ୍ରଥା ଓ ପରମ୍ପରା ଜଡ଼ିତ। ପ୍ରକୃତିର ମୁକୁଳା ସୌନ୍ଦର୍ଯ୍ୟ ମଧ୍ୟରେ ମୁକ୍ତ ଜୀବନଯାପନ କରି ନିଜର ଗୁଜୁରାଣ ମେଣ୍ଟାଇବାକୁ ସେମାନେ ସର୍ବଦା ଆଗ୍ରହୀ। ବନଜାତ ସାମଗ୍ରୀକୁ ନେଇ ସେମାନେ ସୁନ୍ଦର ହସ୍ତକଳା ପ୍ରଦର୍ଶନ କରି ଆସୁଛନ୍ତି। ଏହି ପୁରାତନ କଳାର ନବୀକରଣ ପରେ ସବୁଠି ବଢ଼ିଛି ଏହାର ଆଦୃତି ଓ ମହକ।

ବାଲେଶ୍ୱର ଜିଲା ନୀଳଗିରି ଏବଂ ମହିଷାପଟା ପଞ୍ଚାୟତ ଶାଳବଣି ଗ୍ରାମର ଭୂମିଜ ଜନଜାତିମାନେ ଶିଆଳି, ଖଜୁରି ଓ ଅନ୍ୟ ବନଜାତ ଦ୍ରବ୍ୟରୁ ଆକର୍ଷଣୀୟ ସାମଗ୍ରୀ ପ୍ରସ୍ତୁତ କରି ଏବେ ଦେଶବିଦେଶରେ ସ୍ୱତନ୍ତ୍ର ପରିଚୟ ଲାଭ କରିଛନ୍ତି। ସେହିଭଳି କୋରାପୁଟ ଜିଲ୍ଲାରେ ବସବାସ କରୁଥିବା ଗାଦବା ଜନଜାତି ସମ୍ପ୍ରଦାୟ ଗଛରୁ ସୁତା ଓ ରଂଗ ତିଆରି ଏବଂ ପ୍ରକିୟାକରଣ କରି ରଙ୍ଗୀନ ବସ୍ତ୍ର ପ୍ରସ୍ତୁତ କରୁଛନ୍ତି। ସେମାନେ କେରଙ୍ଗ ଗଛର ତନ୍ତୁରୁ ଧଳା ସୁତା ବାହାର କରିବା ପରେ ସେଗୁଡ଼ିକୁ ରଙ୍ଗୀନ କରିବା ପାଇଁ ଜାଫରା, ସିନ୍ଦୂର ଗଛରୁ ଲାଲ ରଙ୍ଗ, ସିଉନା ଓ ହରିଡ଼ା ଗଛରୁ ନୀଳ ରଙ୍ଗ ବ୍ୟବହାର କରନ୍ତି। ଏତଦ୍‌ବ୍ୟତୀତ କଦଳୀ ଗଛର ମଞ୍ଜାକୁ ସିଝାଇ ସେହି ପାଣିରୁ ମଧ୍ୟ ରଙ୍ଗ ପ୍ରସ୍ତୁତ କରନ୍ତି। ଏସବୁର ପ୍ରକ୍ରିୟାକରଣ କରି ସୂତାରେ ରଙ୍ଗ ଦେଇ ତନ୍ତରେ ବୁଣି ୩ଟି ରଙ୍ଗ ଥିବା ସ୍ୱତନ୍ତ୍ର ବସ୍ତ୍ର ପ୍ରସ୍ତୁତ କରନ୍ତି। ଏହି କେରଙ୍ଗ ବସ୍ତ୍ରକୁ ଯେତେ ଧୋଇଲେ ମଧ୍ୟ ରଙ୍ଗ ଛାଡ଼େ ନାହିଁ। ବିବାହ, ବ୍ରତ, ପୂଜା ପାର୍ବଣରେ ଏହି ବସ୍ତ୍ରକୁ ଗାଦବା ସମ୍ପ୍ରଦାୟର ମହିଳାମାନେ ବ୍ୟବହାର କରିଥା'ନ୍ତି।

ଇଡିତାଲ ଓଡ଼ିଶାର ଆଦିବାସୀ ସମାଜରେ ବହୁଳ ପ୍ରଚଳିତ ଚିତ୍ରକଳା। ଏହା ମୁଖ୍ୟତଃ ଜନଜାତିର ଝୋଟିଚିତ୍ର ଭାବେ ଜଣାଶୁଣା। ଏହି ଝୋଟିଚିତ୍ରକୁ ସେମାନେ ଘରର କାନ୍ଥରେ ବିଭିନ୍ନ ପର୍ବପର୍ବାଣି ପାଳନ ଅବସରରେ ଆଙ୍କିଥା'ନ୍ତି, ଯାହାର ମୂଳଲକ୍ଷ୍ୟ ବିଭିନ୍ନ ଆଦ୍ୟାଶ୍ରୀ ଦେବୀଙ୍କୁ ଆବାହନ କରି ସନ୍ତୁଷ୍ଟ କରିବା। ଏହି ନିଆରା କାନ୍ଥଚିତ୍ରକୁ ଲାଞ୍ଜିଆ ସଉରାମାନେ 'ଇଡିତାଲ' ବୋଲି କୁହନ୍ତି। ସଉରା ଭାଷାରେ 'ଇଡି'ର ଅର୍ଥ ଚିତ୍ର ଓ 'ତାଲ'ର ଅର୍ଥ କାନ୍ଥ। କାନ୍ଥ ଉପରେ ଚିତ୍ର ହୋଇଥିବାରୁ ଏହାର ନାମ 'ଇଡିତାଲ' ରହିଛି। 'ଇଡିତାଲ'କୁ ଭୌଗୋଳିକ ସଂକେତ ବା ଜିଆଇ ଟ୍ୟାଗ ମିଳିବା ପରେ ଦେଶବିଦେଶରେ ଆଦୃତ ହୋଇଛି। ଏପରିକି ବଡ଼ବଡ଼ ମହାନଗରୀର ପଞ୍ଚତାରକା ହୋଟେଲ୍ ଓ କର୍ପୋରେଟ୍ କାର୍ଯ୍ୟାଳୟମାନଙ୍କରେ ଶୋଭା ପାଉଛି।

ବଣ୍ଡା ଜନଜାତିର ମହିଳାମାନେ ସେମାନଙ୍କ ଅନନ୍ୟ ସାଜସଜ୍ଜା ପାଇଁ ବେଶ୍ ଜଣାଶୁଣା। ଏକ ଛୋଟ ବହୁରଙ୍ଗ ଥିବା ସ୍କାର୍ଟ ବଣ୍ଡା ମହିଳାମାନେ ପରିଧାନ କରନ୍ତି, ଯାହାକୁ 'ରିଙ୍ଗା' କୁହାଯାଏ। ଏହା ପାରମ୍ପରିକ ଭାବେ କେରଙ୍ଗ ତନ୍ତୁ ବ୍ୟବହାର କରାଯାଇ ବୁଣାଯାଏ। ସେମାନଙ୍କ ଲୁଗାବୁଣା ତନ୍ତ କାଠରେ ତିଆରି ହୋଇଥାଏ। ଏହା ଏକ ସରଳ ଯନ୍ତ୍ର ହୋଇଥିବାରୁ ତାହାକୁ ଗୋଟିଏ ସ୍ଥାନରୁ ଅନ୍ୟତ୍ର ସହଜରେ ନିଆଯାଇପାରେ। ପୂର୍ବରୁ ବଣ୍ଡା ମହିଳାମାନେ ଜଙ୍ଗଲରୁ କେରଙ୍ଗ ଶାଖା ସଂଗ୍ରହ କରୁଥିଲେ। ଏହାକୁ ପ୍ରକ୍ରିୟାକରଣ କରି ତନ୍ତୁ ପ୍ରସ୍ତୁତ କରୁଥିଲେ। ତନ୍ତୁ ବା ସୂତାକୁ ଜୈବିକ ରଙ୍ଗରେ ରଙ୍ଗୀନ କରୁଥିଲେ। ସଂପ୍ରତି ଏହି ପାରମ୍ପରିକ ବସ୍ତ୍ର ନିମନ୍ତେ ରଙ୍ଗୀନ ସୂତା ବ୍ୟବହାର କରାଯାଉଛି।

ଓଡ଼ିଶାର ନବରଙ୍ଗପୁର, ବଲାଙ୍ଗୀର, ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲାରେ ମୁଖ୍ୟତଃ ଗୋଣ୍ଡ ଜନଜାତି ମାନେ ବାସ କରିଥାନ୍ତି। ସେମାନଙ୍କ ଭାଷା ଗୋଣ୍ଡି ଓ ଓଡ଼ିଆ ଅଟେ। କୃଷି ଓ ଶ୍ରମଜୀବୀ ଏମାନଙ୍କ ମୁଖ୍ୟ ପେସା। ଗୋଣ୍ଡ ଜନଜାତିମାନଙ୍କର ଘରର ତିନି ପାର୍ଶ୍ୱରେ ବାରଣ୍ଡା ଥାଏ ଏବଂ କାନ୍ଥଗୁଡ଼ିକ ସୁନ୍ଦର ପାରମ୍ପରିକ ଗୋଣ୍ଡ ଚିତ୍ରକଳାରେ ଚିତ୍ରିତ ହୋଇଥାଏ। ଅନାଦିକାଳରୁ କାନ୍ଥ ଓ ଚଟାଣରେ ଚିତ୍ର କରିବା ଗୋଣ୍ଡମାନଙ୍କର ଏକ ପରମ୍ପରା। ସମ୍ପ୍ରତି ଏହି ଚିତ୍ରକଳା ସେମାନଙ୍କୁ ଅର୍ଥ ଉପାର୍ଜନର ସୁଯୋଗ ଆଣିଦେଇଛି।

ଆଧୁନିକତାର ଛାପରେ ଧୀରେ ଧୀରେ ଜନଜାତିଙ୍କ କଳା, ସଂସ୍କୃତି, ସମୃଦ୍ଧି ଓ ପରମ୍ପରା ବିଲୁପ୍ତ ହେବାରେ ଲାଗିଛି। ଯଦି ସରକାରୀ ଓ ବେସରକାରୀ ସଂସ୍ଥାମାନେ ସହଯୋଗର ହାତ ବଢ଼ାନ୍ତି, ତେବେ ଏହି କଳାକୁ ବିଜ୍ଞାନ ଓ କାରିଗରୀ ଜ୍ଞାନକୌଶଳ ତଥା ନମୁନା ବିକାଶ କାର୍ଯ୍ୟକ୍ରମ ଦ୍ୱାରା ଆହୁରି ଅଧିକ ବିକଶିତ କରି ଅର୍ଥକରୀ କରିପାରନ୍ତା। ଏହାଫଳରେ ଏହି ମୌଳିକ କଳାର ସଂରକ୍ଷଣ ସହ ଜନଜାତିଙ୍କୁ ଆୟବୃଦ୍ଧିରେ ସହାୟକ ହୁଅନ୍ତା।

ବାଲେଶ୍ୱର, ମୋ: ୭୩୨୭୦୨୮ ୯୭୮

# ପ୍ରକୃତ 'ବିଜୁଳି କନ୍ୟା'

ଶ୍ରୀନନ

କଂସ କାରାଗାରରେ ଯଶୋଦାଙ୍କଠାରୁ ନବଜାତ ଶିଶୁକନ୍ୟାଟିକୁ ଛଡ଼ାଇ ନେଇ ଶିଳାଖଣ୍ଡରେ ପିଟି ହତ୍ୟା କରିବାକୁ ପ୍ରୟାସ କଲାବେଳେ ସେ ତା' ହାତରୁ ଆସିଯାଇ ଆକାଶରେ 'ବିଜୁଳି କନ୍ୟା' ରୂପରେ ଆତ୍ମପ୍ରକାଶ କରିବା କଥା ଆମେ ଜାଣୁ। ତେବେ ପ୍ରକୃତରେ ଏପରି ଏକ ଜୀବାଣୁ ଏବେ ଆବିଷ୍କାର ହୋଇଛି, ଯାହାଙ୍କ ନିଃଶ୍ୱାସରୁ ବିଦ୍ୟୁତ୍ ନିର୍ଗତ ହେଉଛି।

ଧରାପୃଷ୍ଠରେ ବାସ କରୁଥିବା ଅଧିକାଂଶ ଜୀବ ଶ୍ୱାସକ୍ରିୟାରେ ଅମ୍ଳଜାନ ଗ୍ରହଣ କରି ଅଙ୍ଗାରକାମ୍ଳ ତ୍ୟାଗ କରନ୍ତି। ତେବେ କେତେକ ଜୀବାଣୁଙ୍କଠାରେ ଏହାର ବ୍ୟତିକ୍ରମ ଲକ୍ଷ୍ୟ କରିଛନ୍ତି ରାଇସ୍ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ କ୍ୟାରୋଲିନ୍ ଆଜୋ-ଫ୍ରାଙ୍କ୍ଲିନ୍ ଏବଂ ତାଙ୍କ ସହଯୋଗୀମାନେ। ଗବେଷଣା ପତ୍ରିକା 'ସେଲ୍'ର ମେ ୨୦୨୫ ସଂଖ୍ୟାରେ ଏ ସମ୍ପର୍କରେ ଏକ ନିବନ୍ଧ ପ୍ରକାଶ ପାଇଛି। ସେହି ଜୀବାଣୁମାନେ ଅମ୍ଳଜାନ ବିନା ବଞ୍ଚିପାରନ୍ତି ଏବଂ ଶ୍ୱାସକ୍ରିୟାରେ ପରିତ୍ୟାଗ କରନ୍ତି ବିଦ୍ୟୁତ୍ ପ୍ରବାହ। ନାପ୍ଥୋକୁଇନନସ୍ ନାମକ ଏକ ପ୍ରାକୃତିକ ଅଣୁ ଏଥିରେ ସେମାନଙ୍କୁ ସାହାଯ୍ୟ କରନ୍ତି। ଫଳରେ ଉତ୍ପନ୍ନ ହୁଏ ବିଦ୍ୟୁତ୍ ପ୍ରବାହ। ଏ ପ୍ରକ୍ରିୟାକୁ 'ବାହ୍ୟ ଜୀବକୋଷୀୟ ଶ୍ୱାସକ୍ରିୟା' ବୋଲି କୁହାଯାଏ। ତାଙ୍କୁ ଏହା ସୁଗଭୀର ସମୁଦ୍ରତଳର ଫାଟ ଏବଂ ମଣିଷର ଅନ୍ତ୍ରନାଳୀର ଅମ୍ଳଜାନବିମୁକ୍ତ ପରିବେଶ ମଧ୍ୟରେ ବଞ୍ଚିବାକୁ ସମର୍ଥ କରେ। ଏହି ଜୀବାଣୁମାନଙ୍କ ମଧ୍ୟରେ ଅଛନ୍ତି ଶେୱାନେଲ୍ଲା ଓ ଜିଓବ୍ୟାକ୍ଟର। ବ୍ୟାଟେରୀରେ ଗଚ୍ଛିତ ଶକ୍ତି ନିର୍ଗତ ହେଲା ଭଳି ଏହା ଘଟେ। ଏହି ସରଳ କିନ୍ତୁ ପ୍ରଭାବଶାଳୀ ପ୍ରକ୍ରିୟା ଅମ୍ଳଜାନର ବିନା ବ୍ୟବହାରରେ ଖାଦ୍ୟକୁ ବିଶ୍ଳେଷିତ ତଥା ତହିଁରୁ ଶକ୍ତି ଉତ୍ପନ୍ନ ହେବାରେ ସହାୟତା କରେ ଏବଂ 'ନାପ୍ଥୋକୁଇନନସ୍'ଗୁଡ଼ିକ ଜୀବନ୍ତ ବ୍ୟାଟେରୀ ରୂପେ କାର୍ଯ୍ୟ କରନ୍ତି।

**ବିଜ୍ଞାନ ବାର୍ତ୍ତା**

ଉପରୋକ୍ତ ପ୍ରକ୍ରିୟାକୁ ଅଧିକ ନିଶ୍ଚିତ କରିବା ଲାଗି ରାଇସ୍ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଗବେଷକମାନଙ୍କ ସହଯୋଗ ଲୋଡ଼ିଥିଲେ। ସେମାନେ ମିଳିତଭାବେ ଅମ୍ଳଜାନ ମୁକ୍ତ ପରିବେଶ ମଧ୍ୟରେ ଜୀବାଣୁମାନଙ୍କ ଜୀବନ ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରିବା ଲାଗି କଂପ୍ୟୁଟର ମଡେଲମାନ ପ୍ରସ୍ତୁତ କଲେ। ଜୀବାଣୁଗୁଡ଼ିକୁ ଏକ ସୁପରିବାହୀ ପୃଷ୍ଠଭୂମି ଉପରେ ରଖି ବଢ଼ିବାକୁ ଦେଲେ ଏବଂ ବିଦ୍ୟୁତ୍ ଉତ୍ପାଦନରେ ନିୟୋଜିତ କଲେ। ଫଳରେ ବିଜ୍ଞାନାଗାରର ନିୟନ୍ତ୍ରିତ ଅବସ୍ଥା ମଧ୍ୟରେ ଜୀବାଣୁଗୁଡିକ ବଞ୍ଚି ରହି ବିଦ୍ୟୁତ୍ ଉତ୍ପାଦନ କରିବାକୁ ଲାଗିଲେ।

ଏହି ଆବିଷ୍କାର ବହୁ ସହନୀୟ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବଡ଼ ଧରଣର ଅଗ୍ରଗତି ଘଟାଇବାର ସମ୍ଭାବନା ରହିଛି। ଆବର୍ଜନା ଜଳ ବିଶୋଧନ ଏବଂ ବିବିଧ ଜୈବିକ ଶିଳ୍ପ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ଲାଗି ଇଲୋକ୍ଟ୍ରୋନ୍‌ମାନଙ୍କ ସନ୍ତୁଳନ ରକ୍ଷା ଅତ୍ୟନ୍ତ ଆବଶ୍ୟକ। ଏହି ବିଦ୍ୟୁତ୍ ଉତ୍ପାଦନକାରୀ ଜୀବାଣୁମାନେ ଅଧିକ ଦକ୍ଷତାର ସହିତ ଇଲେକ୍ଟ୍ରୋନ୍ ପ୍ରବାହର ସୁପରିବାହୀ ମାଧ୍ୟମରେ ଏହା ସମ୍ଭବ କରାଇ ପାରିବେ। ପୁନଶ୍ଚ ଗଛମାନେ ସୂର୍ଯ୍ୟାଲୋକ ବ୍ୟବହାର କରି ଆଲୋକ ସଂଶ୍ଳେଷଣ କଲା ଭଳି ସେଗୁଡ଼ିକ ପୁନଃନବୀକରଣକ୍ଷମ ବିଦ୍ୟୁତ ଉତ୍ପାଦନ ଏବଂ ବ୍ୟବହାର କରି ଅଙ୍ଗାରକାମ୍ଳକୁ ଧରି ରଖିବା ଏବଂ ଅନ୍ୟ ପଦାର୍ଥରେ ପରିଣତ କରିବାକୁ ସକ୍ଷମ ହେବେ। ଏହାବ୍ୟତୀତ ଏହି ଜୀବାଣୁମାନେ ଅମ୍ଳଜାନରହିତ ପରିବେଶ ମଧ୍ୟରେ କାର୍ଯ୍ୟ କରିପାରୁଥିବାରୁ ଏଗୁଡ଼ିକୁ ଜୈବ ବୈଦ୍ୟୁତିକ ସଂବେଦକମାନ ପ୍ରସ୍ତୁତି ଏବଂ ବିକାଶର ସମ୍ଭାବନା ସୃଷ୍ଟି କରିଛନ୍ତି।

ଏପ୍ରକାର ସଂବେଦକ ରୋଗ ନିରୂପଣ, ପ୍ରଦୂଷଣର ମାତ୍ରା ନିର୍ଦ୍ଧାରଣ ଏବଂ ଅମ୍ଳଜାନ ନଥିବା କିମ୍ବା ସ୍ୱଳ୍ପ ଥିବା ମହାକାଶକୁ ଯାଉଥିବା ମିଶନଗୁଡ଼ିକରେ ନାନାରୂପେ ବ୍ୟବହାର କରାଯାଇପାରିବ। ଏହି ଯୁଗାନ୍ତକାରୀ ଆବିଷ୍କାର ଜୀବନ କିପରି ଅତ୍ୟନ୍ତ ନିର୍ମମ ପରିବେଶ ମଧ୍ୟରେ ତିଷ୍ଠି ରହିପାରିବ ସେ ବିଷୟରେ ମଧ୍ୟ ଆମ ଧାରଣକୁ ନୂତନ ରୂପ ଦେଇଛି ଏବଂ ତ' ଦ୍ୱାରା ଏକ୍ଷେତ୍ରରେ ବହୁ ବଡ଼ ବଡ଼ ଆହ୍ୱାନର ସମ୍ମୁଖୀନ ହେବା ଲାଗି ପଥ ଉନ୍ମୁକ୍ତ କରିଛି। ଆଶା କରାଯାଏ ଯେ ଏ କ୍ଷେତ୍ରରେ ଅଧିକ ଗବେଷଣା ଏ ଶ୍ରେଣୀର ବିଦ୍ୟୁତ୍ ଶ୍ୱାସକ୍ରିୟା ସମ୍ପାଦନକାରୀ ଜୀବାଣୁମାନଙ୍କୁ ଅଧିକରୁ ଅଧିକ ଉଚ୍ଚକୋଟୀର ପ୍ରଯୁକ୍ତିବିଦ୍ୟାରେ ନିୟୋଜିତ କରିବାର ବାଟ ଫିଟାଇବ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯ ୯୩୭୩୦୧୪୬୦

ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ୫ ବିଭାଗରେ ନିଯୁକ୍ତି ପାଇଲେ ୯୬୪

## ନବ ନିଯୁକ୍ତ ଅଧିକାରୀମାନେ ଜନସେବା ପାଇଁ ଉତ୍ସର୍ଗୀକୃତ ହୁଅନ୍ତୁ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୬।୬(ସମିସ): ୫ଟି ବିଭାଗର ୯୬୪ ଜଣଙ୍କୁ ସୋମବାର ନିଯୁକ୍ତିପତ୍ର ବାଣ୍ଟିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ତନ୍ମଧ୍ୟରେ ପୂର୍ତ୍ତ ବିଭାଗର ୫୬୬ ଜଣ ଥିବାବେଳେ ଜଳ ସମ୍ପଦ ବିଭାଗରେ ୬୨, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ୧୧୭, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗରେ ୨୦୪ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରେ ୧୮ ଜଣ ନିଯୁକ୍ତି ପାଇଛନ୍ତି। ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗଦେଇ କହିଛନ୍ତି ଯେ ନବ ନିଯୁକ୍ତ ଅଧିକାରୀମାନେ ସର୍ବଦା ଜନସେବା ପାଇଁ ଉତ୍ସର୍ଗୀକୃତ ହୁଅନ୍ତୁ। ନିଜକୁ ସେବକ ଭାବି ସାଧାରଣ ଲୋକଙ୍କ ଆଶା, ଆକାଂକ୍ଷା ପୂରଣ କରିବା ସହ ସମସ୍ୟାର ସମାଧାନ ଦିଗରେ ପ୍ରତିଶ୍ରୁତିବଦ୍ଧ ହୋଇ କାର୍ଯ୍ୟ କରନ୍ତୁ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଥମ ଦୁଇ ବର୍ଷରେ ୬୫ ହଜାର ପଦ ପୂରଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାବେଳେ ଆଜି ସୁଦ୍ଧା ୨୮,୩୪୬ ପଦରେ ନିଯୁକ୍ତି ଦିଆଯାଇଛି। ସେହିପରି ବେସରକାରୀ କ୍ଷେତ୍ରରେ ମଧ୍ୟ ପ୍ରଥମ ବର୍ଷରେ ୪୫ ହଜାର ନିଯୁକ୍ତି ଦିଆଯାଇଛି। ଅର୍ଥାତ୍ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ୭୩,୩୪୬ ଜଣ ନିଯୁକ୍ତି ପାଇଥିବା ସେ କହିଛନ୍ତି। କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ପଞ୍ଚାୟତି ରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରମୁଖ ଯୋଗଦେଇ ନବନିଯୁକ୍ତ ପ୍ରାର୍ଥୀମାନେ ସରକାରଙ୍କ ପ୍ରତିଟି ଯୋଜନାକୁ ତ୍ୱରିତ ଓ ସଫଳତା ପୂର୍ବକ କାର୍ଯ୍ୟାନ୍ୱୟନ କରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି। ଉନ୍ନୟନ କମିଶନର ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିବାବେଳେ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଧନ୍ୟବାଦ ଦେଇଥିଲେ।



# ୨୦ରୁ ସ୍କୁଲରେ ମଧ୍ୟାହ୍ନଭୋଜନ

ଭୁବନେଶ୍ୱର,୧୬।୬(ସମିସ): ୧୧ ଜୁନ୍ ୨୦୨୫। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶ ପାଇଲା ବିଜ୍ଞପ୍ତି। ଏହି ବିଜ୍ଞପ୍ତି ଅନୁସାରେ ଜୁନ୍ ୧୮ ତାରିଖରେ ବିଦ୍ୟାଳୟ ଖୋଲିବ ଓ ପ୍ରଥମ ଦିନରୁ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯିବ। ପିଏମ୍ ପୋଷଣ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ଏହି ବିଜ୍ଞପ୍ତିରେ ନିର୍ଦ୍ଦେଶ ଦିଆଯାଇଥିଲା। ଏପରିକି ଖାଦ୍ୟର ମାନ ପରଖିବା ସହ ସପ୍ତାହକୁ ଥରେ ଯାଞ୍ଚ କରିବା ପାଇଁ ସିଆରସିସି ଓ ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ)ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ୧୬ ଜୁନ୍ ୨୦୨୫। ମାତ୍ର ୫ଦିନରେ ପୂର୍ବ ଚିଠିକୁ ପରିବର୍ତ୍ତନ କରାଯାଇ ୧୮ ନୁହେଁ, ଆସନ୍ତା ୨୦ ତାରିଖରେ ବିଦ୍ୟାଳୟ ଖୋଲିବ ଏବଂ ସେହି ଦିନଠାରୁ ମଧ୍ୟାହ୍ନ ଭୋଜନ ଦିଆଯିବ ବୋଲି ନିର୍ଦ୍ଦେଶ ଜାରି କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ପିଏମ୍ ପୋଷଣ ରାଜ୍ୟ ପ୍ରକଳ୍ପ ପରିଚାଳନା ୟୁନିଟ୍ ମଧ୍ୟରେ ସମନ୍ୱୟ ନାହିଁ। ବିଦ୍ୟାଳୟ ଆସନ୍ତା ୨୦ ତାରିଖରେ ସ୍କୁଲ ଖୋଲିବା ନେଇ ବହୁ ପୂର୍ବରୁ ଶୈକ୍ଷିକ କ୍ୟାଲେଣ୍ଡରରେ ଦର୍ଶାଯାଇଥିଲା। ବିଭାଗ ପକ୍ଷରୁ ଆଉଥରେ ସ୍କୁଲ ଖୋଲିବାକୁ କୌଣସି ନିର୍ଦ୍ଦେଶନାମା ହୋଇ ନ ଥିବାବେଳେ ପିଏମ୍ ପୋଷଣ ପରିଚାଳନା ରାଜ୍ୟ ୟୁନିଟ୍ ବିଜ୍ଞପ୍ତିରେ ତ୍ରୁଟି ଜାରି କରିଥିଲା। ଅର୍ଥାତ୍ ବିଭାଗ ଅଧୀନରେ ଥିବା ଏହି ୟୁନିଟ୍‌ର ଅଧିକାରୀଙ୍କୁ ବିଭାଗର ନିଷ୍ପତ୍ତି ସମ୍ପର୍କରେ କିପରି ଧାରଣା ନାହିଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଜିଲ୍ଲା ଅତିଥି ଭବନ ପାଇଁ ୩୦୦୦ ଡେସିମିଲ୍ ଜମି ଚିହ୍ନଟ

ଭୁବନେଶ୍ୱର, ୧୬।୬(ସମିସ): ୟୁନିଟ୍-୨ ଏବଂ ଅଶୋକ ନଗର ଅଞ୍ଚଳରେରାଜ୍ୟଅତିଥିଭବନନିର୍ମାଣରଅନୁମତିପ୍ରଦାନକରାଯାଇଛି। ଏଥିପାଇଁ ୩୦୦୦ ଡେସିମିଲ୍‌ଜମିଚିହ୍ନଟହୋଇଛିଓ୨୬ଟିପ୍ଲଟ୍‌ରଏକ ତାଲିକା ଜାରି କରାଯାଇଛି। ଏହି ପ୍ଲଟ୍ ଗୁଡିକରେ ୨୪ପ୍ଲଟ୍ ଘରବାରୀ କିସମର ଥିଲା ବେଳେ ୨ଟି ପ୍ଲଟ୍ ସଡ଼କ କିସମର ରହିଛି। ସରକାରଙ୍କ ସାଧାରଣ ପ୍ରସାଶନ ବିଭାଗ ପକ୍ଷରୁ ଏଠାରେ ଅତିଥି ଭବନ ନିର୍ମାଣ ପାଇଁ ଅନୁମତି ପ୍ରଦାନ କରାଯାଇଛି। ଏହାସହିତ ସହରାଞ୍ଚଳ ପ୍ରଶାସନ ବିଡ଼ିଏ ଉପାଧ୍ୟକ୍ଷ, ବିଏମ୍‌ସି କମିସନରଙ୍କୁ ମଧ୍ୟ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ରେଣ୍ଟ ଅଫିସର ସାଧରଣ ପ୍ରସାଶନ ବିଭାଗ, ଅତିରିକ୍ତ ନିର୍ଦ୍ଦେଶକ ଇଷ୍ଟେଟ୍‌ଙ୍କୁ ମଧ୍ୟ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ଯେଉଁଠି ଆବଶ୍ୟକ ପଡ଼ିବ ସେଠାରୁ ସରକାରୀ କ୍ୱାଟର୍ସ ଖାଲି କରାଯିବ। ପ୍ରକଳ୍ପ କାର୍ଯ୍ୟ ଆଗକୁ ନେବାକୁ ହେଲେ ଯଦି ଆବଶ୍ୟକ ପଡେ ତେବେ ଏହାକୁ ଭାଙ୍ଗିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତି ଜିଲ୍ଲା ପାଇଁ ୧୦୦ କୋଠରି ବିଶିଷ୍ଟ ଗେଷ୍ଟ୍ ହାଉସ୍ ହେବ। ପ୍ରତି ଜିଲ୍ଲା ନୂଆରେ ଏହାକୁ ନାମିତ କରାଯିବ।

# ବିପଜ୍ଜନକ ଅବସ୍ଥାରେ କାର୍ଯ୍ୟ କରୁଛନ୍ତି ବନ କର୍ମଚାରୀ

- ଜୀବନ ବୀମା କରିବାକୁ ଅମଙ୍ଗ ବିଭାଗୀୟ ଅଧିକାରୀ
- ବିନା ପ୍ରିମିୟମରେ ବୀମା ସୁବିଧା ଥାଇ ବି ମିଳୁନି ସୁବିଧା

ଭୁବନେଶ୍ୱର,୧୬।୬(ସମିସ): ବିପଦପୂର୍ଣ୍ଣ ଭାବେ କାର୍ଯ୍ୟ କରୁଥିବା ବନ କର୍ମଚାରୀଙ୍କୁ ମିଳିପାରୁନି ଜୀବନ ବୀମା। ରାଜ୍ୟରେ ଗତ କିଛି ବର୍ଷ ହେବ ନିୟମିତ ଭାବେ ବନ କର୍ମଚାରୀମାନେ ଶିକାରି ଗୁଳିରେ ପ୍ରାଣ ହରାଇବାରେ ଲାଗିଛନ୍ତି। ଏହା ବ୍ୟତୀତ ଅନେକ ସମୟରେ ହାତୀ ଆକ୍ରମଣରେ ମଧ୍ୟ ବନକର୍ମଚାରୀଙ୍କ ଜୀବନ ଯାଉଛି। ମୃତକଙ୍କ ମଧ୍ୟରେ ମୁଖ୍ୟତଃ କ୍ଷେତ୍ରସ୍ତରରେ କାର୍ଯ୍ୟରତ ଫରେଷ୍ଟଗାର୍ଡ, ଫରେଷ୍ଟର ଓ ଡେପୁଟି ରେଞ୍ଜର ପଦରେ କାର୍ଯ୍ୟରତ କର୍ମଚାରୀ ରହୁଛନ୍ତି। ତେଣୁ ଏହି କର୍ମଚାରୀମାନେ ନିଜ ପାଇଁ ଜୀବନ ବୀମା ଦାବି କରି ଆସୁଥିଲେ ମଧ୍ୟ ବନ ବିଭାଗ ଏଥିପ୍ରତି ଆଖିବୁଜି ଦେଇଛି। ଯାହାକୁ ନେଇ ବନ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି।

ବଡ଼ କଥା ହେଉଛି ଯେ ଏହି ବୀମା ବାବଦକୁ ରାଜ୍ୟ ସରକାର କିମ୍ବା ବନ ବିଭାଗ ହାତରୁ ଟଙ୍କାଟେ ଖର୍ଚ୍ଚ ପଡ଼ିବ ନାହିଁ। ଏହା ସତ୍ତ୍ୱେ ଏପରି ବୀମା ପ୍ରତି ଅନାଗ୍ରହ ଯୋଗୁଁ ହଜାର ହଜାର ବନ କର୍ମଚାରୀଙ୍କ ପରିବାର କ୍ଷତିଗ୍ରସ୍ତ ହେଉଛନ୍ତି। ରାଜ୍ୟରେ ବର୍ତ୍ତମାନ ପୁଲିସ ଓ ଜେଲ୍ ବିଭାଗର କର୍ମଚାରୀମାନଙ୍କୁ ଏହି ବୀମା ସୁବିଧା ପ୍ରଦାନ କରାଯାଇଛି। ହେଲେ ବନ ବିଭାଗ କର୍ମଚାରୀଙ୍କୁ କାହିଁକି ଏଥିରୁ ବାଦ୍ ଦିଆଯାଇଛି ତାକୁ ନେଇ କର୍ମଚାରୀମାନେ ପ୍ରଶ୍ନ ଉଠାଇଛନ୍ତି। ବର୍ତ୍ତମାନ ବିଭିନ୍ନଜାତୀୟବ୍ୟାଙ୍କ ଜରିଆରେ'ସାଲେରୀପ୍ୟାକେଜ୍ ବୀମା' ପ୍ରଦାନ କରିବାର ବ୍ୟବସ୍ଥା ଉପଲବ୍ଧ ରହିଛି। ଏ ବାବଦକୁ ପ୍ରିମିୟମ ଅର୍ଥରାଶି ମଧ୍ୟ ପୈଠ କରିବାର ଆବଶ୍ୟକତା ରହୁନାହିଁ। ଏହାକୁ ଆଧାର କରି ରାଜ୍ୟ ପୁଲିସ ବିଭାଗ ଓ ଜେଲ୍ ବିଭାଗ ନିଜ କର୍ମଚାରୀଙ୍କ ପାଇଁ ୧ କୋଟି ଟଙ୍କାର ବୀମା ଉପଲବ୍ଧ କରାଇଛନ୍ତି। ଯଦି କୌଣସି କର୍ମଚାରୀଙ୍କ ଦୁର୍ଘଟଣା ଜନିତ ମୃତ୍ୟୁ ହୁଏ, ତେବେ ତାଙ୍କ ପରିବାରକୁ ବ୍ୟବସ୍ଥା ଅନୁଯାୟୀ ୧ କୋଟି ଟଙ୍କାର ବୀମା ରାଶି ମିଳିବାର ବ୍ୟବସ୍ଥା ହୋଇଛି। ତେଣୁ ବନ କର୍ମଚାରୀମାନଙ୍କ ଜୀବନ ପ୍ରତି ବିପଦ ରହିଥିବାରୁ, ସେମାନଙ୍କୁ ଏହି ସୁବିଧା ଉପଲବ୍ଧ କରାଇ ଦେବାକୁ ବାରମ୍ବାର ବନ କର୍ମଚାରୀମାନେ ଦାବି କରି ଆସୁଥିଲେ ମଧ୍ୟ ବନ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଛି।

## ଅବଶିଷ୍ଟାଂଶ

### ଲାଗୁହେଲା ନୂଆ...

ଏହି ସଫ୍ଟୱେର୍ ସିଷ୍ଟମ୍ ପେମେଣ୍ଟକୁ ଗୋଟିଏ ବ୍ୟାଙ୍କରୁ ଅନ୍ୟ ଏକ ବ୍ୟାଙ୍କକୁ ସ୍ଥାନାନ୍ତର କରିଥାଏ। ନୂଆ ୟୁପିଆଇ ପେମେଣ୍ଟ ନିୟମ ଲାଗୁ ହେବା ପରେ କାହାକୁ ଟଙ୍କା ପଠାଇବା କିମ୍ବା ଦୋକାନରେ ଶପିଂ ସମୟରେ କ୍ୟୁଆର୍ କୋଡ୍ ସ୍କାନ କରି ପେମେଣ୍ଟ କରିବା ସବୁକିଛି ପୂର୍ବ ଅପେକ୍ଷା ଦ୍ରୁତ ହେବ। ଏଥିରେ ବିଶେଷ କଥା ହେଉଛି ଯେ, ଭୁଲ ଦେୟ ଯୋଗୁ କାରବାର ବାବଦ ଅର୍ଥ ରିଫଣ୍ଡ ପାଇବା ଏବଂ ଷ୍ଟାଟସ୍ ଯାଞ୍ଚ କରିବା ପାଇଁ ସମୟ ମଧ୍ୟ ୩୦ ସେକେଣ୍ଡରୁ ୧୦ ସେକେଣ୍ଡକୁ ହ୍ରାସ କରାଯାଇଛି। ତେଣୁ ଏବେ ପେମେଣ୍ଟ ହେଲା କି ନାହିଁ ତାହାକୁ ନେଇ କମ୍ ଚିନ୍ତା ରହିବ। ପୂର୍ବରୁ, ଏକ କାରବାର ସଫଳ ହୋଇଛି କି ନାହିଁ ଯାଞ୍ଚ କରିବା ପାଇଁ ୯୦ ସେକେଣ୍ଡ ଅପେକ୍ଷା କରିବାକୁ ପଡୁଥିଲା। ବର୍ତ୍ତମାନ, କାରବାର ଆରମ୍ଭ ହେବା ପରେ କେବଳ ୪୫ ରୁ ୬୦ ସେକେଣ୍ଡ ପରେ ଏହାକୁ ଯାଞ୍ଚ କରିପାରିବେ।

### ଥମୁନି ଝାଡ଼ାବାନ୍ତି...

ଆଜି ସୁକିନ୍ଦା ବୈରୀମାଳ ଏବଂ ସାରଙ୍ଗପୁର ଗାଁରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି। ଏହାକୁ ମିଶାଇ ଜିଲ୍ଲାରେ ମୋଟ ୧୬ଜଣଙ୍କର ମୃତ୍ୟୁ ହୋଇଥିବା କୁହାଯାଉଥିବା ବେଳେ ପ୍ରଶାସନ କିମ୍ବା ସରକାର ଏହାକୁ ମାନିବାକୁ ନାରାଜ। ପ୍ରଶାସନ ପକ୍ଷରୁ ଜିଲ୍ଲାର ବିଭିନ୍ନ ହୋଟେଲ ଓ ଢାବା ମାନଙ୍କରେ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଚଢ଼ଉ ଜାରି ରହିଛି। ସେହିପରି ବରୀ, ବିଞ୍ଝାରପୁର, ଧର୍ମଶାଳା ତହସିଲ ଅଞ୍ଚଳ ସମେତ ଜିଲ୍ଲାର ଅନ୍ୟ କେତେକ ଅଞ୍ଚଳରେ ସମସ୍ତ ଜଳଖିଆ ଦୋକାନ, ହୋଟେଲ, ଫାଷ୍ଟଫୁଡ୍, ଗୁପ୍‌ଚୁପ୍, ଦହିବରା, ଆଇସକ୍ରୀମ୍ ଦୋକାନ ଆସନ୍ତା ଦୁଇ ସପ୍ତାହ ଧରି ବନ୍ଦ କରିବାକୁ ତହସିଲଦାର ନିର୍ଦ୍ଦେଶ ଜାରି କରିଛନ୍ତି। ସ୍ୱାସ୍ଥ୍ୟ ସଚିବ ଏସ୍ ଆଶ୍ୱଥି ଧର୍ମଶାଳା ଓ ଯାଜପୁର ମେଡିକାଲର ସ୍ଥିତି ଅନୁଧ୍ୟାନ କରିବା ପରେ ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରିଛନ୍ତି ଓ ସ୍ଥିତିର ସମୀକ୍ଷା କରିଛନ୍ତି। ଆଜି ଜିଲ୍ଲାରେ ମୋଟ ୧୫ଜଣ ନୂଆ ରୋଗୀ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଆଜି ସୁଦ୍ଧା ମୋଟାମୋଟି ୧୭୮୭ଜଣ ଆକ୍ରାନ୍ତ ହୋଇ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ସେଥିରୁ ୧୫୬୮ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏବେ ବି କଟକ, ଭୁବନେଶ୍ୱରରେ ୩୦ରୁ ଊର୍ଦ୍ଧ୍ୱ ଚିକିତ୍ସିତ ହେଉଛନ୍ତି।

### ପୁରୁଷ ବନ୍ଧୁକୁ...

ଦ୍ୱାରସ୍ଥ ହୋଇ ଘଟଣା ସମ୍ପର୍କରେ ପୁଲିସକୁ କହିଥିଲେ। ପୁଲିସ ତୁରନ୍ତ ପୁରୁଷ ବନ୍ଧୁଙ୍କୁ ସାଙ୍ଗରେ ନେଇ ବିଭିନ୍ନ ସନ୍ଦିଗ୍ଧ ସ୍ଥାନରେ ଖୋଜାଖୋଜି କରିଥିଲା। ଏହିକ୍ରମରେ ଢ଼ୁରା ଓଭରବ୍ରିଜ ନିକଟରେ ଥିବା ୪ଜଣ ପୁଲିସ ଗାଡ଼ିକୁ ଦେଖି ଦୌଡିବାକୁ ଚେଷ୍ଟା କରିଥିଲେ। ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ଯୁବତୀଙ୍କ ପୁରୁଷ ବନ୍ଧୁ ଚିହ୍ନଟ କରିଥିଲେ। ସେଠାରୁ ୨ ଜଣଙ୍କୁ କାବୁ କରାଯାଇଥିଲେ ହେଁ ଅନ୍ୟ ଦୁଇଜଣ ଫେରାର ହେବାରେ ସକ୍ଷମ ହୋଇଥିଲେ। କାବୁ କରାଯାଇଥିବା ୨ ଜଣ ଯୁବକଙ୍କୁ ଥାନାରେ ଜେରା ପରେ ଅନ୍ୟ ୮ ଜଣ ହିଞ୍ଜିଳିକାଟୁ ତଥା ଆଖପାଖ ଅଞ୍ଚଳର ବୋଲି ପୁଲିସ ଜାଣିବାକୁ ପାଇଥିଲା।

ମିଳିଥିବା ତଥ୍ୟ ଆଧାରରେ ପୁଲିସର ଏକ ଟିମ୍ ସମ୍ପୃକ୍ତ ଅଞ୍ଚଳକୁ ଯାଇ ସେଠାରୁ ଘଟଣାରେ ସମ୍ପୃକ୍ତ ୫ ଜଣ ଯୁବକଙ୍କୁ ଆଣି ଥାନାରେ ଅଟକ ରଖିଛି। ଘଟଣା ପରେ ବ୍ରହ୍ମପୁର ଏସ୍‌ପି, ଅତିରିକ୍ତ ଏସ୍‌ପି, ଡିଏସ୍‌ପି ଓ ବ୍ରହ୍ମପୁର ଏସ୍‌ଡିପିଓ ପ୍ରମୁଖ ଗୋପାଳପୁର ଥାନାରେ ପହଞ୍ଚି ପୀଡିତାଙ୍କ ବୟାନ ରେକର୍ଡ କରିଛନ୍ତି। ପୀଡ଼ିତା ଛାତ୍ରୀଙ୍କ ଡାକ୍ତରୀମାଇନା କରାଯାଇଥିବା ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି।

### ଜଳପ୍ରପାତ ସ୍ରୋତରେ...

ସ୍ରୋତରେ ଭାସି ଯାଇଥିଲେ। ସାଙ୍ଗମାନେ ବହୁ ଖୋଜାଖୋଜି କଲା ପରେ ହତାଶ ହୋଇ ପରେ କୋଟପାଡ଼ ଥାନାକୁ ଖବର ଦେଇଥିଲେ। କୋଟପାଡ଼ ପୁଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ ସୁଦ୍ଧା ସେମାନଙ୍କୁ ପାଇ ନ ଥିଲେ। ସନ୍ଧ୍ୟା ହୋଇ ଆସୁଥିବାରୁ ଉଦ୍ଧାର କାର୍ଯ୍ୟ ଗତକାଲି ବନ୍ଦ ରହିଥିଲା। ସୋମବାର ସକାଳେ ଜୟପୁର ଓଡ୍ରାଫ୍ ଟିମ୍ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିବାବେଳେ ଆଲୋକଙ୍କ ମୃତଦେହ ମିଳିଛି। ନିଖୋଜ ଜଣକ ହେଲେ କିରଣ ମିର୍ଗାନ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଅଧିକ ତଦନ୍ତ କରୁଅଛି।

### ମଧ୍ୟପ୍ରାଚ୍ୟରେ ବଢୁଛି...

ଦେଖିବାକୁ ମିଳିଛି। ଇରାନର କ୍ଷେପଣାସ୍ତ୍ରକୁ ନିଷ୍କ୍ରିୟ କରିବା ଲାଗି ଇସ୍ରାଏଲ ଉତ୍କ୍ଷେପଣ କରିଥିବା କ୍ଷେପଣାସ୍ତ୍ର ମିସଫାୟର ହୋଇଛି। ଏହି କ୍ଷେପଣାସ୍ତ୍ର ବିପରୀତ ଦିଗକୁ ଫେରି ନିଜର ସାମରିକ ପ୍ରତିଷ୍ଠାନକୁ ଧ୍ୱଂସ କରିଦେଇଛି। ଏହାକୁ ଇସ୍ରାଏଲ ଡିଫେନ୍ସ ସିଷ୍ଟମର ସବୁଠାରୁ ବଡ଼ ବିଫଳତା ବୋଲି କୁହାଯାଉଛି। ଇସ୍ରାଏଲର ଡିଫେନ୍ସ ସିଷ୍ଟମକୁ ବିଭ୍ରାନ୍ତ ଓ ବିପର୍ଯ୍ୟସ୍ତ କରିବା ଲାଗି ଇରାନ ପକ୍ଷରୁ ନୂଆ ଇଲୋକଟ୍ରୋନିକ ୱରଫେୟାର ରଣନୀତି ଗ୍ରହଣ କରାଯାଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି। ଇରାନର ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ରେ ଆମେରିକାର ଦୂତାବାସ ମଧ୍ୟ ଆଂଶିକ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଇରାନ ଦାବି କରିଛି ଯେ ଇସ୍ରାଏଲର ଆଇରନ୍ ଡୋମକୁ ମାତ୍ ଦେଇ ଏହାର କ୍ଷେପଣାସ୍ତ୍ର ବ୍ୟାପକ କ୍ଷତି ଘଟାଇଛନ୍ତି।

ଅନ୍ୟପକ୍ଷରେ ଇସ୍ରାଏଲ ମଧ୍ୟ ଇରାନ ଉପରେ ପ୍ରଚଣ୍ଡ ଆକ୍ରମଣ ଜାରି ରଖିଛି। ଆଜି ଇରାନ ରାଜଧାନୀ ତେହରାନ ଉପରେ ଘନ ଘନ କ୍ଷେପଣାସ୍ତ୍ର ଓ ବୋମା ମାଡ଼ କରିଛି। ଏଥିରେ ଆଜି ଆଉ ୪୫ ଜଣ ମହିଳା ଓ ଶିଶୁ ପ୍ରାଣ ହରାଇଛନ୍ତି। ଏହାକୁ ମିଶାଇ ଇସ୍ରାଏଲ ଆକ୍ରମଣରେ ଇରାନରେ ମୃତ୍ୟୁସଂଖ୍ୟା ୨୨୪କୁ ବୃଦ୍ଧି ପାଇଛି। ଇସ୍ରାଏଲ ଆକ୍ରମଣରେ ଇରାନର ପରମାଣୁ କେନ୍ଦ୍ର, ସାମରିକ ପ୍ରତିଷ୍ଠାନ, ସେନା ମୁଖ୍ୟାଳୟ ଓ ତୈଳ ବିଶୋଧନାଗାର ଧ୍ୱଂସ ହୋଇଯାଇଛି। ଇସ୍ରାଏଲ ଦାବି କରିଛି ଯେ ଇରାନର ଏୟାର ଡିଫେନ୍ସ ସିଷ୍ଟମ ପଙ୍ଗୁ ହୋଇଯାଇଛି। ଇସ୍ରାଏଲର ଲଢୁଆ ବିମାନ ଏବେ ଇରାନ ଆକାଶରେ ଉଡ଼ି ମନଇଚ୍ଛା ଆକ୍ରମଣ କରିପାରିବେ। ଇରାନର ଏକ ତୃତୀୟାଂଶ କ୍ଷେପଣାସ୍ତ୍ର ଲଞ୍ଚରଗୁଡ଼ିକୁ ମଧ୍ୟ ଧ୍ୱଂସ କରି ଦିଆଯାଇଥିବା ଇସ୍ରାଏଲ କହିଛି। ସୂଚନାଯୋଗ୍ୟ ଯେ ଇସ୍ରାଏଲ ଆକ୍ରମଣରେ ଇରାନ ସେନାର ଅନେକ ବରିଷ୍ଠ ଅଧିକାରୀ ଏବଂ ବୈଜ୍ଞାନିକ ପ୍ରାଣ ହରାଇଛନ୍ତି। ଇସ୍ରାଏଲ ପକ୍ଷରୁ କୁହାଯାଇଛି ଯେ ଇରାନର ସମସ୍ତ ପରମାଣୁ କେନ୍ଦ୍ର ଓ ସାମରିକ ପ୍ରତିଷ୍ଠାନକୁ ଧ୍ୱଂସ କରିବା ପର୍ଯ୍ୟନ୍ତ ଆକ୍ରମଣ ଜାରି ରହିବ। ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତନ୍ୟାହୁ ଅଭିଯୋଗ କରିଛନ୍ତି ଯେ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ହତ୍ୟା କରିବା ପାଇଁ ଇରାନ ଯୋଜନା କରିଛି। ଅନ୍ୟପକ୍ଷରେ ଟ୍ରମ୍ପ କହିଛନ୍ତି ଯେ ଆୟୋତଲ୍ଲା ଖାମେନି ସମେତ ଇରାନର ଶୀର୍ଷ ନେତୃତ୍ୱକୁ ହତ୍ୟା କରିବା ଲାଗି ଇସ୍ରାଏଲ ଯୋଜନା କରିଥିବା ବେଳେ ସେ ଏହାର ବିରୋଧ କରିଛନ୍ତି। ଇତିମଧ୍ୟରେ ଇରାନ ପକ୍ଷରୁ କୁହାଯାଇଛି ଯେ ଏହା ପରମାଣୁ ନିରସ୍ତ୍ରୀକରଣ ଚୁକ୍ତିରୁ ଓହରିଯିବ ଏବଂ ପ୍ରତିରକ୍ଷା ପାଇଁ ପରମାଣୁ ଅସ୍ତ୍ର ତିଆରି କରିବ।

ଇତିମଧ୍ୟରେ ଇରାନରେ ଥିବା ଭାରତୀୟ ଛାତ୍ରମାନଙ୍କର ନିରାପତ୍ତା ନେଇ ଭାରତ ଚିନ୍ତା ପ୍ରକଟ କରିବା ସହିତ ଇରାନ ସରକାରର ସହାୟତା ଲୋଡ଼ିଛି। ଇରାନ ପକ୍ଷରୁ କୁହାଯାଇଛି ଯେ ଏହାର ସୀମା ଖୋଲା ରହିଛି ଏବଂ ଛାତ୍ରମାନେ ନିରାପଦ ସ୍ଥାନ ଦେଇ ବାହାରକୁ ଯାଇପାରିବେ। ଇରାନରେ ଏବେ ୧୫୦୦ରୁ ଅଧିକ ଭାରତୀୟ ଛାତ୍ରଛାତ୍ରୀ ଫସି ରହିଛନ୍ତି। ଆକାଶ ସୀମା ବନ୍ଦ ରହିଥିବାରୁ ଭାରତୀୟ ଛାତ୍ରଛାତ୍ରୀମାନଙ୍କ ସୁରକ୍ଷିତ ପ୍ରସ୍ଥାନ ପାଇଁ ଇରାନ ସବୁ ପ୍ରକାର ସହାତା କରିବ ବୋଲି ଜଣାଇଛି। ଭାରତୀୟ ଛାତ୍ରଛାତ୍ରୀ ଆର୍ମେନିଆ ଦେଇ ଫେରିପାରନ୍ତି। ଭାରତ ପକ୍ଷରୁ ମଧ୍ୟ ଏଥିଲାଗି ପ୍ରୟାସ ଜାରି ରହିଛି। ଅନେକ ଭାରତୀୟଙ୍କୁ ତେହରାନର ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କୁ ଉଦ୍ଧାର କରିବା ପାଇଁ ସବୁ ପ୍ରକାର ବିକଳ୍ପ ଉପାରେ ବିଚାର କରାଯାଉଛି। ତେହରାନରେ ଥିବା ଭାରତୀୟ ଦୂତାବାସ ସୁରକ୍ଷା ସ୍ଥିତିର ସମୀକ୍ଷା କରୁଛି ଓ ଇରାନରେ ଥିବା ଭାରତୀୟଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ଉଦ୍ୟମ ଜାରି ରଖିଛି। ଇରାନରେ ଥିବା ଭାରତୀୟଙ୍କୁ ଦୂତାବାସ ପକ୍ଷରୁ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। କିନ୍ତୁ ଆତଙ୍କିତ ନ ହେବାକୁ ପରାମର୍ଶ ଦିଆଯାଇଛି।

### ଦୁଇ ପର୍ଯ୍ୟାୟରେ...

ଜନଗଣନା କାର୍ଯ୍ୟକୁ ସ୍ଥଗିତ କରି ଦିଆଯାଇଥିଲା। ଏଥର ହେବାକୁ ଯାଉଥିବା ଜନଗଣନା ଦୁଇଟି ଦୃଷ୍ଟିରୁ ଗୁରୁତ୍ୱ ବହନ କରୁଛି। ପ୍ରଥମଟି ହେଲା ଦେଶରେ କେଉଁ ଜାତିର ଲୋକଙ୍କ ସଂଖ୍ୟା କେତେ ତାହା ଜଣାପଡ଼ିବ। ଦ୍ୱିତୀୟଟି ହେଲା ଏହି ଜନଗଣନାକୁ ଭିତ୍ତି କରି ସଂସଦ ଓ ରାଜ୍ୟ ବିଧାନସଭା ନିର୍ବାଚନମଣ୍ଡଳୀମାନଙ୍କର ସୀମା ପୁନଃନିର୍ଦ୍ଧାରଣ କରାଯିବ। ୧୯୭୧ରୁ ସୀମା ପୁନଃନିର୍ଦ୍ଧାରଣ ଅଟକି ରହିଛି। ସଂସଦରେ ମହିଳାଙ୍କ ପାଇଁ ଆସନ ସଂରକ୍ଷଣ ଲାଗି ଏହି ଜନଗଣନା ପଥ ପରିଷ୍କାର କରିବ ବୋଲି କୁହାଯାଉଛି। ସୂଚନାଯୋଗ୍ୟ ଯେ ଭାରତରେ ପ୍ରଥମ ଥର ଲାଗି ଜାତିଭିତ୍ତିକ ଜନଗଣନା ୧୮୮୧ ଏବଂ ୧୯୩୧ରେ ବ୍ରିଟିଶ ସରକାର ଅମଳରେ ହୋଇଥିଲା। ୨୦୧୧ରେ ୟୁପିଏ ସରକାର ଅମଳରେ ଜନଗଣନା ବେଳେ ସାମାଜିକ-ଅର୍ଥନୈତିକ ଓ ଜାତି ଭିତ୍ତିକ ତଥ୍ୟ ସଂଗ୍ରହ କରାଯାଇଥିଲା। କିନ୍ତୁ ଏହି ତଥ୍ୟ କେବେହେଲେ ପ୍ରକାଶ ପାଇ ପାରିଲାନାହିଁ।


**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
GADHWAL GROUP
Mob.: 9437015112

**AFFIDAVIT**

I, Rashimi Rekha Maharana, aged about 42 years, W/o- Manoj Maharana, resident of At-Plot No. 310 (P), Maitri Nagar, PO- Nayabazar, PS- Chauliaganj, Dist- Cuttack, PIN- 753004, Odisha declared by this affidavit No. 1336, dated-14/06/2025, that now onwards I shall be known as **RASHMIREKHA MAHARANA** for all future purposes.

**Raghunath Samabaya Mahavidyalaya, Odagaon**
ରଘୁନାଥ ସମବାୟ ମହାବିଦ୍ୟାଳୟ, ଓଡଗାଁ
Banavihar, At/Po- Odagaon, Dist- Nayagarh, 752081, Odisha
Ph.No. 06753-296505
Email.: rsmodagaon@gmail.com, Website.: rsmodagaon.org.in

QUOTATION CALL

No. RSM196/25 Dt. 17/06/2023

Sealed Quotations are invited from reputed and registered farms/authorised suppliers/dealers having valid and up-to-date GST registration/IT clearance, PAN, TIN and ISO, Dealers Certificate for the supply of the materials of IT infrastructure, i.e.:(1) Desktop (i3 and above). (2). UPS (Digital) (3). MFM Printers (4). LED Android Smart TV (65 inch) (5). Wireless Microphone & Camera For Virtual Meetings with LAN Connectivity.

The supplier should quote the unit price inclusive of all taxes, installation and transportation cost. The related quotation should reach the undersigned on or before **23/06/2025**, 5 p.m. by Regd./Speed post. For more details contact the office of the principal from **10:30 a.m. - 2:30 p.m.** on all working days and refer letter No: 202469785168/ Dt.05/03/2025 of DHE, Govt. of Odisha.

N.B: The undersigned reserves the rights to cancel fully or partially the quotation process without citing any reason thereof.

Sd/- Principal
R.S. Mahavidyalaya, Odagaon

**ODISHA HYDRO POWER CORPORATION LTD.**
(A Government of Odisha Undertaking)
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELETRIC PROJECT
AT/PO: BARINIPUT, DIST: KORAPUT – 764006, ODISHA
PHONE: - (06854)242001 (O), FAX: - (06854) 242038
E-mail: sgmel.ukhep@gmail.com

TENDER CALL NOTICE NO UKHEP-11/25-26, DATED 11/06/25

Sealed tenders are invited in sealed envelopes from the Authorized dealers/Reputed Suppliers for "Procurement of Anti-microbial 1000 ltr capacity triple layer white sintex water tanks, UKHEP, Bariniput".

| Description of work | Cost of tender paper in Rs (Non-Refundable) | EMD in Rs. (Refundable) |
|---|---|---|
| Procurement of Anti-microbial 1000 ltr capacity triple layer white sintex water tanks, UKHEP, Bariniput | 4720/- (Non- refundable) (Rs.4000/-+18% GST) | 9000/- |

The sale of Tender Paper will be from : 17/06/25 to 11.00 Hrs of 03/07/25
The last date & time of receipt of Tender : 12.00 Hrs of 03/07/2025
The date and time of opening of Tender : 12.30 Hrs of 03/07/2025
For details of tender documents, Terms & conditions, downloading, please visit our website www.ohpcltd.com.

C & P Head,
Upper Kolab H.E.Project,
Bariniput

CAD-788 OIPR - 04002/11/0095/2526

**NOTICE (for Minor)**

By virtue of an affidavit sworn before The Executive Magistrate, Baripada, Mayurbhanj, dated 12-06-2025 I, Basanti Mahapatra Address Village/PO.- Balidiha, PS.- Khunta, Dist Mayurbhanj, Odisha, PIN-757019 declare that I have changed the name of my daughter **Ipasita Mohapatra** to **Ipsita Mohapatra**. Henceforth, she shall be known as **Ipsita Mohapatra** for all purposes.
Basanti Mahapatra

**AFFIDAVIT**

By virtue of an affidavit before Executive Magistrate, Kujanga, No.1684 dtd.19.04.2025 I, **Sisir Mallik** S/o- Daitari Mallik, resident of Kothi, Po.- Jhimani, Ps.- Paradeep lock, Dist.- Jagatsinghpur, Pin-754141, Odisha state that, I have changed my minor daughter's name from **Soyang Sampurna** to **Swayam Sampurna**. Henceforth she shall be known as **Swayam Sampurna** for all purposes.

**AFFIDAVIT**

BY VIRTUE OF AN AFFIDAVIT SWORN BEFORE THE EXECUTIVE MAGISTRATE SOHELA, I SRI PITABASA SAHU S/O- GOPAL SAHU, RESIDENT OF VILL.- PADHANPALI, PO.- TABADA, PS- SOHELA, DIST-BARGARH, ODISHA, STATE THAT IN MY ADHAR CARD MY NAME HAS BEEN MENTIONED AS **PITABAS SAHU** WHERE AS IN MY RESIDENT CERTIFICATE MY NAME HAS BEEN REFLECTED AS **PITABASA SAHU**. MY ACTUAL NAME IS **PITABASA SAHU**.

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda dated 05/06/2025 I Sri Parsuram Pangi S/o- Biknu Pangi, Village - Panasput, Post- Anduruguda, PS- Padua, Dist- KORAPUT declare that I have changed my name from **Parasu Pangi** to **Parsuram Pangi**. Henceforth, I shall be known as **Parsuram Pangi** for all purposes.
Sd/- Parsuram Pangi

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda dated 05/06/2025 I Sri Ramachandra Aleibir, S/o- Late Samara Aleibir, Village - Balda, Post - Balda, PS- Padua, Dist - KORAPUT declare that I have changed my name from **Ramachandra Hantal** to **Ramachandra Aleibir**. Henceforth, I shall be known as **Ramachandra Aleibir** for all purposes.

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda dated 05/06/2025 I Smt Danumati Pangi, W/o- Krushna Pangi, Village - Jadaput, Post- Banamaliput , PS- Nandapur, Dist - KORAPUT declare that I have changed my name from **Danumati Pangi** to **Dhanamati Pangi**. Henceforth, I shall be known as **Dhanamati Pangi** for all purposes.

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda dated 09/06/2025 I Sri Sunil Kumar Hantal, S/o- Sashidhar Hantal, Village - Hatibari, Post- Hatibari, PS- Padua, Dist - KORAPUT declare that, I have changed my name from **Ishak Hantal** to **Sunil Kumar Hantal**. Henceforth, I shall be known as **Sunil Kumar Hantal** for all purposes.

**AFFIDAVIT**

By virtue of an affidavit before Executive Magistrate, Bhubaneswar, No.32 dtd.09/06/2025, I, **Krushna Chandra Das,** S/o- Kampa Das, resident of Vill.- Phasi, near Gramadebati, Kodala, Po.- Phasi, Dist.- Ganjam, Odisha, Pin- 761032 state that, I have changed my minor daughter's name from **PRAGNYA DAS** to **PRAGYANSMITA DAS**. Henceforth she will be known as **PRAGYANSMITA DAS** for all purposes.

**AFFIDAVIT**

By virtue of an affidavit before Executive Magistrate, Ambabhona, No.228 dtd.13/06/2025, I, **Surendra Singh Thakur,** S/o- Late Ananda Singh Thakur, resident of Vill.- Satidarha, Po.- Kapasira, Tah.- Ambabhona, Dist.- Bargarh, Odisha state that, my actual and correct name is **Surendra Singh Thakur** but in my Adhar Card my name has been mentioned as **Suren Singh Thakur**. Both the names **Surendra Singh Thakur** and **Suren Singh Thakur** belongs to one and same person.

**AFFIDAVIT**

By Virtue of an affidavit No.658 , Dated: 15.06.2025, before the Notary Public, Balimela, Dist: Malkangiri, I, Deba Padiami have changed my minor son's name from **Jaleswara Padiami** to **Jaleswar Padiami.** Henceforth he will be known as **Jaleswar Padiami** for all purposes.
Sd/- Deba Padiami

**AFFIDAVIT**

I, SK Qutubuddin, S/o. Sk Kamiruddin, resident of Sabalanga Kanipara, Kanipada, Mahakalapada, Dist.- Kendrapara, Odisha- 754208 declare by this affidavit no. CF-45, dated-12.06.2025 that now onwards I shall be known as **Sk Kutubuddin** for all future purposes.

**AFFIDAVIT**

By the virtue of an affidavit in the court of executive magistrate, Jajpur no 5365 dtd 02/05/2025 that My son name have changed from **Sai Samartha Dikshit** to **Sai Pratik Dikshit**. Henceforth he shall be known as **Sai Pratik Dikshit** for all purposes.
Sd/- Chintamani Dikshit

**NOTICE (for Minor)**

By virtue of an affidavit sworn before Notary Public Udala, Mayurbhanj, dated 09-06-2025 I, Durga Hansdah Address Village/PO.- Bahubandh, PS.- Udala, Dist Mayurbhanj, Odisha, PIN-757041 declare that I have changed the name of my daughter **Sarma Hansdha** to **Salma Hansdah**. Henceforth, she shall be known as **Salma Hansdah** for all purposes.
Durga Hansdah

**AFFIDAVIT**

By Virtue of an affidavit No.659 , Dated: 15.06.2025, before the Notary Public, Balimela, Dist: Malkangiri, I, Muke Padiami have changed my minor son's surname and his father's name from Dipak Podiami, S/O- **Kasa Podiami** to **Dipak Padiami** S/O- **Kasha Padiami** respectively. Hence forth he will be known as **Dipak Padiami**, S/O- Kasha Padiami for all purposes.
Sd/- Muke Padiami

**AFFIDAVIT**

I, Mahamud Ali Lathia, aged about 41 years, S/o- Isha Lathia, resident of Gandhi Chowk, Umerkote, Po- Umerkote, Ps- Umerkote, Dist- Nabarangpur, Odisha, Pin- 764073 declare by this affidavit No-1191, dtd. 14/06/2025, that now onwards I shall be known as **MOHAMED ALI LATHIA** for all future purposes.

**AFFIDAVIT**

By virtue of an affidavit swom before The Executive Magistrate, Jajpur on dated- 19/05/2025. I, **Sushanta Kumar Rout** (Applicant name), S/o Gokulananda Rout, permanent resident of Vill: Kuanrpur, PO: Aunri, PS: Alakund, Dist: Jajpur, PIN: 755013, Odisha declare that I have changed my minor son's name from **Sidhant Rout** (old name) To **Sidhanta Kumar Rout** (new name). Henceforth, he shall be known as **SIDHANTA KUMAR ROUT** for all future purposes.
Sushanta Kumar Rout

**LOST**

By this time one person namely **Sri Bisikeshan Lima,** aged about 46 years, S/o.: Sri Erana Lima, of Village: Jagannathpur, PO.: Kujasingh, P.S.: Serango, Dist.: Gajapati, At/Pre: Krishna Nagar, Near Ranipenta, PO.: Jeeba, P.S.: Paralakhemundi, Tahasil: Gumma, District: Gajapati, Aadhar No.: 7549 0979 2479 appeared at PS and presented a written report that, He own a piece of Land situated in the revenue Village/Mouza: Upalasing which is bearing new RoR vide Khata No.: 85/927, Plot No.: 359/903 for Ac.0041 Dec, Kissam: Gharabari, being purchased by me vide RSD No.: 10552002524 Dt.01.10.2020 from one Sri Korada Dandasi, that the above Sri Korada Dandasi purchased the said land from one Sri Sankar Prasad Boxi vide RSD No.: 10551602338 Dt.07.09.2016, which has been, given by Sri Korada Dandasi to him at the time of registration of his sale deed. But the said original link Sale Deed bearing RSD No.: 10551602338 Dt.07.09.2016 has been misplaced at our home at Krishna Nagar, Near Ranipenta i.e. on 04.05.2025 and in spite of their best efforts, the same could not be traced out. Hence, he reported at PS. Noted the fact in GD for future references.

# ଜିଲ୍ଲାପାଳଙ୍କ ଅଫିସ ଆଗରେ ଉତ୍କଳ ମହିଳା ସମିତିର ବିକ୍ଷୋଭ

ମାଲକାନଗିରି, ୧୬ ।୬ (ସମିସ)

୧୦ ଦଫା ଦାବି ନେଇ ଉତ୍କଳ ମହିଳା ସମିତି, ପେସା ସଂଘ ଓ ଯୁବକ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହିତ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

**● ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ**

ପ୍ରଦାନ କରାଯାଇଛି । ଆଜି ଉତ୍କଳ ମହିଳା ସମିତି, ପେସା ସଂଘ ଓ ଯୁବକ ସଂଘ ପକ୍ଷରୁ ସ୍ଥାନୀୟ ବସଷ୍ଟାଣ୍ଡ ଠାରୁ ବିରାଟ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରାଯାଇ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ଉମା ପ୍ରସାଦ ଦାଶଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ । ରାଜ୍ୟ ସଭାପତି ଆଦିବାସୀ ନେତା ହଳଧର ପୂଜାରୀ, ଜିଲ୍ଲା



ସଭାନେତ୍ରୀ ଡମୁଣୀ ପୂଜାରୀ, ସମ୍ପାଦିକା ଦୟାମତି ଗୋଲରୀ, ରଜ ଲକ୍ଷ୍ମୀ ମୁଚାକି, ଜୟକୁମାରଙ୍କ ନେତୃତ୍ୱରେ ଉତ୍କଳ ମହିଳା ସମିତି, ପଞ୍ଚାୟତିରାଜ ପେସା କର୍ମକର୍ତ୍ତା ଓ ଅଖିଳ ଭାରତ ଯୁବ ସଂଘ ମିଳିତ ଆନୁକୂଲ୍ୟରେ ମାଲକାନଗିରି ଜିଲ୍ଲାର ଯୁବ ଓ ମହିଳମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୦ଦଫା ଦାବିପତ୍ର ପ୍ରଦାନ କରିଛନ୍ତି । ଦାବି ଗୁଡିକ ମଧ୍ୟରେ ମୁଖ୍ୟତଃ ଜିଲ୍ଲାରେ ବେଆଇନ୍ ମଦ କାରବାର ହେତୁ ମହିଳାମାନଙ୍କୁ ଘରୋଇ ହିଂସା, ଗଣ ଦୁଷ୍କର୍ମ ଓ ବେରୋଜଗାରି ସମସ୍ୟା ପ୍ରତିଦିନ ବଢ଼ିଛାଲିଛି । ଏଣୁ ଏଥିପ୍ରତି ରୋକ ଲଗାଯାଉ । ଘରୋଇ ମହିଳା ମାନଙ୍କୁ ମାସିକ ୧୦ ହଜାର ଟଙ୍କା ବେକାରୀ ଭତ୍ତା, ମହିଳାଙ୍କୁ ସମ୍ବିଧାନିକ ଅଧିକାରରୁ ବହିଷ୍କୃତ ନକରି ସମସ୍ତ ସୁବିଧା, ମହିଳାଙ୍କ ପାଇଁ ସ୍ୱତନ୍ତ୍ର ବୈଠକ ଗୃହ ପ୍ରତି ଗ୍ରାମରେ ଯୋଗାଇ ଦେବା, ଜୟପୁର ଠାରୁ ମୋଟୁ ପର୍ଯ୍ୟନ୍ତ ରେଳ ଲାଇନ୍ ନିର୍ମାଣ କରି ରେଳ ଚଳାଚଳ ଆରମ୍ଭ କରିବାକୁ ଦାବି କରାଯାଇଛି । ଜିଲ୍ଲାର ପ୍ରତ୍ୟେକ ପଞ୍ଚାୟତରେ କାର୍ଯ୍ୟରତ ଥିବା ପଞ୍ଚାୟତିରାଜ ପେସା କର୍ମକର୍ତ୍ତାମାନଙ୍କୁ ପ୍ରତି ଗାଁକୁ ଯାଇ ପ୍ରତ୍ୟେକ ଘରେ ବାର୍ଦ୍ଧକ୍ୟ ଭତ୍ତା ସର୍ଭେ, ମହିଳାମାନଙ୍କ ସଚେତନତା ସଭା, ଆବାସ ଘର ସର୍ଭେ କରିବା ସହ ପଞ୍ଚାୟତର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ପଡ଼ିଥାଏ । କିନ୍ତୁ ଯାତାୟତ ନିମନ୍ତେ କୌଣସି ସୁବିଧା ନ ଦେଇ ମାସିକ ମାତ୍ର ୧୪ଶହ ଟଙ୍କା ଦରମାରେ ଘର ଚଳିବା ଅସମ୍ଭବ । ତେଣୁ ଦରମା ବୃଦ୍ଧି କରାଯାଉ ଓ ପେସା କର୍ମକର୍ତ୍ତାଙ୍କୁ ମାସିକ ୧୨ ହଜାର ଟଙ୍କା ଦରମା ଦିଆଯାଉ । ପେସା କର୍ମକର୍ତ୍ତା ମାନଙ୍କୁ ସରକାରୀ ମାନ୍ୟତା ଦିଆଯାଇ ସରକାରୀ କର୍ମଚାରୀ କରାଯାଉ, କର୍ମନିଯୁକ୍ତି ଲାଗୁକରି ସମସ୍ତଙ୍କୁ କାମ ଯୋଗାଇ ଦିଆଯାଉ । ନଚେତ୍ ୧୦ହଜାର ଟଙ୍କା ବେକାରି ଭତ୍ତା ଯୋଗାଇ ଦିଆଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି ।

# ଆମ୍ବୁଲାନ୍ସକୁ ଧକ୍କାଦେଲା ଟ୍ରକ୍

**■ ଅଳ୍ପକେ ବର୍ତିଲେ ଆମ୍ବୁଲାନ୍ସ ଡ୍ରାଇଭର**



ରାୟଗଡ଼ା, ୧୬।୬(ସମିସ): ରାୟଗଡ଼ା ଜିଲ୍ଲାର ବ୍ୟସ୍ତ ବହୁଳ ରାୟଗଡ଼ା - ଟିକିରି ମୁଖ୍ୟ ରାସ୍ତାର ଟିକିରି ଥାନା ଅଞ୍ଚଳରେ ନିୟମିତ ବ୍ୟବଧାନରେ ସଡ଼କ ଦୁର୍ଘଟଣା ଲାଗିରହିଛି । ଫଳରେ ଆହତ ଓ ମୃତକଙ୍କ ସଂଖ୍ୟା ମଧ୍ୟ ଏକ ପ୍ରକାର ଚିନ୍ତା ଜନକ ସ୍ଥିତିରେ ରହି ଆସିଛି । ସ୍ଥାନୀୟ ପୁଲିସ ପ୍ରଶାସନ ଓ ଅନ୍ୟାନ୍ୟ ସଂଗଠନ ଗୁଡିକ ଦ୍ୱାରା ସଡ଼କ ଦୁର୍ଘଟଣାରୁ ରକ୍ଷା ପାଇବା ପାଇଁ ଅନେକ ସମୟରେ ସଚେତନତା ବାର୍ତ୍ତା କାର୍ଯ୍ୟକ୍ରମ କରାଯାଉଥିଲେ ମଧ୍ୟ ଏଥିରେ ରୋକ୍ ଲାଗିପାରୁନାହିଁ । ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଟିକିରି ଥାନା ଅନ୍ତର୍ଗତ ୪୪ନଂ ରାଜ୍ୟ ରାଜପଥର ସର୍ଗିଗୁଡ଼ା ଗ୍ରାମ ନିକଟରେ ଏକ ୧୦୮ ଆମ୍ବୁଲାନ୍ସ ମରାମତି ହୋଇ କାଶିପୁର ଫେରୁଥିବା ସମୟରେ ଉତ୍କଳ ଆଲୁମିନାରୁ ଆଲୁମିନିଅମ ବୋଝେଇ ଟ୍ରକ୍ ଓଭରଟେକ କରି ଯାଉଥିବା ବେଳେ ଆମ୍ବୁଲାନ୍ସ ଡାହାଣ ପଟେ ଧକ୍କା ଦେବାରୁ ରସ୍ତା କଡ଼ରେ ଥିବା ଏକ ଗଛକୁ ଧକ୍କା ହୋଇଛି । ପୁଣିଥରେ ଗାଡି ପଛକୁ ଗଡ଼ିଯାଇ ଆମ୍ବୁଲାନ୍ସକୁ ଧକ୍କା ଦେବାରୁ ଗାଡିଟି ସମ୍ପୂର୍ଣ୍ଣର୍ ଭାବେ ନଷ୍ଟ ହୋଇଯାଇଛି । କିନ୍ତୁ ସୌଭାଗ୍ୟ ବଶତଃ ଅଳ୍ପକେ ବର୍ତିଲେ ଆମ୍ବୁଲାନ୍ସ ଡ୍ରାଇଭର । ୨ଦିନ ଧରି ଆମ୍ବୁଲାନ୍ସ ମରାମତି ପାଇଁ ରାୟଗଡ଼ା ଯାଇ ଫେରୁଥିବା ସମୟରେ ଦୁଘଟଣା ଘଟିଥିଲା । ନିୟମିତ ଭାବେ ରାତିରେ ମାଲ ବୋଝେଇ ଗାଡିଗୁଡିକ ବେପରୁଆ ଭାବେ ଚଳାଇ ଅପର ଡିପର ନ ଲଗାଇ ଚଳାଉ ଥିବାରୁ ବାରମ୍ବାର ଦୁଘଟଣା ଘଟି ଜନଜୀବନ ହାନି ହେଉଛି । ଖବର ପାଇ ଟିକିରି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟିଥିବା ଟ୍ରକ୍‌କୁ ଜବତ କରି ୨ଜଣ ଡ୍ରାଇଭରଙ୍କୁ ଅଟକ ରଖିଛି । ଟିକିରି ପୁଲିସ ବାରମ୍ବାର ସଚେତନ କରୁଥିଲେ ମଧ୍ୟ ଅମାନିଆ ଚାଳକମାନଙ୍କ ପାଇଁ ବାରମ୍ବାର ଦୁର୍ଘଟଣା ଘଟୁଛି । କାଶିପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମାତ୍ର ଗୋଟିଏ ୧୦୮ ଆମ୍ବୁଲାନ୍ସ ଥିଲା । ଏବେ ଦୁର୍ଘଟଣା ହେବା ପରେ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବେ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । କାଶିପୁର, ଡଙ୍ଗାସିଲ, ସୁଙ୍ଗେରଓ ମାଣ୍ଡିବିସି ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଟିଏ ଲେଖାଏଁ ନୂଆ ଆମ୍ବୁଲାନ୍ସ ଯୋଗାଇ ଦେବା ପାଇଁ ଦାବି ହେଉଛି ।

## ଅଜଣା ଗାଡ଼ି ଧକ୍କାରେ ମହିଳା ମୃତ, ଦୁଇ ଆହତ



କାଲିମେଲା, ୧୬।୬(ସମିସ): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ୩୨୬ ନମ୍ବର ଜାତୀୟ ରାଜପଥର ତେଲେରାଇ ଏମ୍‌ଭି୧୨୬ ଘାଟି ନିକଟରେ ସଡ଼କ ଦୁର୍ଘଟଣା । ଅଜଣା ଗାଡ଼ି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି । ଆହତ ଦୁଇଜଣ କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି । ଆହତ ଦୁଇଜଣ ସ୍ୱାମୀ ସ୍ତ୍ରୀ ହୋଇଥିବା ବେଳେ ତାଙ୍କ ସହ ବର୍ଷକର ଏକ ଶିଶୁ ରହିଥିଲା । ତେବେ ଶିଶୁଟି ସମ୍ପୂର୍ଣ ସୁସ୍ଥ ରହିଥିବା ଜଣାପଡ଼ିଛି । ମଧ୍ୟରାତ୍ରରେ ଘରକୁ ଫେରୁଥିବା ବେଳେ ଘାଟି ନିକଟରେ ଅଜଣା ଗାଡି ଧକ୍କା ଦେଇଥିବା କୁହାଯାଉଛି । ମୃତ ମହିଳା ଏମଭି ୧୧୩ ଗ୍ରାମର ବୋଲି ଜଣାପଡ଼ିଛି । ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି । ସୂଚନା ମୁତାବକ ମଧ୍ୟରାତ୍ରରେ ଦ୍ରୁତଗତିରେ ଯାଉଥିବା ହାଇୱା ତଳେ ପଡ଼ି ଏପରି ଦୁର୍ଘଟଣା ଘଟିଛି ।

## ଅମ୍ବାଦଲା ଅଞ୍ଚଳରେ ରଜ ମହୋତ୍ସବ



ମୁନିଗୁଡା, ୧୬ ।୬ (ସମିସ): ଓଡ଼ିଶାର ପାରମ୍ପରିକ ଗଣପର୍ବ ରଜକୁ ଉତ୍କଣ୍ଠାର ସହ ପାଳନ କରଛନ୍ତି ଅମ୍ବାଦଲା ବାସୀ । ଅମ୍ବାଦଲା ଅଞ୍ଚଳର ଗଳିକନ୍ଦିରେ ରଜର ଝଲକ ଦେଖିବାକୁ ମିଳିଥିଲା । ଅମ୍ବାଦଲା ସାହୁ କଲୋନୀ ଠାରୁ ଆରମ୍ଭ କରି ଶାନ୍ତି ଛକ କୁମୁଡା ବାଲି, ରଘୁବାରି, ଡମିରଗୁଡା, ରାଣପିଣ୍ଡା ଆଦି ଅଞ୍ଚଳରେ ରଜ ମହୋତ୍ସବ ପାଳିତ ହୋଇଯାଇଛି । ଏହିସବୁ ଅଞ୍ଚଳରେ ପିଠାପଣା ସାଙ୍ଗକୁ ବିଭିନ୍ନ ପ୍ରକାର ଦୋଳି ଓ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲଶ । କୃଷି ଓ ସଂସ୍କୃତିର ଗଣପର୍ବ ରଜ ଅବସରରେ ଦୁଇ ଦିନ ଧରି ଅମ୍ବାଦଲା ଅଞ୍ଚଳରେ ଓଡ଼ିଶାର ମହନୀୟ ପରମ୍ପରା ଓ ସଂସ୍କୃତିକୁ ଆଧାର କରି ସଙ୍ଗୀତର ତାଳେ ତାଳେ ମନଛୁଆଁ ନୃତ୍ୟ ଓ ସଙ୍ଗୀତ ପରିବେଷଣ ସାଙ୍ଗକୁ ନାନା ରକମର ପିଠାପଣା, ପାନର ମଜା ଲୋକେ ଉଠାଇଥିଲେ । ମହିଳା ମାନେ ଖିଲି ପାନ ଖାଇ ଦୋଳିରେ ବସି ଝୁଲିବା ସହ ବିଭିନ୍ନ ପ୍ରକାର ଗୀତ ଗାଇ ଆନନ୍ଦ ଉଲ୍ଲାସର ସହ ଏହି ପବିତ୍ର ରଜ ଉତ୍ସବ ପାଳନ କରିଥିବା ଦେଖିବାକୁ ମିଳିଥିଲା ।

# ରାୟଗଡ଼ା ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ଗୁଣପୁର, ୧୬।୬(ସମିସ): ଗୁଣପୁର ଉପ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ, ରାୟଗଡ଼ାଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଆରକ୍ଷୀ ଅଧିକ୍ଷକ ସ୍ୱାଥି ଏସ୍ କୁମାର, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ରାୟଗଡ଼ା ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଣପୁର ଉପ ଜିଲ୍ଲାପାଳ କିରନଦୀପ କୌର ସହୋତା, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରଫୁଲ କୁମାର ପାଢ଼ୀ ଯୋଗଦେଇ ଅଭିଯୋଗର ଶୁଣାଣି କରିଥିଲେ । ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱସ୍ତିକ ଜମାଦାରଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ଆଜି ମୋଟ ୨୮ଟି ଅଭିଯୋଗର ଶୁଣାଣି ହୋଇଥିଲା । ସେଥିରୁ ୧୭ଟି ବ୍ୟକ୍ତିଗତ, ୬ଟି ସାମୂହିକ ପାଞ୍ଚଟି ସ୍ୱାସ୍ଥ୍ୟଗତ ଦରଖାସ୍ତ ପଞ୍ଜିକରଣ ହୋଇଥିଲା । ପାଞ୍ଚ ଜଣଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୩୫ହଜାର ଟଙ୍କାର ଆର୍ଥିକ ସାହାଯ୍ୟ ଜିଲ୍ଲାପାଳ ପ୍ରଦାନ କରିଥିଲେ । ଅନ୍ୟ ଅଭିଯୋଗ ଗୁଡିକୁ ତଦନ୍ତ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବା




ନିମନ୍ତେ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀଙ୍କୁ ଦରଖାସ୍ତ ଗୁଡିକ ପ୍ରଦାନ କରିବା ସହ ଗ୍ରହଣ କରିଥିବା ପଦକ୍ଷେପର ବିବରଣୀ ଜିଲ୍ଲାପାଳଙ୍କୁ ଅବଗତ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଏହି ଅଭିଯୋଗ ଶିବିରରେ ଗୁଣପୁର ଗୁଣପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାବୁଲି ନାୟକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଷ୍ଣୁ ପ୍ରସାଦ କର, ଜିଲ୍ଲା ପ୍ରାଣିଧନ ଚିକିତ୍ସା ଅଧିକାରୀ ଡାକ୍ତର ଦେବରାଜ ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାୟକ, ଉଦ୍ୟାନ କୃଷି ନିର୍ଦ୍ଦେଶକ ଦୟାନିଧି ରାଉତ, ଜିଲ୍ଲା ପଞ୍ଚାୟତ ଅଧିକାରୀ ସୂର୍ଯ୍ୟ ନାରାୟଣ ମହାରଣା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଶ୍ରୀକାନ୍ତ ପାଣିଗ୍ରାହୀ, ଜିଲ୍ଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀ, ଲିଡ୍ ବ୍ୟାଙ୍କ ମ୍ୟାନେଜର ଦେବେନ୍ଦ୍ର ବାଉରୀ, ଅବକାରୀ ଅଧିକ୍ଷକ ସନ୍ତୋଷ କୁମାର ଧଳ ସାମନ୍ତ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ଶିଶୁ ବିକାଶ ଯୋଜନା ଅଧିକାରୀ ସୁଷମା ପ୍ରସାଦ ଓ ଅନ୍ୟାନ୍ୟ ଅଧିକାରୀ ଯୋଗଦାନ କରି ଅଭିଯୋଗ ଗୁଡିକର ଶୁଣାଣି କରିଥିଲେ । ସହକାରୀ ଜିଲ୍ଲାପାଳ ତଥା ଅଭିଯୋଗ ଶୁଣାଣି ଅଧିକାରୀ ସସ୍ମିତା ପଟ୍ଟନାୟକ, ଅଭିଯୋଗ ଶୁଣାଣିର ବରିଷ୍ଠ ରାଜସ୍ୱ ସହାୟକ ଅଚ୍ୟୁତାନନ୍ଦ ଲିମା, କନିଷ୍ଠ ରାଜସ୍ୱ ସହାୟକ ଲୋପାମୁଦ୍ରା ଶିବିର ପରିଚାଳନା କରିଥିବା ବେଳେ ଗୁଣପୁର ଆଦର୍ଶ ଥାନା ଅଧିକାରୀ କେକେବିକେ କହଁର ଆଇନ ଶୃଙ୍ଖଳା ରକ୍ଷା କରିଥିଲେ ।

# ଡୁମୁରିଗୁଡା ଓ ବାଙ୍କୀଲିରେ ଧରତୀ ଆବ୍‌ବା ଜନଜାତୀୟ ଗୌରବ ଉତ୍କର୍ଷ କାର୍ଯ୍ୟକ୍ରମ

କୋଲନରା, ୧୬।୬(ସମିସ): ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ ଅନ୍ତର୍ଗତ ବାଙ୍କୀଲି ପଞ୍ଚାୟତ ଓ ଡୁମୁରିଗୁଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବିକାଶ ବାହନ ରଥକୁ ସ୍ୱାଗତ ଓ ଧରିତ୍ରୀ ଆବ୍‌ବା ଜନଜାତୀୟ ଗୌରବ ଉତ୍କର୍ଷ ଅଭିଯାନର ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋଲନରା ପଞ୍ଚାୟତ ସମିତି ଉପାଧ୍ୟକ୍ଷା ହଳଧର ହିମିରିକା ଯୋଗଦେଇ ଅନୁଷ୍ଠାନକୁ ଶୁଭାରମ୍ଭ କରିଥିବା ବେଳେ ସ୍ଥାନୀୟ ସରପଞ୍ଚ ମନିକା ପିରିବାକା ଓ ସମିତି ସଭ୍ୟା ପବିତ୍ର ମୋହନ ହିକକା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବାଙ୍କୀଲି ପଞ୍ଚାୟତରେ



ସରପଞ୍ଚ କୁନି ମଣ୍ଡାଙ୍ଗି ମୁଖ୍ୟ ଅତିଥି ଓ ସମିତି ସଭ୍ୟା ସୁଜାତା ତୁଳ ଯୋଗ ଦେଇଥିଲେ । ବ୍ଲକ ପ୍ରଶାସନ ପକ୍ଷରୁ ଜିପିଡିଓ ପ୍ରଶାନ୍ତ କୁମାର ପାଢ଼ୀ, ଡବ୍ଲୁଇଓ ଦେବାଶିଷ ମୁଣ୍ଡ, ପିଇଓ ମଦନ ମୋହନ ନାୟକ, ଜୀବନ ଜେନା, ଖେଦାପଡ଼ା ସରପଞ୍ଚ ଓ ପିଇଓ ଲିଙ୍ଗରାଜ ତାଡିଙ୍ଗ, ପ୍ରତାପ ହିମିରିକା, ପେସା କୋର୍ଡିନେଟର ଅମିତ କୁମାର ଗାଣ୍ଟା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସରକାର ମହିଳା ସଶକ୍ତି କରଣ ପାଇଁ ସୁଭଦ୍ରା ଯୋଜନା, ଗରିବ ଲୋକଙ୍କ ନିମନ୍ତେ ଅନ୍ତ୍ୟୋଦୟ ଗୃହ ଯୋଜନା, ନୂତନ ରାସନ୍ କାର୍ଡ ସହ ବିଭିନ୍ନ ଜନ ହିତକର ଯୋଜନା ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ଅବଗତ କରା ଯାଇଥିଲା । ଏହି ଅବସରରେ ସ୍ୱାସ୍ଥ୍ୟ ବିଭାଗ, ବନ ବିଭାଗ ମତ୍ସ୍ୟ ବିଭାଗ, ଅଙ୍ଗନବାଡ଼ି କର୍ମୀ ଓ ମିଶନ ଶକ୍ତି ତରଫରୁ ଉଭୟ ସ୍ଥାନରେ ପ୍ରଦର୍ଶନୀ ଷ୍ଟଲ୍ କରା ଯାଇଥିଲା । ଉକ୍ତ କାର୍ଯ୍ୟକ୍ରମ ଉଭୟ ପଞ୍ଚାୟତରେ ହିତାଧିକାରୀଙ୍କୁ ନୂତନ ରାସନ୍ କାର୍ଡ ବଣ୍ଟନ, ବନ ବିଭାଗ ପକ୍ଷରୁ ଚାରା ରୋପଣ, ଆୟୁଷ୍ମାନ କାର୍ଡ ଓ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ, ଜବ୍ କାର୍ଡ, ଶ୍ରମିକ କାର୍ଡ ଆଦି ବଣ୍ଟନ କରା ଯାଇଥିଲା । ଜିପିଡିଓ ପ୍ରଶାନ୍ତ ପାଢ଼ୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦେବାଶିଷ ମୁଣ୍ଡ ଓ ପେସା କୋର୍ଡିନେଟର ପ୍ରମୁଖ ଉପସ୍ଥିତ ଥିଲେ ।

## ବନ କର୍ମଚାରୀଙ୍କ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ଚିତ୍ରକୋଣ୍ଡା, ୧୬।୬(ସମିସ): କାର୍ଯ୍ୟ କରୁଥିବା ସମୟରେ ବନ ବିଭାଗ କର୍ମଚାରୀ ଅସୁରକ୍ଷିତ । କିଛିଦିନ ତଳେ ଅନୁଗୁଳ ଜିଲ୍ଲାରେ ଶିକାରୀ ଗୁଳିରେ ଜଣେ ବନ କର୍ମଚାରୀ ପ୍ରାଣ ହରାଇଥିଲେ । ପୂର୍ବରୁ ଅନେକ ଥର ଅନେକ ସମୟରେ ଫରେଷ୍ଟର, ଗାର୍ଡ ଦୁର୍ବୃତ୍ତଙ୍କ ଆକ୍ରମଣରେ ପ୍ରାଣ ହରାଇଛନ୍ତି । ଏହାର ପ୍ରତିବାଦ ସ୍ୱରୂପ ଓଡ଼ିଶା ଅଣ ଗେଜେଡ ବନ କର୍ମଚାରୀ ରାଜ୍ୟ ସଙ୍ଘ ତରଫରୁ ସରକାରଙ୍କଠାରେ ତିନି ଦଫା ଦାବି ନେଇ ବନ କର୍ମଚାରୀ କଳା ବ୍ୟାଜ୍ ପିନ୍ଧି କାର୍ଯ୍ୟରତ ଅଛନ୍ତ । ଚିତ୍ରକୋଣ୍ଡା ବନବିଭାଗ କର୍ମଚାରୀମାନେ ସଙ୍ଘ ଡାକରାରେ ଆନ୍ଦୋଳନରେ ସାମିଲ ହୋଇଛନ୍ତି । ଦାବି ଗୁଡିକ ହେଲା, କାର୍ଯ୍ୟ ସମୟରେ ସେମାନଙ୍କ ସୁରକ୍ଷା, ଫରେଷ୍ଟ କମିଶନ ଗଠନ, ସାଲାରୀ ଓ ଇନ୍‌ସ୍ୟୁରାନ୍ସ ପ୍ୟାକେଜ୍ । ଏହି ୩ଦଫା ଦାବିକୁ ନେଇ ଚଳିତ ମାସ ୯ ତାରିଖରୁ ମୁଖ୍ୟମନ୍ତ୍ରୀ ଉଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । ତେବେ ଆସନ୍ତା ୧୫ତାରିଖରୁ କଳାବ୍ୟାଜ୍ ପିନ୍ଧି ଜଙ୍ଗଲ ସୁରକ୍ଷା ଛଡ଼ା ଅନ୍ୟ କାର୍ଯ୍ୟ କରିବା, ୨୧ ତାରିଖ ସୁଦ୍ଧା ସରକାର ଦାବି ନଶୁଣିଲେ ରାଜ୍ୟର ସମସ୍ତ କର୍ମଚାରୀ ସାମୂହିକ ଛୁଟି ନେବେ ବୋଲି କହିଛନ୍ତି ଚିତ୍ରକୋଣ୍ଡ ବନ ବିଭାଗର ଫରେଷ୍ଟର ନିରଞ୍ଜନ ସାର୍କା ।

## ଗୁଣପୁର ପୌରାଞ୍ଚଳରେ ବିକାଶ ବାହାନର ଶୁଭାରମ୍ଭ

ଗୁଣପୁର, ୧୬।୬(ସମିସ): ରାୟଗଡ଼ା ଜିଲ୍ଲା ଗୁଣପୁର ମୁନିସିପାଲିଟି ପକ୍ଷରୁ ବିକାଶ ବାହାନ ଶୁଭାରମ୍ଭ ହୋଇଛି । ମୁନିସିପାଲିଟି ପରିସରରେ ଆୟୋଜିତ ଉତ୍ସବରେ ୧୨ ଜଣ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା, ୨୫ ପରିବାରକୁ ରାସନ କାର୍ଡ ୧୫ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା । ଏଥିରେ ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ମୁନିସିପାଲିଟି ଅଧ୍ୟକ୍ଷା ମମତା ଗୌଡ଼, ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼, ମୁନିସିପାଲିଟିର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକଙ୍କ ସମେତ ବିଭିନ୍ନ ୱାର୍ଡର କାଉନ୍‌ସିଲର ଓ ଜନସାଧାରଣ ଉପସ୍ଥିତ ଥିଲେ ।

# ବୟୋବୃଦ୍ଧଙ୍କୁ ନିର୍ଯାତନା ସଚେତନତା ଦିବସ

ବିଷମ କଟକ, ୧୬।୬ (ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ତାଲୁକ୍ ଆଇନ୍ ସେବା କମିଟି ଦ୍ୱାରା ବିଶ୍ୱ ବୟୋବୃଦ୍ଧଙ୍କୁ ନିର୍ଯାତନା ସଚେତନତା ଦିବସ ପାଳନ କରାଯାଇଥିଲା । ଏହି ଅବସରରେ ତାଲୁକ୍ ଆଇନ୍ ସେବା କମିଟି ଦ୍ୱାରା ବିଶ୍ୱ ବୟୋବୃଦ୍ଧଙ୍କୁ ନିର୍ଯାତନା ସଚେତନତା ସ୍ଥାନୀୟ ରତାଟିକ୍ରି ଗ୍ରାମରେ ରହିଥିବା ହର୍ଷଟ୍ରଷ୍ଟ ପ୍ରଶିକ୍ଷଣ କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା । ସଚେତନା କାର୍ଯ୍ୟକ୍ରମକୁ ବିଷମ କଟକ କୋର୍ଟର ଅତିରିକ୍ତ ଜିଲ୍ଲା ଏବଂ ଦୌରା ଜଜ୍ ସିଦ୍ଧାର୍ଥ ସାହୁ ଏବଂ ସ୍ଥାନୀୟ କୋର୍ଟର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଅଶ୍ୱିନୀ କୁମାର ସାହୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁସଂଖ୍ୟକ ବୃଦ୍ଧବୃଦ୍ଧା ତଥା ଗ୍ରାମବାସୀ ଯୋଗଦାନ କରି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ । ବିଶ୍ୱ ବୟୋବୃଦ୍ଧଙ୍କୁ ନିର୍ଯାତନା ସଚେତନତା କାର୍ଯ୍ୟକ୍ରମରେ ବୃଦ୍ଧବୃଦ୍ଧା ମାନଙ୍କ ପାଇଁ ସରକାରଙ୍କ ଦ୍ୱାରା ଆଇନରେ କି କି ପ୍ରକାର ସୁବିଧା ରହିଛି ତଥା ଘରୋଇ ହିଂସା ଏବଂ ନିର୍ଯାତନା ବେଳେ ସେମାନେ କିପରି ନିକଟସ୍ଥ ତାଲୁକ୍ ଆଇନ୍ ସେବା କମିଟିର ସାହାଯ୍ୟ ନେଇ ପାରିବେ ତଥା ରାଷ୍ଟ୍ରୀୟ ଆଇନ୍ ସେବା ପ୍ରାଧିକରଣ ହେଲ୍ପଲାଇନ ନମ୍ବର -୧୫୧୦୦ କୁ ଯୋଗାଯୋଗ କରି କି ପ୍ରକାରେ ସାହାଯ୍ୟ ପାଇପାରିବେ ସେ ବିଷୟରେ ଉପସ୍ଥିତ ଲୋକମାନଙ୍କୁ ବୁଝାଇଥିଲେ ।




**ଦୁଇ ମନ୍ତ୍ରୀଙ୍କୁ ଭେଟିଲେ ପ୍ରତିନିଧି ଦଳ**

# ଜଗନ୍ନାଥ ମନ୍ଦିର ବିକାଶ ସହ ବାଇପାସ୍ ରାସ୍ତା କାର୍ଯ୍ୟକ୍ଷମ ଦାବି

ଗୁଣପୁର, ୧୬।୬(ସମିସ)

ରାୟଗଡ଼ା ଜିଲ୍ଲା ଗୁଣପୁର ନବ ନିର୍ମାଣ ସମିତି ଓ ଶ୍ରୀ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ଉନ୍ନୟନ କମିଟି ପକ୍ଷରୁ ଆଜି ଏକ ପ୍ରତିନିଧି ଦଳ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଭେଟି ଗୁଣପୁର ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରିଛନ୍ତି । ବିଶେଷ କରି ଆର୍ଥିକ ଅନଟନ ହେତୁ ଜଗନ୍ନାଥ ମନ୍ଦିରରେ ବର୍ଷସାରା ଠାକୁରଙ୍କ ନିତିକାନ୍ତିରେ ବାଧା ସୃଷ୍ଟି ହେଉଥିବା ସହ ଠାକୁରଙ୍କ ଅଳଙ୍କାର ମରାମତି ହୋଇପାରୁ ନଥିବା ଓ ରଥଯାତ୍ରା ସମୟରେ ଆଦାୟ ଅର୍ଥ ଜଗନ୍ନାଥଙ୍କ ପାଇଁ ବ୍ୟବହାର ନହୋଇ ଦେବୋତ୍ତର ଜମାଖାତାକୁ ଚାଲି ଯାଉଥିବା ନେଇ ଅଭିଯୋଗ କରିଥିଲେ । ଏସମ୍ପର୍କରେ ମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଦେବୋତ୍ତର ବିଭାଗ ଅତିରିକ୍ତ କମିସନର ଦିଲୀପ ଶତପଥିଙ୍କୁ ଭେଟି ଏହି ପ୍ରତିନିଧି ଦଳ ଅଭିଯୋଗ ଜଣାଇଥିଲେ । ଏନେଇ ମନ୍ତ୍ରୀ ସ୍ୱତନ୍ତ୍ର ବୈଠକ ଡାକିବାକୁ ପ୍ରତିଶ୍ରୁତି ଦେଇଥିବା ବେଳେ ଗୁଣପୁର ଜଗନ୍ନାଥ ମନ୍ଦିର ସମ୍ପର୍କରେ ତର୍ଜମା କରି ପଦକ୍ଷେପ ନିଆଯିବ ବୋଲି କମିଶନର କହିଥିଲେ । ଏ ସମ୍ପର୍କରେ ରାଜସ୍ୱ ମନ୍ତ୍ରୀଙ୍କୁ ଜଗନ୍ନାଥ ମନ୍ଦିରର ସମସ୍ୟା ସମ୍ପର୍କରେ



ଜଣାଇବା ପରେ ସେ ଗୁଣପୁର ତହସିଲଦାର ଲୀଳାବତୀ ଆଚାର୍ଜିଙ୍କ ସହ ଟେଲିଫୋନ ଯୋଗେ ଆଲୋଚନା କରି ଠାକୁରଙ୍କ ନିତିକାନ୍ତିରେ ଯେମିତି କିଛି ଅସୁବିଧା ହେବନି, ଠାକୁରଙ୍କ ଅର୍ଥ ଠାକୁରଙ୍କ ପାଇଁ ଖର୍ଚ୍ଚ ହେବ, ଆବଶ୍ୟକ ସ୍ଥଳେ ଅନୁଦାନ ଯୋଗେଇବେ ବୋଲି ତହସିଲଦାରଙ୍କୁ କହିଥିଲେ । ଏସବୁ ବାଦ୍ ଗୁଣପୁର ବାଇପାସ୍ ରୋଡ୍ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ଆଉଏକ ବାଇପାସ୍/ ରିଙ୍ଗରୋଡ୍ ନିର୍ମାଣ କରିବା, ବଂଶଧାରା ଉପରେ ଦ୍ୱିତୀୟ ପୋଲ ନିର୍ମାଣ ଓ ରାୟଗଡ଼ାରେ ଚାଲୁ ହେଉଥିବା ପୂର୍ତ୍ତ ବିଭାଗର ଡିଭିଜନ୍‌୨କୁ ଗୁଣପୁରକୁ ସ୍ଥାନାନ୍ତର ପାଇଁ ପୂର୍ତ୍ତମନ୍ତ୍ରୀଙ୍କ ନିକଟରେ ଦାବି କରା ଯାଇଥିଲା । ଏହି ପ୍ରତିନିଧି ଦଳରେ ଆଦିତ୍ୟ ବାହିନୀର ରାଜ୍ୟ ସଭାପତି ମାତୃ ପ୍ରସାଦ ମିଶ୍ର, ଗୁଣପୁର ନବ ନିର୍ମାଣ ସମିତିର ସଭାପତି ଅକ୍ଷୟ ଦାସ, ସମ୍ପାଦକ ରଞ୍ଜିତ ପାଢ଼ି, ଆଇନଜୀବୀ ଲାଡ଼ି ଗୋପାନା ଓ ଜଗନ୍ନାଥ ମନ୍ଦିର ଉନ୍ନୟନ କମିଟିର ବରିଷ୍ଠ ସଦସ୍ୟ ତିରୁପତି ମହାନ୍ତି ଉପସ୍ଥିତ ରହିଥିଲେ ।

■ ଏମ୍‌ପିଭି ୮୩ ଗ୍ରାମରେ କ୍ୱାକ୍‌ଙ୍କ ପ୍ରାଦୁର୍ଭାବ

# ଗୁରୁତର ରୋଗୀଙ୍କୁ ଘରେ ଦେଉଛନ୍ତି ସାଲାଇନ୍

କାଲିମେଳା, ୧୬।୬(ସମିସ): ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ବ୍ଲକ ଠାରୁ ପଞ୍ଚାୟତ ଓ ଗ୍ରାମସ୍ତରରେ ବିଭିନ୍ନ ସ୍ୱାସ୍ଥ୍ୟ ଅନୁଷ୍ଠାନ ସହ ଗଣ୍ଡା ଗଣ୍ଡା ତାଲିମପ୍ରାପ୍ତ କର୍ମଚାରୀ ନିଯୁକ୍ତି ଦିଆଯାଉଛି। ତେବେ ଆଜିବି ଗ୍ରାମାଞ୍ଚଳରେ ତାଲିମପ୍ରାପ୍ତ ତଥା ଅଭିଜ୍ଞ ମେଡିକାଲ ଷ୍ଟାଫ୍ ପରିବର୍ତ୍ତେ କ୍ୱାକ୍‌ଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳୁଛି। ଏଭଳି ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମପିଭି ୮୩ ଗ୍ରାମରେ। ଏହି ଗ୍ରାମରେ କ୍ୱାକ୍‌ମାନେ ଲୋକଙ୍କ ଘରକୁ ଘର ବୁଲି ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଆଳରେ ଭଳିକି ଭଳି ମେଡିସନ ଦେବା ସହ ସାଲାଇନ ମଧ ଲଗାଉଥିବା ଦେଖିବାକୁ ମିଳିଛି।



ସୂଚନା ଅନୁଯାୟୀ, ଏମପିଭି ୮୩ ଗ୍ରାମର ଜଣେ ମହିଳାଙ୍କୁ ଗତ କିଛିଦିନ ଧରି ଭୀଷଣ ଜ୍ୱର ହୋଇଥିବାରୁ ବିଛଣାରେ ପଡ଼ିରହିଥିଲେ। ସୂଚନା ପାଇ ସେହି ଗ୍ରାମର ଜଣେ କ୍ୱାକ୍ ପ୍ରଥମ ଦିନ ଯାଇ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସାଲାଇନ ଲଗାଇ କିଛି ମେଡିସିନ୍ ଖାଇବାକୁ ଦେଇଥିଲେ। ଅସୁସ୍ଥ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ଆଳରେ କ୍ୱାକ୍‌ମାନେ ଲୋକଙ୍କୁ ଶୋଷଣ କରୁଥିବା ଜଣାପଡ଼ିଛି। ଏମପିଭି ୮୩ ଗ୍ରାମ ଓ ଆଖପାଖ ଅଞ୍ଚଳ ଭୌଗଳିକ ଦୃଷ୍ଟି କୋଣରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରୁ ପ୍ରାୟ ୩୦ କିମି ଦୂରରେ ରହିଥିବାରୁ କ୍ୱାକ୍‌ମାନେ ଏହାର ଫାଇଦା ଉଠାଉଛନ୍ତି। ଏହାର କୁପରିଣାମ ସ୍ୱରୂପ ବିଭିନ୍ନ ସମୟରେ ଲୋକଙ୍କ ପ୍ରାଣ ହାନି ହେଉଥିବା ନଜିର ମଧ ରହିଛି। ଅନ୍ୟପଟେ ଏହି ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ମାନ୍ୟମକୋଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରହିଥିବା ବେଳେ ଅଧିକାରୀ ଓ କର୍ମଚାରୀଙ୍କ ଉଦାସୀନତା ଯୋଗୁଁ ଲୋକେ ସରକାରୀ ଡାକ୍ତରଖାନା ଅପେକ୍ଷା କ୍ୱାକ୍‌ଙ୍କ ନିକଟତର ହେଉଛନ୍ତି। ଏପରି ସ୍ଥିତିରେ ଲୋକଙ୍କ ସ୍ୱାସ୍ଥ୍ୟର ସୁରକ୍ଷାକୁ ଦୃଷ୍ଟିରେ ରଖି ଏମପିଭି ୮୩ ଅଞ୍ଚଳରେ ସକ୍ରିୟ କ୍ୱାକ୍‌ଙ୍କ କାର୍ଯ୍ୟକଳାପ ଉପରେ ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

ଚିକିତ୍ସାରେ ଅବହେଳାରୁ ଶିଶୁକନ୍ୟାର ମୃତ୍ୟୁ ଘଟଣା

# ଉପ ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

ମାଲକାନଗିରି, ୧୬।୬(ସମିସ)



ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗତକାଲି ଶିଶୁକନ୍ୟାର ମୃତ୍ୟୁକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଥିଲା। ଡାକ୍ତରଙ୍କ ଅବହେଳା ଯୋଗୁଁ ଝିଅଟିର ମୃତ୍ୟୁ ହୋଇଥିବା ଅଭିଯୋଗ କରି ଚିକିତ୍ସାଳୟରେ ଉତ୍ତ୍ୟକ୍ତ ଲୋକେ ଭଙ୍ଗାରୁଜା କରିବା ସହ ଧାରଣା ଦେଇଥିଲେ। ଏହି ଘଟଣାକୁ ନେଇ ଗତକାଲି ବିଳମ୍ବିତ ରାତି ଯାଏଁ ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ମାଲକାନଗିରି ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଓ ମୃତ ଶିଶୁକନ୍ୟାର ପରିବାର ଲୋକଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଘଟଣାର ସତ୍ୟାସତ୍ୟ ଯାଞ୍ଚ ପାଇଁ ଉପ ଜିଲ୍ଲାପାଳ ଶ୍ରୀ ଭୋଇ ପରିବାର ଲୋକଙ୍କୁ ଆଶ୍ୱସନା ଦେବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ମୃତ ଶିଶୁକନ୍ୟାର ପରିବାର ଲୋକଙ୍କ ଆଗରେ ହିଁ ଘଟଣାକୁ ନେଇ ବିଳମ୍ବିତ ରାତିରେ ତଦନ୍ତ ପ୍ରକ୍ରିୟା ଆରମ୍ଭ ସହ ସେମାନଙ୍କ ବୟାନକୁ ଶୁଣିଥିଲେ। ଏହା ସହ ପ୍ରାଥମିକ ଚିକିତ୍ସା କରିଥିବା ଡାକ୍ତର ଓ କର୍ମଚାରୀଙ୍କ ବୟାନ ମଧ ନିଆଯାଇଥିଲା। ତେବେ ଏହି ତଦନ୍ତକୁ ଶେଷ କରି ଯଥାଶୀଘ୍ର ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ କରିବେ ବୋଲି ଶ୍ରୀ ଭୋଇ ପ୍ରକାଶ କରିବା ପରେ ଆଜି ସକାଳୁ ମୃତ ଶିଶୁକନ୍ୟାର ଶବ ବ୍ୟବଚ୍ଛେଦ କରଯାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଘଟଣାକୁ ନେଇ ଆଜି ଏକ ଉଚ୍ଚସ୍ତରୀୟ ବୈଠକ ହୋଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ସଦର ମହକୁମାର ଲଳିତ ପାତ୍ର ନାମକ ବ୍ୟକ୍ତିଙ୍କ ଝିଅ ଆରାଧ୍ୟା ଘର ନିକଟରେ ଖେଳୁ ଥିବା ବେଳେ ମୁଣ୍ଡରେ ଆଘାତ ହୋଇଥିଲା। ତେବେ ତୁରନ୍ତ ପରିବାର ଲୋକେ ଝିଅକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଡାକ୍ତରଙ୍କ ଅବହେଳା ପାଇଁ ଶିଶୁକନ୍ୟାର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ଫଳେରେ ହସ୍ପିଟାଲରେ ଉତ୍ତେଜନା ପ୍ରକାଶ ପାଇଥିଲା।

## ବେକରେ ଗାମୁଛା ଦେଇ ଯୁବକଙ୍କ ଆତ୍ମହତ୍ୟା

ବାଲିମେଳା/କୋରୁକୋଣ୍ଡା, ୧୬।୬(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ନିଲାକାମ୍ବ୍ରୁ ପଞ୍ଚାୟତ ନିଲାକାମ୍ବ୍ରୁ ଗ୍ରାମରେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ନିଲାକାମ୍ବ୍ରୁ ଗ୍ରାମର ଶୈଳେନ୍ଦ୍ର ମହାନ୍ତି(୫୩)। ଗତକାଲି ସନ୍ଧ୍ୟାରେ ସମୟରେ ନିଜ ଘରେ କେହି ନଥିବା ସମୟରେ ଶୈଳେନ୍ଦ୍ର ବେକରେ ଗାମୁଛା ଦେଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଶୈଳେନ୍ଦ୍ର ଜଣେ ଚାକିରିଆ। ବାଲିମେଳା ମହାବିଦ୍ୟାଳୟରେ ପିଅନ ଭାବେ କାର୍ଯ୍ୟରତ ଥିଲେ। ଗତକାଲି ରାତି ୮ ସମୟରେ ସାନ ପୁଅ ଆସି ଘରର କବାଟ ଭାଙ୍ଗି ବାପାଙ୍କ ମୃତ ଶରୀର ଝୁଲୁଥିବା ଦେଖିଥିଲେ। ପରିବାର ଲୋକେ ତାଙ୍କୁ ବାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରଙ୍କୁ ଆଣିଥିଲେ। କିନ୍ତୁ ଡ଼ ଦେବା ଦାସ ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଖବର ପାଇ ଓର୍କେଲ ପୁଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

## ଚିତ୍ରକୋଣ୍ଡା ତହସିଲ ପକ୍ଷରୁ ଜମିପଟା ବଣ୍ଟନ



ଚିତ୍ରକୋଣ୍ଡା, ୧୬।୬(ସମିସ):ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ତହସିଲରେ ଆଜି ପଟା ବଣ୍ଟନ କରାଯାଇଛି। ଏହି ପଟା ବଣ୍ଟନ କାର୍ଯ୍ୟକ୍ରମକୁ ଚିତ୍ରକୋଣ୍ଡର ବିଧାୟକ ମଙ୍ଗୁ ଖିଲ ଶୁଭାରମ୍ଭ କରିଥିଲେ। ବସୁନ୍ଧରା ଯୋଜନାରେ ଅଧୀନରେ ଭୂମିହୀନ ୩୩୪ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ପଟା ବଣ୍ଟନ କରାଯିବ। ଚିତ୍ରକୋଣ୍ଡାର ବ୍ଲକର ୧୮ ପଞ୍ଚାୟତରୁ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ପଟା ବଣ୍ଟନ ନିମନ୍ତେ ମନୋନୀତ କରାଯାଇଛି। ଆଜି ପ୍ରଥମ ପର୍ଯ୍ୟାୟ ରେ ୧୩୨ ଜଣ ହିତାଧକାରୀଙ୍କୁ ପଟ୍ଟାବଣ୍ଟନ କରାଯାଇଛି। ବଳକା ପଟ୍ଟା ଗୁଡିକକୁ ଚଳିତ ମାସ ୨୧ ତାରିଖ ସୁଦ୍ଧା ଯୋଗ୍ୟ ହିତାଧିକାରୀଙ୍କୁ ଦିଆଯିବ ବୋଲି ଚିତ୍ରକୋଣ୍ଡା ତହସିଲଦାର ନଟବର ଗରଡ଼ା ପ୍ରକାଶ କରିଛନ୍ତି। ଏହି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ରାଜେଶ୍ୱରି ଖିଲ, ଜିଲ୍ଲା ପରିଷଦ ସଦସ୍ୟା ବିନୋତି ଖିଲ, ହରୀମୋହନ ଖିଲ୍, ରଜକମଲ୍ ପୁରୋହିତ ଓ ହେମନ୍ତ ସାଗରିଆ ଉପସ୍ଥିତ ଥିଲେ।

## ଓଟିପି ଦେଇ ସାଇବର ଠକେଇର ଶିକାର ହେଲେ ଯୁବକ

ରାୟଗଡ଼ା, ୧୬।୬(ସମିସ): କ୍ରେଡିଟ୍ କାର୍ଡର ଖର୍ଚ୍ଚ ସୀମା ବଢ଼ାଇବା ପାଇଁ ଏକ ଅଜଣା ନମ୍ବରରୁ ଆସିଲା କଲ୍। ଓଟିପି ସହ ଅନ୍ୟାନ୍ୟ ତଥ୍ୟ ଦେବାର କିଛି ସମୟ ମଧରେ ଜମା ଖାତାରୁ ଚାଲିଗଲା ଏକା ଥରକେ ୨୦ ହଜାର ଟଙ୍କା। ଯାହାକୁ ନେଇ ରାୟଗଡ଼ା ସାଇବର କ୍ରାଇମ ସେଲ୍‌ଫରେ ଅଭିଯୋଗ କରିଛନ୍ତି ସାଇବର ଠକେଇର ଶୀକାର ହୋଇଥିବା ଯୁବକ ଆଶିଷ ବିଭର। ରାୟଗଡ଼ା ଗାନ୍ଧୀନଗରରେ ରହୁଛନ୍ତି ଯୁବକ ଆଶିଷ। ଗତ ଶୁକ୍ରବାର ୧୩ ତାରିଖ ସଂଧାରେ ୯୨୦୫୧୨୧୬୭୨୫ ନମ୍ବରରେ ଏକ ଅଜଣା କଲ୍ ଆଶିଷଙ୍କ ମୋବାଇଲକୁ ଆସିଥିଲା। ଯେଉଁଥିରେ ତାଙ୍କର ବ୍ୟାଙ୍କ କ୍ରେଡିଟ୍ କାର୍ଡରେ ଖର୍ଚ୍ଚ ସୀମା ବୃଦ୍ଧି କରିବା ପାଇଁ କିଛି ତଥ୍ୟ ପ୍ରଦାନ କରିବାକୁ ପଡ଼ିବ କହି ଅଜଣା ବ୍ୟକ୍ତି ଜଣକ ଆଶିଷଙ୍କ ବ୍ୟାଙ୍କ ଖାତା କାରବାରକୁ ନେଇ ଏବଂ ମୋବାଇଲକୁ ଆସିଥିବା ଓଟିପି ପ୍ରଦାନ କରିବାକୁ କହିଥିଲେ। ଆଶିଷ ଓଟିପି ଦେବାର କିଛି ସମୟ ମଧରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଏକା ଥରକେ ୨୦ ହଜାର ଟଙ୍କା ଡେବିଟ୍ ହୋଇଥିବା ମେସେଜ ଆସିବା ଦେଖି ସେ ଚକିତ ହୋଇଥିଲେ। କୌଣସି ପ୍ରକାର ଖର୍ଚ୍ଚ ନ କରି ଏତେ ଗୁଡାଏ ଟଙ୍କା ଜମା ଖାତାରୁ ଉଠାଣ ହୋଇଥିବା ଜାଣିବାକୁ ପାଇ ରାୟଗଡ଼ା ସାଇବର କ୍ରାଇମ ସେଲରେ ଅଭିଯୋଗ କରିଥିବା ସେ କହିଛନ୍ତି। ଏଠାରେ ପ୍ରକାଶ ଥାଉ କି, ପୁଲିସ ପକ୍ଷରୁ ସାଇବର କ୍ରାଇମ କରୁଥିବା ଦୁର୍ବୃତ୍ତଙ୍କଠାରୁ ଦୂରେଇ ରହିବା ପାଇଁ ସଚେତନତା ସୃଷ୍ଟି କରାଯାଉଥିଲେ ମଧ ଅନେକ ଲୋକେ ସାଇବର ଅପରାଧୀ ମାନଙ୍କ ଜାଲରୁ ବର୍ତ୍ତି ପାରୁନାହାନ୍ତି।

## ଦୁଇ ହିତାଧିକାରୀଙ୍କ ପରିବାରକୁ ବୀମା ରାଶି ପ୍ରଦାନ




କଲ୍ୟାଣସିଂହପୁର, ୧୬।୬(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ତରଫରୁ ମୃତ୍ୟୁ ପରିବାରଙ୍କୁ ବୀମା ରାଶି ପ୍ରଦାନ କରାଯାଇଛି। ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ବିଶ୍ୱରଞ୍ଜନ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଗୌତମ ବାର୍ଲି ଉପସ୍ଥିତି ରହିଥିଲେ। ସମ୍ମାନିତ ଅତିଥି ଭାବେ ବ୍ୟାଙ୍କ କ୍ଷେତ୍ର ପରିଚାଳକ ପ୍ରିୟରଞ୍ଜନ ପାଣିଗ୍ରାହୀ, କେସିୟର ବ୍ରଜ ବିହାରୀ ଚିନ୍ନାରା, ସଞ୍ଜୟ କୁମାର ଆଚାର୍ଯ୍ୟ ପ୍ରମୁଖ ମଞ୍ଚାସୀନ ରହିଥିଲେ। ସିଙ୍ଗାରି ପଞ୍ଚୟତ ପ୍ରଧାନୀପଡ଼ା ଗାଁର ମୃତ ହରିଶ୍ଚନ୍ଦ୍ର ନାୟକଙ୍କ ଭାଇ କମଲଲୋଚନ ନାୟକଙ୍କୁ ବ୍ୟାଙ୍କ ତରଫରୁ ଦୁଇ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ମୃତ ହରିଶ୍ଚନ୍ଦ୍ର ନାୟକ ବ୍ୟାଙ୍କରେ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ବାର୍ଷିକ ୪୩୬ ଟଙ୍କା ଜମା କରି ଆସିଥିଲେ। ତାଙ୍କ ମୃତ୍ୟୁ ପରେ ଆଜି ତାଙ୍କ ଭାଇ କମଲଲୋଚନ ନାୟକଙ୍କୁ ଦୁଇ ଲକ୍ଷ ଟଙ୍କା ଚେକ ବୀମା ରାଶି ପ୍ରଦାନ କରାଯାଇଛି। ଏହା ସହିତ ଶିକରପାଇ ପଞ୍ଚାୟତର ସାଜା ଗ୍ରାମର ମୃତୁ ମିଣିଆକା ଯୋଗେଶଙ୍କ ପତ୍ନୀ ମିଣିଆକା ଜୟନ୍ତୀଙ୍କୁ ମଧ ଦୁଇ ଲକ୍ଷ ଟଙ୍କାର ଚେକ ପ୍ରଦାନ କରିଛନ୍ତି। ସେ ମଧ ୪୩୬ ଟଙ୍କା ବୀମା ରାଶି ବାନ୍ଧି ଆସୁଥିବାରୁ ତାଙ୍କର ବାଇକ୍ ଦୁର୍ଘଟଣାରେ ମୃତ୍ୟୁ ହେବା ପରେ ଏହି ବୀମାରାଶି ପ୍ରଦାନ କରାଯାଇଛି। ଶାଖା ପରିଚାଳକ ବିଶ୍ୱରଞ୍ଜନ ଉପସ୍ଥିତ ରହିଥିବା ଗ୍ରାହକ ମାନଙ୍କୁ ଏହି ଦୁଇ ବୀମା ସମ୍ପର୍କରେ କହିଥିଲେ।

## କୁମୁଡାବାଲିରେ ବୁଲିଲା ବିକାଶ ବାହନ ରଥ

ମୁନିଗୁଡା, ୧୬।୬(ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ କୁମୁଡାବାଲି ପଞ୍ଚାୟତରେ ମୁନିଗୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ କୃଷ୍ଣଚନ୍ଦ୍ର ଦଳପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିକାସ ବାହନ ଶୁଭାରମ୍ଭ କରିଛନ୍ତି। କୁମୁଡାବାଲି ପଞ୍ଚାୟତ ନିର୍ବାହି ଅଧିକାରୀ ଅକ୍ଷୟ ବେହେରାଙ୍କ ଆୟୋଜକରେ ସରପଞ୍ଚ ଗୌରୀ ପିଡିକାକାଙ୍କ ଅଧ୍ୟକ୍ଷତାରେ ବିକାଶ ବାହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ଅଧୀନରେ ୫ ଜଣ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ୩ ଜଣ ନିର୍ମାଣ ଶ୍ରମିକଙ୍କୁ ଶ୍ରମିକ କାର୍ଡ, ପିଏମ୍ କିସାନ ଯୋଜନା, ସିଏମ୍ କିଷାନ ଯୋଜନା, ଅନ୍ତ୍ୟୋଦୟ ଯୋଜନାରେ ୧୧ ଜଣ ହିତାଧିକାରୀଙ୍କୁ ଆବାସ ଗୃହ, ୩୭ଜଣଙ୍କୁ ଆୟୁଷ୍ମାନ କାର୍ଡ ବଣ୍ଟନ କରାଯାଇଥିଲା। କେତେକ ରୋଗୀଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଚିହ୍ନଟ କରାଯାଇଥିଲା। ଉକ୍ତ ପଞ୍ଚାୟତ ପରିସରରେ ବିଭିନ୍ନ ଷ୍ଟଲ୍ ଖୋଲା ଯାଇଥିବା ବେଳେ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଉଦ୍ଧବ ସିକକାଙ୍କ ସମେତ ବହୁ ମହିଳା, ଏମ୍‌ବିକେ, ସିଆରପିଏଫ, ଆଶାକର୍ମୀ, ଅଙ୍ଗନବାଡ଼ି କର୍ମଚାରୀ ସହ ବହୁ ଲୋକ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ବିଭାଗୀୟ ଅଧିକାରୀ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## କାୟାକଳ୍ପ ପୁରସ୍କାର ବିତରଣ ଉତ୍ସବ



ପଦ୍ମପୁର, ୧୬।୬ (ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହଠାରେ ଆଜି ଅପରାହ୍ନରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଇଥିବା କାୟାକଳ୍ପ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଇନ୍‌ଚାର୍ଯ୍ୟ ରତୁପର୍ଣ୍ଣା ପଟ୍ଟନାୟକଙ୍କ ପକ୍ଷରୁ ଆୟୋଜିତ ବୈଠକରେ ଡାକ୍ତର ଅମ୍ବୁଜ ରତ୍ନ ମୁଦୁଲି, ଡାକ୍ତର ଆଶୀଷ ମେହେର, ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ ମନୋଜ କୁମାର ପଣ୍ଡା, ମ୍ୟାଲେରିଆ ନିରାକରଣ ଅଧିକାରୀ ଜୟଦେବ ଲିମାଲପୁରି, ଗୋଷ୍ଠୀ ଆକାଉଣ୍ଟସ୍ ପରିଚାଳକ ସରିତା ସାବତ, ଫାର୍ମାସିଷ୍ଟ ଅଫିସର ମନୋଜ୍ ସୁବୁଦ୍ଧି, ମୁଖ୍ୟ ସେବିକା କନକ ଗରଡିଆ ପ୍ରମୁଖଙ୍କ ଉପସ୍ଥିତିରେ ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀଙ୍କ ନିଷ୍ଠାପର କାର୍ଯ୍ୟ ଯୋଗୁଁ ଲଗାତାର ଦୁଇବର୍ଷ ଧରି ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କାୟାକଳ୍ପ ପୁରସ୍କାର ପାଇବାର ହକ୍‌ଦାର ହୋଇପାରିଛି ବୋଲି ଅଧିକାରୀମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀମାନଙ୍କୁ ସମ୍ମାନିତ କରାଯାଇଥିବା ବେଳେ ବିଶେଷ କରି ସୁଇପର, ଆଟେଡାଣ୍ଟ ଓ ବାୟୋମେଡିକାଲ୍ ୱେଷ୍ଟ କମଚାରୀ ମାନଙ୍କ କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ବୟୋବୃଦ୍ଧଙ୍କୁ ନିର୍ଯାତନା ବିରୋଧୀ ସଚେତନତା ଦିବସ

ରାୟଗଡ଼ା, ୧୬।୬(ସମିସ): ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ରାୟଗଡ଼ା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଅଧ୍ୟକ୍ଷ ତଥା ଜିଲ୍ଲା ଦୌରା ଜଜ୍ ସତ୍ୟନାରାୟଣ ଷଡଙ୍ଗୀଙ୍କ ପୌରୋହିତ୍ୟରେ ଏବଂ ସଚିବ ସୁବ୍ରତ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ରବିବାର ଅପରାହ୍ନରେ ସ୍ଥାନୀୟ ଜିଲ୍ଲା ବରିଷ୍ଠ ନାଗରିକ ମଙ୍ଗଳ ସଙ୍ଘ, ରାୟଗଡ଼ା ପରିସରରେ ଜାତୀୟ ବୃଦ୍ଧ ଅତ୍ୟାଚାର ବିରୋଧୀ ସଚେତନତା ଦିବସ ପାଳିତ ହୋଇଯାଇଛି। ଅନ୍ୟ ପ୍ରମୁଖ ଅତିଥିମାନଙ୍କ ମଧ୍ୟରେ ମହିଳା କୋର୍ଟର ବିଚାରପତି ସସ୍ମିତା ମିଶ୍ର, ଜେଏମ୍‌ଏଫ୍‌ସି ରିଚିମିଳନ ପାତ୍ର, ରାୟଗଡ଼ା ବରିଷ୍ଠ ନାଗରିକ ମଙ୍ଗଳ ସଙ୍ଘର ସଭାପତି ବିନୋଦ ଚନ୍ଦ୍ର ପଣ୍ଡା, ବରିଷ୍ଠ ନାଗରିକ ମଙ୍ଗଳ ସଙ୍ଘର ସଚିବ ଦ୍ୱାରିକାନାଥ ଦାସ, ବରିଷ୍ଠ ନାଗରିକ ମଙ୍ଗଳ ସଂଘର ଅନେକ ବରିଷ୍ଠ ନାଗରିକ ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ଅତିଥିମାନେ ନିଜ ନିଜର ବକ୍ତବ୍ୟରେ ଜାତୀୟ ବୃଦ୍ଧ ଅତ୍ୟାଚାର ବିରୋଧୀ ସଚେତନତା ଦିବସ ପାଳନର ଉଦ୍ଦେଶ୍ୟ, ଆଭିମୁଖ୍ୟ, ବରିଷ୍ଠ ନାଗରିକ ମାନଙ୍କ ପାଇଁ ନ୍ୟାୟିକ ବ୍ୟବସ୍ଥା ଓ ସେମାନଙ୍କ ପାଇଁ ଆଇନରେ ଥିବା ବିଭିନ୍ନ ଧାରା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତ ବରିଷ୍ଠ ନାଗରିକ ଓ ଅତିଥି ମାନଙ୍କର ଉପସ୍ଥିତି ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ଆଚାର୍ଯ୍ୟଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସଫଳତାର ସହିତ ଶେଷ ହୋଇଛି।



ଅଣ ଠିକାଦାର-ଅଧିକାରୀ ମଧୁଚନ୍ଦ୍ରିକା

# ବିନା ଯାଞ୍ଚରେ ମନରେଗା ଅର୍ଥ ପଇଠ

କୋରୁକୋଣ୍ଡା, ୧୬।୬(ସମିସ)



ମହାତ୍ମା ଗାନ୍ଧି ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ସରକାରଙ୍କଣ ବଡ ଜନହିତକର ଯୋଜନା। ଲୋକଙ୍କୁ କାମ ଯୋଗାଇ ଦେବା ଏହାର ମୂଳ ଲକ୍ଷ୍ୟ। କିନ୍ତୁ କିଛି ଅଣ ଠିକାଦାର, ମେସିନ ମାଲିକ ଓ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଦିନକୁ ଦିନ ଦାଦନ ଶ୍ରମିକ କମିବା ବଦଳରେ ହୁ ହୁ

● ଦୁର୍ନୀତିର ତଦନ୍ତ ଦାବି

ହୋଇ ବଢ଼ିବାରେ ଲାଗିଛି। ମଣିଷ କାମ ମେସିନ କରୁଛି। ଏପରି ଏକ ଶ୍ରମିକ ବିହିନ କାମ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ତୁମୁଷା ପଲ୍ଲି ଗ୍ରାମ ପଞ୍ଚାୟତ ଅଧୀନ ଏମଭି-୪୭ ଗ୍ରାମରେ। ଗ୍ରାମରେ ଥିବା ଖେଳ ପଡ଼ିଆ ନିମନ୍ତେ ୨୦୨୩/୨୪ ଆର୍ଥିକ ବର୍ଷରେ ପ୍ଲେ ଫିଲ୍ଡ, କାର୍ଯ୍ୟ କୋର୍ଡ ନଂ: ୨୪୩୧୦୧୩୦୨୪/ ଏଲଡି/ ୧୦୭୬୪୨୪୦ ରେ ୩ ଲକ୍ଷ ୬୫ ହଜାର ଟଙ୍କା ବ୍ୟୟ ଅଟକଳରେ ସରକାରଙ୍କ ତରଫରୁ ଆନୁଦାନ ରାଶି ଆସିଥିଲା। ସରକାରୀ ତଥ୍ୟ ଅନୁଯାୟୀ ଉକ୍ତ କାମ ୨୦୨୫ ଫେବୃଆରୀ ମାସ ୧୯ ତାରିଖରେ ଆରମ୍ଭ କରାଯାଇଥିଲା। ହେଲେ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଗ୍ରାମର ଉକ୍ତ ଖେଳ ପଡ଼ିଆରେ ପ୍ରାୟ ୬ମାସ ଭିତରେ କୌଣସି କାମ ହୋଇନାହିଁ, କି ଜଣେ ମଧ ଶ୍ରମିକ ସେଠାରେ କାମ କରିବା ଦେଖିବାକୁ ମିଳିନାହିଁ। କିନ୍ତୁ କିଛି ଦିନ ପୂର୍ବେ ସୂଚନାଫଳକ ନିର୍ମାଣ ହୋଇଛି। ସରକାରୀ ତଥ୍ୟରେ ଦର୍ଶାଯାଇଛି ଯେ, ଚଳିତ ବର୍ଷ ଫେବୃଆରି ମାସ ୨୦ତାରିଖ ଠାରୁ ଗତ ମେ ମାସ ୨୦ତାରିଖ ପର୍ଯ୍ୟନ୍ତ ମୋଟ ୧୦୭୩ ଜଣ ଶ୍ରମିକ ଉକ୍ତ ଖେଳ ପଡ଼ିଆରେ କାମ କରିଥିବା ଦର୍ଶାଯାଇଛି। ସେଥିମଧ୍ୟରୁ ଗତ ମାସ ୭ ତାରିଖ ଠାରୁ ୧୩ ତାରିଖ ପର୍ଯ୍ୟନ୍ତ ମୋଟ ୨୩୮ ଜଣ ଶ୍ରମିକ କାମ କରିଥିବା, ଶ୍ରମ ବାବଦକୁ ସେମାନଙ୍କୁ ୬୪୯୭୪ଟଙ୍କା ଚଳିତ ମାସ ୧୩ ତାରିଖରେ ପଇଠ କରାଯାଇଥିବା ସରକାରୀ ତଥ୍ୟରେ ଦର୍ଶାଅ ଯାଇଛି। ସେହିପରି ଗତ ମାସ ୧୪ ତାରିଖଠାରୁ ୨୦ ତାରିଖ ପର୍ଯ୍ୟନ୍ତ ୨୦୪ଜଣ ଶ୍ରମିକ ଉକ୍ତ କାମରେ ନିୟୋଜିତ ଥିବା ଦର୍ଶାଅ ଯାଇଥିବା ବେଳେ ଶ୍ରମ ବାବଦକୁ ୫୫୬୯୨ଟଙ୍କା ପଇଠ କରାଯାଇଥିବା ଦର୍ଶାଅ ଯାଇଛି। ଗତ ମାସରେ ସେହି ଖେଳ ପଡ଼ିଆରେ ମୋଟ ୪୪୨ଜଣ ଶ୍ରମିକ କମ କରିଥିବା ଦର୍ଶାଅ ଯାଇଥିବା ବେଳେ ଶ୍ରମ ବାବଦକୁ ୧୨୦୬୬୬ ପଇଠ କରିଥିବା ଦର୍ଶାଯାଇଛି। ହେଲେ ଗ୍ରାମବାସୀଙ୍କ କହିବା ଅନୁଯାଇ ଉକ୍ତ ଖେଳ ପଡ଼ିଆରେ ଗତ ମାସରେ କୌଣସି ଶ୍ରମିକ କମ କରିନାହାନ୍ତି। ଏନେଇ ଆମେ ସେହି ଖେଳ ପଡ଼ିଆକୁ ଯାଇ ଅନୁଧାନ କରିଥିଲୁ ଏବଂ ସେହି ଖେଳ ପଡ଼ିଆରେ ବିଭିନ୍ନ ସ୍ଥାନରେ ଘାସ ଉଠିଯାଇଥିବା ସହିତ ଅନାବନା ଗଛ ଉଠିଗଲାଣି। ଯାହାକି ଗତ ମାସ ୨୦ତାରିଖ ପର୍ଯ୍ୟନ୍ତ କାମ ହୋଇ ନଥିବାକୁ ସ୍ପଷ୍ଟ ଭାବେ ଦର୍ଶାଉଛି। କିନ୍ତୁ ଅଧିକାରୀ ମାନେ କିପରି ଓ କାହାକୁ ୧୨୦୬୬୬ ଟଙ୍କା ବାଣ୍ଟିଲେ ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଯୋଜନାରେ ହେଉଥିବା କାର୍ଯ୍ୟର ଅନୁଧାନ ପାଇଁ ସ୍ଥାନୀୟ ଜନପ୍ରତିନିଧିଙ୍କ ସମେତ ଗ୍ରାମପଞ୍ଚାୟତ ଓ ପଞ୍ଚାୟତ ସମିତି ଅଧୀନ ୫ରୁ ଅଧିକ ଅଧିକାରୀ ନିୟୋଜିତ ଥିବା ବେଳେ ଅଣ ଠିକାଦାର ଥିବା ବ୍ୟକ୍ତି କିପରି ଭାବେ କାମ ନକରି ଏତେ ଟଙ୍କା ହାତେଇବାରେ ସକ୍ଷମ ହେଉଛି ଏବଂ ଅଞ୍ଚଳରେ ଦାଦନ ଶ୍ରମିକ ବୃଦ୍ଧିକରିବାରେ ସାହାୟକ ହେଉଛନ୍ତି ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି। ୨୦୨୩/୨୪ ଆର୍ଥିକ ବର୍ଷର କାର୍ଯ୍ୟ ୨୦୨୪/୨୫ଆର୍ଥିକ ବର୍ଷର ଶେଷ ମାସରେ ଆରମ୍ଭ କରିବାର କାରଣ କଣ ବୋଲି ବୁଦ୍ଧିଜୀବି ପ୍ରଶ୍ନ କରିଛନ୍ତି। ଏନେଇ ଉକ୍ତ ପଞ୍ଚାୟତ ହିସାବ ରକ୍ଷକ ସୁବାସ ଗୁଡିଆଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିବାବେଳେ ସେ ଫୋନ ନ ଉଠାଇବାରୁ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ଏହି କାର୍ଯ୍ୟ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ରୂପକ ସିଂ ସାମାନ୍ତରାଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରିଥିଲେ ମଧ ଅଧିକାରୀଙ୍କ ମୋବାଇଲ ବନ୍ଦ ଥିବା କାରଣରୁ କୌଣସି ପ୍ରତିକ୍ରିୟା ମିଳିପାରି ନଥିଲା। ଏନେଇ ଆମେ କୋରୁକୋଣ୍ଡା ବ୍ଲକ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ଏନେଇ ତାଙ୍କ ପାଖରେ କୌଣସି ଖବର ନାହି ବୋଲି କହିଛନ୍ତି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ କୁମାର ସାହୁଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଥିଲେ ଯେ, ଉକ୍ତ କାମକୁ ନେଇ ତାଙ୍କ ପାଖରେ କୌଣସି ଖବର ନାହି। ଯଦି ସେମିତି କିଛି ହୋଇଛି ତେବେ ତଦନ୍ତ କରି ପଦକ୍ଷେପ ଗ୍ରହଣ କରାଯିବ। ପ୍ରଶାସନର ପଦକ୍ଷେପକୁ ଲୋକେ ଚାହିଁ ରହିଛନ୍ତି।

■ ଶେଷହେଲା ଜିପିଏଲ୍ ସିଜନ୍ ୨

## ଗୋଲ୍‌ଡେନ୍ ବଏଜ୍ ଚାମ୍ପିଅନ୍

ଖଇରପୁଟ, ୧୬।୬(ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଗୋବିନ୍ଦପାଲି ରେ ଆୟୋଜିତ ଗୋବିନ୍ଦପାଲି ପ୍ରିମିୟର ଲିଗ୍ ସିଜନ୍ ୨ (ଜିପିଏଲ -୨) କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଗୋଲ୍ଡେନ ବଏଜ ଓ ହିରା ହେରିକେନ୍ ମଧ୍ୟରେ ହୋଇଥିଲା। ହିରା ହେରିକେନ୍ ପ୍ରଥମେ ବ୍ୟାଟିଂ କରି ୬ ଓଭର ମଧ୍ୟରେ ୭୦ ରନ୍ କରିଥିଲା। ଗୋଲ୍ଡେନ ବଏଜ ଦଳ ୩ଟି ବଲ୍ ବାକି ରଖି ୭୧ ରନ୍ କରି ବିଜୟ ଲାଭ କରିଛନ୍ତି। ଦଳର କାହ୍ନା ପାଣିଗ୍ରାହୀ ମ୍ୟାନ୍ ଅଫ୍ ଦ ମ୍ୟାଚ ଓ ମ୍ୟାନ୍ ଅଫ୍ ଦ ଟୁର୍ଣ୍ଣାମେଣ୍ଟର ଉପାଧି ପାଇଥିଲେ। ଫାଇନାଲ ମ୍ୟାଚ୍ ଅବସରରେ ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ଥିଲେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଓ ଗୋବିନ୍ଦପାଲି ସରପଞ୍ଚ ଶ୍ରୀନିବାସ ମୁଦୁଲି। ଏହି ଟୁର୍ଣ୍ଣାମେଣ୍ଟ କେବଳ ଏକ କ୍ରିକେଟ୍ ପ୍ରତିଯୋଗିତା ନୁହେଁ, ବରଂ ଗାଁର ଏକ ଉତ୍ସବର ରୂପ ନେଇଥିଲା। ରଜ ପର୍ବ ଅବସରରେ ହୋଇଥିବା ଏହି ପ୍ରତିଯୋଗିତାରେ ବୃଦ୍ଧମାନଙ୍କ ପାଇଁ ଏକ ଲେଜେଣ୍ଡ ଲିଗ୍ ଓ ଝିଅମାନଙ୍କ ପାଇଁ ବିଭିନ୍ନ ଖେଳ ଯଥା କବାଡି, ପୁଚି, ବାଟି-ଚାମଚ୍, ମ୍ୟୁଜିକ୍ ଚେୟାର ଆୟୋଜିତ ହୋଇଥିଲା। ପ୍ରତ୍ୟେକ ପ୍ରତିଯୋଗୀଙ୍କୁ ପୁରସ୍କାର ମଧ ବିତରଣ କରାଯାଇଥିଲା। ଏଭଳି ଏକ ବୃହତ୍ ଆୟୋଜନ ପଛରେ ଥିଲା ଗୋବିନ୍ଦପାଲି ଗ୍ରାମବାସୀଙ୍କ ଏକତା, ଏକାଗ୍ରତା ଓ ସଂଘବଦ୍ଧ ପ୍ରୟାସ। ବିଶେଷ ଭାବେ ଓମ୍ ପ୍ରକାଶ ସାମଲ, ମହେନ୍ଦ୍ର ପାଣିଗ୍ରାହୀ, ତୁଳା ରାମ ନାୟକ ଓ ନୀଳାଦ୍ରି ରଥଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା।





ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାଇପ୍ରସ ରାଷ୍ଟ୍ରପତି ନିକୋଶ କ୍ରିଷ୍ଟୋଡୋଲିଡେସ ଦେଶର ସର୍ବୋଚ୍ଚ ସମ୍ମାନ 'ଗ୍ରାଣ୍ଡ କ୍ରସ ଅଫ୍ ଦ ଅର୍ଡର ଅଫ ମକାରିୟୋସ ୩' ପ୍ରଦାନ କରୁଛନ୍ତି।

## ଗାଜାରେ ପୁଣି ଇସ୍ରାଏଲ ଆକ୍ରମଣ; ୩୮ ମୃତ



ତେଲ ଆଭିଭ, ୧୬।୬ (ଏଜେନ୍ସି): ଇରାନ ସହ ସଂଘର୍ଷ ମଧ୍ୟରେ ଇସ୍ରାଏଲ ପୁଣି ଗାଜାରେ ଆକ୍ରମଣ କରିଛି। ଖାଦ୍ୟ ବଣ୍ଟନ କେନ୍ଦ୍ରକୁ ନିଶାଣ କରି ଇସ୍ରାଏଲ ସେନା ସୋମବାର ଅତର୍କିତ ଗୁଳିମାଡ଼ କରିଛି। ଏଥିରେ ଅତିକମରେ ୩୮ ଜଣଙ୍କ ମୃତ୍ୟୁ ହୋଇଛି ବୋଲି ଗାଜା ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ମାନବିକ ସହାୟତା କେନ୍ଦ୍ରକୁ ନିଶାଣ କରି ହୋଇଥିବା ଏହା ସବୁଠୁ ଭୟଙ୍କର ଆକ୍ରମଣ ଥିଲା। ବଣ୍ଟନ ବ୍ୟବସ୍ଥାକୁ ପ୍ରଭାବିତ କରିବା ପାଇଁ ଇସ୍ରାଏଲ ଏଭଳି ହୀନ କାର୍ଯ୍ୟ କରିଥିଲା। ସଂଘର୍ଷ ଯୋଗୁଁ ଘର ହରାଇଥିବା ହଜାର ହଜାର ପାଲେଷ୍ଟିନୀୟ ଆଶ୍ରୟ ସ୍ଥଳରେ ରହୁଛନ୍ତି। ଏମାନେ ଗୁରୁତର ଖାଦ୍ୟ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ତେଣୁ ଖାଦ୍ୟ ଆଣିବା ଲାଗି ଇସ୍ରାଏଲ ନିୟନ୍ତ୍ରଣାଧୀନ ରିଲିଫ କେନ୍ଦ୍ରକୁ ଯାଉଥିଲେ। ଏହି ସମୟରେ ଲୋକଙ୍କୁ ଘଉଡାଇବା ପାଇଁ ଇସ୍ରାଏଲ ସେନା ଗୁଳିମାଡ଼ କରିଥିଲା।

## ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ବିଜୟ ରୂପାଣୀଙ୍କ ଅନ୍ତିମ ସଂସ୍କାର



ଅହମଦାବାଦ, ୧୬।୬ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାଣୀଙ୍କ ସୋମବାର ରାଷ୍ଟ୍ରୀୟ ମର୍ଯ୍ୟାଦାରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଲିସ ସୁରକ୍ଷା ମଧ୍ୟରେ ରୂପାଣୀଙ୍କ ପାର୍ଥିବ ଶରୀରକୁ ରାଜକୋଟ ସ୍ଥିତ ଘର ପ୍ରକାଶ ସୋସାଇଟିକୁ ନିଆଯାଇଥିଲା। ଏଠାରେ ଅନ୍ତିମ ଦର୍ଶନ ପାଇଁ ମୃତଦେହକୁ ରଖାଯାଇଥିଲା। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ଗୁଜରାଟ ରାଜ୍ୟପାଳ ଦେବବ୍ରତ ଆଚାର୍ଯ୍ୟ, ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, କେନ୍ଦ୍ରମନ୍ତ୍ରୀ ସିଆର ପଟେଲ ସମେତ ଅନେକ ନେତା ଘରେ ପହଞ୍ଚି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ପରେ ରାମନାଥ ପରା ଶ୍ମଶାନ ଘାଟକୁ ନିଆଯାଇଥିଲା। ଏହି ଶେଷ ଯାତ୍ରା ହଜାର ହଜାର ଲୋକ ସାମିଲ ହୋଇଥିଲେ।

## ବର୍ଷକୁ ଶହେ ପରମାଣୁ ଅସ୍ତ୍ର ନିର୍ମାଣ କରୁଛି ଚୀନ୍

ବେଜିଂ, ୧୬।୬ (ଏଜେନ୍ସି): ବିଶ୍ୱରେ ପରମାଣୁ ଅସ୍ତ୍ରଶସ୍ତ୍ରକୁ ନେଇ ପ୍ରତିଯୋଗିତା ଲାଗି ରହିଛି। ପରମାଣୁ ଶକ୍ତି ସମ୍ପନ୍ନ ୯ ରାଷ୍ଟ୍ର କ୍ରମାଗତ ଭାବେ ନିଜ ଆଣବିକ ଶକ୍ତି ବୃଦ୍ଧି କରି ଚାଲିଛନ୍ତି। ଏହି କ୍ଷେତ୍ରରେ ଚୀନ୍ ସବୁଠୁ ଆଗରେ ରହିଛି। ଏହି ଦେଶ ବର୍ଷକୁ ହାରାହାରି ଶହେ ନୂଆ ପରମାଣୁ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ କରୁଛି। ଏହା ସହିତ ଚୀନ୍‌ର ପରମାଣୁ ଅସ୍ତ୍ରଶସ୍ତ୍ର ସଂଖ୍ୟା ୬୦୦ରେ ପହଞ୍ଚି ଯାଇଛି। ସ୍ୱିଡେନ ସ୍ଥିତ ଥିଙ୍କଟାଙ୍କ ଷ୍ଟକହୋମ ଇଣ୍ଟରନ୍ୟାସନାଲ ପିସ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ (ସିପ୍ରି) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏହାର ବାର୍ଷିକ ରିପୋର୍ଟରେ କୁହାଯାଇଛି ଯେ ଚୀନ୍ ବ୍ୟତୀତ ଆମେରିକା, ରୁଷ, ଭାରତ, ପାକିସ୍ତାନ, ଉତ୍ତର କୋରିଆ ଏବଂ ଇସ୍ରାଏଲ ଭଳି ଦେଶ ମଧ୍ୟ ସେମାନଙ୍କର ପରମାଣୁ ଅସ୍ତ୍ରଶସ୍ତ୍ରକୁ ଆଧୁନିକୀକରଣ କରୁଛନ୍ତି।

ଭାରତ ପାଖରେ ଏବେ ୧୮୦ ପରମାଣୁ ଅସ୍ତ୍ରଶସ୍ତ୍ର ଅଛି। ୨୦୨୩ରେ ଏହି ସଂଖ୍ୟା ୧୭୨ ଥିଲା। ଅର୍ଥାତ ଭାରତ ନିଜ କ୍ଷମତାକୁ ମଧ୍ୟ ସାମାନ୍ୟ ବୃଦ୍ଧି କରିଛି। ସିପ୍ରି ଅନୁଯାୟୀ ଭାରତ ଏବେ କ୍ୟାନିଷ୍ଟରାଇଜଡ୍ ମିସାଇଲ୍ ପ୍ରଯୁକ୍ତିବିଦ୍ୟା ବିକଶିତ କରୁଛି। ଏହା ସାହାଯ୍ୟରେ ଯୁଦ୍ଧ ପରିସ୍ଥିତି ପୂର୍ବରୁ ମଧ୍ୟ କ୍ଷେପଣାସ୍ତ୍ର ନିୟୋଜିତ କରାଯାଇପାରିବ।

# ପୁଣି ବିମାନ ଅଘଟଣ; ବର୍ତ୍ତିଲେ ୨୫୦ ଯାତ୍ରୀ

## ଅବତରଣ ସମୟରେ ବାହାରିଲା ନିଆଁ




ଲକ୍ଷ୍ନୌ, ୧୬।୬ (ଏଜେନ୍ସି): ଲକ୍ଷ୍ନୌର ଚୌଧୁରୀ ଚରଣ ସିଂହ ବିମାନବନ୍ଦରରେ ବଡ଼ ଅଘଟଣ ଅଳ୍ପକେ ଟଳି ଯାଇଛି। ୨୫୦ ହଜ୍ ଯାତ୍ରୀଙ୍କ ଜୀବନ ବର୍ତ୍ତି ଯାଇଛି। ଅବତରଣ ସମୟରେ ସାଉଦି ଆରବିୟା ଏୟାରଲାଇନ୍ସର ବିମାନ ଏସ୍‌ଭି-୩୧୧୨ର ଚକରୁ ନିଆଁ ଏବଂ ଧୂଆଁ ବାହାରିଛି। ଏହା ଜାଣିବା ପରେ ପାଇଲଟ ବିମାନକୁ ତୁରନ୍ତ ଅଟକାଇ ଦେଇଛନ୍ତି। ଏୟାର ଟ୍ରାଫିକ କଣ୍ଟ୍ରୋଲର (ଏଟିସି)କୁ ସୂଚନା ଦେଇଛନ୍ତି। ପରେ ଦମକଳ ଟିମ୍ ପହଞ୍ଚି ଫୋମ୍ ଏବଂ ପାଣି ପକାଇ ଥିଲା। ପ୍ରାୟ ୨୦ ମିନିଟ ପରେ ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ହୋଇଥିଲା। ରବିବାର ସକାଳ ୬ଟା୩୦ରେ ଏହି ଘଟଣା ଘଟିଥିଲା। ମାତ୍ର ଏହାର ଭିଡିଓ ଆଜି ସାମ୍ନାକୁ ଆସିଛି। ଏହି ବିମାନରେ ୨୪୨ ହଜ୍ ଯାତ୍ରୀ ବସିଥିଲେ। ବିମାନଟି ଶନିବାର ରାତି ୧୧ଟା୩୦ରେ ଜେଦା ବିମାନବନ୍ଦରରୁ ହଜ୍ ଯାତ୍ରୀଙ୍କୁ ଧରି ଭାରତ ଅଭିମୁଖେ ଉଡ଼ାଣ ଆରମ୍ଭ କରିଥଇଲା। ଏହା ରବିବାର ସକାଳେ ଲକ୍ଷ୍ନୌରେ ପହଞ୍ଚି ଥିଲା। ରନ୍‌ୱେରେ ଅବତରଣ କରି ବିମାନ ଟ୍ୟାକ୍ସି-ୱେକୁ ଆସୁଥିବାବେଳେ ଏହି ଘଟଣା ଘଟିଥିଲା। ଏହି ସମୟରେ ସବୁ ଯାତ୍ରୀ ବିମାନ ଭିତରେ ଥିଲେ। ପରେ ବିମାନକୁ ଟ୍ୟାକ୍ସି-ୱେକୁ ନିଆଯାଇଥିଲା। ସବୁ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ବାହାର କରାଯାଇଥିଲା। ଇଞ୍ଜିନିୟରିଂ ଟିମ୍ ବିମାନର ତ୍ରୁଟି ସୁଧାରିବାକୁ ଯାଞ୍ଚ କରୁଛନ୍ତି, କିନ୍ତୁ ସୋମବାର ଦ୍ୱିପହର ସୁଦ୍ଧା ଏହାକୁ ଠିକ୍ କରାଯାଇପାରି ନାହିଁ। କାରଣ ବିମାନର ବାମ ଚକ ସମ୍ପୂର୍ଣ୍ଣ ଖରାପ ହୋଇଯାଇଛି।

## ଏୟାର ଇଣ୍ଡିଆର ପିଛା ଛାଡୁନି ଯାନ୍ତ୍ରିକ ତ୍ରୁଟି




■ ହଂକଂ ଫେରିଲା ବିମାନ

■ ରବିବାର ଫେରିଥିଲା ଦୁଇଟି ବିମାନ

ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି): ସମସ୍ୟା ଏୟାର ଇଣ୍ଡିଆର ପିଛା ଛାଡୁ ନାହିଁ। ହଂକଂରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆ ବିମାନ (ଏଆଇ-୩୧୫) ସୋମବାର ଅଧାବାଟରୁ ଫେରି ଯାଇଛି। ବିମାନରେ ଯାନ୍ତ୍ରିକ ତ୍ରୁଟି ଥିବା ଜଣାପଡିଛି। ଏହି ବିମାନଟି ମଧ ବୋଇଂ ୭୮୭-୮ ଡ୍ରିମଲାଇନର ଥିଲା। ଏହା ପୂର୍ବରୁ ରବିବାର ମଧ ସମାନ ଘଟଣା ଘଟିଥିଲା। ବୋଇଂର ଦୁଇଟି ଡ୍ରିମଲାଇନର ବିମାନ ଅଧାରାସ୍ତାରୁ ଫେରି ଯାଇଥିଲା। ଏହା ମଧ୍ୟରୁ ଗୋଟିଏ ଲଣ୍ଡନରୁ ଚେନ୍ନଇ ଏବଂ ଅନ୍ୟଟି ଜର୍ମାନୀର ଫ୍ରାଙ୍କଫ୍ରଟରୁ ହାଇଦରାବାଦ ଆସୁଥିଲା। ଉଭୟେ ସୋମବାର ଅବତରଣ କରିଥାନ୍ତେ।

ଚେନ୍ନାଇ ଆସୁଥିବା ବ୍ରିଟିଶ ଏୟାରୱେଜର ବୋଇଂ ୭୮୭-୮ ଡ୍ରିମଲାଇନରକୁ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଫେରିବାକୁ ପଡିଥିଲା। ଲୁଫ୍ଥହଂସା ଏୟାରଲାଇନ୍ସ (ଜର୍ମାନୀ)ର ବୋଇଂ ୭୮୭-୯ ଡ୍ରିମଲାଇନରକୁ ବୋମା ଧମକ ମିଳିଥିଲା। ଏହି କାରଣରୁ ବିମାନକୁ ଅବତରଣ କରିବାକୁ ଅନୁମତି ଦିଆଯାଇ ନ ଥିଲା ଏବଂ ଫେରିବାକୁ ପଡିଲା। ଗତ ୧୨ ତାରିଖରେ ଅହମଦାବାଦରୁ ଉଡ଼ାଣ କରିବାର ଦୁଇ ମିନିଟ୍ ମଧ୍ୟରେ ଏକ ବୋଇଂ ୭୮୭-୮ ଡ୍ରିମଲାଇନର ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦୁର୍ଘଟଣାରେ ବିମାନରେ ଯାତ୍ରା କରୁଥିବା ୨୪୧ ଜଣଙ୍କ ମୃତ୍ୟୁ ହୋଇଥିଲା। କେବଳ ଜଣେ ବର୍ତ୍ତି ଯାଇଥିଲେ। ସୂଚନା ଅନୁଯାୟୀ ଲଣ୍ଡନରୁ ଚେନ୍ନାଇ ଆସୁଥିବା ବ୍ରିଟିଶ ଏୟାରୱେଜ୍ ବିମାନ ବିଏ-୩୫ ଡ୍ରିମଲାଇନର୍ ୭୮୭-୮ ଯାନ୍ତ୍ରିକ ତ୍ରୁଟି (ଫ୍ଲାପ୍ ବିଫଳତା) ଯୋଗୁଁ ଡୋଭର ଚାରିପାଖରେ ବୁଲି ପରେ ହିଥ୍ରୋକୁ ଫେରି ଯାଇଥିଲା। ତେବେ ଏହାର ଉଡ଼ାଣ ସମୟ,କେତେ ଯାତ୍ରୀ ଏବଂ କର୍ମଚାରୀଙ୍କ ଥିଲେ, କେତେ ସମୟ ପର୍ଯ୍ୟନ୍ତ ବିମାନ ଆକାଶରେ ଘୂରି ବୁଲିଥିଲା ତାହା କମ୍ପାନୀ ପକ୍ଷରୁ କୁହାଯାଇ ନାହିଁ। ଲାଇଭ୍ ଫ୍ଲାଇଟ୍ ଟ୍ରାକିଂ ୱେବସାଇଟ୍ ଅନୁଯାୟୀ ଏହି ବିମାନ ରବିବାର ୧୨ଟା୪୦ ରେ ଉଡ଼ାଣ କରି ଭୋର ୩ଟା୩୦ ରେ ଚେନ୍ନାଇରେ ପହଞ୍ଚିବାର ଥିଲା। ବିମାନଟି ଅପରାହ୍ନ ୧ଟା ୧୬ରେ ଉଡ଼ାଣ ଆରମ୍ଭ କରିଥିଲା। ବିମାନବନ୍ଦରକୁ ଫେରିବା ପୂର୍ବରୁ ପ୍ରାୟ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଘୂରି ବୁଲିଥିଲା।

# ପହଲଗାମ ଆକ୍ରମଣ ପାଇଁ ପାଣ୍ଠି ଯୋଗାଇଥିଲା କିଏ?



■ ପ୍ରଶ୍ନ ଉଠାଇଲା ଏଫ୍ଏଟିଏଫ

■ ଏହା ପଛରେ ଆର୍ଥିକ ନେଟୱର୍କ ସାମିଲ ରହିଛି

ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି): ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ଉପରେ ନଜର ରଖୁଥିବା ସଂସ୍ଥା ଫାଇନାନ୍‌ସିଆଲ ଆକ୍ସନ ଟାସ୍କ ଫୋର୍ସ (ଏଫଏଟିଏଫ) ପହଲଗାମ ଆକ୍ରମଣକୁ ନେଇ ବଡ଼ ଟିପ୍ପଣୀ ଦେଇଛି। ଏପ୍ରିଲ ୨୨ରେ ହୋଇଥିବା ଏହି ଆକ୍ରମଣକୁ ଦୃଢ଼ ନିନ୍ଦା କରାଯାଇଛି। ଆତଙ୍କବାଦକୁ ଦମନ କରିବା ପାଇଁ ଦେଶଗୁଡିକ କି ପଦକ୍ଷେପ ନେଉଛନ୍ତି ତାହାର ଯାଞ୍ଚକୁ ଆହୁରି ଜୋରଦାର କରାଯିବ ବୋଲି ଏଫ୍ଏଟିଏଫ୍ ଘୋଷଣା କରିଛି। ଆତଙ୍କ ସୃଷ୍ଟି କରୁଥିବା ଆତଙ୍କବାଦୀଙ୍କୁ ସମର୍ଥନ ବିନା ପହଲଗାମ ଭଳି ଆକ୍ରମଣ କରାଯାଇପାରିବ ନାହିଁ ବୋଲି କୁହାଯାଇଛି। ପହଲଗାମ ଆକ୍ରମଣ ପାଇଁ ପାଣ୍ଠି ଯୋଗାଣ ମଧ କରାଯାଇଛି। ଆତଙ୍କବାଦୀ ଲୋକଙ୍କୁ ମାରୁଛନ୍ତି ଏବଂ ଆହତ କରୁଛନ୍ତି। ଏହା ମାଧ୍ୟମରେ ସାରା ବିଶ୍ୱରେ ଭୟ ସୃଷ୍ଟି କରୁଛନ୍ତି। ପହଲଗାମ ଏବଂ ଅନ୍ୟ ଆତଙ୍କବାଦୀ ଆକ୍ରମଣ ପାଣ୍ଠି ଯୋଗାଣ ବିନା ହୋଇପାରିବ ନାହିଁ। ଏଭଳି ଆକ୍ରମଣ ବନ୍ଧୁକ ଏବଂ ବାରୁଦରେ ହୁଏ ନାହିଁ। ଏହା ପଛରେ ଆର୍ଥିକ ନେଟୱର୍କ ସାମିଲ ରହିଛି। ଆତଙ୍କବାଦୀଙ୍କ ସହାୟକମାନେ ଏଥିପାଇଁ ପାଣ୍ଠି ଦେଇଛନ୍ତି। ପହଲଗାମ ଆକ୍ରମଣର ୫୫ ଦିନ ପରେ ଏଫଏଟିଏଫ୍ ପକ୍ଷରୁ ଏହି ବିବୃତ୍ତି ଦିଆଯାଇଛି। ପାକିସ୍ତାନ ଆତଙ୍କବାଦୀଙ୍କୁ ସହାୟତା ଦେଉଛି ଏବଂ ବାହାରୁ ପାଣ୍ଠି ଆଣି ସେହି ଅର୍ଥରେ ଅସ୍ତ୍ରଶସ୍ତ୍ର କିଣି ଆତଙ୍କବାଦୀଙ୍କୁ ଯୋଗାଉ ଥିବା ନେଇ ଭାରତ ଅଭିଯୋଗ କରିବା ସମୟରେ ଏଫଏଟିଏଫ ପକ୍ଷରୁ ବଡ଼ ଟିପ୍ପଣୀ ଦିଆଯାଇଛି।

ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ପାକିସ୍ତାନକୁ ପୁଣିଥରେ ଏଫଏଟିଏଫର ଧୂସର ତାଲିକାରେ ସାମିଲ କରାଯାଇପାରେ। ପହଲଗାମ ଆକ୍ରମଣରେ ଜଣେ ନେପାଳୀଙ୍କ ସମେତ ୨୬ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିଲା। ସୂଚନା ଅନୁଯାୟୀ ଏଫଏଟିଏଭପ ଏସିଆ-ପାସିଫିକ୍ ଗ୍ରୁପ୍ (ଏପିଜି) ବୈଠକ ଅଗଷ୍ଟ ୨୫ ତାରିଖରେ ହେବାକୁ ଯାଉଛି। ଏହା ପରେ ଅକ୍ଟୋବର ୨୦ରେ କାର୍ଯ୍ୟ ଗୋଷ୍ଠୀ ବୈଠକ ଅନୁଷ୍ଠିତ ହେବ। ଏହି ବୈଠକ ପୂର୍ବରୁ ଭାରତ ପାକିସ୍ତାନ ବିରୋଧରେ ଏକ ଡୋଜିଅର୍ ପ୍ରସ୍ତୁତ କରୁଛି। ଏଥିରେ ପାକିସ୍ତାନ କିପରି ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେଉଛି ଏବଂ ମନି ଲଣ୍ଡରିଂ କରି ଏଫଏଟିଏଫ ନିୟମ ଉଲ୍ଲଙ୍ଘନ କରୁଛି ତାହାର ପ୍ରମାଣ ଦିଆଯିବ। ୨୦୧୮ରେ ପାକିସ୍ତାନକୁ ଏଫଏଟିଏଫର ଧୂସର ତାଲିକାରେ ରଖାଯାଇଥିଲା। ଏହା ପରେ ପାକିସ୍ତାନ ମନି ଲଣ୍ଡରିଂ ଏବଂ ଆତଙ୍କବାଦ ପାଣ୍ଠି ଯୋଗାଣ ରୋକିବା ପାଇଁ ଏକ କାର୍ଯ୍ୟ ଯୋଜନା ଦେଇଥିଲା। ୨୦୨୨ ମସିହାରେ ପାକିସ୍ତାନକୁ ଏହି ତାଲିକାରୁ ବାହାର କରି ଦିଆଯାଇଥିଲା। ସୂତ୍ର ଅନୁସାରେ ମନି ଲଣ୍ଡରିଂ ଏବଂ ଆତଙ୍କବାଦକୁ ପାଣ୍ଠି ଯୋଗାଣ ନିୟମ ପାଳନ ବିଫଳ ହୋଇଥିବା ପାକିସ୍ତାନକୁ ପୁଣିଥରେ ଧୂସର ତାଲିକାରେ ସାମିଲ କରିବା ପାଇଁ ଭାରତ ଦାବି ଉପସ୍ଥାପନ କରିବ।

## ମଡେଲଙ୍କୁ ତଣ୍ଟିକାଟି ହତ୍ୟା; ପ୍ରେମିକ ଗିରଫ



ଚଣ୍ଡିଗଡ଼, ୧୬।୬ (ଏଜେନ୍ସି): ହରିୟାଣା ସୋନିପଥର ଖରଖୌଦା ଅନ୍ତର୍ଗତ ରିଲାଏନ୍ସ କେନାଲରୁ ସୋମବାର ଜଣେ ମଡେଲଙ୍କ ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କ ତଣ୍ଟି କଟା ଯାଇ କେନାଲକୁ ଫୋପାଡ଼ି ଦିଆଯାଇଛି। ଏହାକୁ ନେଇ ରାଜ୍ୟରେ ଚାଞ୍ଚଲ୍ୟ ଖେଳି ଯାଇଛି। ହାତ ଏବଂ ଛାତିରେ ଥିବା ଟାଟୁରୁ ତାଙ୍କୁ ଚିହ୍ନଟ କରାଯାଇଛି। ସେ ଲୋକପ୍ରିୟ ମଡେଲ ଶୀତଲ ଓରଫ ସିମି ଚୌଧୁରୀ ବୋଲି ଜଣାପଡ଼ିଛି। ସେ ଦୁଇ ଦିନ ତଳେ ପାନିପଥ ସ୍ଥିତ ଘରୁ ଆଲ୍‌ବମ୍ ସୁଟିଂ ପାଇଁ ଯାଇ ଆଉ ଫେରି ନ ଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ମାମଲାରେ ତାଙ୍କ ପ୍ରେମିକ ସୁନୀଲକୁ ଗିରଫ କିରିଛି। ଆଉ କିଛି ରିପୋର୍ଟରେ ସୁନୀଲଙ୍କୁ ସିମି ବାହା ହୋଇ ସାରିଥିଲେ ବୋଲି କୁହାଯାଇଛି। ଶୀତଲଙ୍କ ଭଉଣୀ ନେହା କହିଛନ୍ତି ଯେ ସେ ଗତ ୧୪ ତାରିଖରେ ତାଙ୍କୁ ଭିଡିଓ କଲ୍ କରିଥିଲେ। ପ୍ରେମିକ ମାଡ଼ ମାରୁଥିବା କହିଥିଲେ। ସୁନୀଲ ତାଙ୍କୁ ଜୋର ଜବରଦସ୍ତି ନେଇଯିବାକୁ ପ୍ରୟାସ କରୁଛି। ଏହା ପରେ କଲ୍ କଟି ଯାଇଥିଲା। ଏବେ ତାଙ୍କ ମୃତଦେହ ମିଳିଛି। ଏହା ପୂର୍ବରୁ ପାନିପଥର ଦିଲ୍ଲୀ ପାରାଲାଲ କେନାଲ ନିକଟରେ ସୁନୀଲଙ୍କ କାର୍ ଥିବା ଦେଖିବାକୁ ମିଳିଥିଲା। ତେବେ ଶୀତଲ ସେହି କାର୍‌ରେ ନ ଥିଲେ। ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ପୁଲିସ ସୁନୀଲକୁ ଗିରଫ କରିଛି। ପୁଲିସ୍ ପକ୍ଷରୁ କୁହାଯାଇଛି ଯେ ଶୀତଲ ତାଙ୍କ ଭଉଣୀ ନେହାଙ୍କ ସହ ପାନିପତରେ ରହୁଥିଲେ। ଗତ ୧୪ରେ ଆଲବମ୍ ସୁଟିଂ ପାଇଁ ନିଜ ଟିମ୍ ସହ ଅହର ଗାଁକୁ ଯାଇଥିଲେ। ଭିଡିଓ କଲ୍ କଟିଯିବା ପରେ ରାତି ସୁଦ୍ଧା ସେ ଘରକୁ ଫେରି ନ ଥିଲେ। ଏହା ପରେ ଆଉ ତାଙ୍କ ସହ କୌଣସି ପ୍ରକାରର ଯୋଗଯୋଗ ହୋଇ ପାରି ନ ପାରିବାରୁ ଭଉଣୀ ପୁରୁଣା ଶିକ୍ସାଞ୍ଚଳ ପୁଲିସ୍ ଷ୍ଟେସନରେ ଅଭିଯୋଗ କରିଥିଲେ। ଏହା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। କେନାଲରୁ ମୃତଦେହ ମିଳିଥିଲା। ବେକକୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଥିବା ଜଣାପଡ଼ିଥିଲା।

## ବାଣ କାରଖାନାରେ ବିସ୍ଫୋରଣ; ୪ ମହିଳା ମୃତ

ଅମରୋହା, ୧୬।୬ (ଏଜେନ୍ସି):ଉତ୍ତର ପ୍ରଦେଶ ଅମରୋହାର ଅତାରସୀ ଗ୍ରାମର ଜଙ୍ଗଲରେ ଥିବା ଏକ ବାଣ କାରଖାନାରେ ସୋମବାର ଦ୍ୱିପହରେ ଭୟଙ୍କର ବିସ୍ଫୋରଣ ହୋଇଛି। ଏଥିରେ କାରଖାନାରେ କାମ କରୁଥିବା ୪ ଜଣ ମହିଳାଙ୍କ ମୃତ୍ୟୁ ହୋଇଛି। ଏମାନଙ୍କ ମଧ୍ୟରୁ ଜଣେ ମହିଳା ଆଜି ପ୍ରଥମ ଥର ପାଇଁ ଚାକିରିରେ ଯୋଗ ଦେଇଥିଲେ। ୯ ଜଣ ମଧ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୪ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଏହାର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏଥିରେ ଜଣେ ଯୁବତୀ ଯନ୍ତ୍ରଣାରେ ଛଟପଟ ହେଉଥିବା ଦେଖାଯାଉଛି। ତାଙ୍କ ମୁହଁ ଏବଂ ଶରୀର ଜଳି ଯାଇଛି।

ସୂଚନା ଅନୁଯାୟୀ ସକାଳେ ୨୫ ମହିଳା ଏବଂ ପୁରୁଷ କାରଖାନାରେ କାମ କରୁଥିଲେ। ଏହି ସମୟରେ ଜଣେ ଶ୍ରମିକଙ୍କ ଶିଶୁ ଝୁରୁଝୁରି ବାଣ ଲଗାଇ ଦେଇଥିଲେ। ଏହା ପରେ ମହଜୁଦ ଥିବା ବାଣ ଏବଂ ବାରୁଦରେ ନିଆଁ ଲାଗି ଯାଇଥିଲା। ୧୫ ମିନିଟ ଯାଏଁ ବିସ୍ଫୋରଣ ହେବାରେ ଲାଗିଥିଲା। ଏହା ଏତେ ଭୟଙ୍କର ଥିଲା ଯେ କାରଖାନାର କୋଠା ଏବଂ ଟିଣ ଆଜବେଷ୍ଟସ ସମ୍ପୂର୍ଣ୍ଣ ଧ୍ୱସ୍ତ ହୋଇଯାଇଛି। ମହିଳାଙ୍କ ମୃତଦେହ ଏଭଳି ଭାବେ ଜଳି ଯାଇଛି ଯେ ଚିହ୍ନଟ କରିବା କଷ୍ଟସାଧ ହୋଇଯାଇଛି। ମୃତଦେହ ଏଣେତେଣେ ପଡ଼ି ରହିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମାମଲାର ତଦନ୍ତ ଆରମ୍ଭ କରିଛି।

## ନେପାଳ ପଳାଇବାକୁ ଯୋଜନା କରିଥିଲେ ସୋନମ



ହନିମୁନ୍ ମର୍ଡର

ସିଲଂ, ୧୬।୬ (ଏଜେନ୍ସି): ମେଘାଳୟରେ ହନିମୁନ୍ ମନାଇବାକୁ ଯାଇ ହତ୍ୟାର ଶିକାର ହୋଇଥିବା ଇନ୍ଦୋର ବ୍ୟବସାୟୀ ରାଜା ରଘୁବଂଶୀଙ୍କ ମାମଲାରେ ନୂଆ ପ୍ରମାଣ ମିଳିଛି। ପତ୍ନୀ ସୋନମ ଏବଂ ତାଙ୍କର ଶେଷ ଭିଡିଓ ସାମ୍ନାକୁ ଆସିଥିବାବେଳେ ହତ୍ୟାରେ ବ୍ୟବହୃତ ଅସ୍ତ୍ର ଉଦ୍ଧାର କରାଯାଇଛି। ପୁଲିସ ଏହାର ଫଟୋ ଜାରି କରିଛି। ୫ ଜଣ ଅଭିଯୁକ୍ତ ଷଡ଼ଯନ୍ତ୍ର କରି ରାଜାଙ୍କୁ ହତ୍ୟା କରିଥିଲେ। ବିଶାଲ ଚୌହାନ ପ୍ରଥମେ ରାଜାଙ୍କ ଉପରେ ପ୍ରହାର କରିଥିଲା। କାତିରେ ବାରମ୍ବାର ଆକ୍ରମଣ କରାଯାଇଥିଲା। ଏହି ସମୟରେ ରାଜା ନିଜକୁ ବଞ୍ଚାଇବା ପାଇଁ ମଧ ପ୍ରୟାସ କରିଥିଲେ। ଏହି କାତିକୁ ଅଭିଯୁକ୍ତ ଗୌହାଟୀ ରେଳ ଷ୍ଟେସନରୁ କିଣିଥିଲେ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ହତ୍ୟା ପରେ ପତ୍ନୀ ସୋନମ ନେପାଳ ପଳାଇବା ପାଇଁ ଯୋଜନା କରିସାରିଥିଲେ। ଟ୍ରେନ କିମ୍ବା ବସ୍‌ରେ ଯିବାକୁ ଚାହୁଁଥିଲେ। ଟ୍ରେନ୍ ନ ମିଳିବାରୁ ସେ ବସ୍‌ରେ ଉତ୍ତର ପ୍ରଦେଶ ପହଞ୍ଚି ଥିଲେ। ଏଠାରୁ ଗୋରଖପୁର ସୋନୌଲି ଦେଇ ନେପାଳ ଯାଇଥାନ୍ତେ। ଏଥିପାଇଁ ସେ ଗତ ୮ ତାରିଖ ରାତିରେ ବାରାଣସୀରୁ ଗୋରଖପୁର ଯିବାକୁ ଚାହୁଁଥିଲେ। ସୋନମଙ୍କ ସହ ବସ୍‌ରେ ଯାତ୍ରା କରିଥିବା ଗାଜିପୁରର ଉଜାଲା ଯାଦବ କହିଛନ୍ତି ଯେ ସେ ଟ୍ରେନରେ ନ ମିଳିବାରୁ ବସ୍‌ରେ ଚଢ଼ିଥିଲେ। ସୋନମ ବହୁତ ଚିନ୍ତିତ ଥିଲେ। ବାରମ୍ବାର ପ୍ରଶ୍ନ କରି ଚାଲିଥିଲେ। ଗୋରଖପୁର କେତେ ଦୂର? ବସ୍ କେତେ ଘଣ୍ଟା ଅଟକିବ? କେତେ ଘଣ୍ଟା ଲାଗିବ ବୋଲି ପଚାରି ଚାଲିଥିଲେ। ସୋନମ ମଧ ତାଙ୍କୁ ମୋବାଇଲ ମାଗିଥିଲେ। ଗୋଟଏ ନମ୍ବର ଡାଏଲ କରି ପୁଣି ଡିଲିଟ କରିଦେଇଥିଲେ। ସୀମା ପାର କରିବାରେ ସାହାଯ୍ୟ କରୁଥିବା ଏଜେଣ୍ଟଙ୍କର ଏହି ନମ୍ବର ହୋଇପାରେ ବୋଲି ଆଶଙ୍କା କରାଯାଉଛି।

ଏହା ମଧ୍ୟରେ ଆଜି ରାଜାଙ୍କ ତେର କାର୍ଯ୍ୟକ୍ରମ ଚାଲିଛି। ଏଥିରେ କେବଳ ପରିବାର ଲୋକ ଏବଂ ସମ୍ପର୍କୀୟ ସାମିଲ ହୋଇଛନ୍ତି। ସୋନମଙ୍କ ଭାଇ ଗୋବିନ୍ଦା ମଧ ସାମିଲ ହୋଇଛି। ଜେରା ପାଇଁ ତାଙ୍କୁ ସିଲଂ ପୁଲିସ ଡାକିଛି ବୋଲି କହିଛନ୍ତି। ଅନ୍ୟପଟେ ଦେବ ସିଂହ ନାମକ ଫଟୋଗ୍ରାଫର ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ସେୟାର କରିଛନ୍ତି। ଏଥିରେ ରାଜା ଏବଂ ସୋନମଙ୍କୁ ଦେଖିବାକୁ ମିଳୁଛି।

## ଭାଇ ପାଇଁ ଅଲଗା ହେଲେ ଲରେନ୍ସ ବିଷ୍ଣୋଇ ଓ ଗୋଲ୍ଡୀ ବ୍ରାର

ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି):ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଓ ଗୋଲ୍ଡୀ ବ୍ରାର ମଧ୍ୟରେ ଫାଟ ସୃଷ୍ଟି ହୋଇଛି। ଲରେନ୍ସର ଭାଇ ଅନମୋଲ ବିଷ୍ଣୋଇ ପାଇଁ ଦୁଇ ବନ୍ଧୁ ଏବେ ବଇରୀ ପାଲଟି ଯାଇଛନ୍ତି। କିଛି ଦିନ ହେଲା ଉଭୟଙ୍କ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଛି। ଲରେନ୍ସ ବିଷ୍ଣୋଇ ଓ ବ୍ରାରର କିଛି ସହଯୋଗୀଙ୍କୁ ଜେରା କରିବା ପରେ ପୁଲିସକୁ ଏହି ବିବାଦ ସମ୍ପର୍କରେ ସୂଚନା ମିଳିଛି। ଲରେନ୍ସ ବିଷ୍ଣୋଇ ଏବେ ଅହମଦାବାର ସାବରମତି ଜେଲ୍‌ରେ ଥିବାବେଳେ ବ୍ରାର ପୁଲିସ୍‌ର ମୋଷ୍ଟୱାଣ୍ଟେଡ ତାଲିକାରେ ରହିଛି। ସେ ଆମେରିକାରେ ଲୁଚି ଆପରାଧିକ କାର୍ଯ୍ୟକଳାପରେ ସାମିଲ ରହିଛି। ଲରେନ୍ସ ମଧ ଜେଲ୍‌ରୁ ଅପରାଧ ଘଟାଉଛି। ସୂଚନା ଅନୁଯାୟୀ ଲରେନ୍ସ ବିଷ୍ଣୋଇ ଠାରୁ ଅଲଗା ହେବା ପରେ ବ୍ରାର ଅଜରବୈଜାନ ଗ୍ୟାଙ୍ଗଷ୍ଟର ରୋହିତ ଗୋଦାରା ସହ ହାତ ମିଳାଇଛି। ସେହିପରି ଲରେନ୍ସ କାନାଡାରୁ ରହି ଅପରାଧ ଘଟାଉଥିବା ନୋନି ରାଣା ଓରଫ ସୂର୍ଯ୍ୟ ପ୍ରତାପ ସହ ଚୁକ୍ତି କରିଛି। ଏହାକୁ ନେଇ ନିକଟରେ ପଞ୍ଜାବ, ରାଜସ୍ଥାନ, ହରିୟାଣା ଓ ଦିଲ୍ଲୀ ପୁଲିସ୍‌ର ବରିଷ୍ଠ ଅଧିକାରୀମାନେ ଜାତୀୟ ତଦନ୍ତକାରୀ ଏଜେନ୍ସି ସହ ବୈଠକ କରିଥିଲେ। ଗତବର୍ଷ ନଭେମ୍ବରରେ କାଲିଫର୍ଣ୍ଣିଆରେ ଅନମୋଲକୁ ଗିରଫ କରାଯିବା ପରେ ଦୁଇ ଗ୍ୟାଙ୍ଗଷ୍ଟରଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା। ଅନମୋଲ ବେଆଇନ ଭାବେ ଆମେରିକାରେ ପ୍ରବେଶ କରୁଥିବାବେଳେ ଧରା ପଡ଼ିଥିଲା।

ଅନମୋଲ ନାଁରେ ଅନେକ ହତ୍ୟା ମାମଲା ରହିଛି। ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ତଥା ଏନସିପି ନେତା ବାବା ସିଦ୍ଦିକୀଙ୍କ ହତ୍ୟା କାଣ୍ଡରେ ମଧ ସେ ସାମିଲ ଥିଲା। ଗିରଫ ହେବା ପରେ ତା'କୁ ପ୍ରତ୍ୟର୍ପଣ ପାଇଁ ଭାରତ ସରକାର ଅନୁରୋଧ କରିଛନ୍ତି।

## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳି ପାରନ୍ତି । ଦୃଢ଼ ସଂକଳ୍ପ ସହ ଲକ୍ଷ୍ୟ ହାସଲ କରିବାକୁ ଯୋଜନା କରିବେ । ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ । କ୍ଷମତା ଉପରେ ଭରସା ରଖନ୍ତୁ ।

**ବୃଷ:** ଘନିଷ୍ଠ ଲୋକଙ୍କ ସହଯୋଗ ରହିବ । ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ । ନିଜକୁ କମଜୋର ଭାବନ୍ତୁ ନାହିଁ । ଛାତ୍ରଛାତ୍ରୀ କୃତକାର୍ଯ୍ୟ ହେବେ ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିବେ । ଅନ୍ୟର ଥଟ୍ଟା ପରିହାସକୁ ଅଣଦେଖା କରନ୍ତୁ । ଦୀର୍ଘ ଦିନରୁ ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ । କୋର୍ଟ କଚେରୀ ମାମଲାର ଶୁଣାଣି ହେବ ।

**କର୍କଟ:** ନିଜ ପରିଶ୍ରମକୁ ଗୁରୁତ୍ୱ ଦିଅନ୍ତୁ । ମନୋରଞ୍ଜନ ପାଇଁ ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି । ଜୀବନସାଥିଙ୍କ ସହଯୋଗ ଲୋଡିବେ । ରାଜନେତାଙ୍କ ପାଇଁ ଭଲ ସମୟ ।

**ସିଂହ:** କୌଣସି କାର୍ଯ୍ୟ କରିବା ପୂର୍ବରୁ ହଜାର ଥର ଚିନ୍ତା କରନ୍ତୁ । ପିଲାମାନଙ୍କ ଉନ୍ନତିରେ ଖୁସି ଅନୁଭବ କରିବେ । କିଣା-ବିକାରେ ସମୟ ବିତିବ । ଚକ୍ଷୁ ସମସ୍ୟା ଭୋଗିପାରନ୍ତି ।

**କନ୍ୟା:** ଦିନଟି ବ୍ୟସ୍ତରେ ବିତିବ । ଜମି କିଣାବିକା ପାଇଁ ଭଲ ସମୟ । ଆୟ ଅନୁସାରେ ବ୍ୟୟ କମ୍ ହେବ । ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି । ପ୍ରେମୀଯୁଗଳଙ୍କ ପାଇଁ ଦିନଟି ଆଦୌ ଭଲ ନୁହେଁ ।

**ତୁଳା:** ପୁରୁଣା ରୋଗରୁ ଆରାମ ମିଳିପାରେ । ଅକସ୍ମାତ ଖୁସି ଖବର ପାଇବେ । ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ । ବ୍ୟବସାୟରୁ ଲାଭ ପାଇବେ । ଯୋଜନା ମୁତାବକ କାମ ହେବ ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିବ । କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ । ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ । ଜୀବନସାଥିଙ୍କ ସହ ଭ୍ରମଣ ଯୋଗ ରହିଛି ।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି । ଅଧିକ ଚିନ୍ତା କରନ୍ତୁନି । ନୂତନ ବ୍ୟବସାୟ ଆରମ୍ଭ କରିପାରିବେ । ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ । ମହିଳାମାନେ ଧର୍ମପରାୟଣା ହେବେ ।

**ମକର:** ଉଧାର ଦେଉଥିଲେ ସାବଧାନ ହୋଇଯାଆନ୍ତୁ । ପରିବାର ସହିତ କିଛି ସମୟ ବିତାନ୍ତୁ । ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ । ଯାନବାହନ ଚଳାଚଳ ସମୟରେ ସତର୍କ ରୁହନ୍ତୁ ।

**କୁମ୍ଭ:** ଅତିଥିଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତାପ୍ରକଟ କରିବେ । ପିଲାମାନଙ୍କ କାର୍ଯ୍ୟ କଳାପରେ ଦିନଟି ଭଲରେ ବିତିବ । ଜୀବନସାଥିଙ୍କ ପାଇଁ କୌଣସି କାର୍ଯ୍ୟ ଗଡ଼ବଡ଼ ହୋଇପାରେ ।

**ମୀନ:** ଆଖି ବୁଜି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି । ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ । ବୈବାହିକ ଜୀବନ ମଧୁମୟ ହେବ । ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ ।

## ଆଜିର ଇତିହାସ

- ୧୭୯୯ - ନେପୋଲିଅନ୍ ବୋନାପାର୍ଟ ଇଟାଲୀକୁ ନିଜ ସାମ୍ରାଜ୍ୟରେ ସାମିଲ୍ କଲେ ।
- ୧୮୮୫- ଷ୍ଟାଚ୍ୟୁ ଅଫ୍ ଲିବର୍ଟି ନ୍ୟୁୟର୍କରେ ପହଞ୍ଚିଲା ।
- ୧୯୩୮ - ଜାପାନ ଚୀନ୍ ବିରୋଧରେ ଯୁଦ୍ଧ ଘୋଷଣା କଲା ।
- ୧୯୯୪- ସିକାଗୋରେ ଫିଫା ବିଶ୍ୱକପ୍ ଫୁଟବଲ୍‌ର ଆରମ୍ଭ ।

## ଇନ୍‌ଷ୍ଟାଗ୍ରାମ୍ ଅନୁଗାମୀଙ୍କ ସଂଖ୍ୟା କମିବାରୁ...

ଏବେ ସାମାଜିକ ଗଣମାଧ୍ୟମରେ ସମସ୍ତେ ସକ୍ରିୟ । ଆଜିକାଲି ଛୋଟ ପିଲା, ଯୁବପିଢ଼ି, ବୟସ୍କ, ପୁରୁଷ, ମହିଳା ସମସ୍ତେ ରିଲ୍‌ସ କରୁଛନ୍ତି । ତେବେ ଏ ରିଲ୍‌ସ କେବଳ ଲୋକଙ୍କୁ ଚର୍ଚ୍ଚିତ କରୁ ନାହିଁ, ବରଂ ସମ୍ପର୍କରେ ଫାଟ ସୃଷ୍ଟି କରୁଥିବା ଦେଖାଯାଇଛି । ଉତ୍ତର ପ୍ରଦେଶ ହାପୁରରେ ରିଲ୍‌ସକୁ ନେଇ ଏକ ଅଜବ ମାମଲା ସାମ୍ନାକୁ ଆସିଛି । ଏଠାରେ ରିଲ୍‌ସ ପାଇଁ ସମ୍ପୃକ୍ତ ମହିଳା ନିଜ ସ୍ୱାମୀଙ୍କ ନାଁରେ ଥାନାରେ ଅଭିଯୋଗ କରିଛନ୍ତି । ତେବେ ସମ୍ପୃକ୍ତ ମହିଳାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ଅନୁଗାମୀଙ୍କ ସଂଖ୍ୟା କମିବାରୁ ସେ ଥାନାରେ ପହଞ୍ଚିଛନ୍ତି । ଘରେ ବାସନ ମାଜିବାରୁ ତାଙ୍କର ଦୁଇ ଜଣ ଅନୁଗାମୀ କମିଯାଇଥିବା ସେ କହିଛନ୍ତି । ଏହି ଘଟଣାରେ ରାଗିକି ମହିଳା ଜଣକ ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି । ମହିଳାଙ୍କର ଇନ୍‌ଷ୍ଟାଗ୍ରାମ୍‌ରେ ୬୩୫ଜଣ ଅନୁଗାମୀ ଅଛନ୍ତି । ସେ ବହୁତ ପରିଶ୍ରମ କରି ରିଲ୍‌ସଗୁଡ଼ିକ ତିଆରି କରୁଥିବା




କହିଛନ୍ତି । ହେଲେ ଘରେ ବାସନ ମାଜି ମାଜି ତାଙ୍କର ଦୁଇ ଜଣ ଅନୁଗାମୀ କମି ଯାଇଥିବା କଥା ସେ କହିଛନ୍ତି । ଯାହାକି ତାଙ୍କୁ ଭଲ ଲାଗିଲା ନାହିଁ । ସେହିପରି ମହିଳାଙ୍କ ସ୍ୱାମୀ କହିଛନ୍ତି, ଯେମିତି ତାଙ୍କ ଫଲୋର୍ସଙ୍କ ସଂଖ୍ୟା କମ୍ ହୁଏ, ସେ ଖାଇବାକୁ ଦେଇ ନ ଥାନ୍ତି । କେବଳ ସେତିକି ନୁହେଁ, ନୀଳ ଡ୍ରମରେ ଭୂତ ଭିଡିଓ କରି ଭୟଭୀତ କରାନ୍ତି । ମହିଳା ଜଣକ ପୂର୍ବରୁ ଯୌତୁକ ନିର୍ଯାତନା ଦିଆଯାଉଥିବା ନେଇ ମିଥ୍ୟା ଅଭିଯୋଗ ଆଣିଥିବା ତାଙ୍କ ସ୍ୱାମୀ କହିଛନ୍ତି । ଅନ୍ୟପଟେ ଏହି ମାମଲାକୁ ନେଇ ଥାନାଧିକାରୀ ଦୁଇଜଣଙ୍କୁ ୪ ଘଣ୍ଟା ପର୍ଯ୍ୟନ୍ତ କାଉନସିଲିଂ କରିଥିଲେ । ଏହା ପରେ ଦୁଇଜଣଙ୍କ ମଧ୍ୟରେ ବୁଝାମଣା ହୋଇଥିଲା । ତେବେ ମହିଳା ଜଣଙ୍କର ରିଲ୍‌ସ କରି ଫଲୋର୍ସ ବୃଦ୍ଧି କରିବା ହେଉଛି ଏକ ନିଶା । ସେହିପରି ବୁଝାମଣା ସମୟରେ ସେ ଦିନକୁ ଦୁଇଟି ରିଲ୍‌ସ କରିବା କଥା କହିଥିଲେ । ଏହି କଥାରେ ସ୍ୱାମୀ ସହମତି ପ୍ରକାଶ କରିବାରୁ ଆପୋଷ ବୁଝାମଣା ହୋଇଥିଲା ।



## ଦୀପିକାଙ୍କ ପରେ ଅଲ୍ଲୁ

ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁ୍ୟକୋନ୍, ସନ୍ଦୀପ ରେଡ୍ଡି ଭାଙ୍ଗାଙ୍କ ନିର୍ଦ୍ଦେଶିତ 'ସ୍ପିରିଟ୍'ରୁ ବାଦ୍ ପଡ଼ିବା ପରେ ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା । ଏବେ ସନ୍ଦୀପ ତାଙ୍କର ଅନ୍ୟ ଏକ ଚଳଚ୍ଚିତ୍ରରୁ ତେଲୁଗୁ ସୁପରଷ୍ଟାର୍ ଅଲ୍ଲୁ ଅର୍ଜୁନ୍‌ଙ୍କୁ ବାଦ୍ ଦେଇଥିବା ଜଣାପଡ଼ିଛି । ଏବେ ଅଲ୍ଲୁଙ୍କ ସ୍ଥାନ ନେବେ ଜୁନିୟର ଏନ୍‌ଟିଆର୍ । ତେବେ ଏନେଇ ଅଲ୍ଲୁ କି ସନ୍ଦୀପ ବିଧିବଦ୍ଧ ଭାବେ କିଛି ନାହାନ୍ତି । କିଛି ଦିନ ପୂର୍ବରୁ ସନ୍ଦୀପ ପ୍ରଭାସଙ୍କ ମେଗା ବଜେଟ୍ ଫିଲ୍ମ 'ସ୍ପିରିଟ୍'ରୁ ଦୀପିକାଙ୍କୁ ବାଦ୍ ଦେଇଥିଲେ । ତେବେ ଦୀପିକା ସେଟ୍‌ରେ ଆଠ ଘଣ୍ଟା କାମ କରିବା ସହ ଅଧିକ ପାରିଶ୍ରମିକ ଓ ଫିଲ୍ମର ଲାଭରୁ ସେୟାର୍ ମାଗିବାରୁ ତାଙ୍କୁ ସନ୍ଦୀପ ବାଦ୍ ଦେଇଥିବା ଚର୍ଚ୍ଚା ହେଉଛି । ଅପରପକ୍ଷରେ ସନ୍ଦୀପ ଦୀପିକାଙ୍କ ନାମ ନ ନେଇ ତାଙ୍କ କାହାଣୀ ଲିକ୍ କରି ଦେଇଥିବା ଟ୍ୱିଟର୍‌ରେ ଅଭିଯୋଗ ଆଣିଥିଲେ । ତେବେ ଏହି ବିବାଦ ସମୟରେ ଅଲ୍ଲୁ ଓ ଦୀପିକାଙ୍କ ଆଗାମୀ ଫିଲ୍ମର ଟିଜର୍ ଆସିଥିଲା । ଏଟ୍‌ଲିଙ୍କ ଫିଲ୍ମ 'AA22xA6' ଏହି ଦୁଇ ତାରକାଙ୍କୁ ଦେଖିବାକୁ ମିଳିବ । ଏହାର ସୁଟିଂ ଚଳିତବର୍ଷ ହେବ । ତେବେ ସନ୍ଦୀପ ତାଙ୍କ ଫିଲ୍ମରୁ ଅଲ୍ଲୁଙ୍କୁ କାହିଁକି ବାଦ୍ ଦେଲେ ସେସମ୍ପର୍କରେ ସ୍ପଷ୍ଟ କିଛି ଜଣାପଡ଼ିନାହିଁ ।

## ଗାଁ'ର ଘରେ ଘରେ ଇଞ୍ଜିନିୟର



ପାଠପଢ଼ା ପରେ ଜୀବନରେ ସମସ୍ତେ କିଛି ନା କିଛି କରିବାକୁ ଲକ୍ଷ୍ୟ ରଖିଥାନ୍ତି । କିଏ ଡାକ୍ତର ତ ଆଉ କିଏ ଇଞ୍ଜିନିୟର ହେବାକୁ ପ୍ରସ୍ତୁତି କରିଥାନ୍ତି । ଏହି କ୍ରମରେ ଭାରତରେ ଏମିତି ଏକ ଗାଁ ରହିଛି ଯେଉଁଠି ଘରେ ଘରେ ଇଞ୍ଜିନିୟର । ଏଥିପାଇଁ ଏହି ଗାଁ'ଟି 'ଇଞ୍ଜିନିୟରଙ୍କ ଗାଁ' ଭାବେ ଜଣାଯାଏ । ତାମିଲନାଡୁର ପୋଟ୍ଟାକ୍କୁଡି ଗାଁ'ଟି ଏକ ସ୍ୱତନ୍ତ୍ର ପେସା ପାଇଁ ଚର୍ଚ୍ଚାରେ ରହିଛି । ଗାଁ' ରେ ୮୦୦ ବାସିନ୍ଦା ଅଛନ୍ତି । ତନ୍ମଧ୍ୟରୁ ୨୦୦ରୁ ଅଧିକ ଜଣ ଇଞ୍ଜିନିୟର ଅଛନ୍ତି । ଗାଁ'ର ଏହି ଯାତ୍ରା ଆରମ୍ଭ ହୋଇଥିଲା ଅଶୀ ଦଶକରେ । ସେତେବେଳେ ଜଣେ ସ୍କୁଲ ଶିକ୍ଷକ ଏହି ଗାଁ'ର ପିଲାମାନେ କିପରି ଉଚ୍ଚ ଶିକ୍ଷା ଗ୍ରହଣ କରି ସହରରେ ଚାକିରି କରିବେ, ଅଫିସର ହେବେ ସେ ନେଇ ସ୍ୱପ୍ନ ଦେଖିଥିଲେ । ଶିକ୍ଷକଙ୍କ ସ୍ୱପ୍ନ ପୂରା କରିବାକୁ ଗାଁ'ଯାକ ଲୋକେ ଚାଷକାମରେ ନିୟୋଜିତ ରହିଥିଲେ । ଚାଷକାର୍ଯ୍ୟରୁ ଯାହା ରୋଜଗାର ହୋଇଥିଲା ସେଥିରେ ସେ ପିଲାମାନଙ୍କୁ ପାଠ ପଢ଼ାଇଥିଲେ । ପିଲାମାନେ ମଧ୍ୟ ସାଇକଲ ଜରିଆରେ ବହୁ ଦୂର ଦୂରାନ୍ତକୁ ଯାଇ ସ୍କୁଲ କଲେଜରେ ପାଠ ପଢ଼ିଥିଲେ । ଧୀରେ ଧୀରେ ଗାଁ'ର ପିଲାମାନେ ଇଞ୍ଜିନିୟର ହେବାକୁ ଲାଗିଲେ । ବଡ଼ ହୋଇ ଇଞ୍ଜିନିୟର ହେବା ଏହି ଗାଁର ପିଲାମାନଙ୍କ ପାଇଁ ସତେ ଯେମିତି ଏକ ପରମ୍ପରା ପାଲଟିଗଲା । ତେଣୁ ପରବର୍ତ୍ତୀ ସମୟରେ ଏହି ଗାଁ'ର ପିଲାମାନଙ୍କୁ ସିଧାସଳଖ ସେ କେଉଁ ବ୍ରାଞ୍ଚ ନେଇ ଇଞ୍ଜିନିୟରିଂ ପଢ଼ିବେ ବୋଲି ପଚରାଗଲା । ଏହି ଗାଁ'ର କେବଳ ପୁରୁଷମାନେ ଯେ ଇଞ୍ଜିନିୟର ହୋଇଛନ୍ତି ତାହା ନୁହେଁ, ବରଂ ଝିଅମାନେ ମଧ୍ୟ ଇଲେକ୍ଟ୍ରୋନିକ୍ସ, କମ୍ପ୍ୟୁଟର ସାଇନ୍ସ କିମ୍ବା ସିଭିଲ ଇଞ୍ଜିନିୟରିଂରେ ବେଶ୍ ନାଁ କମାଇଛନ୍ତି । ବିଶେଷ କଥା ହେଉଛି, ଏହି ଗାଁ'ର ଏକ ନିଜସ୍ୱ କୋଚିଂ ସେଣ୍ଟର, ଇଣ୍ଟରନେଟ୍ ଲ୍ୟାବ୍ ଆଦି ରହିଛି । ଏଠାରେ ପିଲାମାନେ ଭବିଷ୍ୟତରେ ଇଞ୍ଜିନିୟର ହେବାର ସ୍ୱପ୍ନ ଦେଖନ୍ତି ।




## ଧାଡ଼ିରେ ବିହନ ବୁଣିବ ଡ୍ରମ୍ ସିଡର୍



ଅଧିକାଂଶ ଚାଷୀ ଧାନ ଚାଷକୁ ମୁଖ୍ୟ ଫସଲ ଭାବେ ଚାଷ କରନ୍ତି । ତେବେ ପାରମ୍ପରିକ ପ୍ରଣାଳୀରେ ଧାନ ଚାଷ କରାଯାଉଥିବାରୁ ନର୍ସରୀ ପ୍ରସ୍ତୁତ କରିବାଠୁ ନେଇ ତଳି ରୁଆ ଆଦି କାମରେ ଅଧିକ ଶ୍ରମ ଓ ସମୟ ଲାଗିଥାଏ । ଏଥିପାଇଁ ଚାଷୀ ଅଧିକ ଖର୍ଚ୍ଚାନ୍ତ ହୁଅନ୍ତି । ତେଣୁ ବର୍ତ୍ତମାନ ଚାଷୀମାନେ ଆଧୁନିକ କୃଷି ଯନ୍ତ୍ରପାତି ଉପଯୋଗ କରି ଏହି ସମସ୍ୟାକୁ ଦୂର କରିପାରୁଛନ୍ତି । ଏମିତି ଏକ କୃଷି ଉପକରଣ ହେଉଛି ଡ୍ରମ୍ ସିଡର୍ । ଚାଷୀଙ୍କ କାମକୁ ସହଜ କରିପାରୁଥିବା ଏହି ଯନ୍ତ୍ରପାତିଟି ଆୟ ବୃଦ୍ଧିରେ ସହାୟକ ହୋଇଥାଏ । ଧାନ ବିହନକୁ ସିଧା ବୁଣିବା ପାଇଁ ଏହି ଯନ୍ତ୍ରଟି ଅଧିକ ଲାଭପ୍ରଦ । ଡ୍ରମ୍ ସିଡର୍ ମନୁଷ୍ୟ ଚାଳିତ ଏକ ଯନ୍ତ୍ରପାତି । ଏହା ମାଧ୍ୟମରେ ଗଜା ଧାନକୁ ସିଧା ବୁଣାଯାଇଥାଏ । ତେଣୁ ଯେଉଁ ଅଞ୍ଚଳରେ ବର୍ଷା ହେଉଛି, ସେହି ସ୍ଥାନରେ ଚାଷୀମାନେ ଡ୍ରମ୍ ସିଡର ସାହାଯ୍ୟରେ ସହଜରେ ଧାନ ବୁଣାବୁଣି କାମ କରିପାରିବେ । ଏହି ଯନ୍ତ୍ରରେ ବୁଣାବୁଣି କାମ ସାରିବା ଦ୍ୱାରା ରୁଆରେ ହେଉଥିବା ଅତିରିକ୍ତ ଖର୍ଚ୍ଚରୁ ଆଶ୍ୱସ୍ତି ମିଳିଥାଏ । ଡ୍ରମ୍ ସିଡର୍ ୬ଟି ଶକ୍ତ ପ୍ଲାଷ୍ଟିକ୍ ଡବାରୁ ନିର୍ମିତ ଏକ ଉପଯୋଗୀ କୃଷି ଯନ୍ତ୍ର । ଏହାର ଲମ୍ବ ୨୫ ସେମି ଏବଂ ଚଉଡ଼ା ୧୮ ସେମି । ପ୍ରତ୍ୟେକ ଡବାରେ ପାଖାପାଖି ଦେଢ଼ରୁ ଦୁଇ କିଲୋ ଧାନ ବିହନ ଭରା ଯାଇପାରିବ । ଏହି ଯନ୍ତ୍ରର ମୋଟ୍ ଓଜନ ହେଉଛି ଛଅ କିଲୋ । ଏଥିରେ ଏକାଥରକରେ ୬ରୁ ୧୨ ଧାଡ଼ିରେ ଧାନ ବୁଣାଯାଇପାରିବ । ଏହି ଯନ୍ତ୍ର ସହାୟତାରେ ଦିନରେ ପାଖାପାଖି ୨.୫ ଏକର ବୁଣା କାମ ହୋଇଥାଏ । ଏଥିପାଇଁ ପ୍ରଥମେ ଧାନ ବିହନକୁ ୧୨ ଘଣ୍ଟା ପାଇଁ ପାଣିରେ ଭିଜାଇ ପରେ ଏହାକୁ ଝୋଟ ଅଖାରେ ୨୪ ଘଣ୍ଟା ଢାଙ୍କି ରଖାଯାଏ । ଏହା ଦ୍ୱାରା ଭଲ ଗଜା ହୋଇଥାଏ । ମେସିନ୍‌ରେ ବିହନ ପକାଇବା ପୂର୍ବରୁ ଏହାକୁ ଅଧଘଣ୍ଟା ଶୁଖାଇବା ଆବଶ୍ୟକ । ବଜାରରେ ବିଭିନ୍ନ କମ୍ପାନୀର ଡ୍ରମ୍ ସିଡର୍ ଉପଲବ୍ଧ ରହିଛି । ଏହି ମେସିନ୍ ଉପରେ ସରକାରଙ୍କ ତରଫରୁ ୫୦ ପ୍ରତିଶତ ରିହାତି ଦିଆଯାଉଛି ।

## ଧାନ ବିହନ ଚୟନ ଓ ବିଶୋଧନ

ବର୍ତ୍ତମାନ ରାଜ୍ୟରେ ମୌସୁମୀ ବର୍ଷା ଆରମ୍ଭ ହୋଇଯାଇଛି । ବର୍ଷା ଜଳକୁ ବିନିଯୋଗ କରି ଚାଷୀମାନେ ଖରିଫ ଚାଷ ପାଇଁ ପ୍ରସ୍ତୁତି ଆରମ୍ଭ କରୁଛନ୍ତି । ତେଣୁ ଧାନରେ ଖରୁଡ଼ି ବୁଣାକାର୍ଯ୍ୟ ଶେଷ କରିବାକୁ ଏହା ଉପଯୁକ୍ତ ସମୟ । ଏଥିପାଇଁ ଚାଷୀମାନେ ଜମିର କିସମ ଅନୁସାରେ ଧାନ ବିହନ କିସମ ଚୟନ କରିବା ଉଚିତ । ଅଧିକ ଅମଳକ୍ଷମ/ ସଙ୍କର କିସମ ଧାନ ବିହନ ନିର୍ଭରଯୋଗ୍ୟ ସଂସ୍ଥାଠାରୁ ସଂଗ୍ରହ କରିବା ଜରୁରି । ସେହିପରି ଧାନ ବିହନ ୧୦୦ଟି ଗଣି ଗଜା କରି ଚାଷ କରିବା ଆବଶ୍ୟକ । ଏଥିପାଇଁ ଚାଷୀମାନେ ୫ମ, ଷଷ୍ଠ ଓ ୭ମ ଦିନ ଗଜାଧାନ ଗଣି ୮୫%ରୁ ଅଧିକ ଅଙ୍କୁରୋଦଗମକ୍ଷମ ବିହନକୁ ଚୟନ କରନ୍ତୁ । ଧାନ ଖରୁଡ଼ି ବୁଣା/ ବତୁରୁ ବୁଣା/ ଧାନ ତଳି ପାଇଁ ଧାନକୁ ବିଶୋଧନ କରିବା ଦ୍ୱାରା ପ୍ରାଥମିକ ଅବସ୍ଥାରେ ରୋଗପୋକରୁ ଫସଲକୁ ସୁରକ୍ଷା ମିଳିଥାଏ । ତେଣୁ ବିହନକୁ ଖରାରେ ଶୁଖାଇ ଭୌତିକ ଭାବରେ ବିହନ ବିଶୋଧନ କରିପାରିବେ । ବିହନ ବିଶୋଧନ ଜୈବିକ ବା ରାସାୟନିକ ଉପାୟରେ କରାଯାଇଥାଏ । ପ୍ରାକୃତିକ କୃଷି କରୁଥିଲେ ବିହନକୁ ବୀଜାମୃତ, ଜୈବିକ ଉପାୟରେ ଜୈବ ଫିମ୍ପିନାଶକ ଟ୍ରାଇକୋଗାମାଭିରିଡି ୫ଗ୍ରାମ/ ପ୍ରତି କିଗ୍ରା ବିହନରେ ମିଶାଇ ବିଶୋଧନ କରାଯାଇଥାଏ । ରାସାୟନିକ ଉପାୟରେ କ୍ୟାପଟାନ ବା ଥିରମ, କାର୍ବେଣ୍ଡାଜିମ୍ ଆଦି ଅନୁମୋଦିତ ପରିମାଣରେ ପ୍ରୟୋଗ କରି ବିହନ ବିଶୋଧନ କରାଯାଇପାରେ ।



## ସଫଳ ଚାଷୀ

## ଆପରୁ ଫସଲର ଦେଖାରଖା

**ସମ୍ପ୍ରତି ଜମି ପ୍ରସ୍ତୁତିଠୁ ନେଇ ବିହନ ବୁଣିବା, କୀଟନାଶକ ସିଞ୍ଚନ, ଫସଲ କଟା, ରୋଗପୋକ ଚିହ୍ନଟ ସହ ଔଷଧ ସିଞ୍ଚନ ଆଦି ସ୍ମାର୍ଟ ତରିକାରେ ହୋଇପାରୁଛି । ଏହା ଦ୍ୱାରା କେବଳ ଚାଷୀଙ୍କ ଖର୍ଚ୍ଚ ଓ ଶ୍ରମ ହ୍ରାସ ହେଉଛି ତାହା ନୁହେଁ, ଅଧିକ ଉତ୍ପାଦନ ହୋଇପାରୁଛି । ତେବେ ସ୍ମାର୍ଟ ତରିକା ଆପଣାଇ ଚାଷରୁ ଲାଭ ପାଉଥିବା ଜଣେ ଚାଷୀ ହେଉଛନ୍ତି ମହାରାଷ୍ଟ୍ର, ଅମରାବତୀ ଜିଲ୍ଲାର ଖରପୀ ଗାଁ'ର ଗୌରବ ବିଜୱେ ।**



ଗୌରବ ୧,୨୦୦ରୁ ଉର୍ଦ୍ଧ୍ୱ କମଳା ଗଛକୁ ନେଇ ବଗିଚାଟେ କରିଛନ୍ତି । ଏହି ବଗିଚାକୁ ସ୍ମାର୍ଟ ଫାର୍ମର ପରିଣତ କରିବାକୁ ବିଜୟ ମହାଭିସ୍ତାରା-ଏଆଇ ଏବଂ ସୌରଚାଳିତ ସେନ୍ସର ଉପଯୋଗ କରିଛନ୍ତି । ଜମିରେ ଲଗାଇଥିବା ସୌରଚାଳିତ ସେନ୍‌ସର ମାଟିର ଆର୍ଦ୍ରତା, ତାପମାତ୍ରା, ପୋଷକତତ୍ତ୍ୱ ସୂଚନା ବିଷୟରେ ସାଟେଲାଇଟ୍ ଜରିଆରେ ସିଧା ମୋବାଇଲ୍ ଆପ୍‌କୁ ପଠାଇଥାଏ । ଯାହା ଫଳରେ ଗୌରବ ପ୍ରତିଦିନ ସକାଳୁ ମୋବାଇଲ୍ ସାହାଯ୍ୟରେ ତାଙ୍କ ବଗିଚାରେ ଥିବା କମଳା ଗଛକୁ ପାଣି, ଖତ କିମ୍ବା କୀଟନାଶକ ଆବଶ୍ୟକ କି ନାହିଁ ତାହାର ସୂଚନା



ପାଇପାରୁଛନ୍ତି । ସ୍ମାର୍ଟ ପ୍ରଣାଳୀ ପାଇଁ ସେ ପାଖାପାଖି ୬୦,୦୦୦ଟଙ୍କା ନିବେଶ କରିଛନ୍ତି । ଏହା ଯୋଗୁଁ ଜଳ ଅପଚୟ୫୦% ହ୍ରାସ ହୋଇଥିବାବେଳେ କୀଟନାଶକ ଖୁବ୍ କମ୍ ଉପଯୋଗ ହେଉଛି । ତେଣୁ ସ୍ମାର୍ଟ ତରିକାରେ ଚାଷ କରିବା ଦ୍ୱାରା ବର୍ତ୍ତମାନ ପ୍ରତି ଗଛରୁ ୧,୦୦୦ରୁ ୧,୫୦୦ କମଳା ଫଳ ଅମଳ ହେଉଛି । ମୋବାଇଲ୍ ଆପ୍ ସାହାଯ୍ୟରେ ଫସଲର ଦେଖାରଖା ସହଜ ହେଉଥିବାରୁ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଗୌରବଙ୍କ ପରି ସ୍ମାର୍ଟ ଚାଷ କରିବାକୁ ଆଗଭର ହୋଇଛନ୍ତି । କେବଳ ସେତିକି ନୁହେଁ, ସାମାଜିକ ଗଣମାଧ୍ୟମରେ ମଧ୍ୟ ଗୌରବଙ୍କ ଚାଷକୁ ନେଇ ବେଶ୍ ଚର୍ଚ୍ଚା ଲାଗିରହିଛି । ଅଧୁନା ଅଧିକାଂଶ ଯୁବକ ଚାକିରି ଅନ୍ୱେଷଣରେ ବିଦେଶକୁ ଯାଉଥିବାବେଳେ ଗୌରବ ଗାଁ'ରେ ରହି ଚାଷ କାର୍ଯ୍ୟରେ ଭାଗ୍ୟ ବଦଳାଇ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ


- ବର୍ଷା ହେବାର ସମ୍ଭାବନା ଥିବାରୁ ଚାଷୀଭାଇମାନଙ୍କୁ ଫସଲରେ କୀଟନାଶକ ଔଷଧ ସିଞ୍ଚନ ଓ ଜଳସେଚନ ବନ୍ଦ ରଖିବାକୁ ପରାମର୍ଶ ଦିଆଯାଇଛି ।
- କାଳବୈଶାଖୀ ବର୍ଷା ହେତୁ ଲତା ଜାତୀୟ ପନିପରିବା ପ୍ରଭାବିତ ହେବାର ସମ୍ଭାବନା ଥିବାରୁ ଅମଳ ଉପଯୋଗୀ ପନିପରିବାକୁ ତୋଳି ଦିଅନ୍ତୁ ତଥା ରଞ୍ଜା ମଜବୁତ କରି ଦିଅନ୍ତୁ ।
- ଅତ୍ୟଧିକ ପବନରୁ ରକ୍ଷା ପାଇବା ପାଇଁ କଖାରୁ ଜାତୀୟ ପନିପରିବା, କଦଳୀ ଓ ଅମୃତଭଣ୍ଡା ଗଛରେ ଢେରା ଦିଅନ୍ତୁ ।
- ଭେଣ୍ଡି ଲଗାଇବା ସମୟରେ ଉନ୍ନତ କିସମ ପାଇଁ ମୂଳ ସାର ହିସାବରେ ଏକର ପ୍ରତି ୭୦ କିଗ୍ରା ଡିଏପି ୧୧ କିଗ୍ରା ମ୍ୟୁରେଟ୍ ଅଫ୍ ପଟାସ ସହିତ ୧୨ କିଗ୍ରା ୟୁରିଆ ସାର ପ୍ରୟୋଗ କରି ଧାଡ଼ିକୁ ଧାଡ଼ିକୁ ୪୫ ସେମି ଏବଂ ଗଛକୁ ୩୦ ସେମି ବ୍ୟବଧାନରେ ମଞ୍ଜି ବୁଣନ୍ତୁ ।
- ଗାଈଗୋରୁମାନଙ୍କୁ ସଫା ଏବଂ ଉଚିତ ପରିମାଣର ପାଣି ଯୋଗାନ୍ତୁ । ଘାସ ଚରିବା ପାଇଁ ପଶୁମାନଙ୍କୁ ଶୃଙ୍ଖଳା ପାଗରେ କେବଳ ସକାଳ ଏବଂ ସନ୍ଧ୍ୟା ସମୟରେ ଛାଡ଼ନ୍ତୁ ।

## ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ କାର୍ଯ୍ୟସୂଚୀ ଘୋଷିତ

# ଭାରତ-ପାକିସ୍ତାନ ମୁକାବିଲା ଅକ୍ଟୋବର ୫ରେ

ଦୁବାଇ,୧୬।୬ (ଏଜେନ୍ସି):

ଭାରତ ଓ ଶ୍ରୀଲଙ୍କା କଲମ୍ବୋଠାରେ ଖେଳାଯିବାକୁ ଥିବା ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ କିଏ କାହା ସହ ଖେଳିବ ସେ ସମ୍ପର୍କରେ କାର୍ଯ୍ୟସୂଚୀ ଆଜି ଘୋଷଣା କରାଯାଇଛି। ସେପ୍ଟେମ୍ବର ୩୦ରୁ ଆରମ୍ଭ ହୋଇ ନଭେମ୍ବର ୨ରେ ଶେଷ ହେବ। ଭାରତର ୨ଟି ହାଇଲେଭଲ ମୁକାବିଲା ମଧ୍ୟରୁ ପାକିସ୍ତାନ ସହ ମୁକାବିଲା ଶ୍ରୀଲଙ୍କାର କଲମ୍ବୋଠାରେ ଅକ୍ଟୋବର ୫ରେ ଓ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ସହ ଲଢ଼େଇ ଭାଇଜାଗ୍‌ରେ ଅକ୍ଟୋବର ୧୨ରେ ଖେଳାଯିବ। ବେଙ୍ଗାଲୁରୁରେ ସେପ୍ଟେମ୍ବର ୩୦ରେ ଉଦ୍‌ଘାଟନୀ ମୁକାବିଲା ଖେଳାଯିବ। ଏଥିରେ ଭାରତ ସହ ଶ୍ରୀଲଙ୍କା ଖେଳିବ। ଅକ୍ଟୋବର ୧ରେ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଓ ଟି-୨୦ ଚାମ୍ପିଅନ ନ୍ୟୁଜିଲାଣ୍ଡ ମଧ୍ୟରେ ଦ୍ୱିତୀୟ ଲିଗ୍ ମ୍ୟାଚ୍ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଟିମ୍ ଅଂଶଗ୍ରହଣ କରୁଛନ୍ତି। ଟୁର୍ଣ୍ଣାମେଣ୍ଟ ଫର୍ମାଟ ଅନୁଯାୟୀ ପ୍ରତ୍ୟେକ ଦଳ ଅନ୍ୟ ସହ ଥରେ ଲେଖାଏଁ ମ୍ୟାଚ୍ ଖେଳିବେ। ଏହା ପରେ ପଏଣ୍ଟ ତାଲିକାରେ ପ୍ରଥମ ୪ଟି ସ୍ଥାନ ଅଧିକାର କରିଥିବା ଦଳ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ। ସେମିଫାଇନାଲରେ ନଂ-୧ ଟିମ୍ ସହ ନଂ-୪ ଓ ନଂ-୨ ଟିମ୍ ସହ ନଂ-୩ ଟିମ୍ ଖେଳିବ। ଏହି ମ୍ୟାଚ୍ ଦୁଇଟି ଅକ୍ଟୋବର ୨୯ ଓ ୩୦ରେ ଖେଳାଯିବ। ପ୍ରଥମ ସେମିଫାଇନାଲ ଖେଳିବାକୁ ପାକିସ୍ତାନ ଯୋଗ୍ୟତା ଅର୍ଜନ କଲେ ସେହି ମ୍ୟାଚଟି ଶ୍ରୀଲଙ୍କାର କଲମ୍ବୋରେ ଏବଂ ପାକିସ୍ତାନ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କଲେ ତାହା ମଧ୍ୟ କଲମ୍ବୋରେ ଖେଳାଯିବ।




### ବେଙ୍ଗାଲୁରୁରେ ଉଦ୍‌ଘାଟନୀ ମୁକାବିଲା

ବିଶ୍ୱକପ୍‌ର ଉଦ୍‌ଘାଟନୀ ମୁକାବିଲା ବେଙ୍ଗାଲୁରୁରେ ଖେଳାଯିବ। ସେପ୍ଟେମ୍ବର ୩୦ରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ଭାରତ ସହ ଶ୍ରୀଲଙ୍କାର ମୁକାବିଲା ହେବ। ପରେ ଭାରତର ପରବର୍ତ୍ତୀ ମ୍ୟାଚ୍ ପାକିସ୍ତାନ ସହ କଲମ୍ବୋରେ ଅକ୍ଟୋବର ୫ରେ ଖେଳାଯିବ। ଭାରତ ତାହାର ଅନ୍ୟ ମ୍ୟାଚ ଦକ୍ଷିଣ ଆଫ୍ରିକା ସହ ଅକ୍ଟୋବର ୯ରେ, ଅଷ୍ଟ୍ରେଲିଆ ସହ ଅକ୍ଟୋବର ୧୨ରେ, ଇଂଲଣ୍ଡ ସହ ଅକ୍ଟୋବର ୧୯ରେ, ନ୍ୟୁଜିଲାଣ୍ଡ ସହ ଅକ୍ଟୋବର ୨୩ରେ ଓ ବାଂଲାଦେଶ ସହ ଶେଷ ଲିଗ୍ ମ୍ୟାଚ୍ ଅକ୍ଟୋବର ୨୬ରେ ଖେଳିବ। ପାକିସ୍ତାନ ସହ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କଲେ ଭାରତ ଏହି ମ୍ୟାଚ୍‌ଟି କଲମ୍ବୋରେ ଖେଳିବ।

### କଲମ୍ବୋରେ ଖେଳାଯିବ ୧୧ ମ୍ୟାଚ୍

ଏସୀୟ କ୍ରିକେଟ କାଉନ୍ସିଲ ଦ୍ୱାରା ବୁଝାମଣା ଅନୁଯାୟୀ ଭାରତ ଓ ପାକିସ୍ତାନ ଆୟୋଜନ କରୁଥିବା ଟୁର୍ଣ୍ଣାମେଣ୍ଟରେ ଗୋଟିଏ ଦେଶ ଅନ୍ୟ ଦେଶରେ ଖେଳିବ ନାହିଁ। ଏହା ଫଳରେ ଆଇସିସି ମହିଳା ବିଶ୍ୱକପ୍ ଭାରତ ଆୟୋଜନ କରୁଥିବାରୁ ପାକିସ୍ତାନ ଭାରତରେ କୌଣସି ମ୍ୟାଚ୍ ଖେଳିବ ନାହିଁ। ଏଣୁ ନିରପେକ୍ଷ ଭେନ୍ୟୁ ଭାବେ ଶ୍ରୀଲଙ୍କାର କଲମ୍ବୋକୁ ଚିହ୍ନଟ କରାଯାଇଛି। ଏଠାରେ ପାକିସ୍ତାନ ତାହାର ସମସ୍ତ ୭ଟି ଯାକ ଲିଗ୍ ମ୍ୟାଚ୍ ଖେଳିବ। ଏହା ଛଡ଼ା ଶ୍ରୀଲଙ୍କାର ୪ଟି ଲିଗ୍ ମ୍ୟାଚ୍ ମଧ୍ୟ ଏଠାରେ ଖେଳାଯିବ। ସମସ୍ତ ମ୍ୟାଚ୍ ଗୁଡ଼ିକ ଭାରତୀୟ ସମୟ ଅନୁସାରେ ଅପରାହ୍ଣ ୩ଟାରୁ ଆରମ୍ଭ ହେବ। ଶ୍ରୀଲଙ୍କା ଏଠାରେ ଅଷ୍ଟ୍ରେଲିଆ ସହ ଅକ୍ଟୋବର ୪, ନ୍ୟୁଜିଲାଣ୍ଡ ସହ ଅକ୍ଟୋବର ୧୪, ଦକ୍ଷିଣ ଆଫ୍ରିକା ସହ ଅକ୍ଟୋବର ୧୭ ଓ ବାଂଲାଦେଶ ସହ ଅକ୍ଟୋବର ୨୦ରେ ଖେଳିବ। ପାକିସ୍ତାନ ଯଦି ସେମିଫାଇନାଲ ଓ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରେ ତେବେ କଲମ୍ବୋରେ ଦଳ ଦୁଇଟିଯାକ ମ୍ୟାଚ୍ ଖେଳିବ। ନଚେତ ଏହା ବେଙ୍ଗାଲୁରୁରେ ଖେଳାଯିବ।

### ଦିନିକିଆ ମହିଳା ବିଶ୍ୱକପ୍ ଖେଳସୂଚୀ

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ |
| --- | --- | --- |
| ୩୦।୯ | ଭାରତ-ଶ୍ରୀଲଙ୍କା | ବେଙ୍ଗାଲୁରୁ |
| ୧।୧୦ | ଅଷ୍ଟ୍ରେଲିଆ-ନ୍ୟୁଜିଲାଣ୍ଡ | ଇନ୍ଦୋର |
| ୨।୧୦ | ପାକିସ୍ତାନ-ବାଂଲାଦେଶ | କଲମ୍ବୋ |
| ୩।୧୦ | ଇଂଲଣ୍ଡ-ଦକ୍ଷିଣ ଆଫ୍ରିକା | ବେଙ୍ଗାଲୁରୁ |
| ୪।୧୦ | ଶ୍ରୀଲଙ୍କା-ଅଷ୍ଟ୍ରେଲିଆ | କଲମ୍ବୋ |
| ୫।୧୦ | ଭାରତ-ପାକିସ୍ତାନ | କଲମ୍ବୋ |
| ୬।୧୦ | ନ୍ୟୁଜିଲାଣ୍ଡ-ଦକ୍ଷିଣ ଆଫ୍ରିକା | ଇନ୍ଦୋର |
| ୭।୧୦ | ଇଂଲଣ୍ଡ-ବାଂଲାଦେଶ | ଗୌହାଟୀ |
| ୮।୧୦ | ପାକିସ୍ତାନ-ଅଷ୍ଟ୍ରେଲିଆ | କଲମ୍ବୋ |
| ୯।୧୦ | ଭାରତ-ଦକ୍ଷିଣ ଆଫ୍ରିକା | ଭାଇଜାଗ୍ |
| ୧୦।୧୦ | ନ୍ୟୁଜିଲାଣ୍ଡ-ବାଂଲାଦେଶ | ଭାଇଜାଗ୍ |
| ୧୧।୧୦ | ଇଂଲଣ୍ଡ-ଶ୍ରୀଲଙ୍କା | ଗୌହାଟୀ |
| ୧୨।୧୦ | ଭାରତ-ଅଷ୍ଟ୍ରେଲିଆ | ଭାଇଜାଗ୍ |
| ୧୩।୧୦ | ବାଂଲାଦେଶ-ଦକ୍ଷିଣ ଆଫ୍ରିକା | ଭାଇଜାଗ୍ |
| ୧୪।୧୦ | ଶ୍ରୀଲଙ୍କା-ନ୍ୟୁଜିଲାଣ୍ଡ | କଲମ୍ବୋ |
| ୧୫।୧୦ | ପାକିସ୍ତାନ-ଇଂଲଣ୍ଡ | କଲମ୍ବୋ |
| ୧୬।୧୦ | ଅଷ୍ଟ୍ରେଲିଆ-ବାଂଲାଦେଶ | ଭାଇଜାଗ୍ |
| ୧୭।୧୦ | ଶ୍ରୀଲଙ୍କା-ଦକ୍ଷିଣ ଆଫ୍ରିକା | କଲମ୍ବୋ |
| ୧୮।୧୦ | ପାକିସ୍ତାନ-ନ୍ୟୁଜିଲାଣ୍ଡ | କଲମ୍ବୋ |
| ୧୯।୧୦ | ଭାରତ-ଇଂଲଣ୍ଡ | ଇନ୍ଦୋର |
| ୨୦।୧୦ | ଶ୍ରୀଲଙ୍କା-ବାଂଲାଦେଶ | କଲମ୍ବୋ |
| ୨୧।୧୦ | ପାକିସ୍ତାନ-ଦକ୍ଷିଣ ଆଫ୍ରିକା | କଲମ୍ବୋ |
| ୨୨।୧୦ | ଅଷ୍ଟ୍ରେଲିଆ-ଇଂଲଣ୍ଡ | ଇନ୍ଦୋର |
| ୨୩।୧୦ | ଭାରତ-ନ୍ୟୁଜିଲାଣ୍ଡ | ଗୌହାଟୀ |
| ୨୪।୧୦ | ପାକିସ୍ତାନ-ଶ୍ରୀଲଙ୍କା | କଲମ୍ବୋ |
| ୨୫।୧୦ | ଅଷ୍ଟ୍ରେଲିଆ-ଶ୍ରୀଲଙ୍କା | ଇନ୍ଦୋର |
| ୨୬।୧୦ | ଇଂଲଣ୍ଡ-ନ୍ୟୁଜିଲାଣ୍ଡ | ଗୌହାଟୀ |
| ୨୬।୧୦ | ଭାରତ-ବାଂଲାଦେଶ | ବେଙ୍ଗାଲୁରୁ |
| ୨୯।୧୦ | ପ୍ରଥମ ସେମିଫାଇନାଲ | ଗୌହାଟୀ/କଲମ୍ବୋ |
| ୩୦।୧୦ | ଦ୍ୱିତୀୟ ସେମିଫାଇନାଲ | ବେଙ୍ଗାଲୁରୁ |
| ୨।୧୧ | ଫାଇନାଲ | କଲମ୍ବୋ/ବେଙ୍ଗାଲୁରୁ |

### ଏଏଫ୍‌ସି ମହିଳା ଏସିଆ କପ୍ ଯୋଗ୍ୟତା ପର୍ଯ୍ୟାୟ

## ଭାରତୀୟ ଦଳରେ ପ୍ୟାରୀ, ମନୀଷା

ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି): ଆଗାମୀ ଏଏଫ୍‌ସି ମହିଳା ଏସିଆନ୍ କପ୍ ଯୋଗ୍ୟତା ପର୍ଯ୍ୟାୟ ଲାଗି ସୋମବାର ୨୪ ଜଣିଆ ଭାରତୀୟ ଫୁଟ୍‌ବଲ ଦଳ ଘୋଷଣା କରାଯାଇଛି। ମୁଖ୍ୟ ପ୍ରଶିକ୍ଷକ କ୍ରିପସନ୍ ଛେତ୍ରୀ ଘୋଷଣା କରିଥିବା ଦଳରେ ଓଡ଼ିଶାର ଦୁଇଜଣ ମହିଳା ଫୁଟ୍‌ବଲ ଖେଳାଳି ରହିଛନ୍ତି। ସେମାନେ ହେଲେ ଦୁଇ ଅଭିଜ୍ଞ ଫରୱାର୍ଡ ପ୍ୟାରୀ ଖାଖା ଓ ମନୀଷା ନାୟକ। ମହିଳା ଏସିଆନ୍ କପ୍ ଯୋଗ୍ୟତା ପର୍ଯ୍ୟାୟରେ ଭାରତୀୟ ଦଳ ଗ୍ରୁପ୍-ବି'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଭାରତ ବ୍ୟତୀତ ଆୟୋଜକ ଥାଇଲାଣ୍ଡ, ଇରାକ, ମଙ୍ଗୋଲିଆ ଓ ତିମୋର ଲିଷ୍ଟ ରହିଛି। ଭାରତ ଜୁନ ୨୩ରେ ମଙ୍ଗୋଲିଆ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଏହାପରେ ୨୯ରେ ତିମୋର ଲିଷ୍ଟ, ଜୁଲାଇ ୨ରେ ଇରାକ ଓ ଜୁଲାଇ ୫ରେ ଥାଇଲାଣ୍ଡକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ଏହି ଗ୍ରୁପ୍‌ର ବିଜେତା ୨୦୨୬ ମାର୍ଚ୍ଚରେ ଅଷ୍ଟ୍ରେଲିଆରେ ହେବାକୁ ଥିବା ଏସିଆନ୍ କପ୍‌ର ମୁଖ୍ୟ ଟୁର୍ଣ୍ଣାମେଣ୍ଟକୁ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ।





## 'ପଟୌଦୀ' ଐତିହ୍ୟ ଅକ୍ଷୁଣ୍ଣ ରଖାଯାଉ: ସଚିନ

ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି): କ୍ରିକେଟ୍‌ର ଭଗବନା ଭାବେ ବିବେଚିତ ହେଉଥିବା ସଚିନ ତେନ୍ଦୁଲକର ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି)କୁ ଏକ ଅନୁରୋଧ କରିଛନ୍ତି। ଯେଉଁଥିରେ ସେ କହିଛନ୍ତି, ଇଂଲଣ୍ଡ ମାଟିରେ ଭାରତୀୟ ଦଳ ଯେଉଁ ଟେଷ୍ଟ ସିରିଜ ଖେଳୁଛି ତାହାର ନାମକୁ ପଟୌଦୀ ଐତିହ୍ୟ ସହ ଅକ୍ଷୁଣ୍ଣ ରଖାଯାଉ। ପୂର୍ବରୁ ଉଭୟ ବିସିସିଆଇ ଓ ଇସିବି ୨୦ରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ଆରମ୍ଭ ହେବାକୁ ଥିବା ଟେଷ୍ଟ ସିରିଜର ନାମକୁ 'ଆଣ୍ଡରସନ-ତେନ୍ଦୁଲକର' ଟ୍ରଫି ନାମରେ ନାମିତ କରିବାକୁ ନିଷ୍ପତ୍ତି ନେଇଥିଲେ। ଏମ୍‌ଏକେ ପଟୌଦୀଙ୍କ ନାମରେ ପୂର୍ବରୁ ପ୍ରଦାନ କରାଯାଉଥିବା 'ପଟୌଦୀ ଟ୍ରଫି'କୁ ଅବସର ଦିଆଯାଇଥିଲା। ଏବେ କିନ୍ତୁ ସଚିନଙ୍କ ଅନୁରୋଧ ପରେ 'ପଟୌଦୀ'ଙ୍କ ଐତିହ୍ୟକୁ ଅକ୍ଷୁର୍ଣ୍ଣ ରଖିବା ଲାଗି ଆଗାମୀ ଟେଷ୍ଟ ସିରିଜର ବିଜୟୀ ଅଧିନାୟକ କିମ୍ବା ଶ୍ରେଷ୍ଠ ଖେଳାଳିଙ୍କୁ 'ପଟୌଦୀ ପଦକ' ପ୍ରଦାନ କରିବା ନେଇ ନିଷ୍ପତ୍ତି ନେଇଛି।

### ■ ଜାତୀୟ ବଡିବିଲ୍ଡିଂ

## ପିଙ୍କି ଚାମ୍ପିଅନ; ଜିତେନ୍ଦ୍ରଙ୍କୁ ୨ ରୌପ୍ୟ

ଭୁବନେଶ୍ୱର, ୧୬।୬ (ସମିସ): ଉତ୍ତର ପ୍ରଦେଶର ଗାଜିଆବାଦ୍‌ଠାରେ ଦ୍ୱିତୀୟ ମିଷ୍ଟର ଇଣ୍ଡିଆ ବଡିବିଲ୍ଡିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଜାତୀୟ ସିନିଅର ବଡିବିଲ୍ଡିଂ ଓ ଫିଜିକ୍ସ ସ୍ପୋର୍ଟ୍ସ ଚାମ୍ପିଅନସିପ୍‌ରେ ଦୁଇ ଓଡ଼ିଆ ପ୍ରତିଯୋଗୀ ପିଙ୍କି ବେହେରା ଓ ଜିତେନ୍ଦ୍ର ବାରିକ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ମହିଳା ବଡିବିଲ୍ଡିଂରେ ପିଙ୍କି ଚାମ୍ପିଅନ ହୋଇ ସ୍ୱର୍ଣ୍ଣପଦକ ଜିତିଛନ୍ତି। ସେହିଭଳି ଜିତେନ୍ଦ୍ର ଦୁଇଟି ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ସେ ପୁରୁଷ ଫିଜିକ୍ସ ୬୫ କିଗ୍ରା ଓ ୭୫ କିଗ୍ରାରେ ଏହି ସଫଳତା ପାଇଛନ୍ତି।

## ଯମଜ ପୁତ୍ର ସନ୍ତାନର ପିତା ହେଲେ ନୀତୀଶ

ଲକ୍ଷ୍ନୌ, ୧୬।୬ (ଏଜେନ୍ସି): ଭାରତୀୟ କ୍ରିକେଟର୍ ନୀତୀଶ ରାଣାଙ୍କ ଲାଗି ଖୁସି ଖବର। ପ୍ରଥମଥର ଲାଗି ପିତୃତ୍ୱ ଲାଭ କରିଛନ୍ତି ଏହି ବାମହାତୀ ବ୍ୟାଟର୍। ନୀତୀଶଙ୍କ ପତ୍ନୀ ସାଚି ମାରୱାହ ଯମଜ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି। ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମ ଜରିଆରେ ସୋମବାର ନୀତୀଶ ଏହି ଖୁସି ଖବରକୁ ତାଙ୍କ ପ୍ରଶଂସକଙ୍କୁ ଶେୟାର କରିଛନ୍ତି। ଉଲ୍ଲେଖଯୋଗ୍ୟ, ଭାରତ ପାଇଁ ୩ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ନୀତୀଶ ଗତ ଆଇପିଏଲ୍‌ରେ ରାଜସ୍ଥାନ ରୟାଲ୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଥିଲେ। ୨୦୧୯ରେ ସେ ଇଣ୍ଟେରିୟର ଡିଜାଇନର ସାଚିଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ସାଚି ମାତୃତ୍ୱ ଲାଭ କରିବାକୁ ଯାଉଥିବା ସୂଚନା ନୀତୀଶ ଗତ ମାର୍ଚ୍ଚରେ ପ୍ରଶଂସକଙ୍କୁ ଜଣାଇଥିଲେ।



### ଭାରତୀୟ କ୍ରିକେଟ ଦଳର ଇଂଲଣ୍ଡ ଟୁର୍

## ଦଳ ସହ ଆଜି ଯୋଗଦେବେ ଗମ୍ଭୀର

ଲଣ୍ଡନ,୧୬।୬ (ଏଜେନ୍ସି): ବ୍ୟକ୍ତିଗତ କାରଣ ଲାଗି ସ୍ୱଦେଶ ଫେରିଥିବା ଭାରତୀୟ କ୍ରିକେଟ ଦଳର ହେଡ୍ କୋଚ୍ ଗୌତମ ଗମ୍ଭୀର ଆସନ୍ତାକାଲି ବା ମଙ୍ଗଳବାର ଲଣ୍ଡନରେ ଦଳ ସହ ଯୋଗଦେବେ। ଗମ୍ଭୀର ମା' ମେଡିକାଲରେ ଭର୍ତ୍ତି ହେବାରୁ ସ୍ୱଦେଶ ଫେରି ଆସିଥିଲେ। ଏବେ ତାଙ୍କ ମା'ଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଯଥେଷ୍ଟ ଉନ୍ନତି ହେବାରୁ ସେ ଲଣ୍ଡନ ଆସିଛନ୍ତି। କେଣ୍ଟରେ ଭାରତ-ଏ' ସହ ସିନିୟର ଦଳ ଖେଳିଥିବା ଅଭ୍ୟାସ ମ୍ୟାଚ୍ ଆଜି ଶେଷ ହୋଇଛି। କିନ୍ତୁ ଏହାର ଫଳାଫଳ ସମ୍ପର୍କରେ କୌଣସି ତଥ୍ୟ ଅବଗତ କରାଯାଇନାହିଁ। କିନ୍ତୁ ଏହି ମ୍ୟାଚ୍ ଖେଳାଳିଙ୍କ ଲାଗି ବେଶ ଲାଭଜନକ ହୋଇଛି ବୋଲି ସହକାରୀ କୋଚ୍ ରିୟାନ ଟେନ୍ ଡୋଶ୍ଚେଟ ମ୍ୟାଚ୍‌ରେ ଦାୟିତ୍ୱ ତୁଲାଇଥିଲେ। ଟେଷ୍ଟ କ୍ରିକେଟରୁ ଦୁଇ ତାରକା ଖେଳାଳି ବିରାଟ କୋହଲି ଓ ରୋହିତ ଶର୍ମା ଅବସର ନେବା ପରେ ତାଙ୍କ ଶୂନ୍ୟସ୍ଥାନ ପୂରଣ ଲାଗି ପ୍ରଚେଷ୍ଟା ଚାଲିଛି। ଭାରତୀୟ ଦଳକୁ ଫେରିଥିବା କରୁଣ ନାୟାର ଓ ଆଦୌ ଅନ୍ତର୍ଜାତୀୟ କ୍ରିକେଟ ଖେଳି ନ ଥିବା ସାଇ ସୁଦର୍ଶନ ଏହି ସ୍ଥାନ ପୂରଣ କରିବେ ବୋଲି ଆଶା କରାଯାଉଛି। ଇଂଲଣ୍ଡ ଲାୟନ୍ସ ବିପକ୍ଷ ମ୍ୟାଚ୍‌ରେ ଦ୍ୱିଶତକ ହାସଲ କରି ନାୟାର ତାଙ୍କ ଦାବି ଉପସ୍ଥାପନ କରିଛନ୍ତି। ଅଭିମନ୍ୟୁ ଈଶ୍ୱରନ ଓ ଧ୍ରୁବ ଜୁରେଲ ମଧ୍ୟ ଭଲ ସ୍କୋର କରିଛନ୍ତି।

ଇଂଲଣ୍ଡ ସହ ଖେଳାଯିବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଲିଡ୍ସରେ ଜୁନ୍ ୨୦ରୁ ଖେଳାଯିବ। ଏହି ମ୍ୟାଚ୍‌ରେ ଭାରତର ଉଭୟ ସ୍ପିନର ରବୀନ୍ଦ୍ର ଜାଡେଜା ଓ କୁଲଦୀପ ଯାଦବଙ୍କୁ ଖେଳାଇବା ଲାଗି ହରଜଭନ ସିଂହ ପରାମର୍ଶ ଦେଇଛନ୍ତି।

## ଅଶ୍ୱିନଙ୍କ ନାମରେ ବଲ୍ ଟାମ୍ପରିଂ ଅଭିଯୋଗ

ଚେନ୍ନଇ, ୧୬।୬ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର୍ ରବିଚନ୍ଦ୍ରନ ଅଶ୍ୱିନ ତାମିଲନାଡୁ ପ୍ରିମିଅର ଲିଗ୍ (ଟିଏନ୍‌ପିଏଲ୍)ର ଚଳିତ ୯ମ ସଂସ୍କରଣରେ ବେଶ୍ ଚର୍ଚ୍ଚାରେ ରହିଆସିଛନ୍ତି। ସଦ୍ୟ ଏକ ରିପୋର୍ଟ ଅନୁଯାୟୀ, ଅଶ୍ୱିନଙ୍କ ନାମରେ ଗୁରୁତର ବଲ୍ ଟ୍ୟାମ୍ପରିଂ ଭଳି ଅଭିଯୋଗ ଆସିଛି। ସିଏଚେମ୍ ମଦୁରାଇ ପାନ୍ଥର୍ସ ଫ୍ରାଞ୍ଚାଇଜ ପକ୍ଷରୁ ଏହି ଅଭିଯୋଗ ଟିଏନ୍‌ପିଏଲ୍ ନିକଟରେ ଲିଖିତ ଭାବେ କରାଯାଇଛି। ଅଶ୍ୱିନ ଡିଣ୍ଡିଗଲ୍ ଡ୍ରାଗନ୍ସ ଦଳର ନେତୃତ୍ୱ ନେଉଥିବାବେଳେ ଗତ ରବିବାର ମଦୁରାଇ ପାନ୍ଥର୍ସ ବିପକ୍ଷ ମ୍ୟାଚରେ ସେ ବଲ୍ ଟ୍ୟାମ୍ପରିଂ କରିଥିବା ଏହି ଅଭିଯୋଗରେ କୁହାଯାଇଛି। ଏହି ମ୍ୟାଚରେ ଫିଲ୍ଡିଂ ସମୟରେ ଡ୍ରାଗନ୍ସ ଅଧିନାୟକ ଅଶ୍ୱିନ ଯେଉଁ ଟାୱେଲରେ ବଲ୍‌କୁ ପୋଛୁଥିଲେ ସେଥିରେ କେମିକାଲ ବୋଳାଯାଇଥିଲା। ଯାହା ବଲ୍‌ର ସ୍ଥିତିକୁ ପରିବର୍ତ୍ତନ କରିବାରେ ସହାୟକ ହୋଇଥିଲା। ତେବେ ତାମିଲନାଡୁ କ୍ରିକେଟ୍ ସଂଘ ପକ୍ଷରୁ ଭିଡିଓ ରିଭ୍ୟୁ କରାଯିବାପରେ ବଲ୍ ଟାମ୍ପରିଂ ଅଭିଯୋଗକୁ ଖଣ୍ଡନ କରାଯାଇଛି।

### ଏସିଆନ୍ ପାରା ବ୍ୟାଡ୍‌ମିଣ୍ଟନ

## ଭାରତୀୟ ଦଳରେ ୪ ଓଡ଼ିଆ

ଭୁବନେଶ୍ୱର, ୧୬।୬ (ସମିସ): ଓଡ଼ିଶା ପାରାବ୍ୟାଡ୍‌ମିଣ୍ଟନ କ୍ରୀଡ଼ା ଲାଗି ଗର୍ବର ସମୟ। ଥାଇଲାଣ୍ଡରେ ଆସନ୍ତାକାଲିଠାରୁ ହେବାକୁ ଯାଉଥିବା ଏସିଆନ ପାରାବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଲାଗି ଓଡ଼ିଶାର ୪ଜଣ ଖେଳାଳି ଭାରତୀୟ ଦଳରେ ସାମିଲ ହୋଇଛନ୍ତି। ସେମାନେ ହେଲେ ଦୀପରଞ୍ଜନ ବିଶୋଇ, ଜି ଦିଲାଶ୍ୱର ରାଓ, ଶୁଭ୍ରଜିତ ମହାରଣା ଓ ନୁରୁଲ ହାସନ ଖାନ୍। ଏମାନେ ଏସିଆ ମହାଦେଶର ଶ୍ରେଷ୍ଠ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳିଙ୍କ ସହ ମୁକାବିଲା କରିବେ। ଭାରତୀୟ ଦଳରେ ୪ଜଣ ଖେଳାଳି ସାମିଲ ହେବା ଅର୍ଥ ଓଡ଼ିଶା ବ୍ୟାଡ୍‌ମିଣ୍ଟନ ଦେଶ ତଥା ଦେଶ ବାହାରେ ଏକ ଶକ୍ତିହେବାକୁ ଯାଉଛି। ସରକାରୀ ସହାୟତା ଓ ପାରା କ୍ରୀଡ଼ା ସଂଗଠନର ଉଦ୍ୟମ ବଳରେ ଏହା ସମ୍ଭବ ହୋଇପାରିଛି। ଏହି କ୍ରୀଡ଼ାବିତ୍‌ମାନଙ୍କୁ ସଂଘ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

ଥାଇଲାଣ୍ଡରେ ଗତକାଲି ଶେଷ ହୋଇଥିବା ଅନ୍ତର୍ଜାତୀୟ ପାରାବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ଦିଲାଶ୍ୱର ରାଓ ପୁରୁଷ ଯୁଗଳ ବିଭାଗରେ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ସେ ଏସ୍‌ଏଲ୩-୪ କାଟେଗୋରୀରେ ଦିନେଶ ରାଜେୟାଙ୍କ ସହ ମିଶି ଏହି ସଫଳତା ପାଇଥିଲେ। କାଂସ୍ୟ ପଦକ ମୁକାବିଲାରେ ନେପାଳର ଅଧିକାରୀ ପ୍ରକାଶ ଓ ଭୁଟାନର ଚେୟାଙ୍କ କୁଏନ୍‌ଚାପଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିବା ଫଳରେ ତାଙ୍କୁ କାଂସ୍ୟ ପଦକ ମିଳିଥିଲା।



## ପୋଲ୍ ଭଲ୍ଟରେ ଡୁପ୍ଲାଣ୍ଟିସ୍‌ଙ୍କ ଦ୍ୱାଦଶ ବିଶ୍ୱରେକର୍ଡ

ଷ୍ଟକହୋଲମ, ୧୬।୬ (ଏଜେନ୍ସି): ସ୍ୱିଡେନର ଆର୍ମଣ୍ଡ ଡୁପ୍ଲାଣ୍ଟିସ ପୋଲ୍ ଭଲ୍ଟରେ ପୁଣିଥରେ ନୂଆ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। ଘରୋଇ ମାଟିରେ ରବିବାର ଅନୁଷ୍ଠିତ ଷ୍ଟକହୋଲମ୍ ଡାଏମଣ୍ଡ ଲିଗ୍‌ରେ ୨୫ ବର୍ଷୀୟ ଅର୍ମାଣ୍ଡ ୬.୨୮ ମିଟର ଉଚ୍ଚକୁ ଡେଇଁଥିଲେ। ଯାହାକି ପୁରୁଷ ପୋଲ୍ ଭଲ୍ଟରେ ନୂଆ ବିଶ୍ୱରେକର୍ଡ ହୋଇଛି। ଆମେରିକା ଜନ୍ମିତ ଡବଲ୍ ଅଲିମ୍ପିକ ଚାମ୍ପିଅନ ଡୁପ୍ଲାଣ୍ଟିସ ଏଥିସହ ୧୨ଥର ଲାଗି ନିଜ ନାମରେ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। ଫେବୃଆରୀ ୨୮ରେ ଫ୍ରାନ୍ସରେ ଅନୁଷ୍ଠିତ ଏକ ଇଭେଣ୍ଟରେ ସେ ୬.୨୭ ମିଟର ଡେଇଁ ନୂଆ ରେକର୍ଡର ଅଧିକାରୀ ରହିଥିଲେ। ୨୦୨୦ ମସିହାରେ ଡୁପ୍ଲାଣ୍ଟିସ ୬.୧୭ ମିଟର ଉଚ୍ଚକୁ ଡେଇଁ ପ୍ରଥମଥର ଲାଗି ବିଶ୍ୱରେକର୍ଡ କରିଥିଲେ।

### ଖଣ୍ଡିତର ସର୍ବଭାରତୀୟ କବାଡ଼ିରେ ବର୍ଷା ପ୍ରତିବନ୍ଧକ

# ମହିଳା ଫାଇନାଲରେ କୋଲକାତାର ପୂର୍ବ ରେଳବାଇ

ରସୁଲପୁର,୧୬।୬ (ସମିସ):

ଓଡ଼ିଶାରେ ସବୁଠାରୁ ସମ୍ମାନଜନକ ଓ ବୃହତ୍ କବାଡ଼ି ଟୁର୍ଣ୍ଣାମେଣ୍ଟ ହେଉଛି ଯାଜପୁର କବାଡ଼ି ଆସୋସିଏସନ ଆନୁକୂଲ୍ୟରେ ୭୭ ବର୍ଷ ଧରି ଖଣ୍ଡିତରଠାରେ ଆୟୋଜିତ ହୋଇଆସୁଥିବା ସର୍ବଭାରତୀୟ ପ୍ରତିଯୋଗିତା। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଏହି ପ୍ରତିଯୋଗିତା ଧୂମଧାମ୍‌ରେ ଆରମ୍ଭ ହୋଇଥିଲା। କିନ୍ତୁ ଏହି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହେବା ପୂର୍ବରୁ ବର୍ଷା ସାଜିଲା ପ୍ରତିବନ୍ଧକ। ସୋମବାର ଓଡ଼ିଶାର ଅନ୍ୟତମ ଶ୍ରେଷ୍ଠ ପର୍ବ ଶେଷ ରଜରେ ଏହି ପ୍ରତିଯୋଗିତା ହୋଇଥାନ୍ତା ଉଦ୍‌ଯାପିତ। କିନ୍ତୁ ବର୍ଷା ସାଜିଲା ପ୍ରତିବନ୍ଧକ। ସୋମବାର ସକାଳେ ମହିଳା ବିଭାଗରେ ଗୋଟିଏ ସେମିଫାଇନାଲ ଓ ପୁରୁଷ ବିଭାଗରେ ବାକିଥିବା ୨ଟି କ୍ୱାର୍ଟର ଫାଇନାଲ ଶେଷ ହୋଇଥିଲା। ଅପରାହ୍ଣରେ ଖେଳାଯିବାକୁ ଥିବା ନକ୍‌ଆଉଟ ମ୍ୟାଚ୍ ଆରମ୍ଭ ପୂର୍ବରୁ ହୋଇଥିଲା ପ୍ରବଳ ବର୍ଷା ଓ ପବନ। ଆୟୋଜକ ଯାଜପୁର କବାଡି ସଂଘର ସମସ୍ତ ଚେଷ୍ଟା ସତ୍ତ୍ୱେ ମ୍ୟାଟ୍ ଉପରେ ମ୍ୟାଚ୍ ଆୟୋଜନ କରିବା ସମ୍ଭବ ହୋଇପାରି ନଥିଲା। ଶେଷରେ ମ୍ୟାଟକୁ ବାହାର କରାଯାଇ ଖାଲି ମାଟିରେ ବାକିଥିବା ମ୍ୟାଚ୍‌କୁ ଶେଷ କରାଯିବା ଲାଗି ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ରିପୋର୍ଟ ଲେଖା ହେଲା ବେଳକୁ ମ୍ୟାଚ୍ ଆରମ୍ଭ ହୋଇ ପାରି ନ ଥିଲା।



ସୋମବାର ସକାଳେ ଭୁବନେଶ୍ୱରର କିଟ୍-କିସ୍‌କୁ ୩୪-୧୦ ପଏଣ୍ଟରେ ପରାସ୍ତ କରି ପୂର୍ବ ରେଳବାଇ ଫାଇନାଲରେ ପ୍ରବେଶ କରିଥିଲା। ଏହି ବିଭାଗରେ ଦ୍ୱିତୀୟ ସେମିଫାଇନାଲ ମୁକାବିଲା ଦକ୍ଷିଣ ପୂର୍ବ ରେଳବାଇ ଓ ପଶ୍ଚିମବଙ୍ଗର ଅଶୋକ ସଂଘ ମଧ୍ୟରେ ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା। ପୁରୁଷ ବିଭାଗରେ ଶେଷ ଦୁଇଟି କ୍ୱାର୍ଟର ଫାଇନାଲରେ ବିଳାସପୁର ୫୯-୩୨ ପଏଣ୍ଟରେ ଭଞ୍ଜନଗରକୁ ଓ ଦିଲ୍ଲୀ ୩୮-୧୭ରେ କଟକ ଦଳକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲେ। ସେମିଫାଇନାଲରେ ଭୋପାଳ ଟିମ୍ ସହ ବିଳାସପୁରର ଓ ଦିଲ୍ଲୀ ସହ ପୁରୀର ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଟିମ୍‌ର ମୁକାବିଲା ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା।

ଟୁର୍ଣ୍ଣାମେଣ୍ଟର ପୁରୁଷ ବିଭାଗରେ ଚାମ୍ପିଅନ ଦଳକୁ ୧.୫ ଲକ୍ଷ, ରନର୍ସ ଅପ୍ ଦଳକୁ ୧ ଲକ୍ଷ, ତୃତୀୟ ସ୍ଥାନିତ ଦଳକୁ ୬୦,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ସେହିପରି ମହିଳା ବିଭାଗରେ ଚାମ୍ପିଅନ ଦଳକୁ ୫୦,୦୦୦, ରନର୍ସ ଅପ ଦଳକୁ ୩୦,୦୦୦, ସେମିଫାଇନାଲରେ ପରାଜିତ ଦୁଇ ଦଳକୁ ୧୦,୦୦୦ ଟଙ୍କା ଲେଖାଏଁ ଦିଆଯିବାକୁ ସ୍ଥିର କରାଯାଇଥିଲା। ଏହାଛଡ଼ା ବଡ଼ ବଡ଼ ଟ୍ରଫି ସହ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ମଧ୍ୟ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି। ଯାଜପୁର କବାଡି ସଂଘ ସଭାପତି ପ୍ରଦୀପ କୁମାର ସେଠୀ ଓ ସମ୍ପାଦକ ସମରେନ୍ଦ୍ର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS